# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଅକ୍ଟୋବର ୨୭/୨୦୨୨ (୧୪ ପୃଷ୍ଠା) | Sambalpur, Thursday, October 27/2022 | Page 14 | ₹ 7.00 | ★★

୧୮ଶ ଭାଗ ୩୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 308 | ମୂଲ୍ୟ ₹୭/-







# କଫି ଚାଷୀ କ୍ଷତିରେ

**କେ.ଜି. ପିଛା ଓଡ଼ିଶାରେ ୪୫ ଟଙ୍କା, କର୍ନାଟକରେ ୭୫**











**ଅମିତାଭ୍ ବେହେରା**
**କୋରାପୁଟ ଅଫିସ୍, ୨୬।୧୦**




ଇଟାଲିର ଇଲି କାଫେ, ଆମେରିକାର ଷ୍ଟାରବକ୍ସ ଭଳି ନାମୀଦାମୀ ବ୍ରାଣ୍ଡ୍ ସହ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଲାଣି କୋରାପୁଟ କଫି। ହେଲେ ଏହାର ମାନ ବୃଦ୍ଧି ପାଇଁ ଚାଷୀଙ୍କୁ ଆବଶ୍ୟକ ତାଲିମ୍, ପ୍ରୋତ୍ସାହନ ମିଳୁପାରୁନାହିଁ। ସର୍ବୋପରି ଉପଯୁକ୍ତ ମୂଲ୍ୟ ମିଳୁ ନ ଥିବାରୁ ଚାଷୀ କ୍ଷତି ସହୁଛନ୍ତି। ଅଥଚ ପ୍ରକ୍ରିୟାକରଣ ପରେ କାଫେରେ ପହଞ୍ଚିଗଲେ ବଢ଼ିଯାଉଛି ଏହାର ମୂଲ୍ୟ। ଚାଷୀଙ୍କଠାରୁ ଶାଗମାଛ ଦରରେ କଞ୍ଚାମାଲ କିଣାଯାଉଥିବାବେଳେ ୨୦ରୁ ୨୫ ଗ୍ରାମ୍ କଫି ଗୁଣ୍ଡରୁ ପ୍ରସ୍ତୁତ କପେ କଫି ୪୦ରୁ ୧୩୦ ଟଙ୍କାରେ ବିକ୍ରି ହେଉଛି।

ରାଜ୍ୟ ସରକାର ଓଡ଼ିଶା ଜନଜାତି ଉନ୍ନୟନ ସମବାୟ ନିଗମ (ଟିଡିସିସି) ଜରିଆରେ ଚାଷୀଙ୍କଠାରୁ ପାଚିଲା କଫି ଫଳ କିଲୋଗ୍ରାମ ପିଛା ୩୫ରୁ ୪୫ ଟଙ୍କାରେ ନେଉଛନ୍ତି। ଏହି ଦର କର୍ନାଟକ, କେରଳରେ ୬୫ରୁ ୭୫ ଟଙ୍କା। କଫି ପ୍ରୋସେସିଂ ପରେ ଏକ କେ.ଜି.ରୁ ପ୍ରାୟ ୪୫୦ ଟଙ୍କା ଲାଭ ମିଳୁଛି। ଉକ୍ତ ଲାଭାଂଶର ଅନ୍ୟୂନ ୩୦% ସ୍ଥାନୀୟ ଚାଷୀଙ୍କୁ ଦେବା ଆବଶ୍ୟକ ବୋଲି ଓଡ଼ିଶା କଫି ଗ୍ରୋୟର୍ସ ଆସୋସିଏଶନ (ଓସିଜିଏ) ଉପସଭାପତି ତଥା କଫି ଚାଷୀ ସୁଜୟ ପ୍ରଧାନ କୁହନ୍ତି। ଆଦିବାସୀ କଫି ଚାଷୀ ଗୁପ୍ତ ହନ୍ତାଳ କୁହନ୍ତି, କର୍ନାଟକ ଓ କେରଳ ଭଳି ଏଠାରେ ମଧ୍ୟ ସମାନ ଦର ପ୍ରଦାନ କରିବା ଉଚିତ। କଫି ବିକ୍ରିର ଲାଭାଂଶକୁ ଚାଷୀଙ୍କୁ ଦେବା ସହ ଜିଲାରେ ଦ୍ୱିତୀୟ କଫି ପ୍ରକ୍ରିୟାକରଣ ୟୁନିଟ୍ ଆରମ୍ଭ କରିବାକୁ ସେ ଦାବି କରିଛନ୍ତି।

ବିଶ୍ୱ ବଜାରର ୬୦%ରୁ ଊର୍ଦ୍ଧ୍ୱ ଚାହିଦା ପୂରଣ କରୁଥିବା ପୃଥିବୀର ସର୍ବପୁରାତନ ତଥା ☞ପୃଷ୍ଠା-୪

**ଓଡ଼ିଶା ସୀମା ଡେଇଁ ବିଭିନ୍ନ ସ୍ଥାନରେ ପହଞ୍ଚିଲାଣି କୋରାପୁଟ କଫିର ମହକ। ପାରମ୍ପରିକ ପଦ୍ଧତିରେ ହେଉଥିବା ଏହି ପାନୀୟ ଉପଯୋଗୀ ଫସଲ ଉତ୍ପାଦନ, ପ୍ରକ୍ରିୟାକରଣ, ବିପଣନ ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିବା ପରେ ଅନ୍ତର୍ଜାତୀୟ ବଜାରରେ ଏହାକୁ ମିଳିଛି ପରିଚୟ। ତେବେ ହାଡ଼ଭଙ୍ଗା ପରିଶ୍ରମରେ ଏହି ଅର୍ଥକରୀ ଫସଲ କରି ରାଜକୋଷକୁ ସମ୍ବଳ ଯୋଗାଉଥିବା ଚାଷୀ କ୍ଷତି ସହି ନିଜ ମାଟିରେ ହତାଶ ହେଉଛନ୍ତି।**

## ଶୀତଳଭଣ୍ଡାରରେ ଏକାଧିକ ପ୍ରସ୍ତାବ

କଫି ଚାଷର ବିକାଶ ଲାଗି ସରକାରଙ୍କୁ ବହୁ ଗଠନମୂଳକ ପ୍ରସ୍ତାବ ଦେଇଛି ଓଡ଼ିଶା କଫି ଗ୍ରୋୟର୍ସ ଆସୋସିଏଶନ (ଓସିଜିଏ)। ହେଲେ ସେସବୁ ଶୀତଳଭଣ୍ଡାରରେ ପଡ଼ିରହିଛି। କଫି ଚାଷରେ ଅନାବାଦୀ ତଥା ବେସରକାରୀ ଜମିର ବହୁଳ ବ୍ୟବହାର, ୯୯ ବର୍ଷିଆ ଜମି ଲିଜ୍, କଫି ମିଶନରେ ଏକକ ବାତାୟନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ସ୍ୱତନ୍ତ୍ର ପାଣ୍ଠି ଓ ଅନୁଦାନ, ମାଟି, ମଞ୍ଜି ସମେତ ଅନ୍ୟ ପରୀକ୍ଷାନିରୀକ୍ଷା ପାଇଁ ଲାବରେଟୋରି, କଫି ରପ୍ତାନି ଲାଗି ବିଶାଖାପାଟଣା ବନ୍ଦରରେ ସୁବିଧା, ଅତ୍ୟାଧୁନିକ ଯନ୍ତ୍ରାଂଶ ଯୋଗାଣ, ସୋଲାର ଫ୍ୟାନ୍ସିଂ, ଯାତାୟାତ ସୁବିଧା, ୨୪ ଘଣ୍ଟିଆ ବିଦ୍ୟୁତ୍ ସଂଯୋଗ, କଫି ବଗିଚାକୁ ନେଇ ପର୍ଯ୍ୟଟନର ଅଭିବୃଦ୍ଧି, ଜୈବିକ ପ୍ରଣାଳୀକୁ ପ୍ରୋତ୍ସାହନ, କଫି ବଗିଚା ସୁରକ୍ଷା ଏବଂ ମିଶ୍ରିତ ଚାଷକୁ ଗୁରୁତ୍ୱ ଆଦି ଏଥିରେ ଅନ୍ତର୍ଭୁକ୍ତ। ତେବେ ସରକାର ଏସବୁ ମୂଳ ସମସ୍ୟାକୁ ଅଣଦେଖା କରି ଚାଲିଛନ୍ତି। କେବଳ ଏତିକି ନୁହେଁ, ରାଜ୍ୟରେ କଫି ଚାଷୀଙ୍କୁ ସଂଗଠିତ କରିବା ଲାଗି ଅଦ୍ୟାବଧି ବ୍ୟବସ୍ଥା ହୋଇନାହିଁ। କଫି ବୋର୍ଡରେ ଚାଷୀଙ୍କୁ ପ୍ରତିନିଧିତ୍ୱ କରିବା ଲାଗି କେହି ସଦସ୍ୟ ନାହାନ୍ତି। ତେଣୁ ଓଡ଼ିଶାରେ କଫି ପ୍ଲାଣ୍ଟେଶନରେ ରହିଥିବା ପ୍ରକୃତ ସମସ୍ୟା ଚିହ୍ନଟ କରାଯାଇପାରୁନାହିଁ। ନିଷ୍ପତ୍ତି ଗ୍ରହଣ ଓ କାର୍ଯ୍ୟକାରିତାକୁ ନେଇ କଫି ବୋର୍ଡ ଦ୍ୱନ୍ଦ୍ୱରେ ରହୁଛି। ଘରୋଇ କଫି ଚାଷୀଙ୍କୁ ଦୀର୍ଘ ମିଆଦୀ ସୂତ୍ରରେ ଜମି ଲିଜ୍, ଅଧିକ କାଫେ, ସୁଲଭ ଦରରେ ସ୍ଥାନୀୟ ବଜାରରେ ବିକ୍ରି ବ୍ୟବସ୍ଥା କରାଗଲେ ସୁଫଳ ମିଳିବ ବୋଲି ଓସିଜିଏ ସଭାପତି ପ୍ରଦୀପ ମହାନ୍ତି କହିଛନ୍ତି।




ଆମାଜନରେ ବିକ୍ରି ହେଉଥିବା କୋରାପୁଟ କଫି ।

**ଆଜିର ସମ୍ପାଦକୀୟ**

**ପୂର୍ବ ଭାରତର ଧର୍ମୀୟ ଗୁରୁତ୍ୱ**

## ଭାଇବୋହୂ, ଭାଇଙ୍କୁ ହତ୍ୟା କଲେ ବଡ଼ଭାଇ

**ହେମଗିର, ୨୬।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା କିରିପସିରା ଗ୍ରାମରେ ଜମିବାଡ଼ି କଳହରୁ ବଡ଼ଭାଇ ଟାଙ୍ଗିଆରେ ହାଣି ସାନଭାଇ ଓ ଭାଇବୋହୂଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଅଲେଖ ମାଝି (୩୨) ଓ ତାଙ୍କ ସ୍ତ୍ରୀ କୁନ୍ତଳା (୨୯)। ବୁଧବାର ଅପରାହ୍ଣ ଗୋଟାଏ ସମୟରେ ବଡ଼ଭାଇ ତ୍ରିନାଥ ମାଝି (୩୬)ଙ୍କ ସହ ଅଲେଖ ଓ କୁନ୍ତଳାଙ୍କ ଗଣ୍ଡଗୋଳ ହୋଇଥିଲା। ତ୍ରିନାଥ ଘରେ ଥିବା ଟାଙ୍ଗିଆ ଆଣି କୁନ୍ତଳାଙ୍କୁ ଆକ୍ରମଣ କରିଥିଲେ। କୁନ୍ତଳାଙ୍କୁ ରକ୍ଷା କରିବାକୁ ଯାଇ ଅଲେଖ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ହିଁ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା। ହେମଗିର ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରିଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତ ତ୍ରିନାଥଙ୍କୁ ପୋଲିସ ଗିରଫ କରିଛି।

## ନୋଟ୍‌ରେ ରହୁ ଲକ୍ଷ୍ମୀ, ଗଣେଶ: କେଜ୍‌ରିୱାଲ

**ନୂଆଦିଲ୍ଲୀ, ୨୬।୧୦**



ଭାରତୀୟ ନୋଟ୍‌ଗୁଡ଼ିକରେ ଦେବୀ ଲକ୍ଷ୍ମୀ ଓ ଗଣେଶଙ୍କ ଫଟୋ ରଖିଲେ ଦେଶ ସମୃଦ୍ଧ ହେବ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପରାମର୍ଶ ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ କେଜ୍‌ରିୱାଲ କହିଛନ୍ତି, ନୋଟ୍‌ର ଗୋଟିଏ ପାର୍ଶ୍ୱରେ ଗାନ୍ଧିଜୀଙ୍କ ଫଟୋ ରଖି ଅପରପାର୍ଶ୍ୱରେ ଲକ୍ଷ୍ମୀ ଓ ଗଣେଶଙ୍କୁ ରଖାଯାଉ। ଅନେକ ସମୟରେ ଉଦ୍ୟମ ସତ୍ତ୍ୱେ ଦେବଦେବୀ ଆମକୁ ଆଶୀର୍ବାଦ ନ କଲେ ତାହା ଫଳପ୍ରସୂ ହୋଇ ନ ଥାଏ। ତେଣୁ ଲକ୍ଷ୍ମୀ ଓ ଗଣେଶଙ୍କ ଫଟୋ ନୋଟ୍‌ରେ ରଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ। ଏନେଇ ପ୍ରଧାନମନ୍ତ୍ରୀଙ୍କୁ ଦିନେ ଦୁଇଦିନ ମଧ୍ୟରେ ପତ୍ର ଲେଖିବେ ବୋଲି କେଜ୍‌ରିୱାଲ କହିଛନ୍ତି। ଏହି ଅବସରରେ ସେ ମୁସ୍‌ଲିମ୍ ରାଷ୍ଟ୍ର ଇଣ୍ଡୋନେସିଆର ଉଦାହରଣ ଦେଇଛନ୍ତି। ଇଣ୍ଡୋନେସିଆ ନୋଟ୍‌ରେ ଗଣେଶଙ୍କ ଚିତ୍ର ରହିଛି। ଆମେ କାହିଁକି ରଖିପାରିବା ନାହିଁ ବୋଲି କେଜ୍‌ରିୱାଲ ପ୍ରଶ୍ନ କରିଛନ୍ତି।

## ୪୭ ଜଣିଆ ଷ୍ଟିୟରିଂ କମିଟି ଗଢ଼ିଲେ ଖାର୍ଗେ

### ଶଶୀ ଥରୁର୍‌ଙ୍କୁ ସ୍ଥାନ ମିଳିଲାନି, ଓଡ଼ିଶାରୁ ଭକ୍ତ ସାମିଲ

**ନୂଆଦିଲ୍ଲୀ, ୨୬।୧୦**

ନୂଆ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବୁଧବାର ଦାୟିତ୍ୱ ନେବା ପରେ ଏକ ୪୭ ଜଣିଆ ଷ୍ଟିୟରିଂ କମିଟି ଗଠନ କରିଛନ୍ତି। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମେତ ଦୁଇ ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ରଖାଯାଇଛି। ଓଡ଼ିଶାର ଭକ୍ତଚରଣ ଦାସଙ୍କୁ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ କମିଟିରେ ସ୍ଥାନ ମିଳିଛି। କିନ୍ତୁ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ଖାର୍ଗେଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଲଢ଼ି ହାରିଥିବା ବରିଷ୍ଠ ନେତା



ମଲ୍ଲିକାର୍ଜୁନ ଖାର୍ଗେ ଓ ଶଶୀ ଥରୁର୍

ଶଶୀ ଥରୁର୍‌ଙ୍କୁ ସ୍ଥାନ ମିଳିନାହିଁ। ଖାର୍ଗେଙ୍କ ଅଧ୍ୟକ୍ଷତାରେ ନବଗଠିତ ଅନ୍ତରୀଣ କମିଟି ଦଳର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ କଂଗ୍ରେସ ୱାର୍କିଂ କମିଟି (ସିଡବ୍ଲ୍ୟୁସି)ର ସ୍ଥାନ ନେବ। ଏକ ନୂଆ ସିଡବ୍ଲ୍ୟୁସି ଗଠନ ହେବା ଯାଏ ଏହା କାର୍ଯ୍ୟ କରିବ। ଗତ ସିଡବ୍ଲ୍ୟୁସିର ଅଧିକାଂଶ ସଦସ୍ୟଙ୍କୁ ଏଥିରେ ସାମିଲ କରଯାଇଛି। ସିଡବ୍ଲ୍ୟୁସିର ସମସ୍ତ ସଦସ୍ୟ ଓ ଦଳର ପଦାଧିକାରୀ କଂଗ୍ରେସର ନୂଆ ମୁଖିଆ ତାଙ୍କ ନୂଆ ଟିମ୍ ଗଠନ ଲାଗି ନିଜ ନିଜ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଖାର୍ଗେ ନିଜ ନୂଆଟିମ୍‌ରେ ପ୍ରିୟଙ୍କା ☞ପୃଷ୍ଠା-୪

# ୟୁନିଲିଭର ଶାମ୍ପୁରେ କ୍ୟାନ୍ସର ଭୟ

**କୋଭିଡ୍-୧୯ ମହାମାରୀ ପରିପ୍ରେକ୍ଷୀରେ ଲୋକେ ବ୍ୟବହାର କରୁଥିବା ସାମଗ୍ରୀଗୁଡ଼ିକୁ ନେଇ ସଚେତନ ହୋଇଥିବାବେଳେ ସେସବୁର ଉପକାର ଓ ଅପକାର ସମ୍ପର୍କିତ ସୂଚନା ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ଗ୍ରାହକମାନଙ୍କୁ ସହଜରେ ଠକି ହେବନାହିଁ ବୋଲି ମଧ୍ୟ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ସଚେତନ ହେଲେଣି। ଏହି କ୍ରମରେ ପୂର୍ବରୁ '୧୦୦% କୀଟାଣୁନାଶକ' ବୋଲି ଟ୍ୟାଗ୍‌ଲାଇନ ରଖୁଥିବା ସାନିଟାଇଜରଗୁଡ଼ିକର ନିର୍ମାତା ଏଥିରେ ପରିବର୍ତ୍ତନ ଆଣି '୯୯.୯୯% କୀଟାଣୁନାଶକ' ଉଲ୍ଲେଖ କରୁଛନ୍ତି। ପୂର୍ବ ଓ ବର୍ତ୍ତମାନର ଟ୍ୟାଗ୍‌ଲାଇନରେ ମାତ୍ର ୦.୧% ଫରକ୍ ରହିଥିଲେ ବି ଏହି ପରିବର୍ତ୍ତନ ତାତ୍ପର୍ଯ୍ୟପୂର୍ଣ୍ଣ। ବିଶେଷକରି କେତେକ ବ୍ରାଣ୍ଡର ଶାମ୍ପୁ ଓ ଅନ୍ୟ ପ୍ରସାଧନ ସାମଗ୍ରୀରେ ହାନିକାରକ ରାସାୟନିକ ପଦାର୍ଥ ବେଞ୍ଜିନ ଥିବାନେଇ ଜଣାପଡ଼ିବା ପରେ ସେଗୁଡ଼ିକୁ ରିଟେଲ ମାର୍କେଟରୁ ପ୍ରତ୍ୟାହାର ପାଇଁ ୟୁନିଲିଭର ନିଷ୍ପତ୍ତି ନେବା ପରେ ଏଭଳି ସାମାନ୍ୟ ତାରତମ୍ୟ ମଧ୍ୟ ଗ୍ରାହକଙ୍କୁ ସଚେତନତାର ଖୋରାକ ଯୋଗାଇଥାଏ।**

**ୱାଶିଂଟନ୍/ନୂଆଦିଲ୍ଲୀ, ୨୬।୧୦**

ସାଧାରଣତଃ ବଡ଼ କମ୍ପାନୀର ଉତ୍ପାଦକୁ ଉଚ୍ଚମାନର ବିବେଚନା କରାଯାଏ। ବଡ଼ ଷ୍ଟାର ତଥା ସେଲିବ୍ରିଟିଙ୍କ ଦ୍ୱାରା ଏହାର ବହୁଳ ପ୍ରଚାର କରାଯାଇଥାଏ। ତେଣୁ ବହୁସଂଖ୍ୟାକ ଲୋକ ବିଶ୍ୱାସର ସହ ସେହି ଉତ୍ପାଦଗୁଡ଼ିକୁ କିଣିଥାନ୍ତି। ଏଥିଯୋଗୁ କେବଳ ସେହି ପ୍ରଡକ୍ଟର ବହୁଳ ବିକ୍ରି ହୋଇ ନ ଥାଏ, ଲୋକଙ୍କ ଦ୍ୱାରା ତାହା ଏକ ବ୍ରାଣ୍ଡ୍ ରୂପେ ଆଦୃତି ଲାଭ କରିଥାଏ। ହେଲେ ଏହି ବ୍ରାଣ୍ଡ୍ ତଥା ବଡ଼ କମ୍ପାନୀଗୁଡ଼ିକ ଗ୍ରାହକଙ୍କ ସ୍ୱାସ୍ଥ୍ୟକୁ ଅଣଦେଖା କରି ମାରାତ୍ମକ କ୍ୟାନ୍ସର ତତ୍ତ୍ୱ ଥିବାଭଳି ଉତ୍ପାଦକୁ ପ୍ରସାଧନ ସାମଗ୍ରୀରେ ମିଶାଇ ବଜାରରେ ବିକ୍ରି କରୁଥିବା ଖବର ସାମ୍ନାକୁ ଆସିଛି। ଲୋକେ ଦୈନନ୍ଦିନ ଜୀବନରେ ବ୍ୟକ୍ତିଗତ ଯତ୍ନ (ପର୍ସନାଲ କେୟାର) ପାଇଁ ବ୍ୟବହାର କରୁଥିବା ବଡ଼ ବ୍ରାଣ୍ଡର ଉତ୍ପାଦରେ କ୍ୟାନ୍ସର କାରକ ଥିବା ବହୁରାଷ୍ଟ୍ରୀୟ ଫାଷ୍ଟ ମୁଭିଂ କନ୍‌ଜ୍ୟୁମର ଗୁଡ୍‌ସ (ଏଫ୍‌ଏମ୍‌ସିଜି) କମ୍ପାନୀ ୟୁନିଲିଭର କହିଛି। ଫଳରେ ଏହି ପ୍ରଡକ୍ଟଗୁଡ଼ିକର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ୟୁନିଲିଭରର ବିପଜ୍ଜନକ ଉତ୍ପାଦ ତାଲିକାରେ ଡୋଭ, ଟ୍ରେସିମି, ନେକ୍ସସ୍, ସୁଆଭେ, ଟିଗି (ରୋକାଓଲିକ୍ ଏବଂ ବେଡ୍ ହେଡ୍) ସମେତ ୧୯ ଲୋକପ୍ରିୟ ଏରୋସଲ ଡ୍ରାଏ ଶାମ୍ପୁ ରହିଛି। ଏଥିରେ କ୍ୟାନ୍‌ସର ସୃଷ୍ଟିକାରୀ ରାସାୟନିକ ପଦାର୍ଥ ବେଞ୍ଜିନ ରହିଥିବା କମ୍ପାନୀ ଜାଣିବାକୁ ପାଇଛି। ଏହି ଉତ୍ପାଦଗୁଡ଼ିକୁ ଆମେରିକା ଓ କାନାଡା ବଜାରରୁ ତୁରନ୍ତ ଫେରାଇନେବା ପାଇଁ ୟୁନିଲିଭର ନୋଟିସ ଜାରି କରିଛି। ଅକ୍ଟୋବର ୧୮ରେ କମ୍ପାନୀ ଏ ସମ୍ପର୍କିତ ଘୋଷଣା କରିଥିବାବେଳେ ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫ୍‌ଡିଏ) ଗତ ୨୧ ତାରିଖରେ ଏହି ସତର୍କ ସୂଚନା ପ୍ରକାଶ କରିଥିଲା। ୨୦୨୧ ଅକ୍ଟୋବର ପୂର୍ବରୁ ପ୍ରସ୍ତୁତ ହୋଇଥିବା ଉତ୍ପାଦଗୁଡ଼ିକୁ ରିଟେଲରଙ୍କଠାରୁ ଫେରାଇନେବାକୁ ନୋଟିସରେ ଦର୍ଶାଯାଇଛି। ଏଫ୍‌ଡିଏ ପକ୍ଷରୁ ଏହାର ୱେବ୍‌ସାଇଟ୍‌ରେ ପ୍ରକାଶିତ ୟୁନିଲିଭରର ନୋଟିସରେ କୁହାଯାଇଛି, ବେଞ୍ଜିନ ମଣିଷ ଶରୀରରେ କ୍ୟାନ୍‌ସର ସୃଷ୍ଟିର ଅନ୍ୟତମ ପ୍ରମୁଖ କାରଣ। ଆଘ୍ରାଣ ଦ୍ୱାରା, ପାଟି କିମ୍ବା ଚର୍ମ ମଧ୍ୟ ଦେଇ ଆମେ ବେଞ୍ଜିନ ସଂସ୍ପର୍ଶରେ ଆସିଥାଉ। ☞ପୃଷ୍ଠା-୪







### ଏଭଳି ପ୍ରଥମ ନୁହେଁ

କୌଣସି ପର୍ସନାଲ କେୟାର ପ୍ରଡକ୍ଟରେ ହାନିକାରକ ତତ୍ତ୍ୱ ରହିବା ପ୍ରଥମ ଘଟଣା ନୁହେଁ। ଗତ ଡିସେମ୍ବରରେ ପ୍ରୋକ୍ଟର ଆଣ୍ଡ୍ ଗାମ୍ବଲ୍ କୋ (ପି ଆଣ୍ଡ୍ ଜି) କମ୍ପାନୀ ଏହାର ପ୍ୟାଣ୍ଟିନ୍ ଏବଂ ହର୍ବାଲ ଏସେନ୍ସ ଡ୍ରାଏ ଶାମ୍ପୁକୁ ବଜାରରୁ ଫେରାଇ ନେଇଥିଲା। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁସାରେ, ଗତ ଦେଢ଼ବର୍ଷ ମଧ୍ୟରେ ବହୁସଂଖ୍ୟାରେ ଏରୋସଲ ସନ୍‌ସ୍କ୍ରିନ୍ ଯଥା ଜନ୍‌ସନ୍ ଆଣ୍ଡ୍ ଜନ୍‌ସନର ନ୍ୟୁଟୋଜିନା, ଏଜ୍‌ୱେଲ୍ ପର୍ସନାଲ କେୟାର କୋ'ର ବାନାନା ବୋଟ୍ , ବିୟର୍ସଡୋର୍ଫ ଏଜି'ର କପରଟୋନ, ପି ଆଣ୍ଡ୍ ଜି ପ୍ରସ୍ତୁତ ସିକ୍ରେଟ୍ ଆଣ୍ଡ୍ ଓଲ୍ଡ ସ୍ପାଇସ୍ ଡିଓଡୋରାଣ୍ଟ ଏବଂ ୟୁନିଲିଭରର ସୁଆଭେକୁ ବଜାରରୁ ଫେରାଇ ନିଆଯାଇଛି। କନେକ୍ଟିକଟ୍ ସ୍ଥିତ ନ୍ୟୁ ହେଭେନରେ ଥିବା ଆନାଲିଟିକାଲ ଲାବ୍ ଭାଲିସିଓରରେ ଏପରି ଉତ୍ପାଦକୁ ନେଇ ପରୀକ୍ଷା କରାଯାଇଥିଲା। ଏଥିରେ କର୍କଟ ରୋଗ ସୃଷ୍ଟିକାରୀ ଘାତକ ☞ପୃଷ୍ଠା-୪

### ଭାରତୀୟ ଉତ୍ପାଦରେ କାର୍ସିନୋଜେନିକ୍ ନାହିଁ: ହିନ୍ଦୁସ୍ଥାନ ୟୁନିଲିଭର

**ନୂଆଦିଲ୍ଲୀ, ୨୬।୧୦**

ଡୋଭ୍, ଟ୍ରେସିମି ସମେତ ୧୯ ଲୋକପ୍ରିୟ ଶାମ୍ପୁ ଏବଂ ଅନ୍ୟ ପର୍ସନାଲ କେୟାର ପ୍ରଡକ୍ଟରେ କ୍ୟାନ୍‌ସର ସୃଷ୍ଟିକାରୀ ତତ୍ତ୍ୱ (କାର୍ସିନୋଜେନିକ୍) ଥିବା ନେଇ ଏଫ୍‌ଏମ୍‌ସିଜି କମ୍ପାନୀ ୟୁନିଲିଭର କହିବା ପରେ ଭାରତରେ ବିକ୍ରି ହେଉଥିବା ଉତ୍ପାଦଗୁଡ଼ିକ ମଧ୍ୟ ସନ୍ଦେହ ଭିତରକୁ ଆସିଯାଇଛି। ତେବେ ଏଭଳି ପ୍ରଡକ୍ଟ ଭାରତରେ ପ୍ରସ୍ତୁତ କିମ୍ବା ବିକ୍ରି ହେଉନାହିଁ ବୋଲି ହିନ୍ଦୁସ୍ଥାନ ୟୁନିଲିଭର (ଏଚ୍‌ୟୁଏଲ୍) ପକ୍ଷରୁ ସଫେଇ ଦିଆଯାଇଛି। କମ୍ପାନୀର ଜଣେ ମୁଖପାତ୍ର କହିଛନ୍ତି, ଭାରତରେ ଏଚ୍‌ୟୁଏଲ୍ ଡ୍ରାଏ ଶାମ୍ପୁ (କେଶକୁ ଓଦା ନ କରି ସଫା ପାଇଁ ବ୍ୟବହୃତ ହେଉଥିବା ପାଉଡର ବା ସ୍ପ୍ରେ) ଉତ୍ପାଦନ କିମ୍ବା ବିକ୍ରି କରାଯାଉନାହିଁ। ଏଭଳି ଉତ୍ପାଦରେ ବେଞ୍ଜିନ ମାତ୍ରା ଅଧିକ ଥିବା ଯାଞ୍ଚରୁ ଜଣାପଡ଼ିବା ପରେ କେବଳ କାନାଡା ଏବଂ ଆମେରିକା ବଜାରରୁ ପ୍ରଡକ୍ଟଗୁଡ଼ିକୁ ☞ପୃଷ୍ଠା-୪

## ସଂକ୍ଷେପରେ

### ଆକ୍ରମଣ ଭୟରେ କଶ୍ମୀର ଛାଡ଼ିଲେଣି ୧୧ ପଣ୍ଡିତ ପରିବାର

**ଶ୍ରୀନଗର,୨୬।୧୦:** କଶ୍ମୀରୀ ପଣ୍ଡିତଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଭୟରେ ବର୍ତ୍ତମାନ ସୁଦ୍ଧା କଶ୍ମୀରରେ ରହୁଥିବା ୧୧ ପଣ୍ଡିତ ପରିବାର କଶ୍ମୀର ଛାଡ଼ି ଜମ୍ମୁ ଚାଲିଆସିଛନ୍ତି। କାଶ୍ମୀର ସୋପିଆନ୍ ଜିଲା ଚୌଧରୀଗୁଣ୍ଡରେ ଥିବା ଏମାନଙ୍କ ଘରେ ଏବେ ତାଲା ପଡ଼ିଛି। ଗତ ଦୁଇମାସରେ ସ୍ଥାନୀୟ ଅଞ୍ଚଳରେ ଦୁଇଜଣ କଶ୍ମୀରୀ ପଣ୍ଡିତଙ୍କୁ ଆତଙ୍କବାଦୀମାନେ ଗୁଳି କରି ହତ୍ୟା କରିଥିଲେ। ୧୯୯୦ରୁ ଆତଙ୍କବାଦୀ ଓ କଶ୍ମୀରୀ ପଣ୍ଡିତଙ୍କ ମଧ୍ୟରେ ସଂଘର୍ଷ ଜାରି ରହିଛି।

### ଏଟିଏମ୍‌ରୁ ବାହାରିଲା ନକଲି ନୋଟ୍

**ଲକ୍ଷ୍ନୌ, ୨୬।୧୦:** ଉତ୍ତର ପ୍ରଦେଶ ମୁନସିଗଞ୍ଜ ରୋଡ୍‌ର ସବ୍‌ଜି ମଣ୍ଡି ଅଞ୍ଚଳରେ ଥିବା ଏକ ଏଟିଏମ୍‌ରୁ ନକଲି ନୋଟ ବାହାରିବା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଛି। ଦିପାବଳି କିଣାକିଣି ପାଇଁ ଜଣେ ବ୍ୟକ୍ତି ଏଟିଏମ୍‌ରୁ ଟଙ୍କା ବାହାର କରିଥିଲେ। ବାହାର କରିଥିବା ଟଙ୍କାରୁ ୨ଟି ଦୁଇଶହ ଟଙ୍କିଆ ନୋଟ୍‌ରେ 'ଚିଲ୍ଡ୍ରେନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଫୁଲ୍ ଅଫ୍ ଫନ୍' ବୋଲି ଲେଖାଥିଲା। ଏହାକୁ ଦେଖି ବ୍ୟକ୍ତିଙ୍କ ମନରେ ସନ୍ଦେହ ହୋଇଥିଲା ଏବଂ ସେ ପୋଲିସକୁ ଏହାର ସୂଚନା ଦେଇଥିଲେ। ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ତେବେ ଏହି ନକଲି ନୋଟ୍‌ର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି।

### ଟିକା ଉତ୍ପାଦନରେ ଭାରତ ଅଗ୍ରଣୀ: ହ୍ୱାଇଟ୍ ହାଉସ୍

**ୱାଶିଂଟନ୍,୨୬।୧୦:** ବିଶ୍ୱ ପାଇଁ ଟିକା ଉତ୍ପାଦନ କ୍ଷେତ୍ରରେ ଭାରତ ଅଗ୍ରଣୀ ଦେଶ ବୋଲି ହ୍ୱାଇଟ୍‌ହାଉସ୍ ପକ୍ଷରୁ କୁହାଯାଇଛି। ବିଦେଶକୁ କରାଯାଉଥିବା ଟିକା ଯୋଗାଣରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖାଲି ଟିକା ଯୋଗାଣ ନୁହେଁ ଟିକା ତିଆରି କରିବାରେ ମଧ୍ୟ ଭାରତର ଆଭିମୁଖ୍ୟ ପ୍ରଶଂସନୀୟ ବୋଲି ହ୍ୱାଇଟ୍ ହାଉସ୍ କରୋନା ରେସ୍ପନ୍ସ କୋର୍ଡିନେଟର ଡା. ଆଶିଷ ଝା କହିଛନ୍ତି।

### ବିଚାରରେ ବିଳମ୍ବ
### କୋର୍ଟ ଛାତରୁ ଡେଇଁଲେ ଯୁବକ

**ଥିରୁଭାନନ୍ତପୁରମ୍, ୨୬।୧୦:** ବିଚାରରେ ବିଳମ୍ବ ହେବା ନେଇ ଜଣେ ବ୍ୟକ୍ତି କେରଳ ହାଇକୋର୍ଟ ବିଲ୍ଡିଂରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଦୁର୍ଘଟଣା ଘଟିବା ପୂର୍ବରୁ ସୁରକ୍ଷାକର୍ମୀ ଉକ୍ତ ବ୍ୟକ୍ତିଙ୍କୁ କାବୁ କରି ନେଇଥିଲେ। ଚିତ୍ତୁରର ମନୁ ହାଇକୋର୍ଟର ସପ୍ତମ ମହଲାର ବାଲକୋନି ରେଲିଂରେ ବସିଥିବା ସୁରକ୍ଷା କର୍ମୀ ଦେଖିଥିଲେ, ଯାହାପରେ ସେମାନେ ପଛପଟୁ ଯାଇ ତାଙ୍କୁ ଧରି ନେଇଥିଲେ। ଉଦ୍ଧାର ପରେ ମନୁଙ୍କୁ ପୋଲିସ ଜିମା ଦିଆଯାଇଛି। ପୂର୍ବତନ ସ୍ତ୍ରୀଙ୍କ ଚଳିବା ବାବଦକୁ ଟଙ୍କା ଦେବା ଲାଗି ଇରନାକୁଲମର ଏକ ଫ୍ୟାମିଲି କୋର୍ଟ ମିନୁ ଆଣ୍ଟୋନିଙ୍କୁ ରାୟ ଶୁଣାଇଥିଲେ। କୋର୍ଟ ନିର୍ଦ୍ଦେଶକୁ ମନୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ ମାମଲାର ଶୁଣାଣିରେ ବିଳମ୍ବ ହେବା କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି।



ବିହାରର ଗୟା ଜିଲା ଝାଡ଼ଖଣ୍ଡ ସୀମାନ୍ତ ଗୁରପା ରେଲଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ ବୁଧବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଏହାର କୋଇଲା ବୋଝେଇ ୫୫ ଡବା କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଡବାଗୁଡ଼ିକ ପରସ୍ପର ସହ ଧକ୍କା ହେବାର ପ୍ରଚଣ୍ଡ ଶବ୍ଦ ଅନେକ କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଇଥିଲା। ଦୁର୍ଘଟଣା ପରେ ସମ୍ପୃକ୍ତ ରୁଟ୍‌ରେ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଛି। ଟ୍ରାକ୍‌ରୁ ଅବରୋଧ ହଟାଇବା ପାଇଁ ରେଲ୍‌ୱେ ଓ ଅଗ୍ନିଶମ କର୍ମଚାରୀ ଉଦ୍ୟମ ଜାରି ରଖିଛନ୍ତି।

# ବାଲିଷ୍ଟିକ୍ ମିଶାଇଲ ଲଞ୍ଚ୍ କଲା ରୁଷିଆ

### ଅଣୁ ଅସ୍ତ୍ର ପ୍ରୟୋଗ କଲେ ଭୟଙ୍କର ପରିଣତି: ବାଇଡେନ୍

**ମସ୍କୋ, ୨୬।୧୦**

ୟୁକ୍ରେନ୍‌ରେ ଆଣବିକ ଯୁଦ୍ଧ ଆଶଙ୍କା ଭିତରେ ରୁଷିଆର ନ୍ୟୁକ୍ଲିୟର ଫୋର୍ସ ବୁଧବାର ବାଲିଷ୍ଟିକ୍ ମିଶାଇଲ ଉତ୍‌କ୍ଷେପଣ ଅଭ୍ୟାସ କରିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଏହି ମିଶାଇଲ୍ ଲଞ୍ଚ୍ ପ୍ରାକ୍ଟିସ୍‌ର ତଦାରଖ କରିଛନ୍ତି। ଦେଶ ଉପରେ କୌଣସି ଆଣବିକ ବିପଦ ଆସିଲେ ତାହାର ଜବାବ ଦେବା ପାଇଁ ଏହି ଅଭ୍ୟାସ କରାଯାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସେରେଗି ଶୋଇଗୁ କହିଛନ୍ତି। ଅଭ୍ୟାସବେଳେ ଟିୟୁ-୯୫ ଷ୍ଟ୍ରାଟେଜିକ୍ ବମ୍ବର କ୍ରୁଜ୍ ମିଶାଇଲ ଲଞ୍ଚ କରିବା ସହ ଏହା ଟାର୍ଗେଟକୁ ସଫଳତାର ସହ ମାଡ଼ କରିଥିବା କ୍ରେମଲିନ ପକ୍ଷରୁ କୁହାଯାଇଛି। ଉତ୍ତରପଶ୍ଚିମ ୟୁରୋପରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ନାଟୋର ବାର୍ଷିକ ନ୍ୟୁକ୍ଲିୟର ଡ୍ରିଲ 'ଷ୍ଟିଡ୍‌ଫାଷ୍ଟ ନୁନ୍' ଚାଲିବାକୁ ଥିବାବେଳେ ରୁଷିଆ ଏହି ସମରାଭ୍ୟାସ ଆରମ୍ଭ କରିଛି। ୟୁକ୍ରେନ୍ ବିରୋଧରେ ଅଣୁଅସ୍ତ୍ର ବ୍ୟବହାର କଲେ ତାହା ରୁଷିଆର ସବୁଠୁ ବଡ଼ ଭୁଲ ହେବ। ଏହାର ପରିଣତି ଭୟଙ୍କର ହେବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚେତାବନୀ ଦେଇଛନ୍ତି।



# ରୁଷିଆକୁ 'ଡାର୍ଟି ବମ୍'ଭୟ

**ମସ୍କୋ/କିଭ୍, ୨୬।୧୦**

ୟୁକ୍ରେନ୍ ଉପରେ ରୁଷିଆ ୮ ମାସ ଧରି ଆକ୍ରମଣ ଜାରି ରଖିଥିବାବେଳେ କିଭ୍ ରେଡିଓଆକ୍ଟିଭ୍ ବିକିରଣ ପାଇଁ 'ଡାର୍ଟି ବମ୍' ବ୍ୟବହାର କରିପାରେ ବୋଲି ମସ୍କୋ ଅଭିଯୋଗ ଆଣିଛି। ଏହି ପ୍ରସଙ୍ଗକୁ ରୁଷିଆ ମଙ୍ଗଳବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଉଠାଇଛି। ୟୁକ୍ରେନ୍ ସୈନ୍ୟ ରୁଷିଆ ଦଖଲରୁ ଖେରସୋନ୍‌କୁ ମୁକ୍ତ କରିବା ପାଇଁ ଲଢ଼େଇ ଜାରି ରଖିଥିବାବେଳେ ସେଠାରେ ଥିବା କେତେକ ଅଞ୍ଚଳକୁ ମସ୍କୋ କବଳରୁ ଛଡ଼ାଇନେଇଥିବା ଦାବି ମଧ୍ୟ କରିଛି। ଖେରସୋନ୍ ସହରକୁ ରୁଷିଆର ଅଂଶ ବୋଲି କହି ୟୁକ୍ରେନ୍ ସେଠାରେ କ୍ଷତିକାରକ ଗ୍ୟାସ୍ ପ୍ରୟୋଗ କରିବା ପାଇଁ ଯୋଜନା କରୁଥିବା କ୍ରେମ୍‌ଲିନ ଅଭିଯୋଗ କରିଛି। ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରସ୍‌ଙ୍କୁ ଲେଖିଥିବା ଚିଠିରେ ଜାତିସଂଘରେ ଥିବା ରୁଷିଆ ରାଷ୍ଟ୍ରଦୂତ ଭାସିଲି ନେବେଞ୍ଜିଆ କହିଛନ୍ତି, କିଭ୍ 'ଡାର୍ଟିବମ୍' ବ୍ୟବହାର କଲେ ତାହାକୁ ମସ୍କୋ ନ୍ୟୁକ୍ଲିୟର ଆତଙ୍କବାଦ ବୋଲି ବିଚାର କରିବ। ଅପରପକ୍ଷେ ଖେରସୋନ୍‌ରେ ଥିବା ଜନସାଧାରଣ ତୁରନ୍ତ ସେହି ସ୍ଥାନ ଛାଡ଼ିବାକୁ ରୁଷିଆ କହିଛି।

ରୁଷିଆର ଏହି ଅଭିଯୋଗକୁ ୟୁକ୍ରେନ୍ ଖଣ୍ଡନ କରିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ଯଦି ରୁଷିଆ କହୁଛି ଆମେ ଏପରି କରିବାକୁ ଯୋଜନା କରିଛୁ, ତେବେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏହାର ନକ୍ସା ପ୍ରସ୍ତୁତ କରିସାରିଛନ୍ତି। ୟୁକ୍ରେନ୍‌ରେ ଏପରି ବିସ୍ଫୋରଣ କରି ନିରୀହ ଲୋକଙ୍କ ଜୀବନକୁ ବିପଦରେ ପକାଇବାକୁ ରୁଷିଆ ପ୍ଲାନ୍ କରିଛି। ନିଜେ 'ଡାର୍ଟି ବମ୍' କିମ୍ବା ଅନ୍ୟ କୌଣସି ବିପଜ୍ଜନକ ଆକ୍ରମଣ କରି ମସ୍କୋ କିଭ୍ ଉପରେ ଦୋଷ ଲଦିଦେବାକୁ ଚାହୁଁଛି। ଏହାର ମସ୍କୋର ଫଲ୍‌ସ ଫ୍ଲାଗ୍ ଆଟାକ୍ ଯୋଜନା। ବିଶ୍ୱ ତୁରନ୍ତ ରୁଷିଆକୁ ଏପରି କରିବାରୁ ରୋକିବା ସହ କଠୋର କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଜେଲେନ୍‌ସ୍କି ନିବେଦନ କରିଛନ୍ତି। ୟୁକ୍ରେନ୍ ପୂର୍ବରୁ ଆଣବିକ ଅସ୍ତ୍ର ବିସ୍ତାର ନ କରିବା ପାଇଁ ଚୁକ୍ତିବଦ୍ଧ। ଏଥିସହ କିଭ୍ ପାଖରେ କୌଣସି 'ଡାର୍ଟି ବମ୍' ନାହିଁ କିମ୍ବା କାହାଠାରୁ ଆଣିବା ଯୋଜନା ମଧ୍ୟ ହୋଇନାହିଁ। ତେଣୁ ରୁଷିଆ ନିଜେ ଏପରି କରି ୟୁକେନ୍‌ରେ ରେଡିଓଆକ୍ଟିଭ୍ ବିକିରଣ କରିବାକୁ ଯାଉଛି ବୋଲି ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା କହିଛନ୍ତି। ସେହିପରି କିଭ୍‌ର ସହଯୋଗୀ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ରୁଷିଆର ଏହି ଅଭିଯୋଗ ସତ ନୁହେଁ ବୋଲି କହିଛନ୍ତି। ୟୁକ୍ରେନ୍ ଉପରେ ଆକ୍ରମଣ ଯଥାର୍ଥ ବୋଲି ଦର୍ଶାଇବାକୁ ରୁଷିଆ ଏପରି କରୁଥିବା ସେମାନେ କହିଛନ୍ତି।

### ମସ୍କୋର ଫଲ୍‌ସ ଫ୍ଲାଗ୍ ଆଟାକ୍ ଯୋଜନା: ଜେଲେନ୍‌ସ୍କି



### ଡାର୍ଟି ବମ୍ କ'ଣ

ରେଡିଓଆକ୍ଟିଭ୍ ସାମଗ୍ରୀ ଯଥା ୟୁରାନିୟମ ଓ ଅନ୍ୟ ବିସ୍ଫୋରକକୁ ନେଇ 'ଡାର୍ଟି ବମ୍' ପ୍ରସ୍ତୁତ କରାଯାଇଥାଏ। ଆଣବିକ ବୋମା ଭଳି ଏଥିରେ ଅଧିକ ରିଫାଇନ୍‌ଡ ରେଡିଓଆକ୍ଟିଭ୍ ମ୍ୟାଟେରିଆଲ ରହିବା ଆବଶ୍ୟକ ପଡ଼ି ନ ଥାଏ। ହସ୍ପିଟାଲ, ନ୍ୟୁକ୍ଲିୟର ପାୱାର ଷ୍ଟେଶନ କିମ୍ବା ରିସର୍ଚ୍ଚ ଲାବରେଟୋରିରୁ ଏହାକୁ ସଂଗ୍ରହ କରାଯାଇ ଡାର୍ଟି ବମ୍‌ରେ ବ୍ୟବହାର କରାଯାଇପାରିବ। ନ୍ୟୁକ୍ଲିୟର ଅସ୍ତ୍ର ଅପେକ୍ଷା ଏହାକୁ ପ୍ରସ୍ତୁତ କରିବା ସହଜ ଏବଂ କମ୍ ବ୍ୟୟବହୁଳ। କୌଣସି ଗାଡ଼ିର ପଛରେ ଏହାକୁ ପରିବହନ କରାଯାଇପାରିବ। ଡାର୍ଟି ବମ୍ ବିସ୍ଫୋରଣ ଦ୍ୱାରା ଏଥିରୁ ନିର୍ଗତ ବିଷାକ୍ତ ରେଡିଓଆକ୍ଟିଭ୍ ଗ୍ୟାସ୍ ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ। ବିକିରଣ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ କ୍ୟାନ୍‌ସର ଭଳି ରୋଗ ମଧ୍ୟ ହୋଇପାରେ। ଡାର୍ଟି ବମ୍‌ରେ ଡିନାମାଇଟ୍ ଭଳି ପାରମ୍ପରିକ ବିସ୍ଫୋରକ ବ୍ୟବହାର କରାଯାଏ। ତେବେ ଏହା ଅଣୁଅସ୍ତ୍ର ପରିଘାତକ ନୁହେଁ।

### କେବେ ପ୍ରୟୋଗ ହୋଇନି

ଅଦ୍ୟାବଧି କୌଣସି ରାଷ୍ଟ୍ର ଡାର୍ଟିବମ୍‌ର ସଫଳ ପ୍ରୟୋଗ କରିନାହାନ୍ତି। ତେବେ ଅନେକ ଥର ଏହାର ବ୍ୟବହାର ପାଇଁ ଉଦ୍ୟମ ହୋଇଛି। ୧୯୯୬ରେ ଚେଚନ୍ୟା ବିଦ୍ରୋହୀମାନେ ଡିନାମାଇଟ୍ ଏବଂ ସେସିୟମ୍-୧୩୭ରେ ପ୍ରସ୍ତୁତ ବୋମାକୁ ମସ୍କୋର ଇଜ୍‌ମାଇଲୋଭୋ ପାର୍କରେ ଖଞ୍ଜିଥିଲେ। ତେବେ ସିକ୍ୟୁରିଟି ସର୍ଭିସ ଅଧିକାରୀମାନେ ତାହାକୁ ଖୋଜି ପରେ ଡିଫ୍ୟୁଜ୍ କରି ଦେଇଥିଲେ। ୧୯୯୮ରେ ଚେଚନ୍ୟା ଗୋଇନ୍ଦା ଅଧିକାରୀ ଏକ ରେଲଧାରଣା ନିକଟରେ ଡାର୍ଟି ବମ୍ ରଖାଯାଇଥିବା ଜାଣିବା ପରେ ତାହାକୁ ଡିଫ୍ୟୁଜ୍ କରିଥିଲେ। ୨୦୦୨ରେ ଅଲ୍-କାଏଦା ପାଇଁ କାମ କରୁଥିବା ଜଣେ ଆମେରିକୀୟ ଜୋସେ ପାଦିଲ୍ଲା ଡାର୍ଟି ବମ୍ ଆକ୍ରମଣ କରିବା ଯୋଜନା କରିଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ପରେ ତାଙ୍କୁ ୨୧ ବର୍ଷ ଜେଲଦଣ୍ଡାଦେଶ ହୋଇଥିଲା। ସେହିପରି ଆମେରିକା ଓ ବ୍ରିଟେନ୍‌ରେ ଅଲ୍‌କାଏଦା ସଦସ୍ୟ ତଥା ବ୍ରିଟେନ ନାଗରିକ ଧୀରେନ ବାରୋଟ୍‌ଙ୍କୁ ସମାନ ଦୋଷରେ ୩୦ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଥିଲା।

### ରୁଷିଆ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ରାଜନାଥଙ୍କ ପରାମର୍ଶ
## ଅଣୁ ଅସ୍ତ୍ର ବ୍ୟବହାର କରନାହିଁ



**ନୂଆଦିଲ୍ଲୀ, ୨୬।୧୦**

ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସେରେଗି ଶୋଇଗୁ ବୁଧବାର ଭାରତ ପ୍ରତିପକ୍ଷ ରାଜନାଥ ସିଂଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ୟୁକ୍ରେନ୍ 'ଡାର୍ଟି ବମ୍' ପ୍ରୟୋଗ କରି ରୁଷିଆକୁ ଉସୁକାଇବାକୁ ଉଦ୍ୟମ କରୁଥିବା ଶୋଇଗୁ କହିଛନ୍ତି। ଏହା ପୂର୍ବରୁ ଶୋଇଗୁ ତାଙ୍କ ଚାଇନା ପ୍ରତିପକ୍ଷ ୱେଇ ଫେଙ୍ଗ୍‌ହିଙ୍କ ସହ ଭିଡିଓ କଲ୍‌ରେ କଥା ହୋଇ ସମାନ ପ୍ରସଙ୍ଗରେ ଚିନ୍ତା ବ୍ୟକ୍ତ କରିଥିଲେ। ନାଟୋ ସଦସ୍ୟ ରାଷ୍ଟ୍ରଙ୍କ ପ୍ରରୋଚନାରେ ୟୁକ୍ରେନ୍ ଏପରି କରି ଲୋକଙ୍କୁ ଭୟଭୀତ ଓ ସେମାନଙ୍କ ପ୍ରତି ବିପଦ ସୃଷ୍ଟି କରିବାକୁ ଯୋଜନା କରୁଥିବା ରୁଷିଆ ଅଭିଯୋଗ ଆଣିଛି। ତେବେ ଭାରତ କୂଟନୈତିକ ରାସ୍ତାରେ ସମାଧାନ ଖୋଜିବା ଉପରେ ବିଶ୍ୱାସ କରେ ବୋଲି ରାଜନାଥ ସିଂ ଦୋହରାଇଥିଲେ। କୌଣସି ପକ୍ଷ ଆଣବିକ କିମ୍ବା ରେଡିଓଲୋଜିକାଲ ଅସ୍ତ୍ର ବ୍ୟବହାର କରିବା କେବେ ଏକ ବିକଳ୍ପ ନୁହେଁ ବୋଲି ସେ କହିବା ସହ ଉଭୟେ ଏଥିରୁ ବିରତ ରହିବାକୁ ସେ ପରାମର୍ଶ ଦେଇଥିଲେ।

# କଶ୍ମୀର ସମସ୍ୟାର ସମାଧାନ କରିବେ ଋଷି

### ପାକିସ୍ତାନୀଙ୍କ ଆଶା

**ଗୁଜରନୱାଲା,୨୬।୧୦(ପି.ଟି.)**

ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ଋଷି ସୁନକ ଯେତିକି ଭାରତୀୟ ସେତିକି ପାକିସ୍ତାନୀ। ସ୍ୱାଧୀନତା ପୂର୍ବରୁ ତାଙ୍କ ପୂର୍ବପୁରୁଷ ପାକିସ୍ତାନର ଗୁଜରନୱାଲାରେ ରହୁଥିଲେ। ଋଷିଙ୍କ ଜେଜେବାପା ରାମଦାସ ସୁନକ ଓ ଜେଜେମା' ସୁହାଗ ରାଣୀ ୧୯୩୫ ପର୍ଯ୍ୟନ୍ତ ଗୁଜରନୱାଲରେ ବସବାସ କରୁଥିଲେ। ୧୯୪୭ରେ ବ୍ରିଟିଶ ଶାସକଙ୍କ କବଳରୁ ସ୍ୱାଧୀନତା ମିଳିବା ପରେ ଦେଶ ବିଭାଜନ ହୋଇ ପାକିସ୍ତାନ ଜନ୍ମ ନେଇଥିଲା। ବର୍ତ୍ତମାନ ସୀମାନ୍ତ ଗୁଜରନୱାଲାର ପଞ୍ଜାବ ପ୍ରଦେଶ ଏକ ଶିଳ୍ପାଞ୍ଚଳରେ ପରିଣତ ହୋଇଛି। ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ଭାରତ-ପାକିସ୍ତାନ ମଧ୍ୟରେ ବିବାଦର ମଞ୍ଜି ସାଜିଥିବା କଶ୍ମୀର ସମସ୍ୟାର ସମାଧାନ କରିପାରିବେ ବୋଲି ଗୁଜରନୱାଲାର ଅନେକ ଲୋକ ଆଶା ବାନ୍ଧିଛନ୍ତି।



ଅନ୍ୟପକ୍ଷେ ୪୨ ବର୍ଷୀୟ ଋଷି ବୁଧବାର ତାଙ୍କ ନୂଆ କ୍ୟାବିନେଟର ପ୍ରଥମ ବୈଠକ କରିଛନ୍ତି। ଏଥିସହ ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ରୁଷିଆର ଆକ୍ରମଣ ପରିପ୍ରେକ୍ଷୀରେ ୟୁକ୍ରେନ୍‌କୁ ସମର୍ଥନ କରି ମସ୍କୋକୁ ଉତ୍ତରଦାୟୀ କରିବା ଉପରେ ବାଇଡେନ୍ ଓ ଋଷି ସହମତି ପ୍ରକାଶ କରିଛନ୍ତି। ଜେଲେନ୍‌ସ୍କିଙ୍କୁ ଋଷି କହିଥିଲେ, ତାଙ୍କ ପ୍ରଧାନମନ୍ତ୍ରିତ୍ୱରେ ୟୁକ୍ରେନ୍‌କୁ ପୂର୍ବଭଳି ସହଯୋଗ ମିଳିବ।

ସୌନ୍ଦର୍ଯ୍ୟ ଶିଳ୍ପରେ ବ୍ଲାକ୍ ବ୍ୟୁଟିମାନେ ଭେଦଭାବର ଶିକାର ହେଉଥିବାବେଳେ ତ୍ୱଚା ସହ ମେଧାର କୌଣସି ସମ୍ପର୍କ ନ ଥାଏ ବୋଲି ପ୍ରମାଣିତ କରିଛନ୍ତି ପୁଡୁଚେରୀର ୨୩ ବର୍ଷୀୟା ବ୍ଲାକ୍ ମଡେଲ ସାନ୍ ରେଚାଲ୍ ଗାନ୍ଧୀ। କୃଷ୍ଣ ତ୍ୱଚାର ବ୍ୟକ୍ତିମାନେ ସୁନ୍ଦର ନୁହନ୍ତି ବୋଲି ରହିଥିବା ଭାରତୀୟମାନଙ୍କ ଧାରଣାକୁ ଦୂର କରିବା ସକାଶେ ସେ ଏକ ମିଶନରେ ବାହାରିଛନ୍ତି। କାରଣ ସାନ୍ ରେଚାଲ ପିଲାବେଳେ ବହୁବାର ଉପହାସର ପାତ୍ର ହୋଇଥିଲେ, ଯାହାକି କ୍ୟାରିୟର ଗଢ଼ିବା ପାଇଁ ତାଙ୍କ ମନସ୍ତତ୍ତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା।



# ହନିପ୍ରୀତ ଇନ୍‌ସାନ୍ ଏବେ ରୁହାନି ଦିଦି

### ପାଳିତ କନ୍ୟାଙ୍କ ନାଁ ବଦଳାଇଲେ ରାମରହିମ

**ନୂଆଦିଲ୍ଲୀ,୨୬।୧୦**

ପାରୋଲ୍‌ରେ ଆସିଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମରହିମ ପାଳିତ କନ୍ୟା ହନିପ୍ରୀତ ଇନ୍‌ସାନ୍‌ଙ୍କ ନାମ ବଦଳାଇ ରୁହାନି ଦିଦି କରିଛନ୍ତି। ହନିପ୍ରୀତଙ୍କୁ ସମସ୍ତେ ଦିଦି ସମ୍ବୋଧନ କରୁଥିବାବେଳେ ଏହା ଅନେକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲା। ସେଥିପାଇଁ ତାଙ୍କ ନାମକୁ ବଦଳାଇ ଆଜିଠାରୁ ରୁହାନି ଦିଦି ରଖାଯାଇଛି। ଅତି ସ୍ନେହରେ ତାଙ୍କୁ ଲୋକେ 'ରୁହ୍ ଦି' ଡାକିପାରିବେ ବୋଲି ରାମରହିମ କହିଛନ୍ତି।

ଡେରାରେ ରହୁଥିବା ସାଧ୍ୱୀଙ୍କୁ ବଳାତ୍କାର ଅଭିଯୋଗରେ ରାମରହିମଙ୍କୁ ହରିୟାଣା ପୋଲିସ ଗିରଫ କରିଥିଲା। ଏହାର ପ୍ରତିବାଦରେ ବିକ୍ଷୋଭବେଳେ ହିଂସା ଭିଆଇବା ନେଇ ହନିପ୍ରୀତଙ୍କୁ ଗିରଫ କରାଯାଇଥିଲା। ତାଙ୍କ ପ୍ରକୃତ ନାମ ପ୍ରିୟଙ୍କା ତନେଜା। ଶିଷ୍ୟାଙ୍କୁ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ରାମରହିମଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡ ମିଳିଥିବାବେଳେ ଏବେ ସେ ୪୦ ଦିନିଆ ପାରୋଲ୍‌ରେ ଆସିଛନ୍ତି। ଅନ୍‌ଲାଇନ୍‌ରେ ପ୍ରବଚନ ଦେବା ସହ ଦୀପାବଳି ଅବସରରେ ୟୁଟ୍ୟୁବ୍‌ରେ ନିଜର ଏକ ମ୍ୟୁଜିକ୍ ଭିଡିଓ ରିଲିଜ୍ କରିଛନ୍ତି। ରାମ ରହିମଙ୍କ ଏ ପ୍ରକାର କାର୍ଯ୍ୟକଳାପ ନେଇ ହରିୟାଣା ମୁଖ୍ୟମନ୍ତ୍ରୀ ଏମ୍.ଏଲ୍ ଖଟ୍ଟର କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି।



# ବାବୁଙ୍କୁ ପାଳିରେ ବଦଳି କର

### ବ୍ୟାଙ୍କ, ସରକାରୀ ବିଭାଗଗୁଡ଼ିକୁ ସିଭିସିଙ୍କ ପରାମର୍ଶ

**ନୂଆଦିଲ୍ଲୀ,୨୬।୧୦**

ଅନେକ ଅଫିସରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଅଧିକାରୀମାନଙ୍କୁ ନିୟମିତ ଚିହ୍ନଟ ଓ ବଦଳି କରାଯାଉ ନ ଥିବାରୁ ଦୁର୍ନୀତି ବଢ଼ୁଥିବା ନେଇ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମ୍ବେଦନଶୀଳ ପଦପଦବୀଗୁଡ଼ିକରେ ଥିବା ଅଧିକାରୀମାନଙ୍କୁ ନିୟମିତ ଭାବେ ଚିହ୍ନଟ କରିବା ସହ ପାଳିକରି ସେମାନଙ୍କୁ ବଦଳି କରିବା ପାଇଁ ସରକାରୀ ବ୍ୟାଙ୍କ, ସରକାରୀ ଉଦ୍ୟୋଗ ଓ କେନ୍ଦ୍ର ସରକାରଙ୍କ ଅଧୀନ ବିଭାଗଗୁଡ଼ିକୁ ସିଭିସି ପରାମର୍ଶ ଦେଇଛନ୍ତି। ଅକ୍ଟୋବର ୨୫ରେ ଜାରି ଏକ ନିର୍ଦ୍ଦେଶନାମାରେ ସିଭିସି ଉଲ୍ଲେଖ କରିଛନ୍ତି, ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ)ମାନେ ଦୁର୍ନୀତି ରୋକିବା ସକାଶେ ସମ୍ପୃକ୍ତ ସଂସ୍ଥାଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ/ମ୍ୟାନେଜମେଣ୍ଟ ସହ ବିଚାରବିମର୍ଶ କରି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଅଧିକାରୀମାନଙ୍କୁ ଚିହ୍ନଟ କରିବେ। ୩ ବର୍ଷର ବ୍ୟବଧାନରେ ଭବିଷ୍ୟତରେ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକୁ ନେଇ ସମୀକ୍ଷା ଓ ଚିହ୍ନଟ ପ୍ରକ୍ରିୟା କରାଯାଇପାରେ। ସେହିପରି ଏଭଳି ପଦବୀରେ ଥିବା ଅଧିକାରୀମାନଙ୍କୁ କାର୍ମିକ ଓ ତାଲିମ ବିଭାଗ (ଡିଓପିଟି) ପକ୍ଷରୁ ନିର୍ଦ୍ଧାରିତ ସମୟରେ ବଦଳି କରିବା ନେଇ ସୁନିଶ୍ଚିତ କରାଯିବ। ଅଧିକାରୀମାନଙ୍କୁ ପାଳିକରି ବଦଳି କରାଗଲେ ନ୍ୟସ୍ତସ୍ୱାର୍ଥ କମିବା ସହ ଦୁର୍ନୀତି ହ୍ରାସ ପାଇବ ବୋଲି ଡିଓପିଟି କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସବୁ ବିଭାଗର ସଚିବ ଏବଂ ସରକାରୀ ବ୍ୟାଙ୍କ ଓ ବୀମା କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀମାନଙ୍କ ନିକଟକୁ ନିର୍ଦ୍ଦେଶନାମା ପଠାଇଛି। ପରିବର୍ତ୍ତିତ ଦୃଶ୍ୟପଟ ଓ ସଂସ୍ଥାଗୁଡ଼ିକରେ ଟେକ୍ନୋଲୋଜିର ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖି ନିୟମିତ ବ୍ୟବଧାନରେ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକର ତାଲିକା ସମୀକ୍ଷା କରାଯିବା ଜରୁରୀ ବୋଲି ସିଭିସି କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୩୯,୬୩,୪୮୭ | ୬୫,୮୬,୪୮୧ | ୬୧,୨୯,୮୩,୪୪୯ |
| ଭାରତ | ୪,୪୬,୪୫,୭୬୮ | ୫,୨୮,୯୮୧ | ୪,୪୦,୯୫,୧୮୦ |
| ଓଡ଼ିଶା | ୧୩,୩୫,୯୫୯ | ୯୨୦୩(+୫୩) | ୧୩,୨୬,୩୩୫ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



**ସଂକ୍ଷେପରେ**

## ଆଜିଠୁ ନବମ ସମ୍ମେଟିଭ-୧ ପରୀକ୍ଷା

**କଟକ ଅଫିସ,୨୬।୧୦:** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ନବମ ଶ୍ରେଣୀ ସମ୍ମେଟିଭ ଆସେସ୍‌ମେଣ୍ଟ(ଏସ୍‌ଏ)-୧ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇ ଆସନ୍ତା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ୫ ଲକ୍ଷ ୭୪ ହଜାର ୭୦୨ ଜଣ ପରୀକ୍ଷାର୍ଥୀ ୪୧୪ କେନ୍ଦ୍ରରେ ପରୀକ୍ଷା ଦେବେ। ସେହିଭଳି ସଂସ୍କୃତ ମଧ୍ୟମାରେ ୩,୨୦୫ ଜଣ ନବମ ଶ୍ରେଣୀ ଛାତ୍ରୀଛାତ୍ର ୭୫ଟି କେନ୍ଦ୍ରରେ ପରୀକ୍ଷା ଦେବାକୁ ବୋର୍ଡ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନରେ ଇଂଲିଶ ବିଷୟରେ ପରୀକ୍ଷା ହେବ। ସେହିପରି ୨୮ରେ ପ୍ରଥମ ଭାଷା ଓଡ଼ିଆ, ୨୯ରେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ, ୩୧ରେ ଗଣିତ, ନଭେମ୍ବର ୧ରେ ସାଧାରଣ ବିଜ୍ଞାନ ଓ ୨ ତାରିଖରେ ସାମାଜିକ ବିଜ୍ଞାନ ବିଷୟରେ ପରୀକ୍ଷା ହେବ। ସମସ୍ତ ନୋଡାଲ ସ୍କୁଲଗୁଡିକରେ ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ପହଞ୍ଚି ସାରିଛି। ସ୍କୁଲ କର୍ତ୍ତୃପକ୍ଷ ନୋଡାଲ ସେଣ୍ଟରଗୁଡିକରୁ ପ୍ରଶ୍ନପତ୍ର ଗ୍ରହଣ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି।

## କାନ୍ଥ ଭୁଶୁଡ଼ି ୨ ଦାଦନ ଶ୍ରମିକ ମୃତ

**ସୋରଡ଼ା,୨୬।୧୦(ଡି.ଏନ୍.ଏ.):** କେରଳ ରାଜ୍ୟର ଏର୍ନାକୁଲମ ଜିଲା ଗାନ୍ଧୀ ଛକଠାରେ ଶ୍ରମିକ ଭାବେ କାମ କରୁଥିବା ୨ ଦାଦନ ଶ୍ରମିକଙ୍କ ବୁଧବାର କାନ୍ଥ ଭୁଶୁଡ଼ି ମୃତ୍ୟୁ ଘଟିଛି। ସେମାନେ ହେଲେ ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଅନ୍ତର୍ଗତ ଏକଲପୁର ଗ୍ରାମର ସୁଶାନ୍ତ ନାୟକ ଓ କୁସନଗାଡିଆ ଗ୍ରାମର ଶଙ୍କର ନାୟକ। ଅତି ଅଭାବ ଅନଟନ ଭିତରେ ପରିବାର ଚଳୁଥିବାରୁ ସୁଶାନ୍ତ ଓ ଶଙ୍କର ଅଧିକ ଅର୍ଥ ଉପାର୍ଜନ ଉଦ୍ଦେଶ୍ୟରେ କେରଳ ଯାଇ ସେଠାରେ ଶ୍ରମିକ ଭାବେ କାମ କରୁଥିଲେ। ସକାଳେ ଏକ ନିର୍ମାଣାଧୀନ ଘରେ କାମ କରୁଥିବା ବେଳେ ହଠାତ୍ କାନ୍ଥ ଭୁଶୁଡ଼ି ଉଭୟଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ସୂଚନା ପାଇବା ପରେ ଉଭୟଙ୍କ ମୃତଦେହକୁ ନିଜ ଗ୍ରାମକୁ ଆଣିବା ପାଇଁ ପରିବାର ସଦସ୍ୟ ଜିଲା ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି।

# କୃଷକଙ୍କ ପାଇଁ 'ସଫଳ' କମନ୍ କ୍ରେଡିଟ୍ ପୋର୍ଟାଲ

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ)**

କୃଷି ଋଣକୁ ସହଜ କରିବା ସକାଶେ କମନ୍ କ୍ରେଡିଟ୍ ପୋର୍ଟାଲ 'ସଫଳ' ଆରମ୍ଭ କରାଯାଇଛି। ବୁଧବାର ଲୋକସେବା ଭବନ କନ୍‌ଭେନଶନ ହଲ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଏହି ପୋର୍ଟାଲ କୃଷକ ଓ କୃଷି ଉଦ୍ୟୋଗୀଙ୍କ ପାଇଁ ଏକ ବୈପ୍ଳବିକ ଋଣ ସୁବିଧା ଯୋଗାଇ ଦେବ। ସରକାରୀ, ଘରୋଇ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କଗୁଡ଼ିକରୁ ଋଣ ପାଇବାରେ ସହଜ ହେବ। ଏହି ସୁବିଧା ବଳରେ କୃଷକ ଓ କୃଷି ଉଦ୍ୟୋଗୀମାନେ ୪୦ ଅଂଶୀଦାର ବ୍ୟାଙ୍କରୁ ୩୦୦ରୁ ଊର୍ଦ୍ଧ୍ୱ ଟର୍ମ ଲୋନ୍ ପାଇଁ ସୁବିଧା ପାଇପାରିବେ। ଏହି ଆପ୍ଲିକେଶନ ଉଭୟ କୃଷକ ଓ ବ୍ୟାଙ୍କଗୁଡ଼ିକୁ ଫାଇଦା ଦେବ। ଏହା କୃଷକ ଓଡ଼ିଶା ସହ ସାମିଲ ହେବା ଦ୍ୱାରା ୭୦ରୁ ଊର୍ଦ୍ଧ୍ୱ ମଡେଲ ପ୍ରୋଜେକ୍ଟ ରିପୋର୍ଟକୁ ସହଜ କରିପାରିବ। 'ସଫଳ' ଦ୍ୱାରା ଚାଷୀମାନଙ୍କୁ ସେମାନଙ୍କ ଋଣ ବିଷୟରେ ସବିଶେଷ ବିବରଣୀ ନିୟମିତ ପ୍ରଦାନ କରାଯାଇପାରିବ। ଏହି ପୋର୍ଟାଲ କୃଷକ ଓ କୃଷି ଆନୁଷଙ୍ଗିକ କ୍ଷେତ୍ରକୁ ସହାୟତା କରିବା ସହ ଚାଷୀମାନଙ୍କର ଆୟ ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଅର୍ଥନୈତିକ ପ୍ରକ୍ରିୟାରେ କୃଷକ ସଶକ୍ତୀକରଣକୁ ସାମିଲ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଭିଜନକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ବିଭାଗ କୃଷକମାନଙ୍କର ଆର୍ଥିକ ବିକାଶ ଓ କଲ୍ୟାଣ ଦିଗରେ କାମ କରୁଛି। କୃଷି ଉତ୍ପାଦନ କମିଶନର ସଞ୍ଜୀବ ଚୋପ୍ରା ଓଡ଼ିଶାରେ କୃଷି କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ବିଭାଗ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ।



କୃଷକଙ୍କ ପାଇଁ ଉଦ୍ଦିଷ୍ଟ କମନ୍ କ୍ରେଡିଟ୍ ପୋର୍ଟାଲ 'ସଫଳ'ର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ।

**ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

**କୃଷକ, କୃଷି ଉଦ୍ୟୋଗୀ ୪୦ ଅଂଶୀଦାର ବ୍ୟାଙ୍କରୁ ଋଣ ସୁବିଧା ପାଇପାରିବେ**

## ୩ ଦିନିଆ ଓଡ଼ିଶା ଗସ୍ତରେ ଏସିଆନ୍ ପ୍ରତିନିଧି ଦଳ

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ)**

ଆସୋସିଏଶନ ଅଫ୍ ସାଉଥଇଷ୍ଟ ଏସିଆନ ନେଶନ(ଏସିଆନ୍)ର ଏକ ପ୍ରତିନିଧି ଦଳ ବୁଧବାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ମ୍ୟାନ୍‌ମାର, ଇଣ୍ଡୋନେସିଆ, ଫିଲିପାଇନ୍ସ, ଥାଇଲାଣ୍ଡ, ମାଲେସିଆ, ସିଙ୍ଗାପୁର, ଭିଏତ୍‌ନାମ ଆଦି ୧୦ଟି ଦେଶର ପ୍ରତିନିଧି ଏହି ଦଳରେ ସାମିଲ ଅଛନ୍ତି। ଏହି ଦଳ ରାଜ୍ୟ ସରକାର ପ୍ରତିନିଧିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୩ଦିନ ଧରି ଓଡ଼ିଶାରେ ହେବାକୁ ଥିବା ରୋଡ୍ ଶୋ'ରେ ଏମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦିଲ୍ଲୀରେ ନିବେଶକ ସମ୍ମିଳନୀରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତଙ୍କ ସହ ଆଲୋଚନା ବେଳେ ଓଡ଼ିଶା ଆସି ଭିତ୍ତିଭୂମି ବୁଲି ଦେଖିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସିଆନ ଦେଶଗୁଡ଼ିକୁ ନିମନ୍ତ୍ରଣ କରିଥିଲେ। ଅଗଷ୍ଟରେ ନୂଆଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀ ୩୦ଟି ଦେଶର ରାଷ୍ଟ୍ରଦୂତଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାରେ ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ଖଣି ଓ ଆଇଟି କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଥିବା ରାଷ୍ଟ୍ରଦୂତମାନଙ୍କୁ ମୁଖ୍ୟମନ୍ତ୍ରୀ ଅବଗତ କରାଇଥିଲେ।

# ଆର୍ଦ୍ରଭୂମି ସୁରକ୍ଷାରେ ଡ୍ରୋନ୍ ବ୍ୟବହାର କର: ହାଇକୋର୍ଟ

**କେନ୍ଦ୍ରାପଡ଼ା ଅଫିସ,୨୬।୧୦**

- ଖର୍ଚ୍ଚ ଭରଣା କରିବାକୁ ସରକାରଙ୍କୁ ନିର୍ଦ୍ଦେଶ
- ବଢ଼ୁଥିବା ଚିଙ୍ଗୁଡ଼ି ଘେରି ସହ ତଟକ୍ଷୟର ସୂଚନା ମିଳିବ
- ୨୦୨୧ରେ ଗୋଆରେ ହୋଇଥିଲା ପ୍ରଥମ ନିରୀକ୍ଷଣ

ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳରେ ଡ୍ରୋନ୍ ବ୍ୟବହାର ହେବ। ଏହି ଆର୍ଦ୍ରଭୂମି ପରିବେଶକୁ ନଷ୍ଟ କରୁଥିବା ଚିଙ୍ଗୁଡି ଘେରି ସହ ତଟକ୍ଷୟ ସମ୍ପର୍କରେ ତଥ୍ୟ ମିଳିବ। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସହ ବନ୍ୟ ଓ ସାମୁଦ୍ରିକ ଜୀବଙ୍କୁ ନେଇ ରହିଥିବା ଉତ୍ସୁକତାର ପରିସମାପ୍ତି ଘଟିବ। ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଓ ଜଷ୍ଟିସ୍ ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଏନେଇ ଖର୍ଚ୍ଚ ଭରଣା କରିବାକୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ରାୟ ପରେ ସ୍ଥାନୀୟ ପରିବେଶବିତ୍‌ଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି। ଜୈବ ବିବିଧତାରେ ଭରା ଭିତରକନିକା ସୁରକ୍ଷା ଦିଗରେ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସ୍ୱାଗତ କରାଯାଇଛି।

ଧରିତ୍ରୀରେ ଏ ସମ୍ପର୍କରେ ୨୦୨୧ ନଭେମ୍ବର ୬ରେ 'ଅଲିଭ୍ ରିଡ୍‌ଲେ ସୁରକ୍ଷା ଚିନ୍ତା, ଡ୍ରୋନ୍ ସାହାଯ୍ୟରେ ହେଉ ବାସସ୍ଥଳ ନିରୀକ୍ଷଣ' ଶୀର୍ଷକରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ପରିବେଶବିତ୍‌ଙ୍କ ଦାବି ଉପସ୍ଥାପନ କରାଯାଇଥିଲା। ଯାହା ଏବେ ଫଳବତୀ ହେବାକୁ ଯାଉଛି ବୋଲି ପରିବେଶବିତ୍‌ମାନେ କହିଛନ୍ତି। ଏସମ୍ପର୍କରେ ଗହୀରମଥା ସାମୁଦ୍ରିକ କଇଁଛ ଓ ହେନ୍ତାଳବଣ ସୁରକ୍ଷା ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ଡ. ପ୍ରଦୀପ ତରାଇ, ଜନ ଅଧିକାର ଅଭିଯାନର ସଭାପତି ଭୁବନମୋହନ ଜେନା, ଅଧ୍ୟାପକ କ୍ଷିତୀଶ କୁମାର ସିଂ,


## ଡ୍ରୋନ୍ ସାହାଯ୍ୟରେ ହେଉ ବାସସ୍ଥଳ ନିରୀକ୍ଷଣ

**ଅଲିଭ ରିଡ୍‌ଲେ ସୁରକ୍ଷା ଚିନ୍ତା**

କେନ୍ଦ୍ରାପଡ଼ା ଅଫିସ, ୫।୧୧

ବିରଳ ଅଲିଭ ରିଡ୍‌ଲେର ଜୀବନ ଏବେ ବି ରହସ୍ୟାବୃତ। ଜୀବନ ପ୍ରଣାଳୀକୁ ନେଇ ଗବେଷଣା ଚାଲିଛି। କୁହାଯାଏ, ହଜାର ଶାବକରୁ ମାତ୍ର ଗୋଟିଏ ଅଲିଭ ରିଡ୍‌ଲେ ପୂର୍ଣ୍ଣ ବୟସ୍କ ବଞ୍ଚିଥାନ୍ତି। ସଂଖ୍ୟା ଅତିମାତ୍ରାରେ କମ୍ ଥିବାରୁ ଇଣ୍ଟରନ୍ୟାଶନାଲ ୟୁନିୟନ ଫର କଞ୍ଜରଭେଶନ ଅଫ ନେଚର (ଆଇୟୁସିଏନ୍) ପକ୍ଷରୁ ଏହି ସାମୁଦ୍ରିକ ପ୍ରାଣୀକୁ ରେଡ୍ ଲିଷ୍ଟରେ ରଖାଯାଇଛି। ଗହୀରମଥା ଏମାନଙ୍କ ପ୍ରଜନନ ସ୍ଥଳ ହୋଇଥିବାରୁ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି। ଚଳିତବର୍ଷଠାରୁ ଗୋଆ ବନ ବିଭାଗ ପକ୍ଷରୁ ସୁରକ୍ଷା ଓ ଠିକ୍ ଆକଳନ ପାଇଁ ମୋରଜି ତଟରେ ଡ୍ରୋନ୍ କ୍ୟାମେରାର ବ୍ୟବହାର କରାଯାଉଛି। ଏଠାରେ ମଧ୍ୟ ଡ୍ରୋନ ବ୍ୟବହାର କରାଯାଇ ବାସସ୍ଥଳ ସମ୍ପର୍କରେ ନିରୀକ୍ଷଣ କରାଯାଉ ବୋଲି ଦାବି ହୋଇଛି। ଏହାଦ୍ୱାରା ମୃତାହତ ସଂଖ୍ୟା, ତଟକ୍ଷୟ ଓ ସୁରକ୍ଷା ସମ୍ପର୍କରେ ଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ କଇଁଛ ଓ ହେନ୍ତାଳବଣ ସୁରକ୍ଷା ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ଡ. ପ୍ରଦୀପ ତରାଇ, ଜନ ଅଧିକାର ଅଭିଯାନର ସଭାପତି ଭୁବନମୋହନ ଜେନା, ଅଧ୍ୟାପକ କ୍ଷିତିଶ କୁମାର ସିଂ, ଡା. ମିଳନ କୁମାର ପ୍ରମୁଖ କହିଛନ୍ତି, ବିଶ୍ୱରେ ୩୬୦ ପ୍ରଜାତିର କଇଁଛ ଅଛନ୍ତି। ଅଲିଭ ରିଡ୍‌ଲେ ପ୍ରଜାତିର ସଂଖ୍ୟା କମ୍ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଗହୀରମଥା ଏମାନଙ୍କ ପ୍ରଜନନସ୍ଥଳୀ ଭାବେ ବିଶ୍ୱ ବିଖ୍ୟାତ ହୋଇଛି। ଏହି ସାମୁଦ୍ରିକ ଅଞ୍ଚଳ ମଧ୍ୟରେ ମାତ୍ର ୨୭ ବର୍ଗ କି.ମି.ରେ ଥିବା ସ୍ଥଳ ଭାଗରେ ଅଣ୍ଡାଦାନ କରିଥାନ୍ତି। ପ୍ରତିବର୍ଷ ପ୍ରାୟ ୫ ଲକ୍ଷ କଇଁଛ ଏଠାକୁ ଆସୁଛନ୍ତି। ତଟକ୍ଷୟ ଯୋଗୁ ଅଣ୍ଡାଦାନ ସ୍ଥଳ କମିବାରେ ଲାଗିଛି। ସେହିପରି ପ୍ରତିବର୍ଷ ବିଭିନ୍ନ କାରଣରୁ ମୃତାହତ ହେଉଛନ୍ତି। ଏମାନଙ୍କ ଜୀବନ ପ୍ରଣାଳୀକୁ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ନିରୀକ୍ଷଣ କରାଯାଉନାହିଁ। ଫଳରେ ଏଠାକୁ ଆସିଥିବା କଇଁଛଙ୍କ ପ୍ରକୃତ ସଂଖ୍ୟା ଓ ସମସ୍ୟାର ଠିକ୍ ସମାଧାନ ହୋଇପାରୁନାହିଁ। ନିକଟରେ ଡ୍ୟୁକ ୟୁନିଭରସିଟି ଓ ୟୁନିଭରସିଟି ଅଫ ଏକ୍ସିଟର ପକ୍ଷରୁ ପ୍ରସ୍ତୁତ ଡ୍ରୋନ ଦ୍ୱାରା କଇଁଛଙ୍କ ସୁରକ୍ଷା ହୋଇପାରିବ ବୋଲି ଗୋଆ ବନ ବିଭାଗ ସୂଚନା ଦେବା ସହ ଏକ କର୍ମଶାଳା ଆୟୋଜନ କରିଥିଲା। ସେଠାକାର ବନ ବିଭାଗ ଓ ୱାର୍ଲଡ ୱାଇଲ୍ଡ ଫଣ୍ଡ ଫର ନେଚର (ଡବ୍ଲ୍ୟୁଡବ୍ଲ୍ୟୁଏଫ) ମାଧ୍ୟମରେ କର୍ମଶାଳା ସହ ଗତ ଏପ୍ରିଲରେ ଗୋଆର ମୋରଜି ତଟଦେଶରେ ଡ୍ରୋନର ବ୍ୟବହାର ହୋଇଛି। ଏହାର ୩୬୦ ଡିଗ୍ରୀ କ୍ୟାମେରା ଲେନ୍ସରେ କଇଁଛଙ୍କ ବାସ୍ତବ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ଚାଲିଛି। ଏହି ଡ୍ରୋନ କ୍ୟାମେରା ଦ୍ୱାରା ମଧ୍ୟ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ହେଉଥିବା ତଟକ୍ଷୟ ସମ୍ପର୍କରେ ଆକଳନ କରିହେବ। ସେହିପରି ଏହି ଜୀବଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ; ଯାହା ଅଲିଭ ରିଡ୍‌ଲେଙ୍କ ବିଚିତ୍ର ଜୀବନ ପ୍ରଣାଳୀକୁ ସହଜରେ ବୁଝି ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ଯଜ୍ଞଦତ୍ତ ପତିଙ୍କୁ ପଚାରିବାରେ ଚଳିତବର୍ଷର କଇଁଛ ଆଗମନ ପାଇଁ ଗତ ୧ ତାରିଖରୁ ସାମୁଦ୍ରିକ ଅଞ୍ଚଳକୁ କଟକଣା ମଧ୍ୟରେ ରଖାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଡ୍ରୋନ କ୍ୟାମେରା ବ୍ୟବହାର ପାଇଁ ଅଦ୍ୟାବଧି କୌଣସି ଯୋଜନା ପ୍ରସ୍ତୁତ ହୋଇନାହିଁ। ଆଗାମୀ ବର୍ଷରେ ଏ ପ୍ରକାର ଯୋଜନାକୁ କାର୍ଯ୍ୟକାରୀ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

୨୦୨୧ ନଭେମ୍ବର ୬ରେ ଧରିତ୍ରୀରେ ପ୍ରକାଶିତ ଖବର।

ଡା. ମିଳନ କୁମାର ପ୍ରମୁଖ କହିଛନ୍ତି, ଆର୍ଦ୍ରଭୂମି ଭିତରକନିକା ବିଶ୍ୱର ଆକର୍ଷଣ ସାଜିଛି। ଏଠାରେ ଥିବା ଲୁଣା କୁମ୍ଭୀର ସହ ଧଳା କୁମ୍ଭୀର ଦେଖିବାକୁ ମିଳେ। ଏଥିସହ ବିରଳ ଅଲିଭରିଡଲେ କଇଁଛଙ୍କ ଅଣ୍ଡିଶାଳ ଭାବେ ଗହୀରମଥା ପରିଚିତି ପାଇଛି। ଦେଶୀ ବିଦେଶୀ ପକ୍ଷୀଙ୍କ ସମାହାର ସହିତ ସୁଘଞ୍ଚ ହେନ୍ତାଳବଣ, ବିଭିନ୍ନ ଔଷଧୀୟ ବୃକ୍ଷ, ସମୁଦ୍ର ମଧ୍ୟରେ ଶୈବାଳ ଉଦ୍ୟାନ ଅଛି। ତେବେ ଏହାର ପରିବେଶ ପ୍ରଦୂଷଣ ବିଭିନ୍ନ କାରଣରୁ ବଢ଼ି ଚାଲିଛି। ତଟକ୍ଷୟ ଏବେ ବିରଳ କଇଁଛଙ୍କ ଅଣ୍ଡିଶାଳକୁ ଧ୍ୱଂସ କରୁଛି। ବଢ଼ୁଥିବା ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟରେ ଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ବାରମ୍ବାର ହେଉଛି। ଜିଲା ପ୍ରଶାସନକୁ ଏନେଇ ବାରମ୍ବାର ତାଗିଦ କରାଯାଇଛି। ଏହି ଉଚ୍ଛେଦ ସାମୟିକ ହୋଇଥିଲେ ମଧ୍ୟ ଅଦ୍ୟାବଧି ଜିଲାର ୧୦ ହଜାରରୁ ଅଧିକ ହେକ୍ଟର ଅଞ୍ଚଳରେ ଚିଙ୍ଗୁଡିଘେରି ରହିଛି। ଗତ ଅଗଷ୍ଟ ୧୪ରେ ଏହି ଜନସ୍ୱାର୍ଥ ମାମଲା ଶୁଣାଣି ସମୟରେ କେନ୍ଦ୍ରାପଡା ଜିଲା ପ୍ରଶାସନ ପକ୍ଷରୁ ୨୮୨.୧୪ ଏକର ଜମିରେ ଥିବା ୫୬ଟି ପ୍ଲଟରୁ ଚିଙ୍ଗୁଡି ଘେରି ଉଚ୍ଛେଦ ହୋଇଥିବା ଦର୍ଶାଇଥିଲା। ତେବେ ଏହି ସମୟରେ ମାତ୍ର ୩୧୯.୬୭ ଏକର ଜମିରେ ମୋଟ ୭୬ ପ୍ଲଟ ଉପରେ ବେଆଇନ ଚିଙ୍ଗୁଡି ଘେରି ଥିବା ରିପୋର୍ଟ ପ୍ରଦାନ କରିଥିବା ବେଳେ ବର୍ଷାଋତୁ ପରେ ଘେରି ଉଚ୍ଛେଦ ହେବ ବୋଲି ମତ ରଖିଥିଲେ। ତେବେ ଆଜିର ଶୁଣାଣିରେ ହାଇକୋର୍ଟ ପକ୍ଷରୁ ଭିତରକନିକା ଓ ଚିଲିକା ଆର୍ଦ୍ରଭୂମି ଅଞ୍ଚଳରେ ଡ୍ରୋନ୍ ମାଧ୍ୟମରେ ନଜର ରଖିବାକୁ କୁହାଯାଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଅପରପକ୍ଷେ ଭିତରକନିକାର ସାମୁଦ୍ରିକ ଅଞ୍ଚଳ ଗହୀରମଥାରେ ତଟକ୍ଷୟ ଦ୍ରୁତଗତିରେ ହେଉଛି। ଫଳରେ ବିରଳ ଅଲିଭ ରିଡଲେଙ୍କ ଅଣ୍ଡିଶାଳ ନଷ୍ଟ ହେଉଛି। ନିଷିଦ୍ଧ ସମୟରେ ସମୁଦ୍ରତଟକୁ ବେଆଇନ ଭାବେ ପ୍ରବେଶ କରୁଥିବା ଟ୍ରଲରଗୁଡିକ ମଧ୍ୟ ଡ୍ରୋନ ଦ୍ୱାରା ନିରୀକ୍ଷଣ କରିହେବ। ଗୋଆରେ ମଧ୍ୟ ଏହି ପ୍ରକାର କୌଶଳ ଅବଲମ୍ବନ କରାଯାଉଛି। ସେଠାକାର ବନ ବିଭାଗ ଓ ୱାର୍ଲଡ ୱାଇଲ୍ଡ ଫଣ୍ଡ ଫର ନେଚର (ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ମାଧ୍ୟମରେ କର୍ମଶାଳା ସହ ୨୦୨୧ ଏପ୍ରିଲ ମାସରେ ଗୋଆର ମୋରଜି ତଟଦେଶରେ ବ୍ୟବହାର ହୋଇଛି। ଏହାର ୩୬୦ ଡିଗ୍ରୀ କ୍ୟାମେରା ଲେନ୍ସରେ କଇଁଛଙ୍କ ବାସ୍ତବ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ଚାଲିଛି। ଏସମ୍ପର୍କରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି, ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ତଟାଞ୍ଚଳର ସୁରକ୍ଷାରେ ବେଶ୍ ସହାୟକ ହେବ।

# ଭିତ୍ତିଭୂମି ବିକାଶ ସମ୍ପର୍କିତ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**କଟକ ଅଫିସ,୨୬।୧୦**

**ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ମାମଲା**

**୩୧ରେ ପରବର୍ତ୍ତୀ ଶୁଣାଣି**

ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ମାମଲାର ଶୁଣାଣି କରି ହାଇକୋର୍ଟ ବୁଧବାର ରାଜ୍ୟ ପରିବହନ ବିଭାଗକୁ ଭିତ୍ତିଭୂମି ବିକାଶ ଉପରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟରେ ଆଗତ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୩୧ତାରିଖକୁ ଧାର୍ଯ୍ୟ କରିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଅକ୍ଟୋବର ୧ତାରିଖରୁ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ କଡ଼ାକଡ଼ି କରିବାକୁ ଘୋଷଣା କରାଯାଇଥିଲା। ଏଥିସହ ସମୟ ମଧ୍ୟରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲାଗି ନ ଥିଲେ ଜରିମାନା ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ହେଲେ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହେବାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏଚ୍‌ଏସ୍‌ଆରପି ନ ମିଳିପାରିବାରୁ ପୂର୍ବ ନିର୍ଦ୍ଦେଶରେ କିଛିଟା ସଂଶୋଧନ କରାଯାଇ ଯେଉଁମାନଙ୍କ ପ୍ଲେଟ ନ ମିଳିଛି, ସେମାନେ ସ୍ଲଟ ବୁକିଂ କରାଯାଇଥିବା ରସିଦ୍ ଦେଖାଇଲେ ଜରିମାନାରୁ ଛାଡ଼ ପାଇବେ ବୋଲି କୁହାଯାଇଥିଲା।

ସରକାରଙ୍କ ଏଭଳି କଡ଼ା ଆଭିମୁଖ୍ୟ ବିରୋଧରେ ହାଇକୋର୍ଟରେ ମାମଲା ଦାଏର ହୋଇଥିଲା। ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ପ୍ରସ୍ତୁତି ନିମନ୍ତେ କେତେକ ବୈଷୟିକ ସମସ୍ୟା ଲୋକମାନଙ୍କୁ ଭୋଗିବାକୁ ପଡୁଛି। ଯେପରିକି ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ପାଇଁ ଏଚ୍‌ଏସ୍‌ଆର୍‌ପି ୱେବ୍‌ସାଇଟ୍‌ରେ ସ୍ଲଟ ବୁକିଂ କରିବାକୁ ପଡ଼େ। ହେଲେ ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି ସବୁଠାରେ ଉପଲବ୍ଧ ନାହିଁ। ଇଣ୍ଟରନେଟ ସୁବିଧା ମଧ୍ୟ ସମସ୍ତଙ୍କ ପାଖରେ ନାହିଁ। ଏପରିସ୍ଥିତିରେ ସରକାର ନିୟମ କଡ଼ାକଡ଼ି କରିବାକୁ ନେଇ ପୂର୍ବ ଶୁଣାଣିରେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ବ୍ୟବସ୍ଥା ଠିକ୍ ନ ଥିବାବେଳେ ଲୋକମାନେ ଆଉ କ'ଣ ବିକଳ୍ପ ବ୍ୟବସ୍ଥା ଆପଣାଇ ପାରିବେ, ସେନେଇ ତଥ୍ୟ ଉପସ୍ଥାପନ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ହାଇ ସିକ୍ୟୁରିଟି ନମ୍ବର ପ୍ଲେଟର ସ୍ଲଟ ବୁକିଂ ନିମନ୍ତେ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଜଣାଇବାକୁ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ତିଆରି ଅବଧିକୁ ମାସେ ବୃଦ୍ଧି କରାଯାଇ ନଭେମ୍ବର ୧୦ରୁ କଡ଼ାକଡ଼ି ଲାଗୁ କରାଯିବାକୁ ଘୋଷଣା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଏଥିସହ ସ୍ଲଟ ବୁକିଂ ପାଇଁ ଜନସେବା କେନ୍ଦ୍ର ଓ ପୋଷ୍ଟ ଅଫିସକୁ ସାମିଲ କରିବାକୁ ସରକାର ପ୍ରସ୍ତାବ ରଖିଛନ୍ତି ବୋଲି କୁହାଯାଇଥିଲା।









## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ୪୭ ଜଣିଆ ଷ୍ଟିୟରିଂ ...

ଗାନ୍ଧୀ ଭଦ୍ରା, ଏ.କେ. ଆଣ୍ଟୋନି, ଅମ୍ବିକା ସୋନି, ଆନନ୍ଦ ଶର୍ମା, କେ.ସି. ବେଣୁଗୋପାଳ, ରଣଦୀପ ସିଂ ସୂର୍ଯ୍ୟେୱାଲା ଓ ଦିଗ୍‌ବିଜୟ ସିଂଙ୍କୁ ରଖିଛନ୍ତି। ଭାରତୀୟ ଜାତୀୟ କଂଗ୍ରେସର ସମ୍ବିଧାନ ଅନୁଚ୍ଛେଦ ୧୫ (ଖ) ଅନୁସାରେ କଂଗ୍ରେସ ଅଧକ୍ଷ ଷ୍ଟିୟରିଂ କମିଟି ଗଠନ କରିଛନ୍ତି, ଯାହାକି ସିଡବ୍ଲ୍ୟୁସି ବଦଳରେ କାର୍ଯ୍ୟ କରିବ ବୋଲି ବେଣୁଗୋପାଳ ଏକ ବିବୃତିରେ ସୂଚନା ଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ପ୍ରତିନିଧିମାନଙ୍କୁ ନେଇ ସିଡବ୍ଲ୍ୟୁସିର ପରବର୍ତ୍ତୀ ଅଧିବେଶନ ଆସନ୍ତା ମାର୍ଚ୍ଚରେ ହୋଇପାରେ।


## classifieds Everyday
0674-2580101, 2549302





**SALE**

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491.
D-73655

**Independent duplex house (5 bed room) for sale in Bomikhal, Bhubaneswar, price- 2.20 crores. Contact No. 9938303321.**
D-1845

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.**
D-74127

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ କିଣନ୍ତୁ। **8249422604.**
D-74141

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381.
D-74139

**Simplex, Duplex and Triplex available for sale within gated community and facilities like Children's Play Area, community Centre, land scape Garden, Volleyball and Badminton Court etc. Near Haribhaina Chhak, Jatni Town. Contact: 9337333685.**
D-1806

**Beauty parlour for sale at Prime location in Saheed Nagar. Contact: 9861068715, 7978670541.**
D-1814



**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.**
D-74140

Newly opened full body massage center by expert therapist. 7381172169.
D-73653

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473.
D-73991

**LOST**

I, Sri Aryan Kumar Panda, S/o- Prakash Ch. Panda, I was study in Class Sixth, Section G at Rajkumar College, Raipur, Chhatisgarh, on dt 01.09.2022 I came to my home town that time I lost my Transfer Certificate. If anybody found this Certificate, please Contact Us. Mob: 7894174326, At- Purnapada, PO.- Bhawanipatna, Dist.- Kalahandi, Odisha.
D-1852

**ନିରୁଦ୍ଦିଷ୍ଟ**



ଶ୍ରଦ୍ଧାଞ୍ଜଳି ନାୟକ, ୩୦ବର୍ଷ, ସ୍ୱାମୀ: ସରୋଜ ନାୟକ, ମଙ୍ଗରାଜପୁର, ଖିରକୋଣା, ସିମୁଳିଆ, ବାଲେଶ୍ୱର, ଉଚ୍ଚତା- ୫'୪'', ରଙ୍ଗ- ଗୋରା, ଗତ ୨୧।୦୧।୨୨ ରାତି ୮.୩୦ ଠାରୁ ନିଖୋଜ ଅଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳିଙ୍କ ସନ୍ଧାନ ପାଆନ୍ତି ୯୭୭୮୧୨୦୦୦୧କୁ ଜଣାଇବାକୁ ଅନୁରୋଧ। ସନ୍ଧାନ ଦେଇଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯିବ।
ଧ-୧୮୫୩


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଆଉ ୨ ଗିରଫ, ୮୦୦୦ ନକଲି ବଟିକା ଜବତ

**କଟକ ଅଫିସ,୨୬।୧୦**

ନକଲି ମେଡିସିନ କାରବାର ମାମଲାରେ କଟକ ପୁରୀଘାଟ ଥାନା ପୋଲିସ ପୁଣି ୨ ଜଣଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ କ୍ୟାଲ ଏଜେନ୍ସିର ଶିବ କୁମାର କ୍ୟାଲ ଓ ମହାବୀର ପ୍ରସାଦ ରାଧେଶ୍ୟାମ ଏଜେନ୍ସିର ମହେନ୍ଦ୍ର କୁମାର ମୋଦି। ସେମାନଙ୍କଠାରୁ ୮ ହଜାରରୁ ଅଧିକ ନକଲି ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ବଟିକା ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଗିରଫ ଅଭିଯୁକ୍ତ ଦ୍ୱୟ ଗ୍ଲେନ୍‌ମାର୍କ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଷ୍ଟକିଷ୍ଟ। ଉଚ୍ଚ ରକ୍ତଚାପ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ନକଲି ମେଡିସିନ୍ କାରବାର ଅଭିଯୋଗରେ ଗିରଫ ହୋଇଥିବା କଟକ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନଙ୍କୁ ପୋଲିସ ଜେରାବେଳେ ତାଙ୍କଠାରୁ ବହୁ ତଥ୍ୟ ହସ୍ତଗତ ହୋଇଥିଲା। ଏଥିସହ ଉପରୋକ୍ତ ମେଡିସିନ ଦୁଇଟିକୁ ସ୍ୱୀକୃତିପ୍ରାପ୍ତ ଭାବେ ଗ୍ଲେନମାର୍କ କମ୍ପାନୀ ତିଆରି କରୁଥିବା ପୋଲିସ ଜାଣିବାକୁ ପାଇଥିଲା। ଉକ୍ତ କମ୍ପାନୀର ବିଜିନେସ ନିୟମ ଅନୁସାରେ କମ୍ପାନୀର ଅନୁମୋଦିତ ସି ଆଣ୍ଡ୍ ଏଫ୍ ଏଜେଣ୍ଟଙ୍କଠାରୁ କେବଳ ମେଡିସିନ କିଣିପାରିବେ। ମାତ୍ର କ୍ୟାଲ୍ ଏଜେନ୍ସି ଓ ମହାବୀର ପ୍ରସାଦ ରାଧେଶ୍ୟାମ ଉକ୍ତ କମ୍ପାନୀ ନିୟମକୁ ନ ମାନି ଅଧିକ

### ନକଲି ଟେଲ୍‌ମା-୪୦କୁ ଅସଲି ଦରରେ ବିକ୍ରୁଥିଲେ

ଲାଭ ପାଇବା ଲାଗି ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସଠାରୁ ନକଲି ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ କିଣୁଥିଲା। ଏହାକୁ ଅସଲି ମେଡିସିନ ଦରରେ ବିକ୍ରି କରୁଥିଲା। ଏ ସମ୍ପର୍କରେ ଜଣାପଡିବା ପରେ କଟକର ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ସର୍କଲ-୧ ଏହି ଦୁଇ ଏଜେନ୍ସି ଉପରେ ଚଢ଼ାଉ କରି ନକଲି ମେଡିସିନ ଜବତ କରିଥିଲେ।

ଅପରପକ୍ଷରେ ନକଲି ମେଡିସିନର ପ୍ରସ୍ତୁତକର୍ତ୍ତାଙ୍କୁ ଧରିବା ପାଇଁ ପୋଲିସ ଯୋଜନା ଫଳବତୀ ହୋଇପାରିନାହିଁ। ଡିସିପି ପିନାକ ମିଶ୍ରଙ୍କ ସୂଚନା ଅନୁସାରେ, ନକଲି ମେଡିସିନର ପ୍ରସ୍ତୁତକର୍ତ୍ତାଙ୍କୁ ଧରିବା ପାଇଁ ପୁରୀଘାଟ ପୋଲିସର ଏକ ଟିମ୍ ବିହାରରେ ୭ ଦିନ ରହି କ୍ୟାମ୍ପ କରିଥିଲା। ବିହାରର ଡ୍ରଗ୍ସ କଣ୍ଟ୍ରୋଲର ଓ ପୋଲିସ ସହଯୋଗରେ ବିଭିନ୍ନ ତଥ୍ୟ ହସ୍ତଗତ ହୋଇଛି। ହେଲେ ମୁଖ୍ୟ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବା ସମ୍ଭବ ହୋଇନାହିଁ। ପୋଲିସ ନଜରରୁ ସେ ଚତୁରତାର ସହ ଖସିଯିବାକୁ ସକ୍ଷମ ହୋଇଛନ୍ତି। ତଥାପି ମାଷ୍ଟର ମାଇଣ୍ଡ ନିକଟରେ ପହଞ୍ଚିବା ପାଇଁ ପୋଲିସର ଯୋଜନା ରହିଛି। ବିଭିନ୍ନ ଲିଙ୍କ୍‌କୁ ଆଧାର କରି ବରିଷ୍ଠ ପୋଲିସ ଅଧିକାରୀମାନେ ଗମ୍ଭୀରତାର ସହ ମାମଲାର ତଦାରଖ କରୁଛନ୍ତି। ଖୁବ୍‌ଶୀଘ୍ର ସେମାନେ ଧରାପଡ଼ିବେ ବୋଲି ଡିସିପି କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## କଫି ଚାଷୀ ...

ସ୍ୱତନ୍ତ୍ର ସ୍ୱାଦ ପାଇଁ ଆରବିକା କଫି ଜଣାଶୁଣା। କୋରାପୁଟରେ ଏହା ଉତ୍ପାଦନ ହେଉଥିବା ସରକାରଙ୍କ ପକ୍ଷରୁ କୁହାଯାଉଛି। ୧୯୩୦ରେ ପରୀକ୍ଷାମୂଳକ ଭାବେ ବିଛଲକୋଟା ଅଞ୍ଚଳରେ ଏହି ଚାଷ ଆରମ୍ଭ ହୋଇଥିଲା। ଏହାପରେ ଲମତାପୁଟ, ନନ୍ଦପୁର, ଦଶମନ୍ତପୁର, କୋରାପୁଟ, ଛୋଟାଗୁଡ଼ା, ପୋଡ଼ାଗଡ଼, ଦାମନଯୋଡ଼ି, ପାଡୁଆ, ଚାଟୁଆ ଅଞ୍ଚଳକୁ ଏହା ପରିବ୍ୟାପ୍ତ ହୋଇଛି। କୋରାପୁଟ କଫି ବିକାଶ ପରିଷଦଠାରୁ ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ, ଜିଲାର ମୋଟ ୩,୦୮୬ ହେକ୍ଟର ଜମିରେ କଫି ଚାଷ ହେଉଛି। ୫ ବର୍ଷରେ ଏହାକୁ ୫୦୦୦ ହେକ୍ଟରକୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଗତବର୍ଷ ୩,୦୪୬ ଆଦିବାସୀ ଚାଷୀ କଫିରେ ମନୋନିବେଶ କରିଥିଲେ। ସେମାନେ ୨,୦୮୯ ହେକ୍ଟର ଜମିରୁ ୨୨୦ ମେଟ୍ରିକ୍ ଟନ୍ କଫି ଉତ୍ପାଦନ କରିଥିଲେ। ସେହିପରି ୧୨୬ ଅଣ ଆଦିବାସୀ ଚାଷୀ ୮୯୬ ହେକ୍ଟରରୁ ୩୭୦ ମେଟ୍ରିକ୍ ଟନ୍ କଫି ଉତ୍ପାଦନ କରିଥିଲେ। କୋରାପୁଟ କଫିକୁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ମିଳିବା ପରେ ଅନ୍‌ଲାଇନ୍ ମାର୍କେଟିଂ ପ୍ଲାଟ୍‌ଫର୍ମ ଆମାଜନ୍‌ରେ ଏହା ଉପଲବ୍ଧ ହୋଇଛି। ୨୫୦ ଗ୍ରାମ୍ ବିଶିଷ୍ଟ ଅର୍ଗାନିକ୍ ନେଚୁରାଲ ଗ୍ରୋନ୍ କୋରାପୁଟ କଫିକୁ ଆମାଜନ ଏବେ ୩୪% ରିହାତି ଦେଇ ୨୯୯ ଟଙ୍କାରେ ବିକ୍ରି କରୁଛି।

ସେହିପରି କୋରାପୁଟ କଫିର ମାର୍କେଟିଂ ଦାୟିତ୍ୱ ତୁଲାଉଥିବା ଟିଡିସିସି ପକ୍ଷରୁ ଭୁବନେଶ୍ୱରରେ ୨ଟି, କୋରାପୁଟ ଏବଂ ପୁରୀରେ ଗୋଟିଏ ଲେଖାଏ ଖୁଚୁରା ବିକ୍ରୟ କେନ୍ଦ୍ର ଖୋଲାଯାଇଛି। ତେବେ ଉତ୍ପାଦନ ସ୍ଥଳରେ ମାତ୍ର ଗୋଟିଏ ଅଫ୍‌ଲାଇନ୍ ଷ୍ଟୋର ଖୋଲାଯିବା ଏହାର ଖୁଚୁରା ବିକ୍ରି ପ୍ରୋତ୍ସାହନ ପ୍ରତି ଉପହାସ ବୋଲି ଆଲୋଚନା ହେଉଛି। ଅନ୍ୟ ଏକ ମଜ୍ଜା କଥା ହେଉଛି, ଟିଡିସିସିର କ୍ରୟ ଏବଂ ବିକ୍ରୟ ମଧ୍ୟରେ ଆକାଶ ପାତାଳର ତଫାତ୍। ଟିଡିସିସି ଚୋପା ଥିବା ପାଚିଲା କଫିକୁ କିଲୋଗ୍ରାମ୍ ପିଛା ୪୫ ଟଙ୍କାରେ କିଣୁଛି। ମୋଟ ୩ ପର୍ଯ୍ୟାୟରେ ହେଉଥିବା ପ୍ରକ୍ରିୟାକରଣ ପାଇଁ ୭୫୦ରୁ ୮୦୦ ଟଙ୍କା ଖର୍ଚ୍ଚ ହେଉଛି। ପରେ ଏହାକୁ ୧୨୦୦ ଟଙ୍କାରେ ବିକ୍ରି କରୁଛି। ଗୋଟିଏ କିଲୋଗ୍ରାମରେ ଟିଡିସିସିକୁ ପ୍ରାୟ ୪୦୦/୪୫୦ ଟଙ୍କା ଫାଇଦା ମିଳୁଛି। ଜିଲାରୁ ବାର୍ଷିକ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କଫି ଦାନା ବିକ୍ରି ହେବା ସତ୍ତ୍ୱେ ଚାଷୀଙ୍କ ଜୀବନ ଧାରଣ ମାନରେ ଉନ୍ନତି ନ ଆସିବା, ସେମାନଙ୍କୁ ଉଚିତ୍ ମୂଲ୍ୟ ନ ମିଳିବା ପରିତାପର ବିଷୟ ବୋଲି ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ଦାମ୍ ଅଧିକ ରହୁଥିବାରୁ କୋରାପୁଟ କଫି ଗୁଣ୍ଡ ଆଣି ଗ୍ରାହକଙ୍କୁ ପରଷିବା ସମ୍ଭବ ହୋଇପାରୁ ନ ଥିବା କୋରାପୁଟ ହସ୍ପିଟାଲ କ୍ୟାମ୍ପସରେ କଫି ଷ୍ଟଲ୍ ଖୋଲିଥିବା ବିଦେଶୀ ସାହୁ କହିଛନ୍ତି। ସେହିପରି ଉଚ୍ଚଦର, ଛୋଟ ପ୍ୟାକ୍‌ରେ ଉପଲବ୍ଧ ନ ହେବା ଏବଂ ସ୍ଥାନୀୟ ବଜାରରେ କୋରାପୁଟ କଫି ବିକ୍ରି କରିବା ଲାଗି ସଂସ୍ଥା ଆଗ୍ରହ ଦେଖାଉ ନ ଥିବାରୁ ସମସ୍ୟା ହେଉଥିବା ଖୁଚୁରା ଦୋକାନୀ ଦୁଷ୍ମନ୍ତ ପରିଡ଼ା ମତ ରଖିଛନ୍ତି। ଅନ୍ୟପଟେ କୋରାପୁଟ କଳାନିକେତନ ଛକରେ ଟିଡିସିସି ପକ୍ଷରୁ ଖୋଲାଯାଇଥିବା କାଫେ ପରିଚାଳକ ଦୈତାରି ରଏଲା କୁହନ୍ତି, ଦୈନିକ ୧୦,୦୦୦ ଟଙ୍କା ସ୍ଥଳବିଶେଷରେ ଶନିବାର, ରବିବାର ସମେତ ଅନ୍ୟ ଛୁଟିଦିନରେ ୧୫,୦୦୦ରୁ ଅଧିକ ଟଙ୍କାର ବ୍ୟବସାୟ ହେଉଛି। ଏସ୍‌ପ୍ରେସୋ ଏବଂ କ୍ୟାପୁଚିନୋ କଫି ଫ୍ଲେଭର ଚାହିଦା ଅଧିକ। ଷ୍ଟଲ୍‌ରେ କପେ କଫିର ଦାମ୍ ୪୦ରୁ ଆରମ୍ଭ କରି ୧୩୦ ଟଙ୍କା ପର୍ଯ୍ୟନ୍ତ ଉପଲବ୍ଧ ଥିବା ସେ ସୂଚନା ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ସଂସ୍ଥା 'କୋରାପୁଟ କଫି ବୋର୍ଡ' ଚାଷୀଙ୍କୁ ବୈଷୟିକ ସହାୟତା, ମାଟି ପରୀକ୍ଷଣ, କଫିର ଗୁଣବତ୍ତା ଯାଞ୍ଚ, ତଳି ପ୍ରସ୍ତୁତି ଓ ରୋପଣ ଆଦି କାର୍ଯ୍ୟ କରିଥାଏ। ଏହି ବୋର୍ଡର ସ୍ୱତନ୍ତ୍ର ସମ୍ପର୍କ ଅଧିକାରୀ ତଥା ପରିଚାଳକ ଡ. ଉପେନ୍ଦ୍ର ଶାହା କୁହନ୍ତି, ୧୯୭୮ରେ କୋରାପୁଟ କଫି ବୋର୍ଡ ପ୍ରତିଷ୍ଠା ହେବା ପରଠାରୁ ଚାଷୀଙ୍କୁ ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି। ସେମାନଙ୍କୁ କର୍ଣ୍ଣାଟକ ଓ କେରଳ ପରିଭ୍ରମଣ କରାଇ ସେଠାକାର ଚାଷୀ ଆପଣାଉଥିବା ବିଭିନ୍ନ ପଦ୍ଧତି ସମ୍ପର୍କରେ ସଚେତନ କରାଇବା ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ଶାହା କହିଛନ୍ତି। ସେହିପରି କଫି ଚାଷ ମାଧ୍ୟମରେ ଆଦିବାସୀଙ୍କ ବିକାଶ ଏବଂ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରୁଥିବା 'କୋରାପୁଟ କଫି ବିକାଶ ପରିଷଦ'ର ଉପନିର୍ଦ୍ଦେଶକ ଚକ୍ରଧର ମିଶ୍ର କୁହନ୍ତି, ଜିଲାରେ କଫି ଚାଷ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଏନେଇ ଯୋଜନାବଦ୍ଧ କାର୍ଯ୍ୟ ହେଉଛି। ରାଜ୍ୟ କୃଷି ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀ କୁହନ୍ତି, କୋରାପୁଟ ଜିଲାରେ ରାଜ୍ୟ ସରକାର କଫି ମିଶନ ଆରମ୍ଭ କରିବାକୁ ଯାଉଛନ୍ତି। ଜିଲାରେ ଟିଡିସିସି ପରିଚାଳିତ ଏକମାତ୍ର କଫି ପ୍ରକ୍ରିୟାକରଣ ୟୁନିଟ୍‌ର ଦୈନିକ କ୍ଷମତା ୧୫୦ରୁ ୪୦୦ କେ.ଜି.କୁ ବୃଦ୍ଧି କରିବା, ସ୍ୱତନ୍ତ୍ର ଲାବରେଟୋରି ପ୍ରତିଷ୍ଠା, ଚାଷୀଙ୍କୁ ଦୀର୍ଘମିଆଦୀ ସୂତ୍ରରେ ଜମି ଲିଜ୍ ଦେବା ଆଦି ଉପରେ ବିଚାରବିମର୍ଶ ଚାଲିଥିବା ସେ ସୂଚନା ଦେଇଛନ୍ତି।

ଆମ ଭୁବନେଶ୍ୱର ପ୍ରତିନିଧି ଟିଡିସିସି ମ୍ୟାନେଜିଂ ଡାଇରେକ୍ଟର ମାନ୍‌ସି ନିମଭାଲଙ୍କ ସହ ଯୋଗାଯୋଗ କରି ତାଙ୍କ ମତାମତ ଆଣିବା ଲାଗି ରୂପାଲି ଛକ ସ୍ଥିତ ଟିଡିସିସିଓଏଲ୍ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନ ୧୧ଟା ୧୫ ମିନିଟ୍‌ରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ଜଣେ କର୍ମଚାରୀ ମ୍ୟାଡାମ୍ ଏବେ ନାହାନ୍ତି ବୋଲି କହିଥିଲେ। ସେ ଓଡ଼ିଶା ଲାଇଭଲିହୁଡ୍ ମିଶନ(ଓଏଲ୍‌ଏମ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଅଛନ୍ତି, ତେଣୁ ସେଠାରେ ସେ ବସୁଛନ୍ତି ବୋଲି କର୍ମଚାରୀ ଜଣକ କହିଥିଲେ। ଏହାପରେ ଆମ ପ୍ରତିନିଧି ଦିନ ପ୍ରାୟ ୧ଟା ସମୟରେ ୟୁନିଟ୍ ୮ ଜଳେଶ୍ୱର ମନ୍ଦିର ନିକଟସ୍ଥ ଓଏଲ୍‌ଏମ୍ କାର୍ଯ୍ୟାଳୟରେ ପହଞ୍ଚି ନିମଭାଲ୍‌ଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ। ହେଲେ ସେ ମିଟିଂରେ ଥିବାବେଳେ ଅଳ୍ପ ସମୟ ପରେ ମଧ୍ୟାହ୍ନ ଭୋଜନ ଲାଗି ଚାଲିଗଲେଣି ବୋଲି ତାଙ୍କ ପିଏସ୍‌ଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଥିଲା। ଏହାପରେ ଅପରାହ୍ନ ୪ଟାରେ ନିମଭାଲ୍‌ଙ୍କୁ ଭେଟିବା ଲାଗି ପୁଣିଥରେ ଓଏଲ୍‌ଏମ କାର୍ଯ୍ୟାଳୟଠାରେ ପହଞ୍ଚି ତାଙ୍କୁ ପ୍ରାୟ ଏକ ଘଣ୍ଟା ୧୫ମିନିଟ୍ ଅପେକ୍ଷା କରିବା ପରେ ମ୍ୟାଡାମ୍ ଏବେ ଭେଟିପାରିବେ ନାହିଁ, ଅନ୍ୟ କାର୍ଯ୍ୟ ଅଛି ବୋଲି ତାଙ୍କ ପିଏସ୍‌ଙ୍କ କାର୍ଯ୍ୟାଳୟ କୁହାଯାଇଥିଲା। ଫଳରେ ନିମଭାଲ୍‌ଙ୍କ ମତାମତ ସଂଗ୍ରହ କରାଯାଇପାରିଲା ନାହିଁ।

### ଚାଷୀଙ୍କଠାରୁ କିଣୁଛି ଟାଟା

ଟାଟା ଗ୍ରୁପ୍ (ଟାଟା କଫି) କୋରାପୁଟ୍ କଫିର ଗୁଣବତ୍ତା ଅକ୍ଷୁଣ୍ଣ ରଖି ବିଶ୍ୱ ବଜାରରେ ପହଞ୍ଚିବାକୁ ସମ୍ମତି ପ୍ରକାଶ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୧ ଅଗଷ୍ଟ ୮ରେ ଟୁଇଟ୍ ଯୋଗେ ସୂଚନା ଦେଇଥିଲେ। ସେହିବର୍ଷ ଟାଟା କୋରାପୁଟ ଆଗ୍ରୋ ପ୍ରଡକ୍ଟସ୍ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ (କେଏପିପିସିଓ) ନାମକ ଘରୋଇ ସଂସ୍ଥା ଜରିଆରେ ଟିଡିସିସିଠାରୁ ପ୍ରାୟ ୩୧ ମେଟ୍ରିକ୍ ଟନ୍ ପାଚମେଣ୍ଟ (ସମ୍ପୂର୍ଣ୍ଣ ଶୁଖିଲା ଅବସ୍ଥା) କଫି ଫଳ କିଣି ନେଇଥିଲା। ତାହା ସାଧାରଣ ପାଚିଲା କଫି ଫଳଠାରୁ ପ୍ରାୟ ୫ଗୁଣ କମ୍ ଓଜନ। ସେତେବେଳେ ଟାଟା ୧ କିଲୋଗ୍ରାମ ପିଛା ୨୩୦ ଟଙ୍କା ଦେଇଥିଲା ବୋଲି ଟିଡିସିସିର ମାର୍କେଟିଂ ଅଫିସ୍‌ର ଆଶୁତୋଷ ନନ୍ଦ କହିଛନ୍ତି। ଚଳିତବର୍ଷ ଟାଟା ସିଧା କଫି ଚାଷୀଙ୍କୁ ଯୋଗାଯୋଗ କରି ପାଚମେଣ୍ଟ କଫି କିଣିଛି। ଓଡ଼ିଶା କଫି ଗ୍ରୋୟର୍ସ ଆସୋସିଏଶନ (ଓସିଜିଏ) ଉପସଭାପତି ତଥା ଅଣଆଦିବାସୀ କଫି ଚାଷୀ ସୁଜୟ ପ୍ରଧାନଙ୍କଠାରୁ ଟାଟା ଗତ ଏପ୍ରିଲରେ ପ୍ରାୟ ୨୦ ମେଟ୍ରିକ ଟନ୍ ପାଚମେଣ୍ଟ କଫି ଫଳ କିଲୋଗ୍ରାମ ପ୍ରତି ୧୯୩ ଟଙ୍କା ଦରରେ କିଣିନେଇଛି। ଏନେଇ ଚାଷୀ ପ୍ରଧାନ ସୂଚନା ଦେଇଛନ୍ତି। ତେବେ ଯେଉଁ ଚାଷୀଙ୍କ ପାଖରେ ପ୍ଲପ୍‌ର ମେଶିନ ଉପଲବ୍ଧ ଅଛି, ସେମାନେ ସିଧାସଳଖ ପାଚମେଣ୍ଟ କଫି ଫଳ ବିକ୍ରି କରିପାରୁଛନ୍ତି। ତେବେ ଏ ପର୍ଯ୍ୟନ୍ତ ମାର୍କେଟରେ ଟାଟା ବ୍ରାଣ୍ଡରେ କୋରାପୁଟ କଫି ଉପଲବ୍ଧ ହେଉଥିବା ଦେଖିବାକୁ ମିଳୁନାହିଁ। ଏଥିରୁ କୋରାପୁଟ କଫିକୁ ଟାଟା କିପରି ବିଶ୍ୱ ବଜାରରେ ପହଞ୍ଚାଇବ ତାହାକୁ ନେଇ କେତେଜଣ ସଚେତନ କଫି ଚାଷୀ ପ୍ରଶ୍ନ ଉଠାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫୁଲ ହୋଇ ଯେବେ ନ ଥାଏ ବାସ,**
**ଫୁଲାଣିଆ ଯେବେ ହୁଏ ନରେଶ,**
**ଫନ୍ଦା କରି ଯେବେ କରଇ ହେଳା,**
**କହେ ଦନାଇ ଏ ବୁଡ଼ାଇ ଭେଳା।**

ବାସହୀନ ଫୁଲଟି ସାଧାରଣତଃ ମନକୁ ଆକୃଷ୍ଟ ବା ସନ୍ତୁଷ୍ଟ କରିପାରି ନ ଥାଏ। ରାଜା ଯଦି ଫୁଲାଣିଆ ବା ରସିକିଆ ହୁଏ ସେ ରାଜ୍ୟ ଶାସନକୁ ଅଯୋଗ୍ୟ ବୋଲି ବିବେଚିତ ହୋଇଥାଏ। ଠିକ୍ ସେହିଭଳି ଫନ୍ଦା କରିବାକୁ ଯଦି ହେଳା କରାଯାଏ ତେବେ ସଫଳତା ମିଳି ପାରି ନ ଥାଏ। ଏହା ହିଁ ଶାସ୍ତ୍ରସିଦ୍ଧ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଫୁଲ ଶାଗୁଣା !**
**ଆଇଁଷ ପାଇଁକି ଏଡ଼େ ରଙ୍କୁଣା।**

ଶାଗୁଣା କେବଳ ମୃତ ଶରୀର ମାଂସ ହିଁ ଭକ୍ଷଣ କରିଥାଏ। ସେହିପରି କିଛି ବ୍ୟକ୍ତିଙ୍କ ମନରେ ଆମିଷ ପ୍ରତି ଦୁର୍ବଳତା ରହିଥାଏ। ଆମିଷ ବିନା ତାଙ୍କୁ କିଛି ବି ଖାଦ୍ୟ ରୁଚି ନ ଥାଏ। ଆମିଷ ପ୍ରତି ଅତ୍ୟଧିକ ଲାଳାୟିତ ହୋଇପଡୁଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ୟୁନିଲିଭର ଶାମ୍ପୁରେ...

ଏହା ରକ୍ତ କର୍କଟ(ଲ୍ୟୁକେମିଆ), ରକ୍ତଜନିତ ମାରାତ୍ମକ ବ୍ୟାଧିର କାରଣ ହୋଇଥାଏ। ବିଭିନ୍ନ ମାଧ୍ୟମ ଦେଇ ବେଞ୍ଜିନ ମଣିଷ ଶରୀରକୁ ଯାଇଥାଏ ବୋଲି ଏଫ୍‌ଡିଏ ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି। ତେବେ ବେଞ୍ଜିନର ମାତ୍ରା ଅଧିକ ହେଲେ ତାହା ମଣିଷକୁ ମୃତ୍ୟୁମୁଖକୁ ଠେଲିଦେବାର ଯଥେଷ୍ଟ ଆଶଙ୍କା ରହିଥାଏ। ୟୁନିଲିଭର ପକ୍ଷରୁ ଏଭଳି ଉତ୍ପାଦକୁ ରିଟେଲର ବା ଖୁଚୁରା ବ୍ୟବସାୟୀଙ୍କ ନିକଟରୁ ପ୍ରତ୍ୟାହାର ଲାଗି ନୋଟିସ ଜାରି ପରେ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏଠାରେ ପ୍ରଶ୍ନ ଉଠୁଛି, ଏବେ ରିଟେଲରଙ୍କ ନିକଟରେ ଉପଲବ୍ଧ ପ୍ରଡକ୍ଟ ସିନା ଫେରାଇ ନିଆଯିବ କିନ୍ତୁ ଯେଉଁମାନେ ଦୀର୍ଘଦିନ ହେଲା ଏହାର ବ୍ୟବହାର କରିଆସୁଛନ୍ତି ଏବଂ ଏବେ ବି ଯେଉଁ ଉତ୍ପାଦ ଲୋକଙ୍କ ପାଖରେ ରହିଛି ସେଗୁଡ଼ିକର ସମ୍ଭାବ୍ୟ ବିପଦ ଦୂର ପାଇଁ ସମାଧାନ କ'ଣ ? ଏଥିଯୋଗୁ ଲୋକେ ସମ୍ମୁଖୀନ ହୋଇଥିବା କିମ୍ବା ହେବାକୁ ଥିବା ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ କିଏ ଦାୟୀ ହେବେ ? ଏ ବାବଦରେ କମ୍ପାନୀଗୁଡ଼ିକ ପକ୍ଷରୁ କ'ଣ ପଦକ୍ଷେପ ନିଆଯିବ ତାହା ମଧ୍ୟ ପ୍ରଶ୍ନଘେରରେ। ଏହାବାଦ୍ ଉକ୍ତ ଉତ୍ପାଦଗୁଡ଼ିକ ବଜାରକୁ ଛଡ଼ାଯିବା ପୂର୍ବରୁ ତାହାର ଯାଞ୍ଚ ହୋଇଥିଲା କି ନାହିଁ ଏବଂ ବ୍ୟବହାରକାରୀଙ୍କ ସ୍ୱାସ୍ଥ୍ୟ ଉପରେ ତାହାର ନକାରାତ୍ମକ ପ୍ରଭାବ ପଡ଼ିଲେ ଏଥିପାଇଁ କିଏ ଉତ୍ତରଦାୟୀ ହେବେ ? କେବଳ ଉତ୍ପାଦଗୁଡ଼ିକୁ ବଜାରରୁ ଫେରାଇନେବା ଯଥେଷ୍ଟ ନୁହେଁ। ଲୋକଙ୍କ ହିତ ଦୃଷ୍ଟିରୁ ଏହାର ତଦନ୍ତ ମଧ୍ୟ ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଭାରତୀୟ ଉତ୍ପାଦରେ ...

ଫେରାଇଆଣିବା ପାଇଁ ମୂଳ କମ୍ପାନୀ ୟୁନିଲିଭର ନୋଟିସ ଜାରି କରିଛି। ଏହିସବୁ ଉତ୍ପାଦରେ ଥିବା ବେଞ୍ଜିନର ମାତ୍ରା ସ୍ୱାସ୍ଥ୍ୟ ପାଇଁ ସେତେମାତ୍ରାରେ ହାନିକାରକ ନୁହେଁ ବୋଲି ଏକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏଚ୍‌ୟୁଏଲ୍ ମୁଖପାତ୍ର ଜଣକ କହିଛନ୍ତି।

### ଦୁଇ ଦିନରେ ୫% ଖସିଲା ଏଚ୍‌ୟୁଏଲ୍ ଶେୟାର ମୂଲ୍ୟ

ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ରେ ମଙ୍ଗଳବାର ଇଣ୍ଟ୍ରାଡେ କାରବାରରେ ହିନ୍ଦୁସ୍ତାନ ୟୁନିଲିଭର (ଏଚ୍‌ୟୁଏଲ୍) ଶେୟାର ମୂଲ୍ୟ ୨% ଖସି ୨,୫୩୦.୯୦ ଟଙ୍କାରେ ପହଞ୍ଚିଥିଲା। ଦୁଇ ଦିନରେ ଏହି ଶେୟାର ମୂଲ୍ୟ ୫%ରୁ ଅଧିକ ହ୍ରାସ ପାଇଛି। ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୟମାସିକରେ କମ୍ପାନୀ ୨୨.୨% ନେଟ୍ ଲାଭ କରିଥିଲା। ଗତ ଆର୍ଥିକ ବର୍ଷର ସମାନ ତ୍ରୟମାସରେ କମ୍ପାନୀର ଏବିଟା ମାର୍ଜିନ ୨୫.୦% ଥିବାବେଳେ ଏବେ ଏହା ୨୩.୩%କୁ ହ୍ରାସ ପାଇ କମ୍ପାନୀର ଆୟ ୧୮୦ ବେସିସ୍ ପଏଣ୍ଟସ୍‌ରେ ସୀମିତ ରହିଛି।

## ଏଭଳି ପ୍ରଥମ ...

ରାସାୟନିକ ପଦାର୍ଥ ବେଞ୍ଜିନ ଥିବା ଜଣାପଡ଼ିବା ପରେ ବିୟୁଟି ପ୍ରଡକ୍ଟ ଫେରାଇନେବା ଆରମ୍ଭ ହୋଇଥିଲା। ବିଭିନ୍ନ ସ୍ପ୍ରେ ତଥା ଡ୍ରାଏ ଶାମ୍ପୁରେ ସାଧାରଣତଃ ପ୍ରୋପେନ, ବ୍ୟୁଟେନ ରହିଥାଏ। ଅଶୋଧିତ ତୈଳକୁ ରିଫାଇନ କରାଯାଇ ଏହି ପେଟ୍ରୋଲିୟମ ଶୋଧିତ ପ୍ରସାଧନ ସାମଗ୍ରୀର ଉତ୍ପାଦ ପ୍ରସ୍ତୁତ କରାଯାଇଥାଏ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ପାପଗ୍ରହ ସହ ଅବସ୍ଥାନ କରି ଶନିଙ୍କ ସପ୍ତମସ୍ଥ ରହିଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସନ୍ତାନ ହେତୁକ ସମସ୍ୟା, ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ବହୁପୂର୍ବରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ବନ୍ଧୁମାନଙ୍କ ସଙ୍ଗ ଲାଭରୁ ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ମିଳିପାରେ।

**ବୃଷ**
ପାରିବାରିକ ଅସ୍ଥିରତା ସାଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସମସ୍ୟାବହୁଳ ରହିବ। ଘରର କେତେକ ବ୍ୟତିକ୍ରମକୁ ନେଇ ଚିନ୍ତାପ୍ରକଟ କରିପାରନ୍ତି। ପ୍ରିୟ ଲୋକଟି ସକାଶେ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ପଡ଼ୋଶୀଙ୍କ ପରାମର୍ଶକୁ ଗ୍ରହଣକଲେ ଉପକୃତ ହେବେ।

**ମିଥୁନ**
ପଞ୍ଚମଭାବ ପାପ ପ୍ରଭାବଗ୍ରସ୍ତ ଯୋଗୁ ଆତ୍ମୀୟଙ୍କ ସହ ଭୁଲ୍ ବୁଝାମଣାରୁ କଳହ ସୃଷ୍ଟିର ସମ୍ଭାବନା ରହିଛି। ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଅସାବଧାନତା କାରଣରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**କର୍କଟ**
ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିବା ସକାଶେ ଯୋଜନା କରିବେ। ବାଣିଜ୍ୟ, ଶିଳ୍ପ ଓ ବ୍ୟବସାୟରେ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବେ। ବିଭିନ୍ନ ପ୍ରକାରର ସମସ୍ୟାଗ୍ରସ୍ତ ହୋଇ ମନ ଦୁଃଖରେ ରହିପାରନ୍ତି।

**ସିଂହ**
କୌଣସି କାମ ସକାଶେ ବାରମ୍ବାର ଅସଫଳତା ହେତୁ ନିଜ ଲୋକଙ୍କ ଉପରୁ ଭରସା ତୁଟି ଯାଇପାରେ। ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ। ଅନିୟମିତ ଆହାର ଗ୍ରହଣ ଫଳରେ ଅସୁସ୍ଥତା ଅନୁଭବ କରିବେ।

**କନ୍ୟା**
ଯୋଜନା ଅନୁଯାୟୀ କାର୍ଯ୍ୟ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ରପ୍ତାନି ବାଣିଜ୍ୟ, ପରିବହନ ଓ ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ କଥା ଓ କାମକୁ ପ୍ରାଧାନ୍ୟ ଦେଇ ଘର କାମକୁ ଅବହେଳା କରିପାରନ୍ତି।

**ତୁଳା**
ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣ ଓ ଅକାରଣ ଜିଦ୍ ମନକୁ ବିଭ୍ରାନ୍ତ କରିପାରେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ମନରେ ସରସତା ରହିବ ନାହିଁ। ନିକଟ ସମ୍ପର୍କୀୟଙ୍କଠାରୁ ସାହାଯ୍ୟ ପାଇ ଖୁସି ହେବେ।

**ବିଛା**
କୌଣସି ନୂତନ ବନ୍ଧୁତ୍ୱ ସାଙ୍ଗକୁ କର୍ମକ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। କିଣାବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ଠକାମିରେ ପଡ଼ିପାରନ୍ତି। ବୃଥା ସନ୍ଦେହଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଅନାବଶ୍ୟକ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**ଧନୁ**
ଆଜିର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ଉପକୃତ ହୋଇପାରନ୍ତି। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଅପରାହ୍ନ ସମୟରେ ଟେନସନ୍ କିଛି ମାତ୍ରାରେ କମିଯିବ। ବ୍ୟବସାୟ କ୍ଷେତ୍ରରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଆହୂତ ହୋଇପାରନ୍ତି।

**ମକର**
ରୋଗ, ଋଣ ଓ ଶତ୍ରୁତା ଲାଗିରହିବା କାରଣରୁ ମନ ଭଲ ରହିବ ନାହିଁ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ମିଥ୍ୟା ଗୁଜବରେ ଆତଙ୍କିତ ହେବା ଠିକ୍ ହେବ ନାହିଁ। ବିବାଦୀୟ ଘଟଣାର ବିଜୟୀ ହେବେ ଓ ବ୍ୟବସାୟ ତଥା ପରିବହନରେ ସଫଳତା ମିଳିବ। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ**
ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେଉଥିବାରୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। ଯାହା ଓ ଯେପରି ଭାବୁଛନ୍ତି ଶୀଘ୍ର ଆରମ୍ଭ କରନ୍ତୁ, ସଫଳତା ନିଶ୍ଚିତ ମିଳିବ। ସାମ୍ବାଦିକତା, ପ୍ରଶାସନ, ବାଣିଜ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। କୌଣସି ସମସ୍ୟା ଓ ବିବାଦୀୟ ପରିସ୍ଥିତିରେ ମନଭୁଲାଣିଆ କଥା କହି ପରିବେଶକୁ ସ୍ୱାଭାବିକ କରିପାରିବେ।

**ମୀନ**
ସ୍ୱାସ୍ଥ୍ୟରେ ସୁଧାର ସାଙ୍ଗକୁ ମାନସିକ ସ୍ଥିରତା ଅକ୍ଷୁଣ୍ଣ ରହିବ। ବିଦେଶଯାତ୍ରା, ମାଲିମକଦ୍ଦମା, ରାଜନୈତିକ ଆଲୋଚନା କ୍ଷେତ୍ରରେ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି ସହ ସହକର୍ମୀ ସହାନୁଭୂତି ପ୍ରଦର୍ଶନ କରିବେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଅକ୍ଟୋବର ୨୭ ତାରିଖ, କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ଗୁରୁବାର, ଯମଦ୍ୱିତୀୟା, ଚାତୁର୍ମାସ୍ୟା ଗୁରୁବାରବ୍ରତ, ରାଶିନକ୍ଷତ୍ର-ଦିବା ଘ.୧୨।୧୩ ପର୍ଯ୍ୟନ୍ତ ବିଶାଖା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୯ ଗତେ ଘ.୦୭।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୫୫ ଗତେ ଘ. ୦୨।୨୧ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଟ୍ରକ୍ ଦୁର୍ଘଟଣା: ଚାଳକ ମୃତ

**ଲହୁଣୀପଡ଼ା,୨୬।୧୦(ଡି.ଏନ୍.ଏ.):** ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ଚୁନାଘାଟି ନିକଟରେ ମଙ୍ଗଳବାର ରାତି ପ୍ରାୟ ୭ଟାରେ ଭାରସାମ୍ୟ ହରାଇ ଏକ ଟ୍ରକ ଦୁର୍ଘଟଣା ଘଟିଛି। ଏଥିରେ ଚାଳକ ଜୁମନ ଖାନ (୩୮)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ମଙ୍ଗଳବାର କୋଇଡା ଖଣି ଅଞ୍ଚଳରୁ ସିଜି ୧୩ ୟୁଏଚ ୮୯୯୯ ଟ୍ରକ ଲୁହାପଥର ବୋଝେଇ କରି ଲହୁଣୀପଡ଼ା ପଟେ ଆସୁଥିଲା। ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକ ଗାଡି ମଧରେ ଚାପି ହୋଇଯାଇଥିଲେ। ଅନ୍ୟଗାଡିର ଚାଳକମାନେ କେ.ବଲାଙ୍ଗ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ କେ.ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ୟାସକଟର ସାହାଯ୍ୟରେ ଗାଡିକୁ କାଟି ଚାଳକଙ୍କୁ ଉଦ୍ଧାର କରିଥିଲେ। ଚାଳକଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର ହଜାରିବାଗର ବନାସା ଅଞ୍ଚଳରେ ବୋଲି ଜଣାପଡିଛି।

### ନାବାଳିକା ଅପହରଣ ମାମଲା: ଅଭିଯୁକ୍ତ ଗିରଫ

**ଦେବଗଡ଼,୨୬।୧୦(ଡି ଏନ ଏ):** ଦେବଗଡ଼ ପୌରାଞ୍ଚଳରୁ ଜଣେ ୧୩ ବର୍ଷୀୟା ନାବାଳିକା ଅପହରଣ ମାମଲାରେ ଅପହୃତା ନାବାଳିକାକୁ ଦେବଗଡ଼ ଥାନା ପୋଲିସ ପଶ୍ଚିମବଙ୍ଗ ମୁର୍ଷିଦାବାଦରୁ ଉଦ୍ଧାର କରିଛି। ଅଭିଯୁକ୍ତ ସାହିଦୁଲ୍ଲ ଶେଖକୁ ମଧ ମୁର୍ଷିଦାବାଦରୁ ଗିରଫ କରିଥିବା ଜଣାପଡିଛି। ସାହିଦୁଲ୍ଲ ଦେବଗଡ଼ ପୌରାଞ୍ଚଳରେ ରାଜମିସ୍ତ୍ରୀ କାମ କରୁଥିବା ବେଳେ ପ୍ରଲୋଭିତ କରି ନାବାଳିକାକୁ ଅପହରଣ କରି ନେଇ ମୁର୍ଷିଦାବାଦ ଚାଲି ଯାଇଥିଲେ। ଗତ ୧୬ ତାରିଖଠାରୁ ନାବାଳିକା ନିରୁଦ୍ଦିଷ୍ଟ ସମ୍ପର୍କରେ ନାବାଳିକାଙ୍କ ପିତା ଗତ ୧୭ ତାରିଖ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଦେବଗଡ଼ ଥାନା ପୋଲିସ ଘଟଣାର ତଦନ୍ତ କରି ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛି।

### ସହରାଞ୍ଚଳ ବାସହୀନ ଆଶ୍ରୟସ୍ଥଳୀ ଅନ୍ତେବାସୀଙ୍କୁ ବସ୍ତ୍ରଦାନ




**ଦେବଗଡ଼,୨୬।୧୦(ଡି.ଏନ.ଏ):** ପବିତ୍ର ଦିପାବଳୀ ଉତ୍ସବ ଅବସରରେ ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଇ ସ୍ଥାନୀୟ ସହରାଞ୍ଚଳ ବାସହୀନ ଆଶ୍ରୟସ୍ଥଳୀର ଅନ୍ତେବାସୀମାନଙ୍କୁ ବସ୍ତ୍ରଦାନ କରିଥିବା ଜଣାପଡିଛି। ପୌରାଧକ୍ଷା ଦେଇ ପୌର ପରିଷଦ କର୍ମଚାରୀଙ୍କ ଗହଣରେ ପୌର ପରିଷଦ ଦ୍ୱାରା ପରିଚାଳିତ ସହରାଞ୍ଚଳ ବାସହୀନ ଆଶ୍ରୟସ୍ଥଳୀକୁ ଯାଇ ସେଠାରେ ରହୁଥିବା ନିରାଶ୍ରୟମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ।

### ପୋଖରୀ ନିକଟରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ହେମଗିର,୨୬।୧୦(ଡି.ଏନ.ଏ ):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଟପରିଆ ଠାରୁ ହେମଗିର ପୋଲିସ ଜଣେ ବୃଦ୍ଧଙ୍କ ମୃତ ଶରୀରକୁ ଜବତ କରିଛି। ମିଳିଥିବା ସୁଚନା ଅନୁସାରେ ବୁଧବାର ଟପରିଆଠାରେ ଥିବା ପୋଖରି ନିକଟରେ ମୃତଦେହ ପଡିଥିବାର ଲୋକେ ଦେଖି ହେମଗିର ପୋଲିସକୁ ସୂଚନା ଦେଇଥିଲେ। ହେମଗିର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି । ମୃତକ ଜଣକ ହେଲେ ଟପରିଆ ଗ୍ରାମର କାମଦେବ ଧନଗୁଣ। ତେବେ କାମଦେବଙ୍କ ଶରୀରରେ ଅନେକ କ୍ଷତଚିହ୍ନ ରହିଥିବା ବେଳେ କାମଦେବଙ୍କ ପରିବାର ତରଫରୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି ।

### ବଡଗାଁ ଆଇଟିଆଇରେ ରାଜ୍ୟସ୍ତରୀୟ ସ୍କାଉଟ

**ବଡଗାଁ,୨୬।୧୦(ଡି.ଏନ.ଏ ):** ଆସନ୍ତା ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ବଡଗାଁ ଶିଳ୍ପ ତାଲିମ କେନ୍ଦ୍ର(ଆଇଟିଆଇ)ଠାରେ ସ୍କାଉଟ ଗାଇଡ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୩୦ଟି ଜିଲାରୁ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ସ୍କାଉଟ ଗାଇଡ ଛାତ୍ରୀଛାତ୍ର ଯୋଗ ଦେବେ। ରାଜ୍ୟ ମୁଖ୍ୟ କମିଶନର କାଳୀ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ,ସୁନ୍ଦରଗଡ ଏମ୍ପି ଜୁଏଲ ଓରାମ, ରାଉରକେଲା ବିଧାୟକ ସାରଦାପ୍ରସାଦ ନାୟକ ପ୍ରମୁଖ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି।

# ଡାକ୍ତର କହି ଚିକିତ୍ସା କରୁଥିବା କ୍ୱାକ୍ ଗିରଫ

**ଦେବଗଡ଼,୨୬।୧୦(ଡି.ଏନ.ଏ)**

ଦେବଗଡ ଆଦର୍ଶ ଥାନା ପୋଲିସ ବୁଧବାର କଦମ୍ବଦର୍ହ ଗ୍ରାମରୁ ଜଣେ କ୍ୱାକ୍(ନକଲି ଡାକ୍ତର)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ଔଷଧ ଜବତ କରିଥିବା ଜଣାପଡିଛି। ଗିରଫ ହୋଇଥିବା ନକଲି ଡାକ୍ତର ଜଣକ ପଶ୍ଚିମବଙ୍ଗ ନଦିଆ ଜିଲାର ପୂର୍ବନୱାପଡା ଗ୍ରାମର ପ୍ରଶାନ୍ତ କୁମାର ରାୟ ବୋଲି ଜଣାପଡିଛି। ସେ ଦୀର୍ଘ ଚାରି ବର୍ଷ ହେଲା ଦେବଗଡ ଥାନା ଅନ୍ତର୍ଗତ କଦମଦର୍ହ ଗ୍ରାମରେ ଏକ ବେଆଇନ କ୍ଲିନିକ ଖୋଲି ଲୋକଙ୍କର ଚିକିତ୍ସା କରି ଆସୁଥିଲେ। ଏନେଇ ଦେବଗଡ ଆଦର୍ଶ



ଗିରଫ ନକଲି ଡାକ୍ତର ପ୍ରଶାନ୍ତ।

ଥାନା ପୋଲିସ ସୂଚନା ପାଇବା ପରେ ଦେବଗଡ ଥାନା ଅଧିକାରୀ ସୁରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ପ୍ରଶାନ୍ତଙ୍କ ବେଆଇନ କ୍ଲିନକରେ ସଦଳବଳେ

### ଲକ୍ଷାଧିକ ଟଙ୍କାର ଔଷଧ ଜବତ

ଚଢାଉ କରାଯାଇଥିଲା। ଚଢଉ ବେଳେ ଉକ୍ତ କ୍ଲିନିକରୁ ଲକ୍ଷାଧିକ ଟଙ୍କାର ଔଷଧ ମିଳିଥିଲା । ସେହିପରି ପ୍ରଶାନ୍ତ କୌଣସି ବୈଧ ସାର୍ଟିଫିକେଟ ଦେଖାଇ ନ ପାରିବାରୁ ପୋଲିସ ତାକୁ ବିଭିନ୍ନ ଦଫାରେ ଗିରଫ କରିଥିବା ଦେବଗଡ ଆଦର୍ଶ ଥାନା ଅଧିକାରୀ ନାୟକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମାତ୍ର ଦଶମ ଶ୍ରେଣୀ ପାଠ ପଢିଥିବା ବେଳେ ସେ ୧୫ଶହ ଟଙ୍କାରେ 'ଇନଷ୍ଟିଚ୍ୟୁଟ ଅଫ ଅଲଟରନେଟିଭ ମେଡିଶିନ' ନାମକ ଏକ ସଂସ୍ଥାର ନକଲି ସାର୍ଟିଫିକେଟ କିଣିବା ସହ ପ୍ରଥମେ ଝାରସୁଗୁଡା ଓ ଠେଲକୁଲି ଅଞ୍ଚଳରେ କ୍ଲିନିକ ଖୋଲି ଲୋକଙ୍କର ଚିକିତ୍ସା କରୁଥିଲା। ସେଠାରେ ନିଜକୁ ଡାକ୍ତର ପରିଚୟ ଦେଇ ପ୍ରାୟ ୭/୮ ବର୍ଷ ଏଭଳି ଚିକିତ୍ସା କରିବାପରେ ଚାରିବର୍ଷ ହେଲା ସେଠାରୁ ପଳାଇ ଆସି ଦେବଗଡ ଜିଲାର କଦମଦର୍ହ ଗ୍ରାମରେ ଲୋକଙ୍କୁ ଚିକିତ୍ସା କରୁଥିବା ନକଲି ଡାକ୍ତର ପ୍ରଶାନ୍ତ ରାୟ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ସେ ଦେବଗଡ ସହରର ଏକାଧିକ ପ୍ରତିଷ୍ଠିତ ଔଷଧ ଦୋକାନରୁ ଔଷଧ କିଣି ରୋଗୀମାନଙ୍କୁ ଚଢା ଦରରେ ବିକ୍ରୀ କରୁଥିବା ମଧ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

## ଆଦିବାସୀ ଚାଷୀଙ୍କୁ ପନିପରିବା ମଞ୍ଜି ବଣ୍ଟନ




ହାଇବ୍ରିଡ ବାଇଗଣ ମଞ୍ଜି ବଣ୍ଟନ କରାଯାଉଛି।

**ସୁନ୍ଦରଗଡ଼,୨୬।୧୦(ଡି.ଏନ.ଏ.)**

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସୁନ୍ଦରଗଡ ତରଫରୁ ଚାଲୁଥିବା ମିଶନ ଜୀବିକା ପ୍ରକଳ୍ପ ଜିଲାର ଆଦିବାସୀ ଚାଷୀଙ୍କୁ ଏକ ବିକଳ୍ପ ଜୀବିକା ଯୋଗାଇବା ନିମନ୍ତେ ନିରନ୍ତର ପ୍ରୟାସ କରୁଛି। ଏହି ପରିପ୍ରେକ୍ଷୀରେ ବୁଧବାର ହେମଗିର ବ୍ଲକ ଅନ୍ତର୍ଗତ କୁଲଯୋର, ନୂଆଁପଡା ଓ ଝୁଲେନବର ଗ୍ରାମର ମୋଟ ୪୬ ଜଣ ଆଦିବାସୀ ଗରିବ ଚାଷୀଙ୍କୁ ମାଗଣାରେ ହାଇବ୍ରିଡ ବାଇଗଣ ମଞ୍ଜି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଝୁଲେନବର ସମିତି ସଭ୍ୟା ମାନସୀ ଦର୍ଜି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସେହିପରି ହେମଗିର ବନାଞ୍ଚଳର କୋଡବାହାଲ ସେକ୍ସନ ଅନ୍ତର୍ଗତ ଜରେଇକେଲା, କୁଠିଖୋଲ ଓ କୋଡବାହାଲ ବନ ସୁରକ୍ଷା ସମିତିର ୧୧୨ ଜଣ ଗରିବ ଆଦିବାସୀ ଚାଷୀଙ୍କୁ ଫୁଲକୋବି ଓ ଲଙ୍କା ମଞ୍ଜି ବଣ୍ଟନ କରାଯାଇଛି। ଏଥିରେ କେନ୍ଦୁ ଗ୍ରାମ ପଞ୍ଚାୟତର ସରପଞ୍ଚ ମିତ୍ରଭାନୁ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସହଯୋଗୀ ଅନୁଷ୍ଠାନ ସେବକ ତରଫରୁ ଚକ୍ରଧର ପୃଷେଠ, ସୁରଭି ଖରସେଲ, କ୍ଷୀରଧର ସା, ମହେଶର ନାଏକ, ପ୍ରଭାତୀ ନାଏକ ପ୍ରମୁଖ ପରିଚାଳନା କରିଥିଲେ। ବନରକ୍ଷୀ ସରୋଜିନୀ କାଲୋ ସହଯୋଗ କରିଥିଲେ।

## ଭୁବନେଶ୍ୱର ପୋଲିସ ଦ୍ୱାରା ଲହୁଣୀପଡ଼ାରୁ ୨ ଗିରଫ

### ଚାକିରି କରେଇ ଦେବା ନାଁରେ ୨୫ ଲକ୍ଷ ଠକେଇ ମାମଲା

**ଲହୁଣୀପଡ଼ା,୨୬।୧୦(ଡି.ଏନ୍.ଏ.)**

ଚାକିର କରାଇଦେବା ନାଁରେ ୨୫ଲକ୍ଷ ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର କମିଶନରେଟ ପୋଲିସ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଅଞ୍ଚଳରୁ ରବିବାର ରାତିରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟୁଗାଁ ଗ୍ରାମରେ ରହୁଥିବା ଫୁଲଝର ନିବାସୀ ରାଜେନ୍ଦ୍ର କୁମାର ରାଜପୁତ, ଆଶିଷ କୁମାର ରାଜପୁତ (ପପୁ)। ଏମାନେ ବାପ, ପୁଅ ବୋଲି ଜଣାପଡ଼ିଛି। ଏମାନେ ବଣାଇ ଥାନା ଅନ୍ତର୍ଗତ ଉପରପଡ଼ା ଗ୍ରାମର ଚୂଡାମଣି କିଷାନଙ୍କ ପୁଅକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଚାକିରି କରେଇଦେବା ପ୍ରତିଶ୍ରୁତି ଦେଇ ୨୫ ଲକ୍ଷର ଏକ ଚେକ ଓ ନଗଦ ୫୦ ହଜାର ଟଙ୍କା ଠକି ନେଇଥିଲେ। ଚୂଡାମଣି ଭୁବନେଶ୍ୱରରେ ସଚିବାଳୟରେ ଚାକିରି କରିବା ସହିତ ସେଠାରେ ରହୁଥିଲେ। ରାଜେନ୍ଦ୍ର କୁମାର ରାଜପୁତ ମଧ ଭୁବନେଶ୍ୱରଠାରେ ରହୁଥିଲେ। ଚୂଡାମଣିଙ୍କ ସହିତ ସାକ୍ଷାତ ହେବା ପରେ ତାଙ୍କ ସାନ ପୁଅକୁ ଚାକିରି କରେଇ ଦେବା ପାଇଁ ବିଭିନ୍ନ ପ୍ରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ଓ ପ୍ରଲୋଭନ ଦେଖାଇଥିଲେ। କିଛି ଦିନ ପରେ ଚେକ୍‌କୁ ବ୍ୟାଙ୍କରେ ଜମାକରୀ ଟଙ୍କା ଉଠେଇ ନେଇଯାଇଥିଲେ। ଚୁଡାମଣି ଚାକିରୀ ଦେବା କଥା କହିଲେ ରାଜେନ୍ଦ୍ର ବିଭିନ୍ନ ଆଳଦେଖାଇ ସମୟ ଗଡେଇ ଚାଲିଥିଲେ। ଦୀର୍ଘ ଦିନ ବିତିଗଲା ପରେ ଚାକିରୀ ନ ପାଇ ହତାଶ ହେବାରୁ ଟଙ୍କା ଫେରସ୍ତ କରିବା ପାଇଁ ଚୂଡାମଣି ଜିଦ କରିଥିଲେ। ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ରାଜେନ୍ଦ୍ର ଓ ଆଶୀଷ ଚୁଡାମଣିଙ୍କ ଭୁବନେଶ୍ୱର ବାସଭବନକୁ ଯାଇ ବିଭିନ୍ନ ପ୍ରକାର ଧମକ ଦେଇ ଲହୁଣୀପଡ଼ା ପଳାଇ ଆସିଥିଲେ। ଚୂଡାମଣି ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହିତ ଲହୁଣୀପଡ଼ା ଥାନା ସହିତ ଯୋଗାଯୋଗ କରିଥିଲେ। କମିଶନରରେଟ ପୋଲିସ ଲହୁଣୀପଡ଼ା ଯାଇ ସ୍ଥାନୀୟ ପୋଲିସ ସହାୟତାରେ ବାପପୁଅ୨ଜଣଙ୍କୁ ଗିରଫ କରିଥିଲା।

## ୫୧ତମ କାଳୀପୂଜା ଉଦଘାଟିତ

**ଲହୁଣୀପଡ଼ା,୨୬।୧୦(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡାର ସାର୍ବଜନୀନ କାଳୀପୂଜା ଓ ମେଳାର ଶୁଭଉଦଘାଟନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବରେ ଲହୁଣୀପଡ଼ା ଅତିରିକ୍ତ ତହସିଲଦାର ଲୋକେଶ କୁମାର ରଥ, ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି, ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ରାଜାମୁଣ୍ଡା ସମିତି ସଭ୍ୟ ଅଶୋକ କୁମାର ବେହେରା, ବଡ ପୁରୁଣାପଣି ସମିତି ସଭ୍ୟ ଗୋପୀନାଥ ମୁଣ୍ଡାରୀ ରଞ୍ଜିତ ସାହୁ, ମାଣିକ ଲାଲ ଜୟସ୍ୱାଲ, କୁମାର ଗୌତମ ବାରିକ ଯୋଗ ଦେଇଥିଲେ। ଚିନ୍ତାମଣି ବେହେରାଙ୍କ ଅଧକ୍ଷତାରେ ଏହି ସଭା ଅନୁଷ୍ଠିତ




ହୋଇଥିଲା। ସଭା ଶେଷରେ ସୁଦାମ ଚରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ରାଜାମୁଣ୍ଡା ସାର୍ବଜନୀନ କାଳୀପୂଜା ଅନେକ ଘାତ ପ୍ରତିଘାତକୁ ସାମ୍ନା କରି ଆଜି ପର୍ଯ୍ୟନ୍ତ ଚାଲି ଆସୁଅଛି। ଚଳିତ ବର୍ଷ ୫୧ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜାମୁଣ୍ଡା ସାପ୍ତାହିକ ହାଟ ପଡ଼ିଆ ଠାରେ ମିନା ବଜାର ଠାରୁ ଆରମ୍ଭ କରି ବିଭିନ୍ନ ଦୋଳି ଅନ୍ୟାନ୍ୟ ଦୋକାନ ବଜାର ସହିତ ମନୋରଞ୍ଜନ ପାଇଁ ଯାତ୍ରାପାଟି ପଡ଼ିଛି। ଏହି ମେଳାକୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇ ଯାଇଥିବା ବେଳେ ବିଧିବଦ୍ଧ ଭାବେ କାଳୀପୂଜା ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଅକ୍ଷୟ କୁମାର ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ପଣ୍ଡିତ ମୀରା ଶଙ୍କର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ରାଜାମୁଣ୍ଡା ସାର୍ବଜନୀନ କାଳୀପୂଜା କମିଟି ସଭାପତି ସାଧନ ଧଳ,ସମ୍ପାଦକ ଯୁଗଳ କିଶୋର ସାହୁ,କୋଷାଧକ୍ଷ ବଳରାମ ତ୍ରିପାଠୀଙ୍କ ସମେତ ଆନନ୍ଦ ମାହାନ୍ତ, ଚନ୍ଦ୍ର ଭୋଇ, ମିଥୁନ ପଣ୍ଡା, ବାହାଦୂର ତ୍ରିପାଠୀ, ଆଶିଷ ତ୍ରିପାଠୀ, ବାସୁଦେବ ସାହୁ,ବସନ୍ତ ମାହାନ୍ତ ପ୍ରମୁଖ କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଏହି କାଳୀପୂଜା ପରିଚାଳିତ ହେଉଥିବା ଜଣାପଡିଛି।

## ଦୀପାବଳିରେ ଲକ୍ଷ୍ମୀପୂଜା

**ଲେଫ୍ରିପଡ଼ା,୨୬।୧୦(ଡ଼ି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ କୁଲାବିରା ଶେଖରବାସିନୀ ୟୁଥ କ୍ଲବ ଆନୁକୂଲ୍ୟରେ ତିନିଦିନ ଧରି ଲକ୍ଷ୍ମୀପୂଜା ପୂଜା ଅନୁଷ୍ଠିତ ହୋଇଯାଇଛି। ଏଠାରେ ଦୀପାବଳି ସମୟରେ ଲକ୍ଷ୍ମୀପୂଜା ହୋଇଆସୁଛି। ଆୟୋଜିତ ପୂଜାକାର୍ଯ୍ୟକ୍ରମରେ ରବିବାର ଶୁଭାଦିବାସ କରାଯାଇ ରାତ୍ରିରେ ବାଦପାଲା ଅନୁଷ୍ଠିତ ହୋଇଥିଲା। ସେହିପରି ସୋମବାର ପୂଜା କର୍ମ କରାଯାଇ ରାତ୍ରିରେ ମତର୍ଣ୍ଣ କୃଷ୍ଣଗୁରୁ ଭଜନ କରାଯାଇଥିଲା। ମଙ୍ଗଳବାର ରାତିରେ ଅର୍କେଷ୍ଟ୍ରା କରାଯାଇ ବୁଧବାର ବିସର୍ଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଲେଫ୍ରିପଡା ଲ୍ୟାମ୍ପସ ସଭାପତି ସୁନୀଲ କୁମାର କାଲୋଙ୍କ ତତ୍ତ୍ୱାବଧାନରେ ଶେଖରବାସିନୀ କ୍ଲବ ସଭାପତି ମନୋଜ ସା, ଉପସଭାପତି ନକୁଳ ଦଣ୍ଡସନା, ସମ୍ପାଦକ ଫୁଲେନ୍ଦ୍ର ପୃଷେଠ, ସହସମ୍ପାଦକ ଗୁରୁଦେବ ସା ଏବଂ କ୍ଲବ ସଦସ୍ୟ ବାବଲୁ ପଟେଲ, ଲବ ପାଣ୍ଡେ, ରଘୁ କାଲୋ, ମଣ୍ଟୁ ସା, ମଣ୍ଟୁ ଦଣ୍ଡସନା, କୁଶ ପାଣ୍ଡେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଠିକ ସେହିପରି ଭାବେ ସ୍ଥାନୀୟ ଲେଫ୍ରିପଡା ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଅତ୍ୟନ୍ତ ଉଲ୍ଲାସର ସହିତ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଥିଲା।



କୁଲାବିରା ଗ୍ରାମରେ ଅନୁଷ୍ଠିତ ଲକ୍ଷ୍ମୀପୂଜା।

## ମନୋରମା କ୍ଲବ ଚାମ୍ପିୟନ

### ମା' ଗ୍ରାମେଶ୍ୱରୀ କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

**ଦେବଗଡ଼,୨୬।୧୦(ଡି.ଏନ.ଏ.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ଛେପିଲିପାଲି ଗ୍ରାମ ପଞ୍ଚାୟତ ସଦର ମହକୁମାରେ ମା' ଗ୍ରାମେଶ୍ୱରୀ ଫୁଟବଲ କ୍ଲବ ଆନୁକୂଲ୍ୟରେ ଗତ ରବିବାର ଆରମ୍ଭ ହୋଇଥିବା ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୋଟ ୮ଟି ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ସୁଗୁଡାସ୍ଥିତ ମା' ରମ୍ଭାଦେବୀ କ୍ଲବକୁ ୧−୦ ଗୋଲରେ ପରାସ୍ତ କରି ଦେବଗଡ ପୌରାଞ୍ଚଳର ମନୋରମା କ୍ଲବ ମଠସାହି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ଦେବାନନ୍ଦ ମିର୍ଦ୍ଧା, ପରେଶ ମିର୍ଦ୍ଧା, ସରୋଜ ଗଡନାୟକ, ଯଶୋବନ୍ତ ପ୍ରଧାନ ଓ ଜନଶନ ସ୍ୱାଇଁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ପ୍ରଫୁଲ୍ଲ ସାହୁ ଓ ରାଜୁ ନାୟକ



ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପନୀରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଭାବଗ୍ରାହୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଇ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା ଓ ପ୍ରଦ୍ୟୁମ୍ନ ମହାନନ୍ଦ ଯୋଗଦେଇ ଚାମ୍ପିୟନ ମନୋରମା କ୍ଲବ ଓ ରନର୍ସ ଅପ୍ ମା' ରମ୍ଭାଦେବୀ କ୍ଲବକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ ଫିତାକାଳି ଉଦ୍‌ଘାଟନ କରିଥିଲେ। ସେହିପରି ଦ୍ୱିତୀୟ ଦିବସର ମ୍ୟାଚକୁ ମୁଖ୍ୟ ଅତିଥି ଭାବେ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ଛେପିଲିପାଲି ପଞ୍ଚାୟତର ସରପଞ୍ଚ ଚନ୍ଦନଲାଲ ଶବର ଓ ସିଦ୍ଧେଶ୍ୱର ଗୁରୁ ଯୋଗଦେଇ ଖେଳାଳି ଏବଂ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ବିକାଶ



@ ଜଗନ



@ କୃପାସିନ୍ଧୁ



@ ଲଳିତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। -ଶ୍ରୀମା



# ପୂର୍ବ ଭାରତର ଧର୍ମୀୟ ଗୁରୁତ୍ୱ



ଦେବଦତ୍ତ ପଟ୍ଟନାୟକ

ଅଧିକାଂଶ ସମୟରେ ଆମେ ଭାରତର ହିନ୍ଦୁତ୍ୱ ସମ୍ପର୍କରେ ଚର୍ଚ୍ଚା କଲାବେଳେ ଅନ୍ୟ ଅଞ୍ଚଳ ବଦଳରେ ଉତ୍ତର ଓ ଦକ୍ଷିଣ ଭାରତର କାହାଣୀ ଉପରେ ଅଧିକ ଧ୍ୟାନ ଦେଇଥାଉ। କିନ୍ତୁ ଭାରତର ପୂର୍ବାଞ୍ଚଳ, ମୁଖ୍ୟତଃ ଗାଙ୍ଗେୟ ତ୍ରିକୋଣ ଭୂମି, ବ୍ରହ୍ମପୁତ୍ର ଏବଂ ମହାନଦୀ ଅବବାହିକା ପ୍ରତି ମଧ୍ୟ କମ୍ ଧ୍ୟାନ ଦିଆଯାଇଥାଏ। ୩,୫୦୦ ବର୍ଷ ପୂର୍ବେ ଆର୍ଯ୍ୟମାନେ ଉତ୍ତରପଶ୍ଚିମରୁ ଭାରତକୁ ଆସିଥିଲେ। ତାଙ୍କ ପାଇଁ ଦେବଦେବୀ ରହୁଥିବା ପୂର୍ବ ଦିଗ ଥିଲା ପବିତ୍ର । ଆର୍ଯ୍ୟମାନଙ୍କର ଏହି ଇମିଗ୍ରେଶନ ବା ପ୍ରବାସନ (ଗୋଟିଏ ଅଞ୍ଚଳରୁ ଆସି ଆଉ ଏକ ଅଞ୍ଚଳରେ ବାସ କରିବା)ସମୟରେ, ଆଉ ଏକ ଦେଶାନ୍ତରବାସ ଘଟିଥିଲା ଉପ ମହାଦେଶର ପୂର୍ବ ଭାଗରେ। କିନ୍ତୁ ଏ ସମ୍ପର୍କରେ ଆମେ କ୍ୱଚିତ ଆଲୋଚନା କରିଥାଉ। ଲୋକେ ବର୍ମା ଓ ବାଂଲାଦେଶ ବାଟଦେଇ ଦକ୍ଷିଣ ପୂର୍ବ ଏସିଆରୁ ଭାରତକୁ ଆସିଥିଲେ। ସେମାନେ ଆସାମ ଓ ପଶ୍ଚିମବଙ୍ଗ ବାଟଦେଇ ବିହାର ଏବଂ ଝାଡ଼ଖଣ୍ଡ ଓ ଛତିଶଗଡ଼ର ଆଦିବାସୀ ଅଞ୍ଚଳ ପାଖାପାଖି ଓଡ଼ିଶା ଆଡ଼କୁ ଆସିଥିଲେ। ଏହି ପ୍ରବାସନରୁ ମୁଣ୍ଡା ଭାଷା ସୃଷ୍ଟି ହୋଇଥିଲା। ଋଗ୍‌ବେଦରେ ବହୁ ମୁଣ୍ଡା ଶବ୍ଦ ଦେଖିବାକୁ ମିଳେ। ଧାନର ଜନ୍ମ ଭାରତରେ ହୋଇଥିବାବେଳେ ଆମେ ଏହା ଜାଣୁ ଯେ, ଦକ୍ଷିଣପୂର୍ବ ଏସିଆରୁ ଧାନ ଚାଷ ପଦ୍ଧତି ଏବଂ ନୂଆ କିସମର ଧାନ ଭାରତକୁ ଆସିଥିଲା। ପରେ ଧାନ ଏକ ମୁଖ୍ୟ ଖାଦ୍ୟ ଏବଂ ପର୍ବପର୍ବାଣିର ଅଂଶବିଶେଷ ହୋଇଗଲା। ବେଦିକ୍ ସମୟର ପ୍ରାରମ୍ଭରେ ପର୍ବପର୍ବାଣିଗୁଡ଼ିକରେ କେବଳ ବାର୍ଲି ବ୍ୟବହାର ସମ୍ପର୍କରେ ଋଗ୍‌ବେଦରେ ସୂଚିତ ହୋଇଛି। ଯଜୁର୍ବେଦରେ ହିଁ ଧାନକୁ ଉତ୍ସବମାନଙ୍କରେ ସାମିଲ କରାଯାଇଛି।

ବେଦିକ ସଂସ୍କୃତି ଧୀରେ ଧୀରେ ପୂର୍ବଆଡ଼କୁ ଯମୁନାରୁ -ଗଙ୍ଗା -ଗୋମତି- ଗଣ୍ଡକି ଅବବାହିକା ଦେଇ ବ୍ୟାପ୍ତ ହୋଇଛି। ଅନେକ ବେଦିକ୍ ସାମ୍ରାଜ୍ୟ ଯଥା କୁରୁ, ପାଞ୍ଚାଳ, କୋଶଳ ଏହି ସମୟରେ ସୃଷ୍ଟି ହୋଇଥିଲା। ଅଯୋଧ୍ୟାର ଦଶରଥଙ୍କ କାହାଣୀ ଯଜ୍ଞ ପରମ୍ପରାକୁ ସୂଚିତ କରିଥିଲା। ଗଣ୍ଡକି ପରେ ବିଦେହ, ମଗଧ ଓ ମିଥିଳା ରହିଥିଲା। ଏହା ଥିଲା ଜନକଙ୍କ ରାଜ୍ୟ। ତାଙ୍କର ଚାଷ ଓ ଉପନିଷଦ ସହ ସମ୍ପର୍କ ରହିଥିଲା। ଏଠାରେ ସନ୍ନ୍ୟାସୀ ପରମ୍ପରା ବି ସୃଷ୍ଟି ହୋଇଥିଲା। ଏହି ଅଞ୍ଚଳକୁ ଆମେ ବିହାର ବୋଲି ଜାଣୁ, ଯେଉଁଠୁ ବୌଦ୍ଧ ଓ ଜୈନ ଧର୍ମ ବିକଶିତ ହୋଇଥିଲା। ମିଥିଳାକୁ ଯିବା ବାଟରେ ବିଶ୍ୱାମିତ୍ର ଗଙ୍ଗାଙ୍କ ଧରାବତରଣ ସମ୍ପର୍କରେ ରାମଙ୍କୁ କହିବା ସହ ପୁନର୍ଜନ୍ମ ସମ୍ପର୍କରେ ସୂଚିତ କରିଥିଲେ ବୋଲି ରାମାୟଣରେ ବର୍ଣ୍ଣନା ରହିଛି। ଏକ ଭିନ୍ନ ପ୍ରକାରର ଧର୍ମୀୟ ବିଶ୍ୱାସ ଯଥା ପୁନର୍ଜନ୍ମ, ମୋକ୍ଷ ଏବଂ ସନ୍ନ୍ୟାସ ପରମ୍ପରାର ପ୍ରତି ଭାରତର ପୂର୍ବଭାଗର ଯୋଗଦାନ ରହିଛି।

ମହାଭାରତରେ ଦୀର୍ଘତମ ଋଷିଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ସେ ରାଜା ବଳିଙ୍କ ଦ୍ୱାରା ନିମନ୍ତ୍ରିତ ହୋଇଥିଲେ ତାଙ୍କ ସ୍ତ୍ରୀ ସୁଦେଷ୍ଣାଙ୍କୁ ସନ୍ତାନ ପ୍ରଦାନ କରିବା ଲାଗି। ସେଥିପାଇଁ ଅଙ୍ଗ (ବିହାର), ବଙ୍ଗ (ବେଙ୍ଗଲ), ପୁଣ୍ଡ୍ରା (ବାଂଲାଦେଶ), ଓଡ୍ର (ଉତ୍ତରଓଡ଼ିଶା) ଏବଂ କଳିଙ୍ଗ (ଦକ୍ଷିଣ ଓଡ଼ିଶା)ର ରାଜା ଜନ୍ମ ଲାଭ କରିଥିଲେ। ଏହା ବେଦିକ୍ ଓ ଅଣ ବେଦିକ ଲୋକମାନଙ୍କ ମିଳନର ଏକ ସ୍ପଷ୍ଟ ଛବି ପ୍ରଦାନ କରେ। ଏହା ମଧ୍ୟ ଗାଙ୍ଗେୟ ସମତଳ ଅଞ୍ଚଳରୁ ପୂର୍ବ ଉପକୂଳ ଦେଇ ଋଷି ଦୀର୍ଘତମଙ୍କ ନେତୃତ୍ୱରେ ପ୍ରବାସନକୁ ସୂଚିତ କରୁଛି। ଗାଙ୍ଗେୟ ସମତଳ ଅଞ୍ଚଳରୁ ନର୍ମଦା ନଦୀ କଡ଼ ଦେଇ ଯେଭଳି ଋଷି ଭୃଗୁଙ୍କ ନେତୃତ୍ୱରେ୍ ପଶ୍ଚିମ ପ୍ରବାସନ ହୋଇଥିଲା ଏହା ଠିକ୍ ସେମିତି ଘଟିଥିଲା ଓ ଋଷି ଭୃଗୁକଚ୍ଛ ପ୍ରତିଷ୍ଠା କରିଥିଲେ। ଏହି ସବୁ ପୂର୍ବୋତ୍ତର ଅଞ୍ଚଳଗୁଡ଼ିକ ହାତୀ ଲାଗି ପ୍ରସିଦ୍ଧ, ଯାହା ମଗଧ ସାମ୍ରାଜ୍ୟ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହା ଇତିହାସରେ ମୌର୍ଯ୍ୟମାନଙ୍କର ଓ ପୁରାଣକଥାରେ ଜରାସନ୍ଧ, ନରକାଙ୍କ ସାମ୍ରାଜ୍ୟ ଭାବେ ବିଦିତ।



ବହୁ ଦିନ ଧରି ବିହାର ଓ ବେଙ୍ଗଲ ଥିଲା ବୌଦ୍ଧଧର୍ମର କେନ୍ଦ୍ର। ପାଳ ବଂଶ ରାଜାମାନେ ବୌଦ୍ଧଧର୍ମର ସଂରକ୍ଷକ ଥିଲେ । ନାଳନ୍ଦା, ବିକ୍ରମଶିଳା ଏବଂ ଅନ୍ୟ ବୌଦ୍ଧ ବିଶ୍ୱବିଦ୍ୟାଳୟ ପ୍ରତି ସେମାନଙ୍କ ଅବଦାନ ଅଧିକ। ପାଳ ରାଜାମାନେ ଅନେକ ବୌଦ୍ଧ ବିହାର ନିର୍ମାଣ କରିଥିବାରୁ ବିହାର ଭାବେ ଲୋକପ୍ରିୟତା ଲାଭ କରିଥିଲା ମଗଧ। ପାଳ ରାଜାମାନଙ୍କ ପରେ ସେଣ ରାଜ ଶାସନ ଆସିଲା। ସେଣମାନେ ଥିଲେ ହିନ୍ଦୁ । ଏହି ରାଜ୍ୟର ଜୈନଧର୍ମର ଭଦ୍ରବାହୁଙ୍କ ସହ ସମ୍ପର୍କ ରହିଥିଲା। ଏହା ଥିଲା ଜ୍ୟୋତିର୍ବିଦ୍ ବରାହମିହିରଙ୍କ କନ୍ୟା କାହ୍ନାଙ୍କ ଭୂମି। ସେ ଥିଲେ ପ୍ରଥମ ବେଙ୍ଗଲି କବି। ବୌଦ୍ଧ ଓ ହିନ୍ଦୁମାନଙ୍କ ପ୍ରଭାବ ବଢ଼ିବା ପୂର୍ବରୁ ବେଙ୍ଗଲ ଥିଲା ଏକ ବିକଶିତ ସଭ୍ୟତା, ଯାହା ସୁଙ୍ଗ ଶାସନ ସମୟର ଚନ୍ଦ୍ରକେତୁଗଡ଼ ଟେରାକୋଟା ଛବିରୁ ଜଣାପଡ଼େ। ପୁନଶ୍ଚ ପୂର୍ବରେ ଆସାମ ଓ ବ୍ରହ୍ମପୁତ୍ର ଉପତ୍ୟକାର ସମ୍ପର୍କ କୃଷ୍ଣଙ୍କ ସହ ଯୁଦ୍ଧ କରିଥିବା ନରକାସୁର ଏବଂ ବାଣାସୁରଙ୍କ ରାଜ୍ୟ ସହ ରହିଛି। କୃଷ୍ଣଙ୍କ ଶତ୍ରୁ ଜରାସନ୍ଧ ମଗଧର ଶାସକ ଥିଲେ। କୃଷ୍ଣ ଥିଲେ ପଶ୍ଚିମ ଗାଙ୍ଗେୟ ଉପତ୍ୟକାରେ ଥିବା ମଥୁରା ଅଞ୍ଚଳର। କେତେଜଣ ପଣ୍ଡିତଙ୍କ ମତରେ କୃଷ୍ଣଙ୍କ ସ୍ତ୍ରୀ ରୁକ୍ମିଣୀ ବିଦର୍ଭର ନ ଥିଲେ, ସେ ଥିଲେ ଅରୁଣାଚଳ ପ୍ରଦେଶର ମିଶ୍ମି ସମୁଦାୟର। ଏସବୁରୁ ବୁଝାପଡ଼େ ଯେ, ହିନ୍ଦୁ ବିଚାରଧାରା ବ୍ରହ୍ମପୁତ୍ର ଉପତ୍ୟକା ଆଗ ଯାଏ ପ୍ରସାରିତ ହୋଇଥିଲା। ଲୋହିତ ନଦୀ ସହ ପର୍ଶୁରାମଙ୍କ ସମ୍ପର୍କ ରହିଛି ଯେଉଁଠି ସେ ରକ୍ତ ଲଗା ଟାଙ୍ଗିଆ ସଫା କରିଥିଲେ।

ଓଡ଼ିଶାରେ ବୈତରଣୀ ନଦୀ ପ୍ରବାହିତ। ବୈତରଣୀ ସେହି ଭୂମିକୁ ବୁଝାଏ ଯାହା ଯମଲୋକରୁ ମର୍ତ୍ତ୍ୟକୁ ଅଲଗା କରିଥାଏ। ମହାରାଷ୍ଟ୍ରରେ ମଧ୍ୟ ଏକ ବୈତରଣୀ ନଦୀ ରହିଛି। ସେ ସମୟରେ ଏହି ନଦୀ ଦକ୍ଷିଣ ସୀମାର ଚିହ୍ନ ଥିଲା କି? ବୌଦ୍ଧାୟନ ଧର୍ମଶାସ୍ତ୍ରରେ ରହିଛି ଯେ, ତୀର୍ଥଯାତ୍ରା ବ୍ୟତୀତ ଲୋକମାନଙ୍କୁ କଳିଙ୍ଗର ପୂର୍ବାଞ୍ଚଳକୁ ଯିବା ଲାଗି ବନ୍ଦ କରାଯାଇଥିଲା। ଏଥିରୁ ବୁଝାପଡୁଛି ଯେ, ସେ ସମୟରେ କିଛି ତୀର୍ଥ କ୍ଷେତ୍ର ରହିଥିଲା। ଏହା ହୋଇପାରେ ବୌଦ୍ଧ କିମ୍ବା ହିନ୍ଦୁ ଅବା ଆଦିବାସୀଙ୍କ ତୀର୍ଥ କ୍ଷେତ୍ର। କିନ୍ତୁ କଳିଙ୍ଗର ପୂର୍ବାଞ୍ଚଳ ଉପରେ କିଛି ଶଙ୍କା ରହିଛି। ଅଶୋକଙ୍କ କଳିଙ୍ଗ ଆକ୍ରମଣ ସମ୍ପର୍କରେ ଶୁଣିଛେ, କିନ୍ତୁ ସେ ଯେଉଁ ଲୋକଙ୍କୁ ଆକ୍ରମଣ କରିଥିଲେ ସେମାନେ କେଉଁ ଧର୍ମର ଥିଲେ ; ସେମାନେ ବ୍ୟବସାୟୀ ନା କୃଷକ ଥିଲେ ସେ ସମ୍ପର୍କରେ ଆମେ ଖୁବ୍ କମ୍ ଜାଣିଛେ। ଅଶୋକ କ'ଣ ଦକ୍ଷିଣ ପୂର୍ବ ଏସିଆକୁ ଲାଭପ୍ରଦ ସାମୁଦ୍ରିକ ବାଣିଜ୍ୟ କରିବାକୁ ଚାହୁଁଥିଲେ କି? ପରେ କଳିଙ୍ଗକୁ ଖାରବେଳ ଶାସନ କରିଥିଲେ। ସେ ଜୈନ ସନ୍ନ୍ୟାସୀଙ୍କ ଭକ୍ତ ଥିବା ମନେହୁଏ। ଉଦୟଗିରି ଗୁମ୍ଫାରେ ତାଙ୍କ ଶିଳାଲେଖରେ ସେ ପ୍ରଥମେ 'ଭାରତବର୍ଷ' ଶବ୍ଦ ବ୍ୟବହାର କରିଛନ୍ତି। ଓଡ଼ିଶାରେ ରତ୍ନଗିରି ଭଳି କେତେକ ବୃହତ୍ ବୌଦ୍ଧ ସ୍ମାରକ ଦେଖିବାକୁ ପାଉ। କେତେଜଣ ବିଦ୍ୱାନଙ୍କ ମତରେ, ଦଶମ ଶତାବ୍ଦୀରେ ପଦ୍ମଭସମ୍ଭବ ବୌଦ୍ଧଧର୍ମକୁ ତିବ୍ବତକୁ ନେଇଥିଲେ। କୁହାଯାଏ, ସେ ଥିଲେ ଓଡ଼ିଶାର, ଗାନ୍ଧାର (ଉତ୍ତରପଶ୍ଚିମ)ର ନୁହେଁ। ଓଡ଼ିଶାରେ ବୌଦ୍ଧ ଧର୍ମର ପ୍ରଭାବ କମ୍ ହେବା ପରେ ହିନ୍ଦୁଧର୍ମ ପ୍ରଭାବ ବଢ଼ିଥିଲା।

ଭାରତର ପୂର୍ବ ଭାଗରେ ଆମେ ମଗଧର ବିଚିତ୍ର ଭାଷା ଢାଞ୍ଚା ଦେଖିବାକୁ ପାଉ; ଯାହା ଦେଶର ଅନ୍ୟ କୌଣସି ଅଞ୍ଚଳରେ ଦେଖିବାକୁ ମିଳେନାହିଁ। ଉଦାହରଣସ୍ୱରୂପ, ଭାଷାର ବିଶ୍ଳେଷଣରେ ପୁଲିଙ୍ଗ ଓ ସ୍ତ୍ରୀଲିଙ୍ଗକୁ ନିର୍ଦ୍ଦିଷ୍ଟ ବ୍ୟକ୍ତି ସହ ସମ୍ପର୍କିତ କରାଯାଇନାହିଁ। ଏଥିପାଇଁ ଓଡ଼ିଆ ଏବଂ ବେଙ୍ଗଲୀମାନେ ନିଜକୁ ଲିଙ୍ଗ ନିରପେକ୍ଷ ଶବ୍ଦରେ ସମ୍ବୋଧିତ କରିଥାଆନ୍ତି। ଏହା କିନ୍ତୁ ହିନ୍ଦୀରେ ଦେଖାଯାଏ, କାହିଁକି ନା ସେଥିରେ ଏହା ଅତ୍ୟଧିକ ଲିଙ୍ଗକୈନ୍ଦ୍ରିକ। ଏହି ପ୍ରଭେଦ ହଠାତ୍ ହୋଇନାହିଁ। ସେଗୁଡ଼ିକ ଏକ ସଂସ୍କୃତିରେ ଥିବା ପ୍ରଭେଦ ଏବଂ ଆର୍ଯ୍ୟ ଓ ଦ୍ରାବିଡ଼ଙ୍କ ପରେ ଆଉ ଏକ ଭାରତୀୟ ସଂସ୍କୃତିର ଧାରାକୁ ପ୍ରତିପାଦିତ କରୁଛି। ଏଣୁ ହିନ୍ଦୁତ୍ୱକୁ ନେଇ ଭାରତର ଉତ୍ତର ଓ ଦକ୍ଷିଣ ଭାଗକୁ ଯେଭଳି ଅଧିକ ଗୁରୁତ୍ୱ ଦିଆଯାଉଛି ଅତି କମ୍‌ରେ ଭାରତର ପୂର୍ବଭାଗକୁ ସେମିତି ଗୁରୁତ୍ୱ ଦେବା ଦରକାର।

devduttofficial@gmail.com

## ଏଇ ଭାରତରେ

ରାଜସ୍ଥାନରେ ଅନେକ ପୁରୁଣା ପରମ୍ପରା ଏବଂ ରୀତିନୀତି ଅଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ସମୟକ୍ରମେ ବହୁ ପରମ୍ପରାର ବିଧି ମଧ୍ୟ ବଦଳି ଯାଇଛି। ହେଲେ ପରସ୍ପରକୁ ବାଣ ଫିଙ୍ଗିବା ପରମ୍ପରା ବଜାୟ ରହିଛି। ଅଜମେରର କେକେଡ଼ି ସହରରେ ଖେଳାଯାଉଥିବା ଏପରି ଏକ ପରମ୍ପରା ରହିଛି, ଯାହା ଲୋକଙ୍କ ପାଇଁ ବିପଦପୂର୍ଣ୍ଣ । ଏଠାରେ ଦୀପାବଳି ପରଦିନ ଲୋକେ ଗୋବର୍ଦ୍ଧନ ପୂଜାରେ ପରସ୍ପର ଉପରକୁ ବାଣ ଫିଙ୍ଗନ୍ତି। ଏଥିରେ ବହୁ ଲୋକ ଆହତ ହୋଇଥା'ନ୍ତି। ଏଭଳି ବିପଜ୍ଜନକ ଖେଳ ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବା ସତ୍ତ୍ୱେ ଲୋକେ ଏହାକୁ ଅଣଦେଖା କରି ଏହି ପରମ୍ପରା ପାଳନ କରିଆସୁଛନ୍ତି। କେକେଡି ସହରରେ ପ୍ରଭୁ ଭୈରବଙ୍କର ଏକ ପ୍ରାଚୀନ ମନ୍ଦିର ଅଛି। ଗୋବର୍ଦ୍ଧନ ପୂଜାରେ ଦୀପାବଳିର ଗୋଟିଏ ଦିନ ପରେ ଏଠାରେ ୧୦୦ ବର୍ଷରୁ ଅଧିକ ପୁରୁଣା ଉକ୍ତ ପରମ୍ପରାର ବିଧି ମୁତାବକ ଘାସରେ ଭୈରବଙ୍କର ଏକ ପ୍ରତିମା ତିଆରି କରାଯାଇଥାଏ। ଏହି ପ୍ରତିମାକୁ ବଳଦ ଉପରେ ରଖି ସହର ପରିକ୍ରମା କରାଯାଏ। ବଳଦଙ୍କୁ ଚଲାଇବା ପାଇଁ ବାଣରେ ନିଆଁ ଲଗାଇ ସେମାନଙ୍କ ଗୋଡ଼ ପାଖକୁ ଫିଙ୍ଗା ଯାଇଥାଏ। ଫଳରେ ବଳଦମାନେ ଭୟଭୀତ ହୋଇ ଦୌଡ଼ିବା ଆରମ୍ଭ କରନ୍ତି। ପରେ ଲୋକମାନେ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଯାଆନ୍ତି ଓ ପରସ୍ପର ଉପରକୁ ବାଣ ପକାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଅକ୍ଟୋବର ୧୯୯୭

- ସିଏରାଲିଓନର ସାମରିକ ସରକାର ହତ୍ୟାକାଣ୍ଡରେ ଅଭିଯୁକ୍ତ ୧୦ ଜଣ ସୈନ୍ୟଙ୍କୁ ଦେଶର ଗୁଳିଚାଳନାକାରୀ ସ୍କ୍ୱାଡ୍ ପକ୍ଷରୁ ଗୁଳିକରି ହତ୍ୟା କରିଛନ୍ତି।
- କେରଳରୁ କୋଏମ୍ବାଟୁର ଯାଉଥିବା ଏକ ଜିପ୍ ସହ ଟେମ୍ପୋ ମୁହାଁମୁହିଁ ଧକ୍କା ଲାଗି ନିଆଁ ଲାଗିଯିବା ଫଳରେ ୧୬ ଯାତ୍ରୀ ଜୀବନ୍ତ ଦଗ୍ଧ।
- ବିଧାୟକ ପ୍ରଫୁଲ୍ଲ ଘଡ଼େଇଙ୍କ ବିରୋଧରେ ବାହୁବଳ, ଅର୍ଥବଳ ଓ ବେଆଇନ ଉପାୟ ଅବଲମ୍ବନ କରି ନିର୍ବାଚନ ଜିଣିଥିବାରୁ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ପରାଜିତ ପ୍ରାର୍ଥୀ ଶରତ ରାଉତଙ୍କ ଦ୍ୱାରା ରୁଜୁ କରାଯାଇଥିବା ମକଦ୍ଦମା ହାଇକୋର୍ଟରେ ଖାରଜ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | | | 1 | |
| 4 | | 9 | | 1 | | | 6 | 5 |
| 3 | | | | | | | | 4 |
| 5 | | | | | 9 | | 3 | |
| | | 2 | 8 | | | 1 | | |
| | | 3 | | | | 2 | | 7 |
| | | | | 9 | 5 | | | |
| | | | | 2 | | | 9 | |
| | 7 | | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 6 | 2 | 8 | 3 | 7 | 5 | 9 |
| 9 | 2 | 3 | 7 | 5 | 4 | 6 | 8 | 1 |
| 5 | 8 | 7 | 9 | 6 | 1 | 3 | 2 | 4 |
| 2 | 7 | 9 | 5 | 1 | 8 | 4 | 3 | 6 |
| 1 | 6 | 4 | 3 | 7 | 2 | 8 | 9 | 5 |
| 8 | 3 | 5 | 6 | 4 | 9 | 2 | 1 | 7 |
| 7 | 9 | 1 | 8 | 2 | 6 | 5 | 4 | 3 |
| 6 | 4 | 8 | 1 | 3 | 5 | 9 | 7 | 2 |
| 3 | 5 | 2 | 4 | 9 | 7 | 1 | 6 | 8 |

ଗତକାଲିର ଉତ୍ତର

# ସ୍କୁଲ୍‌ରୁ କାଫେ



ରାଜୀବ କର୍ମୀ

ଶିଶୁମାନଙ୍କର ଶିକ୍ଷା ଅଧିକାରକୁ ଭ୍ରୂକ୍ଷେପ ନ କରି ରାଜ୍ୟ ସରକାର ବିଗତ ଦିନଗୁଡ଼ିକରେ ରାଜ୍ୟର ଅନେକ ସ୍କୁଲ ବନ୍ଦ କଲେ। ୨୦୦୧ ମସିହାରେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ଆବଶ୍ୟକତା ନ ଥିବା ଅଞ୍ଚଳରେ ସରକାର ବିଦ୍ୟାଳୟ ମାନ ଖୋଲିଥିଲେ। ପରବର୍ତ୍ତୀ ସମୟରେ ପିଲାଙ୍କ ସଂଖ୍ୟାରେ ବୃଦ୍ଧି ନ ହେବା ଯୋଗୁ ଧୀରେ ଧୀରେ ସେହି ବିଦ୍ୟାଳୟଗୁଡ଼ିକୁ ବନ୍ଦ କଲେ। ଯାହା ଫଳରେ ସରକାରଙ୍କ ଅପାରଗତା ହେତୁ ଅନେକ ପିଲା ନିଜ ଅଧିକାରରୁ ବଞ୍ଚିତ ହେଲେ। ଫଳତଃ ବିଦ୍ୟାଳୟର ସୁନ୍ଦର ସୁନ୍ଦର ଅଟ୍ଟାଳିକା ଯାହା ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗଢ଼ିଉଠିଥିଲା ତାହା ଏବେ ଭୂତକୋଠି ପାଲଟି ଯାଇଛି। ସେହି ବିଦ୍ୟାଳୟ ଗୃହର ସୁବିନିଯୋଗ ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ହସ୍ତାନ୍ତର କରିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହା ଏକ ଉତ୍ତମ ପଦକ୍ଷେପ, ମାତ୍ର ବିଦ୍ୟାଳୟର ପୁନରୁଦ୍ଧାର ବଦଳରେ ଏହା ଶ୍ରେୟସ୍କର ନୁହେଁ।

ଅନ୍ୟାନ୍ୟ ବିଦ୍ୟାଳୟ ପରି ବୌଦ୍ଧ ଜିଲାର ଗଜରାଜପୁର ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ ଦୁଇବର୍ଷ ହେଲା ସରକାର ବନ୍ଦ କରିଛନ୍ତି। ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ ନ କରିପାରିବା ହେତୁ ସେହି ବିଦ୍ୟାଳୟକୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରି ସେଠାରେ ଏକ ମିଶନ ଶକ୍ତି କାଫେ ସରକାର ଆରମ୍ଭ କରିଛନ୍ତି। ଏହା ମଧ୍ୟ ଏକ ଉଚିତ ପଦକ୍ଷେପ, ମାତ୍ର ବିଦ୍ୟାଳୟରେ ଥିବା ସମସ୍ୟାକୁ ସମାଧାନ ନ କରି ତା' ବଦଳରେ ଅନ୍ୟ କିଛି କରିବା ପରିତାପର ବିଷୟ। ଶିକ୍ଷା ହେଉଛି ସବୁର ମୂଳ। ଶିକ୍ଷାକୁ ସବୁ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଶିକ୍ଷା ବଦଳରେ ଜୀବନ ଜୀବିକାକୁ ଗୁରୁତ୍ୱ ଦେବା କେତେ ଯୁକ୍ତିଯୁକ୍ତ। ଗୋଷ୍ଠୀ ସହଯୋଗ ବିନା କୌଣସି ଯୋଜନା ସଫଳ ହୁଏ ନାହିଁ। ମିଶନ ଶକ୍ତି କାଫେ ପାଇଁ ଆଗେଇ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ବିଦ୍ୟାଳୟ ବନ୍ଦ ହେବା ପୂର୍ବରୁ ବିଦ୍ୟାଳୟକୁ ଠିକ୍ କରି ପାରିଥାନ୍ତେ।

ସରକାର ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବାର ଉଦ୍ଦେଶ୍ୟକୁ ନିରପେକ୍ଷ ଭାବରେ ଯଦି ସମୀକ୍ଷା କରାଯାଏ ତେବେ ଫଳ ସ୍ୱରୂପ କେତୋଟି ବିଷୟ ଉଲ୍ଲେଖ କରାଯାଇ ପାରେ। ସମସ୍ତେ ପଢ଼ିବେ, ସମସ୍ତେ ବଢ଼ିବେ ନାରା ନେଇ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହୋଇଥିଲା। ଶିକ୍ଷାକୁ ଘରେ ଘରେ ପହଞ୍ଚାଇବା ପାଇଁ ପ୍ରତି ଗାଁରେ ବିଦ୍ୟାଳୟ ଖୋଲାଗଲା। ଏଥିପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଲେ। ରାଜ୍ୟ ସରକାର ସେହି ଅନୁଦାନକୁ ଖର୍ଚ୍ଚ କରିବା ପାଇଁ ବିଦ୍ୟାଳୟ ଆବଶ୍ୟକ ନ ଥିବା ଗାଁଗୁଡ଼ିକରେ ପିଲା ସଂଖ୍ୟାକୁ କାଗଜ ପତ୍ରରେ ବୃଦ୍ଧିକରି ଯୋଗ୍ୟ ବିବେଚିତ କରି ନୂତନ ବିଦ୍ୟାଳୟ ମାନ ଖୋଲିଚାଲିଲେ। ସେହି ବିଦ୍ୟାଳୟଗୁଡ଼ିକରେ ନିୟମିତ ଶିକ୍ଷକ ବଦଳରେ ଠିକା ଶିକ୍ଷକ ନିଯୁକ୍ତି କଲେ। ଶିକ୍ଷକ ନିଯୁକ୍ତି ହେଲେ, ପିଲାମାନେ ବିଦ୍ୟାଳୟକୁ ଆସିଲେ ମାତ୍ର ଶିକ୍ଷାର ଗୁଣବତ୍ତାରେ ବୃଦ୍ଧି ଏବଂ ନିୟମିତ ଉପସ୍ଥାନରେ ବୃଦ୍ଧି ବଦଳରେ ଧୀରେ ଧୀରେ ଏହାର ଅବନତି ଘଟିଲା। ଠିକା ଶିକ୍ଷକମାନେ ପାଠପଢ଼ା ବଦଳରେ ନିଜର ଚାକିରିକୁ ନିୟମିତ କରିବା ପାଇଁ ଗୁରୁତ୍ୱ ଦେଲେ। ଧୀରେ ଧୀରେ ଶିକ୍ଷା ନିଜର ଗୁଣବତ୍ତା ହରାଇଲା। ପିଲାଙ୍କ ଉପସ୍ଥାନରେ ଅବନତି ଘଟିଲା। ଅଭିଭାବକମାନେ ସରକାରୀ ବିଦ୍ୟାଳୟ ପ୍ରତି ମୁହଁ ମୋଡ଼ିବା ଆରମ୍ଭ କଲେ।



୨୦୦୯ ମସିହାର ମୁକ୍ତ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଏହି ଧାରାକୁ ରୋକି ପାରିଲା ନାହିଁ। ଏହି ଆଇନରେ ପ୍ରତି ୪୦ଜଣ ଶିଶୁରେ ଏବଂ ୧ କିଲୋମିଟର ପରିଧିରେ ଗୋଟିଏ ଲେଖାଏ ବିଦ୍ୟାଳୟ ଖୋଲିବା ପାଇଁ ନିର୍ଦ୍ଦେଶ ରହିଛି। ଯଦି କୌଣସି ପ୍ରାକୃତିକ ପ୍ରତିବନ୍ଧକ ଥାଏ ତେବେ ଏହାଠାରୁ କମ୍ ଦୂରତା ଏବଂ କମ୍ ପିଲାରେ ମଧ୍ୟ ବିଦ୍ୟାଳୟ ଖୋଲାଯାଇ ପାରିବ। ଉପରୋକ୍ତ ଗଜରାଜପୁର ବିଦ୍ୟାଳୟ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସେହି ବିଦ୍ୟାଳୟଠାରୁ ନିକଟସ୍ଥ ବିଦ୍ୟାଳୟର ଦୂରତା ୧ କିଲୋମିଟର ହେଲେ ମଧ୍ୟ ସେହି ଗାଁ ଏବଂ ବିଦ୍ୟାଳୟ ମଧ୍ୟରେ ଜାତୀୟ ରାଜପଥ ରହିଛି। ଯେଉଁଠି ହଜାର ହଜାର ଯାନବାହନ ଯାତାୟାତ କରୁଛନ୍ତି। ସେହି ବାଟଦେଇ ଶିଶୁମାନେ ନିୟମିତ ବିଦ୍ୟାଳୟକୁ ଯିବା ବେଳେ ଆକସ୍ମିକ ଦୁର୍ଘଟଣାକୁ ଏଡ଼ାଇ ଦେଇ ହେବନାହିଁ। ଏ ପରିପ୍ରେକ୍ଷୀରେ ଗଜରାଜପୁରର ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିବାର କୌଣସି ଯୁକ୍ତି ନ ଥିଲା। ଏପରି ଅନେକ ବିଦ୍ୟାଳୟ ସରକାର ବନ୍ଦ କରିଛନ୍ତି, ଭୁଲ୍ ଆକଳନ ଏବଂ ଭୁଲ୍ ତଥ୍ୟକୁ ନେଇ।

ଏଠାରେ ସ୍ୱତଃ ପ୍ରଶ୍ନ ଉଠେ କମ୍ ଶିଶୁ ଥିବା ଗାଁଗୁଡ଼ିକରେ ବିଦ୍ୟାଳୟ ଖୋଲାଗଲା କାହିଁକି? ପାଖ ଗାଁରେ ବିଦ୍ୟାଳୟ ଥାଇ ସୁଦ୍ଧା ଆଉ ଗୋଟିଏ ବିଦ୍ୟାଳୟ ଖୋଲିବାର କି ଯୁକ୍ତି ରହିଛି? ବିଦ୍ୟାଳୟରେ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ସରକାରଙ୍କ ତରଫରୁ କ'ଣ ପ୍ରୟାସ କରାଯାଇଛି? ଗୋଷ୍ଠୀକୁ କାହିଁକି ଶିକ୍ଷାର ବିକାଶରେ ସାମିଲ କରାଯାଇ ନାହିଁ? ଏହାର ସମୀକ୍ଷା କରିବାର ଆବଶ୍ୟକତା ରହିଛି ।

ଦିନକୁ ଦିନ ସରକାର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ସରକାର ପ୍ରାୟତଃ ସବୁକାମରେ ମହିଳାମାନଙ୍କୁ ସାମିଲ କରି ସେମାନଙ୍କର ଜୀବନ ଜୀବିକାର ବୃଦ୍ଧି ପାଇଁ ଅନେକ ଅନୁଦାନ ମଧ୍ୟ ଦେଉଛନ୍ତି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ଦାୟିତ୍ୱବାନ୍। ତେଣୁ ତାଙ୍କୁ ଆର୍ଥିକ କ୍ଷମତା ଦେଲେ ଅନୁଦାନର ସୁବିନିଯୋଗ ହେବା ସଙ୍ଗେ ସଙ୍ଗେ ପରିବାରର ଆର୍ଥିକ ଉନ୍ନତି ହୋଇପାରିବ। ମିଶନ ଶକ୍ତି ମାଧ୍ୟମରେ ଅନେକ କାର୍ଯ୍ୟକ୍ରମ ଆମ ରାଜ୍ୟରେ ଚାଲୁଛି। ସେଥି ମଧ୍ୟରୁ ବେଶି ମାତ୍ରାରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ତରଫରୁ କାଫେଟେରିଆ ମାନ ଖୋଲାଯାଇ ମହିଳାମାନଙ୍କ ପାଇଁ ରୋଜଗାରର ପନ୍ଥା ସୃଷ୍ଟି କରାଯାଇ ପାରିଛି। ଗାଁଗୁଡ଼ିକରେ ତ ଏଥିପାଇଁ ଜାଗା ମିଳିବା କଷ୍ଟକର, ତେଣୁ ସରକାର ବନ୍ଦ ହୋଇଯାଇଥିବା ବିଦ୍ୟାଳୟ ଗୃହଗୁଡ଼ିକୁ ଏଥିପାଇଁ ବ୍ୟବହାର କରୁଛନ୍ତି।

ବନ୍ଦ ହୋଇଥିବା ବିଦ୍ୟାଳୟଗୁଡ଼ିକରୁ କେତେକ ବିଦ୍ୟାଳୟ ପୁନଃ ଚାଲୁ କରିବାର ଆବଶ୍ୟକତା ସରକାର ଅନୁଭବ କରିବା ଉଚିତ। ବିଦ୍ୟାଳୟ ପ୍ରତି ଶିଶୁମାନଙ୍କର ଆଗ୍ରହ ଜନ୍ମାଇବା ସରକାରଙ୍କର ଦାୟିତ୍ୱ। ନିଜ ପିଲାର ଶୈକ୍ଷିକ ଉନ୍ନତି ନ ହେଲେ ଅଭିଭାବକମାନେ ବିଦ୍ୟାଳୟ ପ୍ରତି ମୁହଁମୋଡ଼ିବା ସ୍ୱାଭାବିକ। ତେଣୁ ବିଦ୍ୟାଳୟରେ ପିଲା ସଂଖ୍ୟା କମିବାରେ ଲାଗିଛି। ଏପଟେ ସରକାର ବିଦ୍ୟାଳୟକୁ ବନ୍ଦ କରିଦେଇ ନିଜ ମୁଣ୍ଡରୁ ଅଠା ଛଡ଼ାଉଛନ୍ତି। ପିଲା ସଂଖ୍ୟା ବିଷୟରେ ଅଧିକାରୀମାନଙ୍କର ଭୁଲ୍ ତଥ୍ୟ ଯୋଗୁ କେତେକ ବିଦ୍ୟାଳୟ ବନ୍ଦ କରାଯାଇଛି। ସେହି ବିଦ୍ୟାଳୟ ବିଷୟରେ ସରକାର ଆଉଥରେ ବିଚାର କରିବା ଉଚିତ। ସରକାର କାଫେ ବିଷୟରେ ଯେମିତି ସକ୍ରିୟ ହୋଇ କାମ କରୁଛନ୍ତି। ବିଦ୍ୟାଳୟକୁ ବଞ୍ଚାଇବାକୁ ମଧ୍ୟ ସେପରି ସକ୍ରିୟତା ଦେଖାଇଲେ ଶିଶୁମାନେ ତାଙ୍କର ଅଧିକାର ଫେରିପାଇବେ।

**ଶଗଡ଼ା, ବୌଦ୍ଧ**

**ମୋ-୮୩୨୮୮୪୮୧୪୫**

# ବାସିରୁଟି



ନିମାଇଁ ଚରଣ ଲେଙ୍କା

ଜଣେ ଧନୀ ଓ କୃପଣ ବ୍ୟକ୍ତି ଘରେ ଉପସ୍ଥିତ ଥିଲାବେଳେ ଜଣେ ସାଧୁ ଆସି ଦ୍ୱାରଦେଶରେ ଭୋଜନ ପାଇଁ କିଛି ମାଗିଲେ। ବ୍ୟକ୍ତିଟି ସେଥିକୁ କର୍ଣ୍ଣପାତ ନ କରିବାରୁ ,ଘର ଭିତରୁ ଗୁଣବତୀ ନୂଆବୋହୂଟି ସାଧୁଙ୍କୁ କହିଲା,''ବାବା ! ଆମେ ତ ଆଜି 'ବାସିରୁଟି' ଖାଉଛୁ, କାଲି ଉପାସ ରହିବୁ। ଆପଣଙ୍କୁ କ'ଣ ବା ଦେବୁ?'' ଏକଥା ଶୁଣି ସାଧୁ ବୋହୂକୁ ଆଶୀର୍ବାଦ କରି ଚାଲିଗଲେ। ଏ ସବୁକୁ ଲକ୍ଷ୍ୟକରି ପରିବାରର ସମ୍ମାନହାନି କରିଥିବାରୁ ଶ୍ୱଶୁର ବୋହୂକୁ ବାପଘରକୁ ବିଦାକରିଦେବା ପାଇଁ ତା'ର ବାପା, ଭାଇଙ୍କୁ ଡକାଇଲେ। ସେମାନଙ୍କ ପ୍ରଶ୍ନରେ ବୋହୂଟି କହିଲା, ''ପୂର୍ବଜନ୍ମରେ ମୋ' ଶ୍ୱଶୁର,ଶାଶୁ କିଛି ପୁଣ୍ୟକର୍ମ କରିଥିଲେ ବା 'ରୁଟି' ସେକିଥିଲେ ବୋଲି ଏ ଜନ୍ମରେ ବା ଆଜି ଧନଶାଳୀ ହୋଇ ତା'ର ଫଳଭୋଗ କରୁଛନ୍ତି। କିନ୍ତୁ ଏ ଜନ୍ମରେ କୌଣସି ପୁଣ୍ୟକର୍ମ, ଦାନ, ଧର୍ମ କରୁନାହାନ୍ତି ବା 'ରୁଟି' ସେକୁନାହାନ୍ତି। ତେଣୁ ଆସନ୍ତା ଜନ୍ମ ବା କାଲି ନିଶ୍ଚିତଭାବେ ପୁଣ୍ୟ କର୍ମଫଳ ଭୋଗରୁ ବଞ୍ଚିତହେବେ ବା ଉପାସ ରହିବେ। ଆମେ ଯେହେତୁ ନିଜ କର୍ମଫଳ ଅନୁଯାୟୀ ସେହି ପରିବାରର ସଦସ୍ୟ ଅଛୁ, ଆମକୁ ମଧ୍ୟ ସେହି ସମଦଶା ଭୋଗିବାକୁ ପଡ଼ିବ। ଯଦି ଏପରି କଥା କହିବାରେ ମୋର କିଛି ତ୍ରୁଟିଥାଏ, ମୋତେ କ୍ଷମାଦେବେ।'' ଏଭଳି ଉତ୍ତରରେ ସମସ୍ତେ ନିରୁତ୍ତର ହୋଇଗଲେ। କାରଣ ନ ଥାଇ ଏ ଦୁନିଆରେ କିଛି ହୁଏ ନାହିଁ। ସବୁକଥାର ପଶ୍ଚାତଭାଗରେ କିଛିନା କିଛି କାରଣ ଅବଶ୍ୟ ରହିଛି। ଯେଉଁ ବ୍ୟକ୍ତିଟି ଏଜନ୍ମରେ ମନ୍ଦକର୍ମ କରି ମଧ୍ୟ ଭଲରେ ଅଛି, ତେବେ ବୁଝିବାକୁ ହେବ ସେ 'ବାସି' ଖାଉଛି। ଅର୍ଥାତ୍ ପୂର୍ବଜନ୍ମରେ ଯେଉଁ ଭଲକାମ କରିଛି, ଭଲଚିନ୍ତା କରିଛି, ଏଜନ୍ମରେ ତା'ର ଭଲ ଫଳ ଭୋଗୁଛି। ଯେଉଁ ବ୍ୟକ୍ତିଟି ଏ ଜନ୍ମରେ ଭଲକର୍ମ କରି ମଧ୍ୟ ମନ୍ଦଫଳ ଭୋଗୁଛି, ବୁଝିବାକୁ ହେବ, ସେ ମଧ୍ୟ ପୂର୍ବଜନ୍ମରେ କିଛି ମନ୍ଦକର୍ମ କରିଛି। ଏ ସଂସାରରେ ସମସ୍ତେ ନିଜ ପୂର୍ବ କର୍ମଫଳରୂପୀ 'ବାସିରୁଟି' ହିଁ ଖାଉଛନ୍ତି।

କର୍ମ ତ୍ରିବିଧ, ଯଥା- ପ୍ରାରବ୍ଧ: ଯେଉଁ କର୍ମ ପୂର୍ବେ କରାଯାଇଥିଲା ଓ ବର୍ତ୍ତମାନ ଫଳଦାନ କରିବାକୁ ଆରମ୍ଭ କଲାଣି। କ୍ରିୟମାଣ: ବର୍ତ୍ତମାନ (ଏଇ) ଜନ୍ମରେ କରାଯାଉଥିବା କର୍ମ। ସଞ୍ଚିତ: ପୂର୍ବରୁ ଏ ଜନ୍ମକୁ ସାଇତା ହୋଇଥିବା କର୍ମଫଳ ବା ଏଇଜନ୍ମରୁ ଆସନ୍ତା ଜନ୍ମକୁ ସାଇତା ହେବାକୁ ଥିବା କର୍ମଫଳ। ପ୍ରତ୍ୟେକଙ୍କୁ ନିଜ କର୍ମଫଳ ଭୋଗିବାକୁ ହିଁ ପଡ଼ିବ। ଯିଏ ଯେଉଁ କର୍ମ ଇଚ୍ଛାକଲେ କରିପାରିବ। ସେଥିପାଇଁ କାହାରିକୁ ମନାନାହିଁ। କିନ୍ତୁ ଫଳଭୋଗ କରିବାରେ ସମସ୍ତେ ପରାଧୀନ। ଫଳଭୋଗ କଲାବେଳେ କେହି ମନାକରି ପାରିବେନାହିଁ, ଏମିତି ମନ୍ଦଫଳ ମୋତେ କାହିଁକି ମିଳିଲା କିମ୍ବା କେହି ଉଲ୍ଲସିତ ହେବେ ନାହିଁ, ଏମିତି ଭଲଫଳ ମୋତେ କାହିଁକି ମିଳିଲା। ଦୁଃଖ ଭୋଗକଲେ ପାପ କର୍ମଫଳ ଓ ସୁଖ ଭୋଗକଲେ ପୁଣ୍ୟ କର୍ମଫଳ ଶେଷ ହୋଇଆସେ। ଦୁଃଖଭୋଗ କଲାବେଳେ ମଧ୍ୟ ଯଦି ଧୈର୍ଯ୍ୟର ସହିତ ପୁଣ୍ୟକର୍ମ(ସତ୍‌କର୍ମ) କରାଯାଏ, ତେବେ ଏଇ ଜନ୍ମ ଓ ଆସନ୍ତା ଜନ୍ମକୁ ପୁଣ୍ୟଫଳ ସଞ୍ଚିତ ରୂପେ ଜମା ହୋଇଯାଏ। କିନ୍ତୁ ସୁଖଭୋଗ କରୁଥିବାବେଳେ ପୁନଶ୍ଚ ଯଦି ପୁଣ୍ୟକର୍ମ ନ କରି ପାପକର୍ମ କରାଯାଏ, ତେବେ ଏଇ ଜନ୍ମ ଓ ଆସନ୍ତା ଜନ୍ମକୁ ପାପଫଳ ସଞ୍ଚିତ ରୂପେ ଜମାହୋଇଯାଏ।

ଆମେ ଭୁଲ୍ କରୁଛେ କି ଠିକ୍ କରୁଛେ, ତା' ପାଇଁ ଈଶ୍ୱର ଦିନ ଓ ରାତି ରୂପୀ ଦୁଇଟି ସାକ୍ଷୀ ଖଞ୍ଜିଦେଇ ସବୁ ଦେଖୁଛନ୍ତି। ସ୍ୱର୍ଗାଦିଲୋକ ସୁଖଭୋଗର ଏବଂ ନର୍କ ଦୁଃଖଭୋଗର ସ୍ଥାନ। ମନୁଷ୍ୟଜନ୍ମ ସୁଖ ଓ ଦୁଃଖ ଭୋଗକରିବା ପାଇଁ ମିଳିନାହିଁ। ଯେଉଁମାନେ ଦୁର୍ଲଭ ମନୁଷ୍ୟଜନ୍ମ ପାଇ ମଧ୍ୟ ସାବଧାନ ନ ଥାନ୍ତି,ଜନ୍ମମୃତ୍ୟୁର ଗତାନୁଗତିକ ପ୍ରବାହରେ ପଡିଥାଆନ୍ତି, ସେମାନଙ୍କ ପାଇଁ ଏହା କେବଳ କର୍ମଭୋଗର ଜନ୍ମ। ପ୍ରକୃତରେ ସୁଖଦୁଃଖରୁ ଊର୍ଦ୍ଧ୍ୱକୁ ଉଠିବା ପାଇଁ,ଅର୍ଥାତ୍ ମୁକ୍ତିପାଇବା ପାଇଁ ହିଁ ଦୁର୍ଲଭ ମନୁଷ୍ୟ ଶରୀର ମିଳିଛି। ତେଣୁ ଏହାକୁ 'କର୍ମଭୋଗ'ର ଜନ୍ମ ନ କହି 'ସାଧକ'ର ଜନ୍ମ କହିବା ଯଥାର୍ଥ ହେବ। ଈଶ୍ୱର କୌଣସି ଦୋଷୀକୁ ଦଣ୍ଡ ଦିଅନ୍ତି ନାହିଁ କି ଶିଷ୍ଟକୁ ପୁରସ୍କୃତ କରନ୍ତି ନାହିଁ। ସେମାନଙ୍କର ନିଜ କର୍ମ ହିଁ ସବୁଫଳ ଦେଉଥାଏ। ସେଥିପାଇଁ ଅନ୍ୟ କେହି ଦାୟୀ ନୁହନ୍ତି। କୌଣସି କାଳରେ, କୌଣସି କ୍ଷେତ୍ରରେ ଏହି ନିୟମର ବ୍ୟତିକ୍ରମ ଘଟେ ନାହିଁ। ଈଶ୍ୱର କଦାପି କାହାରି ଧନସମ୍ପଦ ବା ସୁଖ ପାଇଁ, ଦାରିଦ୍ର୍ୟ ବା ଦୁଃଖ ପାଇଁ ଦାୟୀ ନୁହନ୍ତି। ସମସ୍ତେ ନିଜର ସୁକୃତି ପାଇଁ ସୁଖ ଓ ଦୁଷ୍କୃତି ପାଇଁ ଦୁଃଖ ଭୋଗକରନ୍ତି। କୌଣସି ବ୍ୟକ୍ତିଙ୍କ ସୁଖରେ ଆମେ ଖୁସିହେଉ କିମ୍ବା ତାଙ୍କ ଦୁଃଖରେ ମ୍ରିୟମାଣ ହୋଇପଡୁ। ଯେହେତୁ ଆମେ ସୁଖଦୁଃଖ ଭୋଗର କାରଣ ବା ତାଙ୍କ ପୂର୍ବଜନ୍ମର ବୃତ୍ତାନ୍ତ ଜାଣି ନ ଥାଉ। ଆମେ ନିଜ ଚେତନାର କ୍ରମାଗତ ବିକାଶ ଓ ଯୋଗ୍ୟତା ବଢ଼ାଇବା ଦ୍ୱାରା ଭାଗ୍ୟକୁ ବଦଳାଇ ପାରିବା। ଏହା ବ୍ୟତୀତ ଅନ୍ୟ କୌଣସି ସହଜମାର୍ଗ ଖୋଜିବା ନିଜର ଅଜ୍ଞାନତା।

ମୋ-୯୨୩୮୬୧୫୪୭୮

nimaincharanlenka1950@gmail.com

## ଚିରନ୍ତନୀ

ଚାହିଁବାକୁ ତାହା ଲଭିଛୁ ସିନା
ମଣିଷ ପରି
ଶିଖିଛୁ କେବଳ ଆପଣା ଛାଏଁ
କୁଟିଳ କରି।

-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିପିଏଲ୍ ତାଲିକା ସଂଶୋଧନ କରାଯାଉ

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ୧୯୯୭ରେ ପ୍ରଥମେ ବିପିଏଲ ତାଲିକା ପ୍ରସ୍ତୁତ ହୋଇଥିଲା। ଇତିମଧ୍ୟରେ ଜନସାଧାରଣଙ୍କର ଆର୍ଥିକ ଉନ୍ନତି ଘଟିଥିଲେ ମଧ୍ୟ ପୂର୍ବ ତାଲିକା ଅନୁଯାୟୀ ଉପଭୋକ୍ତାମାନେ ବିଭିନ୍ନ ସରକାରୀ ସୁବିଧା ପାଇ ଆସୁଛନ୍ତି। ଅନେକ ଚାଳଘର ଥିବା ଲୋକେ ଏବେ କୋଠାଘରର ମାଲିକ ହୋଇଛନ୍ତି। ଦୁଇଚକିଆ, ତିନିଚକିଆ, ଚାରିଚକିଆ ଗାଡ଼ିର ମାଲିକ ମଧ୍ୟ ହୋଇଛନ୍ତି। କିନ୍ତୁ ସେଥିମଧ୍ୟରୁ କେତେକ ବ୍ୟକ୍ତି ବିପିଏଲ୍ ତାଲିକାରେ ରହି ମାଗଣାରେ ସୁବିଧା ସୁଯୋଗ ହାତଉଛନ୍ତି। ଇନ୍ଦିରା ଆବାସ, ରେଶନ ପ୍ରଭୃତି ସରକାରୀ ସୁବିଧା ନେଉଛନ୍ତି। ପୁନରାୟ ସର୍ଭେ କରାଯାଇ ବିପିଏଲ୍ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ଏପିଏଲ୍‌ରେ ଅନ୍ତର୍ଭୁକ୍ତ କରାଯାଉ। ଫଳରେ ପ୍ରକୃତ ଗରିବ ଭୂମିହୀନ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅଧିକ ଉପକୃତ ହୋଇପାରନ୍ତେ।

**-ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହୁଲି ମଦ ସହ ୫ ଗିରଫ

**ରାଉରକେଲା ଅଫିସ,୨୬।୧୦:** ରାଉରକେଲା ଅବକାରୀ ବିଭାଗ ମହୁଲି ମଦ ସହ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଶାନ୍ତ ଏକ୍କା, ଦୁତିଲାଲ ସାହୁ, ରେସମା ଓରାମ, ରାମସି ଭୂମିଜ, ଉଷା ଓରାମ। ସୂଚନାଯୋଗ୍ୟ, ଝିରପାଣି ବ୍ରିଜ, ବାଗୁଡ଼ି ବସ୍ତି ଓ ନୟାବଜାର ଅଞ୍ଚଳରେ ବହୁ ଦିନ ଏହି ୫ ଜଣ ମହୁଲି ମଦ କାରବାର କରି ଆସୁଥିଲେ। ବୁଧବାର ସାଢ଼େ ୧୧ଟାରେ ଏହି ମହୁଲି ମଦ ବ୍ୟବସାୟୀମାନେ ବାଇକ୍ ଯୋଗେ ସହର ଭିତରକୁ ମଦ ନେଇ ଯାଇଥିବାବେଳେ ପୋଲିସ କବ୍‌ଜାରେ ପଡି ଯାଇଥିଲେ। ପୋଲିସ ଉକ୍ତ ବ୍ୟବସାୟୀଙ୍କଠାରୁ ୩୦୭ ଲିଟର ମହୁଲି ମଦ ସହ ୨ଟି ସ୍କୁଟି ଓ ୩ଟି ବାଇକ୍‌କୁ ଜବତ କରିଛି। ଏନେଇ ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି।

### ବେଳରେ ଫାଶ ଲଗାଇ ଆର୍‌ଏସ୍‌ପି କର୍ମଚାରୀ ମୃତ

**ରାଉରକେଲା ଅଫିସ,୨୬।୧୦:** ଟାଙ୍ଗରପାଲି ଥାନା ଅନ୍ତର୍ଗତ ଫର୍ଟିଲାଇଜର ଅଞ୍ଚଳରେ ବାସ କରୁଥିବା ଜଣେ ଆରଏସ୍‌ପି କର୍ମଚାରୀ ବେଳରେ ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ହାଡିବନ୍ଧୁ ମାଝୀ (୫୨)। ସୂଚନାଯୋଗ୍ୟ ଫର୍ଟିଲାଇଜର କ୍ୱାର୍ଟର୍ସ ନଂ. ବି-୧୮୭ ଘରେ ହାଡିବନ୍ଧୁ ପରିବାର ସହ ବାସ କରନ୍ତି। ସବୁଦିନ ପରି ହାଡିବନ୍ଧୁ ମଙ୍ଗଳବାର ରାତିରେ ଘରେ ଖାଇ ସାରି ଶୋଇଥିବାବେଳେ ବିଳମ୍ବିତ ରାତିରେ ପଙ୍ଖାରେ ଏକ ଗାମୁଛା ବାନ୍ଧି ବେକରେ ଗୁଡାଇ ଝୁଲି ଯାଇଥିଲେ। ସକାଳ ହେବାରୁ ସ୍ତ୍ରୀ ଶକୁନ୍ତଳା ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ବୁଧବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବ୍ରଜରାଜନଗର ଶିକ୍ଷକ ସଂଘର ଆନ୍ଦୋଳନ ପ୍ରସ୍ତୁତି

**ବ୍ରଜରାଜନଗର,୨୬।୧୦(ଡି.ଏନ.ଏ.):** ଶିକ୍ଷକମାନଙ୍କର ୪ଗୋଟି ଦାବି ପୂରଣ ନେଇ ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବାଘରଚକା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ସର୍କଲସ୍ତରୀୟ ଶିକ୍ଷକ ସଂଘ ସଭାପତି ଚନ୍ଦ୍ର ରାମ ଭୋଇ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ଆସନ୍ତା ୨୯ତାରିଖରେ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ଝାରସୁଗୁଡ଼ା ଡାକବଙ୍ଗଳାଠାରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବ। ପୁରୁଣା ପେନ୍‌ସନ ଲାଗୁ, ୫ବର୍ଷର ଠିକା ନିଯୁକ୍ତିକୁ ମୂଳ ଚାକିରିରେ ଗଣନା କରିବା, ଇନକ୍ରିମେଣ୍ଟ ପ୍ରଦାନ, ୨୮୦୦ଗ୍ରେଡ ପେ' ପ୍ରଦାନ ଦାବିନେଇ ଶିକ୍ଷକ ସଂଘ ଆନ୍ଦୋଳନ ଆହ୍ୱାନ ଦେଇଥିବା ଜିଲା ସଂଘ ସମ୍ପାଦକ ରାଜ କିଶୋର ଜେନା ପ୍ରକାଶ କରିଛନ୍ତି।

# ଟ୍ରେନ୍‌ରେ ମହିଳାଙ୍କ ସନ୍ତାନ ପ୍ରସବ

**ଝାରସୁଗୁଡ଼ା ଅଫିସ,୨୬।୧୦**

ବେଙ୍ଗାଲୁରୁରୁ ହଟିଆ ଆସୁଥିବା ୧୮୬୩୮ନଂ ଏକ୍ସପ୍ରେସ୍ ଟ୍ରେନ୍‌ର ବି୫ ବଗି ୧୩ନଂ ସିଟ୍‌ରେ ଜଣେ ମହିଳା ଯାତ୍ରୀ ବୁଧବାର ଏକ କନ୍ୟା ସନ୍ତାନ ପ୍ରସବ କରିଥିଲେ। ଏହା ଜଣାପଡିବା ପରେ ଉକ୍ତ ଟ୍ରେନ୍‌ରେ କାର୍ଯ୍ୟରତ ଆର୍‌ପିଏଫ୍ ଅଧିକାରୀ ଝାରସୁଗୁଡ଼ା ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଉକ୍ତ ଟ୍ରେନ୍ ଝାରସୁଗୁଡା ଜଙ୍କ୍‌ଶନରେ ଅଟକିବାପରେ ପୂର୍ବରୁ ଅପେକ୍ଷା କରିଥିବା ଆର୍‌ପିଏଫ୍ ମହିଳା କନଷ୍ଟେବଳ ମନୋରମା ମହାପାତ୍ର ଓ ଲଳିତା କୁମାରୀ ଅନ୍ୟ କର୍ମଚାରୀଙ୍କ ସହାୟତାରେ ମା' ଓ ଶିଶୁ କନ୍ୟାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଉଭୟ ମା' ଓ ଶିଶୁର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଶିଶୁ କନ୍ୟାର ଓଜନ କମ୍ ଥିବାରୁ ତାଙ୍କୁ ବୁର୍ଲା ବଡମେଡିକାଲ୍ ସ୍ଥାନାନ୍ତର କରାଯାଇଛି ବୋଲି ଡିଏଚ୍‌ଏଚ୍ ମ୍ୟାନେଜର ଅଭିଷେକ କୁମାର କହିଛନ୍ତି। ଏ ନେଇ ଆର୍‌ପିଏଫ୍ ଇନ୍ସପେକ୍ଟର ରାକେଶ ମୋହନ କହିଛନ୍ତି, ମହିଳା ଯାତ୍ରୀ ଜଣଙ୍କ ରାଞ୍ଚି ଓର୍‌ମାନ୍ଝି ମାଣ୍ଡିର ସନ୍ଧ୍ୟା ମୁଣ୍ଡା(୨୬) ଓ ତାଙ୍କ ସ୍ୱାମୀଙ୍କ ନାମ ସୁନିଲ ମୁଣ୍ଡା। ଏ ସମ୍ପର୍କରେ ରେଲୱେ ତରଫରୁ ତାଙ୍କ ସମ୍ପର୍କୀୟଙ୍କୁ ଖବର ଦିଆଯାଇଛି।



ମହିଳା ଓ ଶିଶୁକନ୍ୟାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି।

# ସହାୟତା ଅପେକ୍ଷାରେ ଅନାଥ ଭଉଣୀଭାଇ

**ସମ୍ବଲପୁର,୨୬।୧୦(ବ୍ୟୁରୋ)**

ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ମାଆ କୁଆଡ଼େ ଚାଲିଯାଇଛନ୍ତି। ଫଳରେ ସମ୍ବଲପୁର ମହାନଗର ନିଗମ ୪୦ନଂ. ୱାର୍ଡ ରଙ୍ଗିଆଟିକ୍ରା ଗ୍ରାମର ଭଉଣୀଭାଇ ଅନାଥ ହୋଇଯାଇଛନ୍ତି। ଏହା ଜଣାପଡିବା ପରେ ସହୃଦୟ ବ୍ୟକ୍ତି ଓ ସାମାଜିକ ଅନୁଷ୍ଠାନ ସହାୟତାର ହାତ ବଢ଼ାଇଛନ୍ତି। ସୂଚନା ଅନୁସାରେ, ରଙ୍ଗିଆଟିକ୍ରାର ବିଜୟ ମୁଣ୍ଡା ପୁଅ ସମୀର ମୁଣ୍ଡା (୧୦) ଓ ଝିଅ ସୀମା ମୁଣ୍ଡା(୧୩)ଙ୍କୁ ନେଇ ହସଖୁସିରେ ରହୁଥିଲେ। ଗତ ଅଗଷ୍ଟ ୨୪ରେ ହଠାତ୍ ବିଜୟଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ମାଆ କୁଆଡେ ଚାଲିଯାଇଥିଲେ। ବର୍ତ୍ତମାନ ଦୁଇ ପିଲାଙ୍କ ନିଜର କେହି ନାହାଁନ୍ତି। ପଡୋଶୀ ବଳରାମ ମୁଣ୍ଡା ଓ ପ୍ରମିଳା ମୁଣ୍ଡା ବର୍ତ୍ତମାନ ସେମାନଙ୍କୁ ଖାଇବାକୁ ଦେଉଛନ୍ତି। ସେମାନେ ନିବେଦନ କରିଛନ୍ତି, ପ୍ରଶାସନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ଆଦିବାସୀ ଅନାଥ ପିଲାଙ୍କ ପାଇଁ ରହିବା, ଖାଇବା ଓ ପଢ଼ିବା ବନ୍ଦୋବସ୍ତ କଲେ ଏମାନେ ଭବିଷ୍ୟତରେ କିଛି କରିପାରନ୍ତେ। ବିଜେଡ଼ି ମହାନଗର ସଭାପତି ପ୍ରଫୁଲ୍ଲ କୁମାର ଦାସ, ବିଜେଡି ନେତା ହରଦୀପ ସିଂ ଭୁର୍ଜି, ବିଜୁ ସ୍ମୃତି କମିଟିର ଉପସଭାପତି ସତ୍ୟେନ୍ଦ୍ର ଦାସ, ସମ୍ପାଦକ ଦୁଲାଲ ଚନ୍ଦ୍ର ରାୟ ଓ ପୂର୍ବତନ ସରପଞ୍ଚ ଆର୍ତ୍ତ ବାଗ ପ୍ରମୁଖ ଅନାଥ ପିଲାମାନଙ୍କୁ ଭେଟିଛନ୍ତି।

# ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ସୁନ୍ଦରଗଡ଼, ୨୬।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତି ଭବନ ଠାରେ ଆୟୋଜିତ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ନୂଆଁଖାଇ ଭେଟଘାଟ୍ ସମାରୋହରେ ମୁଖ୍ୟ ଅତିଥି ରୂପେ ବିଧାୟିକା କୁସୁମ ଟେଟେ, ଅନ୍ୟତମ ଅତିଥି ରୂପେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସ୍ୱତନ୍ତ୍ର ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ତଳସରା ବିଧାୟକ ଭବାନୀ ଭୋଇ, ସୁନ୍ଦରଗଡ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟ ପରିଡା, କାଉନସିଲର ସୁମନ୍ତ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ସମରେନ୍ଦ୍ର ଠାକୁର, ଇଂ ଦିଲୀପ ପଟେଲ, ଓଲିଉଡ଼ ତାରକା ପ୍ରଦୀପ ଦତ୍ତ, ତଳସରା ଜିଲା ପରିଷଦ ସଭ୍ୟା ଜୟନ୍ତୀ ଏକ୍କା, ସୁନ୍ଦରଗଡର ବର୍ଷିଆନ କଳାକାର ଭୁପେନ ଅମାତ ଯୋଗଦେଇଥିଲେ। ପ୍ରଥମେ ଅତିଥିମାନେ ମା ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଚଳିତବର୍ଷ ପ୍ରଥମ ଥର ପାଇଁ କଳାକାର ମଞ୍ଚ ତରଫରୁ ସୁନ୍ଦରଗଡ଼ର ଉଦୀୟମାନ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ସମ୍ମାନରେ ସୁନ୍ଦରଗଡର ଜଣାଶୁଣା ଉଦ୍‌ଘୋଷିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିବର୍ଷ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସୁନ୍ଦରଗଡର ପ୍ରତିଭାଙ୍କୁ ସମ୍ମାନିତ କରାଯିବ ବୋଲି ଘୋଷଣା କରାଯାଇଥିଲ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଡ୍ୟାନ୍ସ ଏକାଡେମୀ ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଳାଜୀବି ବରଗଡର ସମ୍ବଲପୁରୀ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ସୁନ୍ଦରଗଡ଼ର ବିଭିନ୍ନ ଅଗ୍ରଣୀ ଅନୁଷ୍ଠାନ ନଟରାଜ କଳା ପରିଷଦ, ଡ୍ରିମ ଷ୍ଟୋନ ଏକାଡେମୀ, ଡି.ଡି ଡ୍ୟାନ୍ସ ଗ୍ରୁପ, ବେଲସରା ଆଶ୍ରମ, ସରସ୍ୱତୀ ଡ୍ୟାନ୍ସ ଏକାଡେମୀ, ଭଗବତୀ ଡ୍ୟାନ୍ସ ଏକାଡେମୀ ପ୍ରମୁଖ କାର୍ଯ୍ୟକ୍ରମର ସୌନ୍ଦର୍ଯ୍ୟ ବନେଇ ଦେଇଥିଲେ। ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ସମ୍ବଲପୁରୀ ପରିପାଟି।

# ନିଆରା ଢଙ୍ଗରେ ଦୀପାବଳି ପାଳନ

**ରାଉରକେଲା ଅଫିସ,୨୬।୧୦**

ନିଆରା ଢଙ୍ଗରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଚଳିତ ବର୍ଷ ଦୀପାବଳିକୁ ପାଳନ କରିଛନ୍ତି। ରାଉରକେଲା ବିଧାୟକ ମଙ୍ଗଳବାର ସନ୍ଧ୍ୟାରେ ରାଉରକେଲା ଟିମ୍ବର କଲୋନୀ ଅଞ୍ଚଳରେ ଥିବା ମଦର ଟେରିସାଙ୍କ ଶାନ୍ତି ଭବନରେ ବାସ କରୁଥିବା ୧୫୦ରୁ ଊର୍ଦ୍ଧ୍ୱ ଶାରିରୀକ ଅକ୍ଷମ, ଅନ୍ତବାସୀଙ୍କ ସହ ଉପସ୍ଥିତ ରହି ଦୀପାବଳି ପାଳନ କରିଥିଲେ। ବିଧାୟକ ନାୟକ ଅନ୍ତବାସୀମାନଙ୍କୁ ଦୀପାବଳି ଉପଲକ୍ଷେ ମିଠା ବାଣ୍ଟିବା ସହ ବିଭିନ୍ନ ପ୍ରକାର ବାଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାନ୍ତି ଭବନର ମୁଖ୍ୟ ମଦର ସାମୁଏଲଙ୍କ ସହିତ ରାଉରକେଲା ବିଜେଡି ନଗରସଭାପତି ଗଗନ ପଣ୍ଡା, ସୁଶାନ୍ତ ରାଉତ, ଦୁସମନ୍ତ ରାଉତରାୟ, ବିଶ୍ୱରଞ୍ଜନ ଦାଶ, ଯୋଶନା ନାୟକ, ଯୋଗେନ୍ଦ୍ର ସିଂ, ଜୟନ୍ତ ମିଶ୍ର, ଛବି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବିଜୁ ଯୁବ ଜନତା ଦଳ କଟକର ଉପସଭାପତି ବିନୋଦ କୁମାର ପଣ୍ଡା ରାଉରକେଲା ବିଶ୍ରା ଛକ ନିକଟରେ ଥିବା ଦିଶା ପାଉଣ୍ଡେସନ ଠାରେ ବସବାସ କରୁଥିବା ଛୋଟ ପିଲାମାନଙ୍କ ମୁହଁରେ ଖୁସି ଆଣିବା ପାଇଁ ଦୀପାବଳି ପାଳନ କରିଥିଲେ। ଏହି ଅବସରରେ ଉପସଭାପତି ପଣ୍ଡା ଛୋଟ ପିଲାମାନଙ୍କୁ ଶୁଖିଲା ଖାଦ୍ୟ, ମିଠା ଓ ବସ୍ତ୍ର ବିତରଣ କରିଥିଲେ।



ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ନିଆରା ଢ଼ଙ୍ଗରେ ଦୀପାବଳି ପାଳନ କରୁଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2022-T-148

**କାର୍ଯ୍ୟର ନାମ :** (କ) ସମ୍ବଲପୁର ମଣ୍ଡଳର ସମ୍ବଲପୁର ଏବଂ ଟିଟିଲାଗଡ଼ ଷ୍ଟେସନଠାରେ ପ୍ରତ୍ୟେକରେ 02 ଲିଫ୍ଟର ବ୍ୟବସ୍ଥା। (ଖ) କୋଚିଙ୍ଗ୍ ଡିପୋ, ସମ୍ବଲପୁରଠାରେ IOHର ସଂପ୍ରସାରଣ ଏବଂ ବାୟୋ ଟ୍ୟାଙ୍କର ରକ୍ଷଣାବେକ୍ଷଣ ତଥା ପରୀକ୍ଷଣ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 7,11,215.00, EMD : ₹ 14,200/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 6 ମାସ।

**ଟେଣ୍ଡର ଖୋଲା ହେବା ତାରିଖ ଓ ସମୟ:** ତା.14.11.2022ରିଖ 1630 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-641/N/22-23

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2022-T-146

**କାର୍ଯ୍ୟର ନାମ :** ଟିଟଲାଗଡ଼-ଲାଖୋଲି ସେକ୍ସନରେ ଆରଙ୍ଗ ମହାନଦୀ ଷ୍ଟେସନଠାରେ ଅତିରିକ୍ତ ଲୁପ୍ ଲାଇନ୍‌ର ବ୍ୟବସ୍ଥା ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 31,88,802.58, EMD : ₹ 63,800/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ଖୋଲା ହେବା ତାରିଖ ଓ ସମୟ:** ତା.10.11.2022ରିଖ 1600 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-633/N/22-23

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2022-T-147

**କାର୍ଯ୍ୟର ନାମ :** କଣ୍ଟାବାଞ୍ଜି ଠାରେ 140T BD କ୍ରେନ୍ (Crane)ର ରକ୍ଷଣାବେକ୍ଷଣ ନିମନ୍ତେ କ୍ରେନ୍ ସେଡ୍ (Crane shed)ର ବ୍ୟବସ୍ଥା ପାଇଁ ବୈଦ୍ୟୁତିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 13,89,533.20, EMD : ₹ 27,800/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ଖୋଲା ହେବା ତାରିଖ ଓ ସମୟ:** ତା.18.11.2022ରିଖ 1630 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-636/N/22-23


# ପଶ୍ଚିମ ପ୍ରାନ୍ତ ଆର୍‌ଏସ୍‌ଏସ୍‌ର ସାମ୍ବାଦିକ ସମ୍ମିଳନୀ

**ସମ୍ବଲପୁର,୨୬।୧୦(ବ୍ୟୁରୋ)**

୨୦୦୧ରେ ଜନସଂଖ୍ୟା ନିୟନ୍ତ୍ରଣ ନୀତି ଲାଗୁପରେ ଦମ୍ପତିମାନଙ୍କର ପ୍ରଜନନ ହାର କମିଲାଣି। ତଥାପି ଜନସଂଖ୍ୟା ନିୟନ୍ତ୍ରଣରେ ଅନେକ ଅସନ୍ତୁଳନ ରହିଛି। ବିଭିନ୍ନ ବର୍ଗର ଦମ୍ପତିମାନେ ଅଧିକ ତାରତାମ୍ୟ ରହିବା ସହ ସୀମାବର୍ତ୍ତି ଅଞ୍ଚଳରେ ଅନୁପ୍ରବେଶକାରୀ ବୃଦ୍ଧି ଓ ବେଆଇନ ଧର୍ମାନ୍ତିକରଣ ହେଉଛି। ଏହାସହ ନୂତନ ଶିକ୍ଷାନୀତି ପ୍ରଚଳନ ଦ୍ୱାରା ମାତୃଭାଷା ମାଧ୍ୟମରେ ବିଦ୍ୟାଳୟରେ ଶିକ୍ଷାଦେବା ବ୍ୟବସ୍ଥା ପାଇଁ ଆହ୍ୱାନ ରହିଛି। ବୁଧବାର ସମ୍ବଲପୁର ପଶ୍ଚିମପ୍ରାନ୍ତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟାଳୟ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମପ୍ରାନ୍ତ ସଂଘଚାଳକ ବିପିନ ନନ୍ଦ ଏହା କହିଛନ୍ତି। ଜନସଂଖ୍ୟା ନୀତି, ମାତୃଭାଷାରେ ଶିକ୍ଷା ଓ ଆତ୍ମନିର୍ଭର ଭାରତ ପ୍ରସଙ୍ଗ ନେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପଶ୍ଚିମପ୍ରାନ୍ତ କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ ବିଭିନ୍ନ ବିଷୟରେ ସୂଚନା ଦେଇଥିଲେ। ଦେଶରେ ୨୦୧୪ ସୁଦ୍ଧା ଷ୍ଟାର୍ଟଅପ ସଂଖ୍ୟା ୫୦୦ ଥିବାବେଳେ ବର୍ତ୍ତମାନ ୬୦ ହଜାରରୁ ଊର୍ଦ୍ଧ୍ୱ ହୋଇଥିବା ସେ କହିଥିଲେ। ଓଡ଼ିଶାର ସ୍ୱର୍ଗତ ବିଜୟ ରଞ୍ଜନ ସିଂବରିହା, ବିଷ୍ଣୁ ସେଠୀ, ଜୟନ୍ତୀ ପଟ୍ଟନାୟକ, ବୀଣାପାଣି ମହାନ୍ତି, ପାଣ୍ଡୁ ମାଝିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ପ୍ରାନ୍ତ ପ୍ରଚାରକ ବିଷ୍ଣୁ ପାତ୍ର, ପ୍ରାନ୍ତ ପ୍ରଚାର ପ୍ରମୁଖ ମହେଶ୍ୱର ହେହେରା, ଅରବିନ୍ଦ ନାୟକ ଉପସ୍ଥିତ ଥିଲେ।





ସଂଘଚାଳକ ବିପିନ ନନ୍ଦ (ଡାହାଣ)ସୂଚନା ଦେଉଛନ୍ତି ।


## ROURKELA DEVELOPMENT AUTHORITY
UDITNAGAR, ROURKELA - 769012

No. 1707/RDA Dated: 26.10.2022

### PROCLAMATION

It is hereby informed to the General Public that **Smt. Sabita Dash, W/o. Late Rabindra Kumar Dash**, has applied for mutation of **House No. C2L2-16 under CHP-II, Chhend, Rourkela - 15** in her favour consequent upon death of his/her Mother in law **Late Rukmani Dash**. If anybody has got objection to the proposed mutation, He/ She may file objection petition before the undersigned within 30 (Thrity) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./- Secretary
Rourkela Development Authority

## IN THE DEBTS RECOVERY TRIBUNAL: CUTTACK
C-71, Sector-7, CDA, CUTTACK-753014
O.A. No. 440/22

Odisha Gramya Bank .... Applicant
Vs.
M/s. Maa Mangala KB Bricks & Ors. ... Defendants

DEF. 8. **Tilotama Nayak,** aged about 55 yrs., W/o- Bijay Kumar Nayak, Qr. No. 19/2, Baya Baba Matha Road, Bhoi Nagar, Bhubaneswar-751022. ...Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 440/22** in the Debts Recovery Tribunal, Cuttack for recovery of **Rs.27,46,996.94** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **28.11.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **20th day of Month October of 2022.**

By orders of this Tribunal
Sd/- Registrar
Debts Recovery Tribunal

## BHUBANESWAR DEVELOPMENT AUTHORITY
Akash Shova Building, Pandit Jawaharlal Nehru Marg, Bhubaneswar - 751001, Odisha

Notice No. 36330/BDA OE-III-118/2022 Date: 26.10.2022

### REQUEST FOR PROPOSAL FOR SELECTION OF AN EVENT MANAGEMENT AGENCY (EMA) FOR CONCEPTUALISING, CURATING & EXECUTING THE BHUBANESWAR CITY FESTIVAL

No. CAD-2275: Bhubaneswar Development Authority (BDA) invites Proposal for selection of an Event Management Agency (EMA) for Conceptualizing, Curating & Executing the Bhubaneswar City Festival. The RFP Documents will be available from **26.10.2022 to 17.11.2022** in BDA website i.e. **bda.gov.in**. Any further intimation (i.e. Corrigendum/ Addendum/Responses to the queries/clarifications) shall be uploaded in BDA website only.

The Pre-bid meeting is scheduled on **04.11.2022 at 04.00 P.M.** in the Conference Hall of BDA Office. The last date for receipt of proposals is **17.11.2022 by 03.00 P.M.** and the same would be opened on **17.11.2022 at 04.00 P.M.** Please refer the RFP documents for further details.

BDA reserves the right to accept or reject bid process without assigning any reason thereof.

Sd./- Secretary
BDA, Bhubaneswar

OIPR-13033/11/0304/2223

## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
No. CAD-2286 CIN:U40102OR2004SGC007553

### TENDER ALERT

**1)Tender Call Notice No.-EHTC-BLS/01/2022-23:** Engagement of one no 07 seater AC Bolero for EHT (Const) Division Balasore & two nos 07/09 seater AC Bolero for EHT (Const) Sub-division, Balasore & Bhadrak on monthly basis under EHT Construction Division, Balasore.
**2)Tender Call Notice No.31/2022-23:** Construction of open store yard inside the switch yard premises at 220/33 kV Grid Sub-station Barakote under EHT(O&M) Division Rourkera under EHT (O&M) Circle Burla.
**3)Tender Call Notice No.08/KHU/2022-23:** Supply and erection of 06 nos. of Steel framed ACP sign boards each of size 6Ft. X 4ft. at six different Grid Sub-stations under EHT (O&M) Division Khurda.
**4) Tender Call Notice No.02/2022-23:** Procurement and supply of 120 watt LED outdoor based flood light for Grid S/S Kalunga , Grid S/S Sundargarh and Grid S/S Rajgangpur under EHT (O&M) Division, Rajgangpur.
**5) E-Tender Call Notice No.33/2022-23:** Procurement of different type of Clamps& Connecters for different Grid Sub-Stations under EHT (O&M) Circle, Burla.
**6)E-Tender Call Notice No.05/BBSR-DIV/2022-23:** Procurement of 132 kV & 33kV CT/PT and 132 kV CVT console boxes for 132/33 kV Grid Sub-Station Ransinghpur under EHT (O&M) Circle Bhubneswar.
**7)Tender Call Notice No.RKL.14/2022-23:** Construction of RCC Slab for 220kV and 33kV Cable Trench and earth Pit in S/Y of 220/33kV GSS, Bonai & 132/33kV GSS, Chhend under EHT O&M Division, Rourkela.
**8)Tender Call Notice no.RKL.15/2022-23:** Painting of 02 nos of Power Transformer and its accessories at 220/33kV GSS, Barkote and GSS, Bonai under EHT O&M Division, Rourkela.
**9) Tender Call Notice No.12/BBS/2022-23:** Supply of 06 nos of AC Bay Marshalling Kiosk with single source for 132/33 kV Grid S/s, Ranasinghpur Under EHT O&M Circle, Bhubaneswar.
**10)Tender Call Notice No.13/BBS/2022-23:** Provision of new line earthing of 117 nos of EHT towers of different EHT lines under EHT O&M S/S Mendhasal under EHT O&M Circle, Bhubaneswar.

For more details please visit OPTCL's website: **www.optcl.co.in.**

OIPR-04011/11/0120/2223 FIPR-48/2022-23


# ଉପଖଣ୍ଡର ବିକାଶ ପ୍ରାଥମିକତା ହେବ

**କୁଚିଣ୍ଡା,୨୬।୧୦(ଡି.ଏନ.ଏ.)**

ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ଉପଖଣ୍ଡର ସାମଗ୍ରିକ ବିକାଶ ପ୍ରାଥମିକତା ହେବ ବୋଲି ନୂତନ ଭାବେ ଯୋଗଦେଇଥିବା କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ (ଆଇଏସ) କହିଛନ୍ତି। କୁଚିଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ସଭାପତି ବିରଞ୍ଚି ଦର୍ଶୀଙ୍କ ନେତୃତ୍ୱରେ ନୂତନ ଉପଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି ସୌଜନ୍ୟମୂଳକ ସାକ୍ଷାତ ବେଳେ ଉପଜିଲାପାଳ ନାୟକ ସମ୍ବାଦିକ ସଂଘର କର୍ମକର୍ତ୍ତା ଓ ସଭ୍ୟଙ୍କ ସହ ଆଲୋଚନା କରି ପ୍ରଶାସନ ସହ ଗଣମାଧ୍ୟମର ଉତ୍ତମ ସମ୍ପର୍କ ରହିଲେ ବିକାଶ ସହଜ ହେବ ବୋଲି କହିଛନ୍ତି। ଏହାଛଡା କୌଣସି ଆପତ୍ତି ଅଭିଯୋଗ କିମ୍ବା ସମସ୍ୟା ପାଇଁ ଜନସାଧାରଣ ତାଙ୍କୁ ଭେଟି ଆଲୋଚନା କରିପାରିବେ ବୋଲି କହିଛନ୍ତି। ଏହି ଅବସରରେ ଦୀର୍ଘ ୧ବର୍ଷ ଧରି ବନ୍ଦ ରହିଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଫିସ ତୁରନ୍ତ ଖୋଲାଯିବା ପାଇଁ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

# କଲମ ପରିବାର ପକ୍ଷରୁ ବହୁଭାଷୀ କବିତା ଆସର

**ସମ୍ବଲପୁର,୨୬।୧୦(ବ୍ୟୁରୋ)**

ସମସ୍ତଙ୍କ ପ୍ରତି ସମ୍ମାନ, ସହନଶୀଳତା ଓ ନମନୀୟତା ସ୍ରଷ୍ଟାଙ୍କୁ ଶ୍ରେଷ୍ଠତମ ସ୍ଥାନରେ ପହଞ୍ଚାଇଥାଏ। ପରବର୍ତ୍ତୀ ସମୟରେ ସ୍ରଷ୍ଟାଙ୍କ କଲମରୁ ମାନବ କଲ୍ୟାଣ ଓ ସମାଜ ସଂସ୍କାରମୂଳକ କବିତା ସୃଷ୍ଟି ହୋଇଥାଏ। ସମ୍ବଲପୁର ସାମ୍ବାଦିକ ଭବନରେ କଲମ ପରିବାର ଆୟୋଜିତ ବହୁଭାଷୀ କବିତା ଆସରରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ସଭାପତି ଜୟକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ କବିତା ଆସର ହୋଇଥିଲା। ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ସଭାପତି ସୁଭାଷ ଚନ୍ଦ୍ର ପାଣିଗ୍ରାହୀ ଓ ସାହିତ୍ୟିକ ପ୍ରହ୍ଲାଦ ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସମ୍ବଲପୁର ତଥା ଆଖପାଖ ଅଞ୍ଚଳର ବବଲୁ ବାଗ, ପ୍ରଦୀପ ପାଣିଗ୍ରାହୀ, ନିତ୍ୟାନନ୍ଦ ଖମାରୀ, ସନତ ସାହୁ, ସଞ୍ଜୟ ମହାରଣା, କାହ୍ନୁ କେଶବ ବହିଦାର, ତ୍ରିଲୋଚନ ତ୍ରିପାଠୀ, କମଳ ଲୋଚନ ପଣ୍ଡା, ରାହୁଲ ଗୁପ୍ତା, ଶ୍ରୀବସ୍ତ ମେହେର, ରାଧାକାନ୍ତ ଭୋଇ, ବିଚିତ୍ରା ବାଗ, ମମତା ନାଥ, ସବିତା ମିଶ୍ର, ତପସ୍ୱିନୀ ନେପାକ, ସୁକାନ୍ତ କର ପ୍ରମୁଖ ୩୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ଉପସଭାପତି ଲଳିତ ମୋହନ ବେବର୍ତ୍ତା, ସମ୍ପାଦକ ସୂର୍ଯ୍ୟ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ. ସତ୍ୟ ନାରାୟଣ ଠାକୁର ସଂଯୋଜନା କରିଥିଲେ। ଶେଷରେ ଅନୁଷ୍ଠାନର ଆବାହକ ମହମ୍ମଦ ତଫିଜୁଲ ହୋସେନ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କବି ଓ କବୟତ୍ରୀମାନେ।


## OFFICE OF DISTRICT MANAGER ODISHA STATE CIVIL SUPPLIES CORPORATION LTD., BALANGIR

No. CAD-2271: email ID: csobalangir@gmail.com

| Sl. No. | Name of Works | Tender No. 6192 to 6205 dated 21.10.2022 for appointment of transport contractor for transportation of Paddy from Mandi (PPC) to Mill for KMS 2022-23 for Block AS UNIT i.e. Agalpur, Bolangir, Loisingha, Deogaon, Gudvella, Punitala, Khaprakhol, Patnagarh, Belpada, Bangomunda, Tureikela, Muribahal, Saintala & Titilagarh Block respectively for Bolangir District. |
|---|---|---|
| 1 | Availability of bid document in the portal | From Dt.23.10.2022 from 11.00 A.M., Website: www.oscsc.in & www.tendersodisha.gov.in. |
| 2 | Last date/time for submission of complete tender documents with enclosures | Dt.08.11.2022 upto 05.00 P.M. |
| 3 | Date/time of opening of Technical Bid | Dt.09.11.2022 at 04.00 P.M. |
| 4 | Date/time of Opening of Price Bid | To be announced after evaluation of Technical Bid |
| 5 | Name and addess of the Officer Inviting Tender | District Manager, O.S.C.S.C. Ltd., Balangir |

Tender documents & other details can be seen from **www.oscsc.in & www.tendersodisha.gov.in.** Amendments/corrigendum/cancellation/ re-tender etc. if any shall be published only in above websites.

Sd./- District Manager
O.S.C.S.C. Ltd., Balangir

OIPR-07031/11/0004/2223

# ବାପା, ଭାଇ ହତ୍ୟାକାରୀଙ୍କୁ ଆଜୀବନ ଜେଲ

ବାରିପଦା ଅଫିସ,୨୬।୧୦

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର କୋର୍ଟରେ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ ପ୍ରବୀର କୁମାର ଚୌଧୁରୀ ଏହାର ବିଚାର କରି ବାପା ଓ ବଡ଼ ଭାଇଙ୍କ ହତ୍ୟାକାରୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୮ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କପ୍ତିପଦା ଥାନା ଅଧୀନ ତଳପୋଖରୀଆ ଗ୍ରାମର ଶୁକଦେବ ସିଂ (୫୫)।

ମାମଲାର ବିବରଣୀ ଅନୁଯାୟୀ, ଶୁକଦେବ ନିଜ ଘରେ ବେଆଇନ ଭାବେ ମଦ ପ୍ରସ୍ତୁତ କରୁଥିବା ନେଇ ପରିବାର ଲୋକେ ବିରୋଧ କରି ଆସୁଥିଲେ। ଏହାକୁ ନେଇ ବାପା ରେଙ୍ଗା ସିଂ ଓ ଭାଇ ବାସୁ ସିଂଙ୍କ ସହିତ ତାଙ୍କର ପାଟିତୁଣ୍ଡ ଲାଗି ରହୁଥିଲା। ୨୦୧୪ ଅକ୍ଟୋବର ୧୮ ତାରିଖ ସକାଳେ ପାଟିତୁଣ୍ଡ ଉଗ୍ର ରୂପ ନେଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶୁକଦେବ ଏକ ଟାଙ୍ଗିଆ ସାହାଯ୍ୟରେ ବାପା ରେଙ୍ଗା ଓ ଭାଇ ବାସୁଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ଅଭିଯୁକ୍ତଙ୍କ ଭାଉଜ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୯୬/୧୪) ରୁଜୁ କରିବା ସହ ଅଭିଯୁକ୍ତ ଶୁକଦେବଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ମାମଲା ପରିଚାଳନା କରୁଥିଲେ।

# ୨୦ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲା କୋଷ୍ଟଗାର୍ଡ


ସମୁଦ୍ରରେ ଭାସୁଥିବା ବାଂଲାଦେଶୀ ମତ୍ସ୍ୟଜୀବୀମାନେ।

ପାରାଦୀପ,୨୬।୧୦(ସ୍ୱ.ପ୍ର.)

ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ସାଗରଦୀପଠାରୁ ୧୬୨ କିମି ଦୂର ସମୁଦ୍ରରେ ଭାସୁଥିବା ୨୦ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ମଙ୍ଗଳବାର ଉଦ୍ଧାର କରିଛି। ସେମାନଙ୍କର ପାରାଦୀପଠାରେ ପ୍ରାଥମିକ ଚିକିତ୍ସା କରାଯାଉଛି। ଆସନ୍ତା ୨ ଦିନ ମଧ୍ୟରେ ସମସ୍ତ ମତ୍ସ୍ୟଜୀବୀଙ୍କୁ ବାଂଲାଦେଶ କୋଷ୍ଟଗାର୍ଡଙ୍କୁ ହସ୍ତାନ୍ତର କରାଯିବ ବୋଲି ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ବୁଧବାର ସୂଚନା ମିଳିଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବାତ୍ୟା ସିତ୍ରାଙ୍ଗ ପ୍ରଭାବରେ ବାଂଲାଦେଶର ମାଛଧରା ବୋଟ୍ ପ୍ରଭାବିତ ହୋଇ ସମୁଦ୍ରରେ ବୁଡି ଯାଇଥିଲା। ସେଥିରେ ଥିବା ୨୦ ମତ୍ସ୍ୟଜୀବୀ ସମୁଦ୍ରରେ ଭାସୁଥିଲେ। ଏହି ସମୟରେ କୋଷ୍ଟଗାର୍ଡର ପାଟ୍ରୋଲିଂ ଡୋନିୟର ହେଲିକପ୍ଟର ସର୍ଚ୍ଚ ଅପରେଶନ କରୁଥିବା ବେଳେ ମତ୍ସ୍ୟଜୀବୀଙ୍କୁ ଦେଖି ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ପ୍ରଥମେ କ୍ରମାନ୍ୱୟରେ ଜଣ ଜଣଙ୍କୁ ରଶି ଯୋଗେ ପାଣିରୁ ଉଠାଇ ନିକଟରେ ଥିବା ଏକ ପଣ୍ୟବାହୀ ଜାହାଜରେ ରଖିଥିଲେ। ଉକ୍ତ ପଣ୍ୟବାହୀ ଜାହାଜରୁ ପରେ କୋଷ୍ଟଗାର୍ଡର ପାଟ୍ରୋଲିଂ ଜାହାଜ ବିଜୟ, ଭରଦ୍, ଓସି ୪୨୬ ଘଟଣାସ୍ଥଳରେ ପହଞ୍ଚି ମତ୍ସ୍ୟଜୀବୀଙ୍କୁ ଆଣି ଥିଲେ। ପରେ ବାଂଲାଦେଶ କୋଷ୍ଟଗାର୍ଡଙ୍କୁ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ବାତ୍ୟା ସମୟରେ ସମସ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଥିଲା। କେହି ସମୁଦ୍ରରେ ରହି ଯାଇଥିବେ ସେଥିପାଇଁ କୋଷ୍ଟଗାର୍ଡ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସର୍ଚ୍ଚ ଓଡ଼ିଶା ଓ ପଶ୍ଚିମବଙ୍ଗ ସମୁଦ୍ର ସୀମା ମଧ୍ୟରେ ହୋଇଥିଲା।

# ମାତୃଭାଷାରେ ଶିକ୍ଷାଦାନ ପାଇଁ ମାର୍ଗ ଉନ୍ମୋଚନ


ଅମିତ ଶାହ
ସ୍ୱରାଷ୍ଟ୍ର ମନ୍ତ୍ରୀ

ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ବର୍ଷରେ ଅକ୍ଟୋବର ୧୬ ତାରିଖ ଦିନଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏହି ଦିନଟି ଥିଲା ଦେଶର ଶିକ୍ଷା ବ୍ୟବସ୍ଥାର ପୁନର୍ଜାଗରଣର ଦିବସ, ଯେତେବେଳେ କି ମଧ୍ୟପ୍ରଦେଶ ସରକାର ଦେଶରେ ସର୍ବ ପ୍ରଥମ ଭେଷଜ ଶିକ୍ଷା ହିନ୍ଦୀରେ ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମାତୃଭାଷାରେ ଶିକ୍ଷାଦାନ ଅଭିଯାନର ପ୍ରଥମ ଅଧ୍ୟାୟ ରଚନା କରିଛନ୍ତି। ଗୁରୁଦେବ ରବୀନ୍ଦ୍ରନାଥ ଟାଗୋର କହିଥିଲେ, ‘‘ଭାରତୀୟ ସଂସ୍କୃତି ଏକ ବିକଶିତ ଶତଦଳ କମଳ ସଦୃଶ, ଯାହାର ପ୍ରତ୍ୟେକଟି ପାଖୁଡ଼ା ଆମର ପ୍ରାଦେଶିକ ଭାଷା। ଯେକୌଣସି ଗୋଟିଏ ପାଖୁଡ଼ା ନଷ୍ଟ ହୋଇଗଲେ ସମ୍ପୂର୍ଣ୍ଣ ରୂପେ କମଳର ଶୋଭା ମଧ୍ୟ ନଷ୍ଟ ହୋଇଯିବ। ମୁଁ ଚାହେଁ ଯେ ପ୍ରାଦେଶିକ ଭାଷାଗୁଡ଼ିକ ରାଣୀ ହୋଇ ବିଭିନ୍ନ ପ୍ରାନ୍ତରେ ବିରାଜମାନ କରନ୍ତୁ ଏବଂ ଏହା ଭିତରେ ହିନ୍ଦୀ ମଧ୍ୟ ମଣି ହୋଇ ବିରାଜିତ ହେଉ।’’ ଗୁରୁଦେବଙ୍କ ଦ୍ୱାରା ଉଚ୍ଚାରିତ ଏହି ଉକ୍ତି ଭାରତର ଭାଷା ସଂସ୍କୃତିର ସାରତତ୍ତ୍ୱକୁ ସୂଚିତ କରୁଛି। ଏହି କ୍ରମରେ ଯୁଗପୁରୁଷ ଭାରତେନ୍ଦୁ ହରିଶ୍ଚନ୍ଦ୍ର ଯେତେବେଳେ ‘ନିଜ ଭାଷା’ର କଥା କହନ୍ତି ସେତେବେଳେ ସମସ୍ତ ଭାରତୀୟ ଭାଷାଗୁଡ଼ିକ ଏଥିରେ ସମାହିତ ରହିଥାଏ। ଦେଶର ଦକ୍ଷିଣ ଭାଗଠାରୁ ନେଇ ଉତ୍ତର ତଥା ଉତ୍ତର ପୂର୍ବଠାରୁ ଆରମ୍ଭ କରି ପଶ୍ଚିମ ଭାଗ ପର୍ଯ୍ୟନ୍ତ ସମସ୍ତ ଭାଷା ଆମର ନିଜ ଭାଷା। ଭାରତ ଏବଂ ଭାରତୀୟତାର ଆତ୍ମାରେ ଏହି ଭାଷାଗୁଡ଼ିକର ମହାନ୍ ପରମ୍ପରା ରହିଛି। ଭାଷା ହିଁ ଜଣେ ବ୍ୟକ୍ତିକୁ ନିଜର ଦେଶ, ସଂସ୍କୃତି ଏବଂ ମୂଳ ଆଧାର ସହିତ ଯୋଡ଼ିଥାଏ।

ଏମିତିରେ ହିନ୍ଦୀକୁ ନେଇ ମଧ୍ୟ ଆମେ କୌଣସି ପ୍ରକାର ପୂର୍ବାଗ୍ରହ ବିନା ଏହା ବୁଝିବାକୁ ପଡ଼ିବ ଯେ ହିନ୍ଦୀର କୌଣସି ସ୍ଥାନୀୟ ଭାଷା ସହିତ କୌଣସି ପ୍ରକାର ମତଭେଦ ନାହିଁ। ହିନ୍ଦୀକୁ ନେଇ ସଦାବେଳେ ଏକପ୍ରକାର ଭ୍ରାନ୍ତି ପ୍ରସାରିତ କରାଯାଇଥାଏ ଯେ ଏହା ସ୍ଥାନୀୟ ଭାରତୀୟ ଭାଷାଗୁଡ଼ିକର ବିରୋଧୀ। ଏଭଳି ଅଭିଯୋଗରେ କୌଣସି ପ୍ରକାର ସତ୍ୟତା ନାହିଁ। ହିନ୍ଦୀ ଭାରତର ରାଜଭାଷା ଏବଂ ଏହାର ସ୍ଥାନୀୟ ଭାଷା ସହିତ କୌଣସି ପ୍ରକାର ମତଭେଦ ନାହିଁ। ହିନ୍ଦୀ ତ ସମସ୍ତ ଭାରତୀୟ ଭାଷାର ସଖୀ। ମୋର ମତ ଯେ ହିନ୍ଦୀ ଏବଂ ସମସ୍ତ ଭାରତୀୟ ଭାଷାକୁ ସାମାନ୍ୟ ନମନୀୟ ହେବାକୁ ପଡ଼ିବ। ଯଦି ଅନ୍ୟ ଭାଷାଗୁଡ଼ିକ ସହ କୌଣସି ପ୍ରକାର ବ୍ୟବଧାନ ଥାଏ ତେବେ ସେଗୁଡ଼ିକୁ ବର୍ଜନ କରିବା ବଦଳରେ ନିଜ ଭାଷାରେ ସମାହିତ କରିବାର ପ୍ରୟାସ କରାଯିବା ଜରୁରୀ। ଏହା କରାଯିବା ଦ୍ୱାରା ସମସ୍ତ ଭାଷାର ବିକାଶ ଅନ୍ତର୍ବିରୋଧ ପରିବର୍ତ୍ତେ ପରସ୍ପର ମଧ୍ୟରେ ସମାହିତ ହୋଇପାରିବ।

କିଛି ଲୋକଙ୍କ ମନରେ ଇଂଲିଶକୁ ନେଇ ଶ୍ରେଷ୍ଠତାବୋଧ ଭାବନା ରହିଛି ଏବଂ ଅଧିକାଂଶ ସମୟରେ ଇଂଲିଶ ଜାଣିଥିବା ବ୍ୟକ୍ତିକୁ ଜ୍ଞାନୀ ବୋଲି ବିବେଚନା କରାଯାଇଥାଏ। କିନ୍ତୁ ବାସ୍ତବତାଟି ହେଲା ଯେକୌଣସି ଭାଷାର ଜ୍ଞାନ ଅବା ବୌଦ୍ଧିକ କ୍ଷମତା ସହିତ କିଛି ସମ୍ପର୍କ ନ ଥାଏ। ଭାଷା କେବଳ ଅଭିବ୍ୟକ୍ତିର ମାଧ୍ୟମ ମାତ୍ର। ଯଦି ମାତୃଭାଷାରେ ଶିକ୍ଷା ପ୍ରାପ୍ତ ହୁଏ ତେବେ ତାହା ବୌଦ୍ଧିକ କ୍ଷମତା ଉତ୍ତମ ଢଙ୍ଗରେ ପ୍ରକଟିତ ହୋଇଥାଏ ଏବଂ ଏହାର ସମ୍ୟକ୍ ବିକାଶ ଘଟିଥାଏ। ସେହି ସ୍ଥାନରେ ଯଦି ଅନ୍ୟ ଭାଷାରେ ଶିକ୍ଷାଦାନ କରାଯାଇଥାଏ ତେବେ ବୌଦ୍ଧିକ କ୍ଷମତାର ସମ୍ପୂର୍ଣ୍ଣ ଲାଭ ବ୍ୟକ୍ତିକୁ ମିଳିପାରି ନ ଥାଏ। କାରଣ ଯେକୌଣସି ଶିଶୁଟିଏ ହେଉନା କାହିଁକି ମାତୃଭାଷାରେ ହିଁ ସେ ସବୁଠାରୁ ଉତ୍ତମ ଭାବେ ଚିନ୍ତା କରିପାରିଥାଏ। ଯେତେବେଳେ ପ୍ରାଥମିକ ଶିକ୍ଷା ମାତୃଭାଷା ବଦଳରେ ଅନ୍ୟ କୌଣସି ଭାଷାରେ ହୋଇଥାଏ ସେତେବେଳେ ଏହା ମୌଳିକ ଚିନ୍ତନର ବିକାଶରେ ବାଧା ଉତ୍ପନ୍ନ କରିଥାଏ। ସେଥିପାଇଁ ମୋର ମତ ଯେ ଅନୁସନ୍ଧାନ ଏବଂ ମାତୃଭାଷାରେ ଶିକ୍ଷା ପଦ୍ଧତି ମଧ୍ୟରେ ବେଶ୍ ଗଭୀର ସମ୍ପର୍କ ରହିଛି। ତେଣୁ ଆଜି ଆମେ ଗବେଷଣା, ବିଜ୍ଞାନ, କଳା ଇତ୍ୟାଦି କ୍ଷେତ୍ରରେ ନିଜର କ୍ଷମତାକୁ କେବଳ ପାଞ୍ଚ ପ୍ରତିଶତ ଉପଯୋଗ କରିପାରିଛୁ। ବର୍ତ୍ତମାନର ପ୍ରୟାସ ଦ୍ୱାରା ଯେତେବେଳେ ଶିକ୍ଷା ମାତୃଭାଷା ମାଧ୍ୟମରେ ସମ୍ପାଦନ କରାଯିବ ଏବଂ ଦେଶ ନିଜର ସମ୍ପୂର୍ଣ୍ଣ ବୌଦ୍ଧିକ କ୍ଷମତାକୁ ଉପଯୋଗ କରିପାରିବ ସେତେବେଳେ ମୋର ବିଶ୍ୱାସ ଯେ ଆତ୍ମନିର୍ଭର ନୂତନ ଭାରତର ଯାତ୍ରାକୁ ମହତ୍ତ୍ୱପୂର୍ଣ୍ଣ ଶକ୍ତି ମିଳିପାରିବ। ସେଥିପାଇଁ ବିଶ୍ୱବ୍ୟାପୀ ଶିକ୍ଷାବିତ୍‌ମାନେ ମାତୃଭାଷାରେ ଶିକ୍ଷାକୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରନ୍ତି କାରଣ ଚିନ୍ତନ, ସଂଶୋଧନ, ବିଶ୍ଳେଷଣ, ଅନୁସନ୍ଧାନ ଏବଂ ନିଷ୍କର୍ଷର ପ୍ରକ୍ରିୟାକୁ ଆମ ମନ କେବଳ ମାତୃଭାଷାରେ ହିଁ ସମ୍ପାଦିତ କରିଥାଏ।

ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ବୈଜ୍ଞାନିକ ଏବଂ ପ୍ରଯୁକ୍ତିଗତ ଶିକ୍ଷା ତଥା ବିଶେଷଜ୍ଞମାନଙ୍କୁ ସାଧାରଣ ଜନତା ଏବଂ ଭାରତୀୟ ଭାଷା ସହିତ ଯୋଡ଼ିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ବାପୁ କହିଥିଲେ, ‘ଭାରତୀୟ ଭାଷାଗୁଡ଼ିକ ମାଧ୍ୟମରେ ପଢ଼ିଥିବା ରସାୟନଶାସ୍ତ୍ରୀ, ଇଞ୍ଜିନିୟର ଏବଂ ଅନ୍ୟ ବିଶେଷଜ୍ଞ ଦେଶର ପ୍ରକୃତ ସେବକ ହୋଇପାରିବେ। ଏହିସବୁ ବିଶେଷଜ୍ଞ ବିଦେଶୀ ନୁହେଁ ବରଂ ସାଧାରଣ ଜନତାଙ୍କ ଭାଷାରେ କଥାବାର୍ତ୍ତା କରିବେ। ସେମାନେ ଯେଉଁ ଜ୍ଞାନ ଆହରଣ କରିବେ, ତାହା ସାଧାରଣ ଜନତା ବୁଝିପାରିବେ।’ ବାପୁଙ୍କର ଏଭଳି ଚିନ୍ତାଧାରା ଅନୁସାରେ ମୋଦି ସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂତନ ଶିକ୍ଷା ନୀତିରେ ପ୍ରାଥମିକଠାରୁ ନେଇ ପ୍ରଯୁକ୍ତି ଏବଂ ମେଡିକାଲ ଶିକ୍ଷା ପର୍ଯ୍ୟନ୍ତ ସବୁଗୁଡ଼ିକୁ ମାତୃଭାଷାରେ ଉପଲବ୍ଧ କରିବା ନିମନ୍ତେ ପ୍ରୟାସ କରାଯାଉଛି। ଏହା ଅଧୀନରେ ପ୍ରଥମ ଥର ପାଇଁ ନିଜର ଭାଷା ହିନ୍ଦୀରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ପଢ଼ାଯିବାର ଶୁଭାରମ୍ଭ କରିଥିବା ମଧ୍ୟପ୍ରଦେଶ ଦେଶର ପ୍ରଥମ ରାଜ୍ୟ ହୋଇଛି। ନୂତନ ଶିକ୍ଷା ନୀତି ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ହେଲା ସମସ୍ତ ଭାରତୀୟ ଭାଷାରେ ମେଡିକାଲ, ଇଞ୍ଜିନିୟରିଂ ଏବଂ ଆଇନ କ୍ଷେତ୍ରରେ ଉଚ୍ଚ ଶିକ୍ଷାକୁ ଉପଲବ୍ଧ କରାଇବା। ଏହି ଦିଗରେ ମୋଦି ସରକାର ସମ୍ପୂର୍ଣ୍ଣ ନିଷ୍ଠା ଏବଂ ସମର୍ପଣ ଭାବ ସହିତ ପ୍ରୟାସ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆଜି ଦେଶ ଆତ୍ମନିର୍ଭରତାର ମାର୍ଗରେ ଆଗକୁ ବଢ଼ିଚାଲିଛି। ଏଭଳି ସ୍ଥିତିରେ, ଆମକୁ ବୁଝିବାକୁ ହେବ ଯେ ଆତ୍ମନିର୍ଭର ଶବ୍ଦ କେବଳ ଉତ୍ପାଦନ, ବାଣିଜ୍ୟିକ ସଂସ୍ଥାଗୁଡ଼ିକ ନିମନ୍ତେ ନୁହେଁ ବରଂ ଆତ୍ମନିର୍ଭର ଶବ୍ଦ ଭାଷାଗୁଡ଼ିକ ସମ୍ପର୍କରେ ମଧ୍ୟ ସେତିକି ମହତ୍ତ୍ୱ ବହନ କରେ। ଆତ୍ମନିର୍ଭର ଭାରତର ସ୍ୱପ୍ନ ସେତିକିବେଳେ ସାକାର ହୋଇପାରିବ ଯେତେବେଳେ ଆମର ଭାଷାଗୁଡ଼ିକ ମଜଭୁତ ହୋଇପାରିବେ। ଏହି କଥାକୁ ପାଥେୟ କରି ସରକାର ନୂତନ ଶିକ୍ଷା ନୀତିରେ ଭାରତୀୟ ଭାଷାଗୁଡ଼ିକ ମାଧ୍ୟମରେ ଶିକ୍ଷାଦାନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ସରକାରଙ୍କ ଏହି ପ୍ରୟାସର ପରିଣାମ ସ୍ୱରୂପ ଏବେ ଶିକ୍ଷା କ୍ଷେତ୍ରରେ ଭାରତୀୟ ଭାଷାଗୁଡ଼ିକୁ ବିଶେଷ ଭାବେ ମହତ୍ତ୍ୱ ମିଳିବା ମଧ୍ୟ ଆରମ୍ଭ କରିଛି। ଆଜି ଆଠଟି ଭାଷା– ତାମିଲ, ତେଲୁଗୁ, ମାଲୟାଲମ, ଗୁଜରାଟୀ, ମରାଠୀ, ବଙ୍ଗଳା, ହିନ୍ଦୀ ଏବଂ ଅସମୀୟାରେ ଇଞ୍ଜିନିୟରିଂ ପାଠ୍ୟକ୍ରମର ଅନୁବାଦ କରାଯାଇ ମାତୃଭାଷାରେ ଶିକ୍ଷାଦାନର ପ୍ରୟାସ ହେଉଛି। ନିଟ୍ ଏବଂ ୟୁଜିସି ଦ୍ୱାରା ସମ୍ପାଦିତ ପରୀକ୍ଷାଗୁଡ଼ିକ ମଧ୍ୟ ୧୨ଟି ଭାଷାରେ ଦେବାର ବ୍ୟବସ୍ଥା କରାଯାଇଛି। ଏହିସବୁ ତଥ୍ୟ ଶିକ୍ଷା କ୍ଷେତ୍ରରେ ଭାରତୀୟ ଭାଷାଗୁଡ଼ିକୁ ସଶକ୍ତ କରିବା ପ୍ରତି ମୋଦି ସରକାରଙ୍କ ପ୍ରତିବଦ୍ଧତାକୁ ହିଁ ଦର୍ଶାଉଛି।

ଊନବିଂଶ ଶତାବ୍ଦୀରେ ଦାଦାଭାଇ ନାରୋଜୀ ଇଂରେଜମାନଙ୍କ ଦ୍ୱାରା ଭାରତର ଧନକୁ ବିଦେଶକୁ ନିଆଯାଉଥିବା ଘଟଣାକୁ ‘ଡ୍ରେନ୍ ଅଫ୍ ୱେଲ୍‌ଥ’ ରୂପେ ପରିଭାଷିତ କରିଥିଲେ। ଆଜି ଏକବିଂଶ ଶତାବ୍ଦୀରେ ସ୍ଥିତି ‘ଡ୍ରେନ୍ ଅଫ୍ ବ୍ରେନ୍’ ପାଲଟି ଯାଇଛି। ଯେଉଁ ବିଦେଶୀ ଶକ୍ତିମାନେ ସେତେବେଳେ ‘ଡ୍ରେନ୍ ଅଫ୍ ୱେଲ୍‌ଥ’ ମାଧ୍ୟମରେ ଆମର ଧନ ନେଇଯାଉଥିଲେ, ସେଇସବୁ ଶକ୍ତି ଆଜି ‘ବ୍ରେନ୍ ଡ୍ରେନ୍’ ଦ୍ୱାରା ଆମର ଯୁବଶକ୍ତିଙ୍କ ମନକୁ ବିଦେଶୀ ଭାଷା ଅଧ୍ୟୟନ ମାଧ୍ୟମରେ ନେଇଯିବାରେ ଲାଗିଛନ୍ତି। ଯଦି ଆମର ଶିଶୁମାନଙ୍କୁ ମାତୃଭାଷାରେ ଶିକ୍ଷାର ସୁଯୋଗ ମିଳିବ ତେବେ ‘ବ୍ରେନ୍ ଡ୍ରେନ୍’ର ଏହି ସ୍ଥିତି ‘ବ୍ରେନ୍ ଗେନ୍’ ରୂପରେ ବଦଳିବାକୁ ଆରମ୍ଭ କରିବ। ଏବେ ଦେଶର ଯୁବତୀଯୁବକମାନଙ୍କ ନିମନ୍ତେ ସେମାନଙ୍କର ମାତୃଭାଷା ସହିତ ଅନ୍ୟ ଭାରତୀୟ ଭାଷାଗୁଡ଼ିକରେ ଶିକ୍ଷାର ବ୍ୟବସ୍ଥା କରାଯିବା ଆରମ୍ଭ ହୋଇଛି, ଯାହା ଫଳରେ ସେମାନଙ୍କର ମସ୍ତିଷ୍କ କୌଣସି ବିଦେଶୀ ଭାଷାର ଗୋଲାମ ହେବା ପରିବର୍ତ୍ତେ ଦେଶୀୟ ଭାଷାରେ ମୁକ୍ତ ଭାବେ ଚିନ୍ତା କରିପାରିବ, ବୁଝିପାରିବ ଏବଂ ନିଜର ଚିନ୍ତନ ଏବଂ ଅନୁସନ୍ଧାନ ଶକ୍ତି ବୃଦ୍ଧିକରି ନିଜର ବିକାଶ କରିପାରିବ।

ଭାରତୀୟ ଜନତା ପାର୍ଟିକୁ ଯେତେବେଳେ ବି ସୁଯୋଗ ମିଳିଛି, ଆମେ ଭାରତୀୟ ଭାଷାଗୁଡ଼ିକୁ ଆଗକୁ ବଢ଼ାଇବା ଦିଗରେ କାର୍ଯ୍ୟ କରିଛୁ। ଦାସତ୍ୱର କାଳଖଣ୍ଡ ସମାପ୍ତ ହେବା ପରେ ସୁଦ୍ଧା ଭାରତର କ୍ଷମତା ପ୍ରତିଷ୍ଠାନରେ ଦୀର୍ଘ ସମୟ ଧରି ଭାରତୀୟ ଭାଷାଗୁଡ଼ିକୁ ନେଇ ଏକପ୍ରକାର ହୀନମନ୍ୟତା ରହିଆସିଥିଲା। ଦେଶର ନେତା ବିଦେଶୀ ମଞ୍ଚରେ ଇଂଲିଶ ଭାଷାରେ ଭାଷଣ ଦେଉଥିଲେ। କିନ୍ତୁ ଭାଜପାର ଅଟଳ ବିହାରୀ ବାଜପେୟୀଙ୍କୁ ଯେତେବେଳେ ବିଦେଶ ମନ୍ତ୍ରୀ ହେବାର ସୁଯୋଗ ମିଳିଲା, ସେତେବେଳେ ସେ ମିଳିତ ଜାତିସଂଘ ମଞ୍ଚରେ ହିନ୍ଦୀରେ ହିଁ ଭାଷଣ ପ୍ରଦାନ କରି ଭାରତୀୟ ଭାଷାକୁ ଗୌରବ ପ୍ରଦାନ କରିଥିଲେ। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଅଟଳଜୀଙ୍କ ଏହି ପରମ୍ପରାକୁ ଆଗକୁ ବଢ଼ାଇ ବୈଶ୍ୱିକ ମଞ୍ଚରେ ହିନ୍ଦୀରେ ହିଁ ଭାଷଣ ଦେଉଛନ୍ତି। ମୋଦିଜୀଙ୍କ ହିନ୍ଦୀରେ ଭାଷଣ ପ୍ରଦାନ ଫଳରେ ବୈଶ୍ୱିକ ସ୍ତରରେ ଭାରତୀୟ ଭାଷାକୁ ପରିଚୟ ତ ମିଳିଛି, ଭାରତୀୟମାନଙ୍କ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଛି।

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତୀୟ ଭାଷାଗୁଡ଼ିକ ମାଧ୍ୟମରେ ଉଚ୍ଚଶିକ୍ଷାର ମାର୍ଗ ଉନ୍ମୋଚିତ ହୋଇଚାଲିଛି ଯାହା ଆମ ଭାଷାଗୁଡ଼ିକୁ ମଧ୍ୟ ବିକଶିତ ହେବାରେ ଲାଭପ୍ରଦ ହେବ। ଦେଶର ଛାତ୍ରୀଛାତ୍ର ମହଲରେ ଅନୁସନ୍ଧାନ କ୍ଷମତାର ମଧ୍ୟ ଗୁଣାତ୍ମକ ବୃଦ୍ଧି ଘଟିବ। ମୋର ପୂର୍ଣ୍ଣ ବିଶ୍ୱାସ ଯେ ଯୁଗ ଯୁଗ ଧରି ଭାରତ ନିଜର ଭାଷାଗୁଡ଼ିକୁ ସୁରକ୍ଷିତ ରଖିପାରିବ ଓ ଏଗୁଡ଼ିକୁ ନମନୀୟ ତଥା ଜନୋପଯୋଗୀ କରି ଭାଷାଗତ ବିକାଶକୁ ନୂତନ ଦିଗ୍‌ଦର୍ଶନ ଦେଉଥିବ।

# ସମୟ ଆସିଲେ କହିବି, ଅପେକ୍ଷା କରନ୍ତୁ: ଅର୍ଚ୍ଚନା

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

- ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ ମାମଲାରେ କୋର୍ଟରେ ହାଜର
- ଜାମିନ ଆବେଦନର ଶୁଣାଣି ସରିଲା, ରାୟ ସଂରକ୍ଷିତ

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ମାୟାଜାଲରେ ଫସାଇ ଟଙ୍କା ହଡ଼ପ କରିବା ଅଭିଯୋଗରେ ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଖାରପଡ଼ା ଜେଲରେ ଦିନ କାଟୁଛନ୍ତି। ଏହି ମାମଲାରେ ଚାରିଆଡ଼େ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଚର୍ଚ୍ଚିତ ଚେହେରା ଅର୍ଚ୍ଚନା ପ୍ରଥମ ଥର ପାଇଁ କୋର୍ଟରେ ହାଜର ହୋଇଛନ୍ତି। ବୁଧବାର ଅପରାହ୍ନରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଛି। ଏହାପୂର୍ବରୁ ସେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଜେଲରେ ଥାଇ ହାଜର ହେଉଥିଲେ। ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ୍ କରି ଟଙ୍କା ମାଗିବା ଅଭିଯୋଗରେ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲାରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କଡ଼ା ସୁରକ୍ଷା ବଳୟ ଭିତରେ ଅର୍ଚ୍ଚନାଙ୍କୁ କୋର୍ଟକୁ ନିଆଯାଉଥିବାବେଳେ ତାଙ୍କୁ ଖବରଦାତାମାନେ ଅଭିଯୋଗ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏନେଇ ଅର୍ଚ୍ଚନା ‘ସମୟ ଆସିଲେ କହିବି, ଅପେକ୍ଷା କରନ୍ତୁ’। ବିନା କୌଣସି ତଥ୍ୟ ପ୍ରମାଣରେ ମିଛ ଖବର କରନ୍ତୁ ନାହିଁ ବୋଲି କହିଥିଲେ। ଶୁଣାଣି ସମୟରେ ଅର୍ଚ୍ଚନାଙ୍କ ଓକିଲଙ୍କ ଯୁକ୍ତି ଥିଲା, ଅଭିଯୁକ୍ତା ଅର୍ଚ୍ଚନା ନିର୍ଦ୍ଦୋଶ। ତେଣୁ ତାଙ୍କୁ ଜାମିନ ଦିଆଯାଉ। ଅପରପକ୍ଷରେ ଅର୍ଚ୍ଚନାଙ୍କ ନାମରେ ସଙ୍ଗୀନ ଦଫା ଲାଗିଥିବାରୁ ତାଙ୍କୁ ଜାମିନ ଦିଆ ନ ଯାଉ ବୋଲି ବିପକ୍ଷ ଓକିଲ ଯୁକ୍ତି ବାଢ଼ିଥିଲେ। ତେବେ କୋର୍ଟ ଶୁଣାଣି ପରେ ରାୟ ସଂରକ୍ଷିତ ରଖିଛନ୍ତି।

# ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ ଯୁକ୍ତ୨ ଉତ୍ତରଖାତା

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଏଣିକି ଯୁକ୍ତ୨ ପରୀକ୍ଷାର ଉତ୍ତରଖାତା ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। କେଉଁ ପ୍ରଶ୍ନର ଉତ୍ତରରେ କେତେ ମାର୍କ ପାଇଛନ୍ତି ତାହା ନିଜେ ଛାତ୍ରୀଛାତ୍ର ଦେଖିପାରିବେ। ଏଥିଲାଗି ପୂର୍ବରୁ ଯୋଜନା ହୋଇଥିଲେ ମଧ୍ୟ କରୋନା ଯୋଗୁ ଗତ ୨ବର୍ଷ ହେବ ପରୀକ୍ଷାରେ ସମସ୍ୟା ପାଇଁ ଏହା ଲାଗୁ ହୋଇପାରି ନ ଥିଲା। ତେବେ ଏହି ବ୍ୟବସ୍ଥା ଶୀଘ୍ର ଲାଗୁ ହେବାକୁ ଯାଉଛି। ଅନ୍‌ଲାଇନ୍‌ରେ ଉତ୍ତର ଖାତା ଉପଲବ୍ଧ ହେବା ପରେ ପୂର୍ବରୁ ରେଜଲ୍ଟ ପ୍ରକାଶ ପରେ ପିଲାମାନେ ଯେପରି କମ୍ ମାର୍କ ମିଳିଥିବା ଅଭିଯୋଗ କରୁଥିଲେ ଏବଂ ପରିଷଦକୁ ଦୌଡୁଥିଲେ, ସେପରି ସମସ୍ୟା ଆଉ ରହିବ ନାହିଁ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଉତ୍ତରଖାତା ମୂଲ୍ୟାଙ୍କନ ଶେଷ ହେବା ପରେ ଏବଂ ରେଜଲ୍ଟ ପ୍ରକାଶ ପାଇବାର ଏକ ସପ୍ତାହ ମଧ୍ୟରେ ଏହି ଉତ୍ତରଖାତାକୁ ଅନଲାଇନ୍‌ରେ ଅପ୍‌ଲୋଡ୍ କରାଯିବ। ପ୍ରତ୍ୟେକ କଲେଜକୁ ଏକ ସ୍ୱତନ୍ତ୍ର ଆଇଡି ପାସ୍‌ୱାର୍ଡ ଦିଆଯିବ। ସେହି ପାସ୍‌ୱାର୍ଡ ମାଧ୍ୟମରେ କଲେଜ କର୍ତ୍ତୃପକ୍ଷ ସେମାନଙ୍କ କଲେଜର ପିଲାଙ୍କ ଉତ୍ତରଖାତା ଦେଖିପାରିବେ। ଉତ୍ତରଖାତାକୁ ଛାତ୍ରୀଛାତ୍ର ଯାଞ୍ଚ କରିବା ପରେ ଯଦି କିଛି ଭୁଲ୍ ଥିବା ଅଭିଯୋଗ କରନ୍ତି ତେବେ ସେହି ଖାତାର ପୁନଃ ଯାଞ୍ଚ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି।

ରାଜ୍ୟରେ ପରୀକ୍ଷା ପରିଚାଳନା ଓ ମୂଲ୍ୟାଙ୍କନ ପଦ୍ଧତିରେ ସଂସ୍କାର ଆଣିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ସବୁ ଉତ୍ତରଖାତାର ସ୍କାନିଂ କରାଯାଇ ଅନଲାଇନ୍‌ରେ ଅପ୍‌ଲୋଡ କରାଯିବ। ଅନ୍‌ଲାଇନ୍ ଲିଙ୍କ୍ ମାଧ୍ୟମରେ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକ ଉତ୍ତରଖାତା ଦେଖିବାର ସୁଯୋଗ ପାଇବେ। ଖାତାରେ ପିଲାମାନେ କିପରି ଲେଖିଛନ୍ତି, କେତେ ମାର୍କ ପାଇଛନ୍ତି ଏବଂ କାହିଁକି ମାର୍କ କମ୍ ରହିଛି ସବୁ ତଥ୍ୟ ପିଲାଙ୍କ ସହ ଅଭିଭାବକ ନିଜେ ଦେଖିବାର ସୁଯୋଗ ପାଇବେ। ଫଳରେ ଅଯଥା ପୁନଃଯାଞ୍ଚରୁ ମୁକ୍ତି ମିଳିବ ଓ ମାର୍କ ବଢ଼ିବ ବୋଲି ଛାତ୍ରୀଛାତ୍ର ଯେଉଁ ଦ୍ୱନ୍ଦ୍ୱରେ ରହୁଥିଲେ ତାହା ଆଉ ରହିବ ନାହିଁ। ଅନେକ ସମୟରେ କମ୍ ମାର୍କ ଥିବା ଉତ୍ତରଖାତାରେ ସଂଶୋଧନ ଲାଗି ଅନେକ ସମୟ ଲାଗୁଥିବାବେଳେ ବହୁ ମେଧାବୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ। ସେହିପରି କିଛି ଛାତ୍ରୀଛାତ୍ର ଜାଣିଶୁଣି କମ୍ ମାର୍କ ଦିଆଯାଉଥିବା ଅଭିଯୋଗ କରୁଥିଲେ। କିନ୍ତୁ ଏହି ନୂତନ ବ୍ୟବସ୍ଥା ଲାଗୁ ହେଲେ ଆଉ କୌଣସି ସମସ୍ୟା ହେବ ନାହିଁ ବୋଲି ଆଶା କରାଯାଉଛି। ତେବେ ଅନ୍‌ଲାଇନ୍‌ରେ ଉତ୍ତରଖାତା ଅପ୍‌ଲୋଡ୍ କରିବା ପରେ ପିଲାଙ୍କ ପାଖରେ ତାହା କିପରି ପହଞ୍ଚିବ ସେଥିପାଇଁ କେଉଁ ଆଇଟି କମ୍ପାନୀ ବ୍ୟବସ୍ଥା କରିବ ସେ ନେଇ ବିଭାଗ ପକ୍ଷରୁ ବିଚାରବିମର୍ଶ ଚାଲିଥିବା ଜଣାପଡ଼ିଛି।

# ରାଜ୍ୟରେ ୩୧୮ ହସ୍ପିଟାଲ ନିର୍ମାଣ ହେବ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

ରାଜ୍ୟରେ ଆଉ ୩୧୮ଟି ନୂତନ ହସ୍ପିଟାଲ ନିର୍ମାଣ ହେବ। ଫଳରେ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି ଆସିବ। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କୁ ସହଜରେ ସ୍ୱାସ୍ଥ୍ୟସେବା ମିଳିପାରିବ। ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଥିବା ଅସୁବିଧାକୁ ଦୂର କରିବା ପାଇଁ ରାଜ୍ୟ ସରକାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ଟୁଇଟ୍ କରି ସୂଚନା ଦିଆଯାଇଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ଏକକାଳୀନ ଖୋଲିବାକୁ ଥିବା ଏହି ୩୧୮ ହସ୍ପିଟାଲ ମଧ୍ୟରେ ୧୨ଟି ଉପଖଣ୍ଡ ଡାକ୍ତରଖାନା (ଏସ୍‌ଡିଏଚ୍), ୨୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଏବଂ ୩୦୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ରହିଛି। ଏସବୁ ଡାକ୍ତରଖାନା ଓ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ହେବା ପରେ ବିଶେଷ ଭାବେ ଗ୍ରାମାଞ୍ଚଳର ଲୋକେ ବହୁ ଉପକୃତ ହେବେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ଆସିବା ସହିତ ଯୁବପିଢ଼ିଙ୍କୁ ନିଯୁକ୍ତିର ସୁଯୋଗ ମଧ୍ୟ ମିଳିପାରିବ। ଡାକ୍ତର, ମେଡିକାଲ ଅଧିକାରୀ, ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି ମିଳିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ପୁଣି ଜୀବନ ନେଲା ଦନ୍ତା


ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ସାତମାଇଲ, ୨୬।୧୦(ଡି.ଏନ୍.ଏ.)

### ୪ ଘଣ୍ଟା ରାସ୍ତାରୋକୋ, ଉତ୍ତେଜନା

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅଧୀନ ହାତୁରା ପଞ୍ଚାୟତ ପଡ଼ା ଗ୍ରାମରେ ବୁଧବାର ଭୋର୍ ୬ଟାରେ ଦନ୍ତାହାତୀ ଦଳିଦେବାରୁ ଟଙ୍କଧର ଭୋଇ (୫୬)ଙ୍କ ମୃତ୍ୟୁ ଘଟିଛି। ସେ ଶୌଚ ହେବାକୁ ଯାଉଥିବାବେଳେ ଏହି ଅଘଟଣ ଘଟିଥିଲା। ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ତେବେ ସେତେବେଳକୁ ଟଙ୍କଧରଙ୍କ ମୃତ୍ୟୁ ହୋଇସାରିଥିଲା।

ହିନ୍ଦୋଳ ଉପଖଣ୍ଡରେ ହାତୀ ଉପଦ୍ରବ ଅଣାୟତ୍ତ ହେଲାଣି। ମାସକ ମଧ୍ୟରେ ୫ଜଣଙ୍କ ଜୀବନ ଗଲାଣି। ହାତୀ ଆତଙ୍କ ଅଞ୍ଚଳବାସୀ ନିଦ ହଜାଇ ଦେଇଥିବାବେଳେ ବନ ବିଭାଗ ଅସହାୟ ହୋଇପଡ଼ିଛି। ବୁଧବାର ଘଟଣା ପରେ ଅଞ୍ଚଳବାସୀଙ୍କ ଅସନ୍ତୋଷ ଉଗ୍ରରୂପ ନେଇଥିଲା। ଉତ୍ୟକ୍ତ ଲୋକେ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଗୁଳେହି ଛକରେ ମୃତଦେହ ରଖି ଦୀର୍ଘ ୪ ଘଣ୍ଟା ଅବରୋଧ କରିଥିଲେ। ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ନ ହେଲେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ରାସ୍ତାରୋକୋ ସମ୍ପର୍କରେ ସୂଚନା ପାଇ ହିନ୍ଦୋଳ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ମୃତଦେହକୁ ସେମାନେ ବ୍ୟବଚ୍ଛେଦ ପାଇଁ ଛାଡ଼ିଥିଲେ।

# ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା

ମାଲକାନଗିରି, ୨୬।୧୦(ଡି.ଏନ୍.ଏ.)

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀ ମଙ୍ଗଳବାର ରାତିରେ ଜଣଙ୍କୁ ହତ୍ୟା କରିଛନ୍ତି। ସେ ବିଜାପୁର ଜିଲା ଉସୁର ବ୍ଲକ କୋଟାପାଲ୍ଲୀ ଗ୍ରାମର ବସନ୍ତ ବୋଲି ଗ୍ରାମବାସୀ ଚିହ୍ନଟ କରିଛନ୍ତି। ବିଜାପୁର ପୋଲିସ ପହଞ୍ଚି ତଦନ୍ତ ଚାଲିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ମାଓବାଦୀମାନେ ଇନ୍‌ଫର୍ମର ସନ୍ଦେହରେ କେତେଜଣ ଲୋକଙ୍କୁ ନେଇ ପ୍ରଜାକୋର୍ଟ କରିଥିଲେ। ସେଠାରେ ବସନ୍ତଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି।

# ଡିସେମ୍ବର ୧୫ ସୁଦ୍ଧା ପ୍ରସ୍ତାବ ଦିଅ: ଅର୍ଥ ବିଭାଗ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

**୨୦୨୩-୨୪ ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତି**
- ବଜେଟ ଆକାର ୧୨% ବୃଦ୍ଧି ହେବ
- ଅଭିବୃଦ୍ଧି ୮%, ବିତ୍ତୀୟ ନିଅଣ୍ଟ ୩% ରହିବା ଲକ୍ଷ୍ୟ

୨୦୨୩ ଫେବୃୟାରୀରେ ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଚୂଡ଼ାନ୍ତ ବଜେଟ ଉପସ୍ଥାପନ କରିବେ। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଡିସେମ୍ବର ୧୫ତାରିଖ ସୁଦ୍ଧା ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତାବ ପଠାଇବାକୁ ଅର୍ଥ ବିଭାଗ ସମସ୍ତ ବିଭାଗକୁ ଚିଠି ଲେଖିଛି। ୨୦୨୨-୨୩ ଆର୍ଥିକ ବର୍ଷର ସଂଶୋଧିତ ବ୍ୟୟବରାଦ ତୁଳନାରେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ପରିମାଣ ସର୍ବାଧିକ ୧୨ ପ୍ରତିଶତ ଅଧିକ ହେବ। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷ ଭଳି ୨୦୨୩-୨୪ରେ ମଧ୍ୟ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ହାର ୮ ପ୍ରତିଶତ ରହିବ। ଭାରତୀୟ ରିଜର୍ଭ ବ୍ୟାଙ୍କ କରିଥିବା ଆକଳନ ଅନୁଯାୟୀ ଦେଶର ଆର୍ଥିକ ଅଭିବୃଦ୍ଧି ହାର ୬.୬୫ ପ୍ରତିଶତ ରହିବା ବେଳେ ରାଜ୍ୟର ଅଭିବୃଦ୍ଧି ୮% ବୋଲି ଆକଳନ କରାଯାଇଛି। ଲୁହାପଥର ଦର ହ୍ରାସ ଯୋଗୁ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜସ୍ୱ ହ୍ରାସ ହେବାର ଆଶଙ୍କା ରହିଛି। କେନ୍ଦ୍ର ସରକାରଙ୍କଠାରୁ ମିଳୁଥିବା ସହାୟତା ପରିମାଣ ହ୍ରାସ ହେବ। ଏହାକୁ ନେଇ ରାଜ୍ୟ ସରକାର ନିଜର ବଜେଟ ପ୍ରସ୍ତୁତ କରିବେ। ୨୦୨୨-୨୩ ଆର୍ଥିକ ବର୍ଷର ସଂଶୋଧିତ ବଜେଟ ତୁଳନାରେ ପୂର୍ଣ୍ଣାଙ୍ଗ ବଜେଟର ଆକାର ପ୍ରାୟ ୧୨ ପ୍ରତିଶତ ଅଧିକ ରହିବ। ରାଜ୍ୟ ସରକାର ଆଗାମୀ ୫ବର୍ଷିଆ ପ୍ରାଥମିକତାକୁ ଚୂଡ଼ାନ୍ତ କରି ସମସ୍ତଙ୍କୁ ଗୁଣାତ୍ମକ ମାନର ସାର୍ବଜନୀନ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ଜୀବନଜୀବିକା ଦେବାକୁ ମଧ୍ୟବର୍ତ୍ତୀ ରଣନୀତି ପ୍ରସ୍ତୁତ କରିଛନ୍ତି। ସେଥିପାଇଁ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଜଳସେଚନ, ଗ୍ରାମ୍ୟ ସଂଯୋଗୀକରଣ, ପରିଚ୍ଛନ୍ନତା ଓ ସହରାଞ୍ଚଳ ଭିତ୍ତିଭୂମି ସୁବିଧା ଆଦି କ୍ଷେତ୍ରରେ ଅଧିକ ପରିମାଣର ପୁଞ୍ଜି ବିନିଯୋଗ କରୁଛନ୍ତି। ଏଥିସହିତ ମହିଳାଙ୍କ ସଶକ୍ତୀକରଣ ଓ ସେମାନଙ୍କୁ ବିଭିନ୍ନ ଆର୍ଥିକ କ୍ଷେତ୍ରରେ ନିୟୋଜିତ କରିବା ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସମାଜର ବିଭିନ୍ନ ପଛୁଆବର୍ଗଙ୍କ କଲ୍ୟାଣ ଉପରେ ସରକାର ପ୍ରାଥମିକତା ଦେଉଥିବାରୁ ବଜେଟରେ ଏହାର ଝଲକ ଦେଖିବାକୁ ମିଳିବ। ସେଥିପାଇଁ ଅର୍ଥ ବିଭାଗ ସରକାରଙ୍କ ଆଗାମୀ ୫ବର୍ଷିଆ ରଣନୀତି ସମ୍ପର୍କରେ ବିଭାଗଗୁଡ଼ିକୁ ଅବଗତ କରିଛି। ଏହାକୁ ଦୃଷ୍ଟିରେ ରଖି ବିଭାଗଗୁଡ଼ିକ ଅନୁରୂପ ଭାବେ ବଜେଟ ପ୍ରସ୍ତୁତ କରିବାକୁ କୁହାଯାଇଛି। ୨୦୨୩-୨୪ ପୂର୍ଣ୍ଣାଙ୍ଗ ବଜେଟରେ ବିତ୍ତୀୟ ନିଅଣ୍ଟ ପରିମାଣ ସର୍ବାଧିକ ୩ ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି ଅର୍ଥ ବିଭାଗ କହିଛି।

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବିଭାଗଗୁଡ଼ିକୁ ଡିସେମ୍ବର ୧୫ତାରିଖ ସୁଦ୍ଧା ପ୍ରସ୍ତାବ ପଠାଇବାକୁ କୁହାଯାଇଥିବା ବେଳେ ଡିସେମ୍ବର ୧୬ରୁ ୩୧ତାରିଖ ପର୍ଯ୍ୟନ୍ତ ଅର୍ଥ ବିଭାଗ ଓ ଯୋଜନା-ସଂଯୋଜନ ବିଭାଗରେ ପ୍ରାକ୍ ବଜେଟ ସମନ୍ୱୟ ବୈଠକ ହେବ। ଫେବୃୟାରୀ ୬ରେ ସଚିବମାନଙ୍କ ବୈଠକରେ ବଜେଟ ରୂପରେଖ ଚୂଡ଼ାନ୍ତ ହେବା ସହ ଫେବୃୟାରୀ ୭ରୁ ୧୦ତାରିଖ ମଧ୍ୟରେ ରାଜ୍ୟ ମନ୍ତ୍ରୀ ପରିଷଦ ଦ୍ୱାରା ଚିଠା ବଜେଟକୁ ଅନୁମୋଦନ ହେବ ବୋଲି ଜଣାପଡ଼ିଛି।

ଧରିତ୍ରୀ
DHARITRI
Thursday, October 27, 2022



**ଆୟକର ପୈଠ ସମୟସୀମା ବଢ଼ିଲା**

**ନୂଆଦିଲ୍ଲୀ:** ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଆୟକର ପୈଠ କରାଯାଇପାରିବ ଏବଂ କୌଣସି ଜରିମାନା ଦେବାକୁ ପଡ଼ିବ ନାହିଁ ବୋଲି ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ୨୦୨୨-୨୩ ବର୍ଷର ଆୟକର ଦାଖଲ କରିବାର ସମୟସୀମା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଥିଲା। କିନ୍ତୁ କେନ୍ଦ୍ର ସରକାର ଏହି ସମୟସୀମା ବଢ଼ାଇ ନଭେମ୍ବର ୭ ପର୍ଯ୍ୟନ୍ତ କରିଛନ୍ତି।

# ୨୮ରୁ ୩ ଦିନିଆ ଓଡ଼ିଶା ଟ୍ରାଭେଲ ବଜାର

**ଭୁବନେଶ୍ୱର,୨୬।୧୦**




- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ୨୫ ବିଦେଶୀ ଟୁର୍ ଅପରେଟର ଏବଂ ୮୩ ଘରୋଇ ଟୁର୍ ଅପରେଟର ଅଂଶଗ୍ରହଣ କରିବେ

ସମଗ୍ର ଭାରତରେ ତଥା ଆନ୍ତର୍ଜାତୀୟ ସ୍ତରରେ ଓଡିଶା ପର୍ଯ୍ୟଟନର ଯଶ ବୃଦ୍ଧି କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ର ମିଳିତ ଆନୁକୁଲ୍ୟରେ ଓଡିଶା ଟ୍ରାଭେଲ ବଜାର(ଓଟିବି)ର ୪ର୍ଥ ସଂସ୍କରଣ ଚଳିତ ବର୍ଷ ଅକ୍ଟୋବର ୨୮ ରୁ ୩୦ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଫ୍ଲାଗସିପ୍ ପ୍ରଦର୍ଶନୀକୁ ୨୮ ଅକ୍ଟୋବରରେ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଦେଶ ଓ ବିଦେଶର ବିକ୍ରେତାମାନେ ଏହି ୩ ଦିନିଆ ପ୍ରଦର୍ଶନୀରେ ସେମାନଙ୍କ ପର୍ଯ୍ୟଟନ ସମ୍ବନ୍ଧିୟ ଉତ୍ପାଦ ପ୍ରଦର୍ଶନ କରିବାର ସୁଯୋଗ ପାଇବେ ଯାହା ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମ ହୋଟେଲ ଠାରେ ଅନୁଷ୍ଠିତ ହେବ। ବିଶେଷ କରି ଓଡିଶା ଟ୍ରାଭେଲ ବଜାରର ୪ର୍ଥ ସଂସ୍କରଣରେ ୨୫ ଟି ବିଦେଶୀ ଟୁର୍ ଅପରେଟରଙ୍କ ସହ ୮୩ଟି ଜଣାଶୁଣା ଘରୋଇ ଟୁର ଅପରେଟର ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

ବୁଧବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ୫ ତାରକା ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଥିଲେ ଯେ, ଓଡ଼ିଶା ହେଉଛି ପ୍ରାକୃତିକ ସମ୍ବଳର ଗନ୍ତାଘର। କିଛି ବର୍ଷ ଭିତରେ ଆମ ରାଜ୍ୟ ଏକ ପ୍ରମୁଖ ସାଂସ୍କୃତିକ ଓ ଧାର୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ଉଭା ହୋଇଛି। ଆମର ୪୮୨ କିମି ବ୍ୟାପୀ ଲମ୍ବା ବେଳାଭୂମି, ୧୯ ବନ୍ୟଜନ୍ତୁ ଅଭୟାରଣ୍ୟ ସହିତ ଆମର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ନେଇ ସାରା ବିଶ୍ୱର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଓଡ଼ିଶା ପାଖରେ ପୂର୍ଣ୍ଣ ସମ୍ଭାବନା ରହିଛି। ସେହି ସମ୍ଭାବନା ବିଷୟରେ ଦେଶ ଭିତରର ଓ ବିଦେଶର ଟୁର ଅପରେଟରମାନଙ୍କୁ ଜଣାଇବା ଲାଗି ଆମେ ଏହି ୩ଦିନିଆ ଓଡ଼ିଶା ଟ୍ରାଭେଲ ବଜାରର ଆୟୋଜନ କରୁଛୁ। ସେହିଭଳି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର କହିଛନ୍ତି, ଓଡ଼ିଶାର ଅନେକ ସ୍ୱତନ୍ତ୍ରତା ରହିଛି। ବିଶେଷ କରି କେରଳ, ମହାରାଷ୍ଟ୍ର ଏବଂ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ କାରାଭାନ୍‌ର ପ୍ରଚଳନ ଯାହା ହୋଟେଲ ରହଣୀଠାରୁ ଶସ୍ତା ଏବଂ ପର୍ଯ୍ୟଟକଙ୍କ ପାଇଁ ବେଶ ଉପାଦେୟ ସେ ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି,କୋଭିଡ୍ ଅନ୍ତରାଳ ପରେ ଆମେ ଓଡ଼ିଶା ଟ୍ରାଭେଲ ବଜାରର ୪ର୍ଥ ସଂସ୍କରଣ ଆୟୋଜନ କରୁଛୁ। ଓଡ଼ିଶା ପର୍ଯ୍ୟଟନର ଏହା ହେଉଛି ପ୍ରମୁଖ କାର୍ଯ୍ୟକ୍ରମ। ଏହାର ଲକ୍ଷ୍ୟ ହେଉଛି ଓଡ଼ିଶାର ପର୍ଯ୍ୟଟନୀ ସ୍ଥଳଗୁଡ଼ିକ ବିଷୟରେ ଭାରତର ଏବଂ ଆନ୍ତର୍ଜାତିକ ଟୁର ଅପରେଟରମାନଙ୍କୁ ଅବଗତ କରିବା। ଅନ୍ୟମାନଙ୍କ ମଧ୍ୟରେ ସ୍ୱସ୍ତି ହୋଟେଲ୍ସର ସିଏମ୍‌ଡି ଜେ.କେ ମହାନ୍ତି ଏବଂ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ଓଏସ୍‌ଡି ଅଂଶୁମାନ ରଥ ଉପସ୍ଥିତ ଥିଲେ।

## ବାଦଶାହା ମସଲାର ୫୧% ଅଂଶଧନ ହାସଲ କରିବ ଡାବର

**ନୂଆଦିଲ୍ଲୀ,୨୬।୧୦**

ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ଡାବର ଇଣ୍ଡିଆ ବ୍ରାଣ୍ଡେଡ୍ ମସଲା କମ୍ପାନୀ ବାଦଶାହାର ୫୧% ଅଂଶଧନ ହାସଲ କରିବାକୁ ଯାଉଛି। ଏପରିକି ଏହି ଅଂଶଧନ ବାବଦକୁ କମ୍ପାନୀ ବର୍ତ୍ତମାନ ୫୮୭.୫୨ କୋଟି ଟଙ୍କା ନଗଦ ଅର୍ଥ ରାଶି ବାଦଶାହାକୁ ପ୍ରଦାନ କରିଥିବା ଜଣାପଡ଼ିଛି। ଏ ନେଇ ମଧ୍ୟ ଉଭୟ କମ୍ପାନୀ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଯାଇଛି। ଏହି ଅଧିଗ୍ରହଣ ପ୍ରକ୍ରିୟା ଖୁବ୍‌ଶୀଘ୍ର ଶେଷ ହେବ ବୋଲି ଉଭୟ ପକ୍ଷରୁ କୁହାଯାଇଛି। ଏପରିକି ଆସନ୍ତା ୩ ବର୍ଷ ମଧ୍ୟରେ କମ୍ପାନୀ ୫୦୦ କୋଟି ଟଙ୍କାକୁ ବୃଦ୍ଧି କରିବା ନେଇ ରଣନୀତିକ ଉଦ୍ଦେଶ୍ୟ ରହିଛି। ସେହିପରି ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା କିମ୍ବା ତା' ପୂର୍ବରୁ ମଧ୍ୟ ଅଂଶଧନ କ୍ରୟ ସମ୍ପୂର୍ଣ୍ଣ କରିବାକୁ ଡାବର ଆଶା ରଖିଛି। ଆସନ୍ତା ୫ବର୍ଷ ପରେ ଅବଶିଷ୍ଟ ୪୯% ଅଂଶଧନ ହାସଲ କରିବ ବୋଲି ଜଣାପଡ଼ିଛି। ରହିଯାଇଥିବା ୪୯ ପ୍ରତିଶତ ଶେୟାର ଆଗାମୀ ୫ ବର୍ଷ ମଧ୍ୟରେ କିଣାହେବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ତେବେ ୩୧ ମାର୍ଚ୍ଚ ୨୦୨୩ ସୁଦ୍ଧା ବାଦଶାହା ମସଲା କମ୍ପାନୀର ସମ୍ପୂର୍ଣ୍ଣ ଭାବେ ଅଧିଗ୍ରହଣ ଡାବର ପାଖକୁ ଚାଲିଯିବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି।

## ନୂଆ ମୋଡ଼ରେ ସା ରେ ଗା ମା ପା ସ୍ୱରର ମହାମଞ୍ଚ

**ଭୁବନେଶ୍ୱର,୨୬।୧୦**




ରାଜ୍ୟର ପ୍ରମୁଖ ଘରୋଇ ମନୋରଞ୍ଜନ ଭିତ୍ତିକ ଚ୍ୟାନେଲ 'ଜୀ ସାର୍ଥକ'ରେ ପ୍ରସାରିତ ହେଉଥିବା 'ସା ରେ ଗା ମା ପା ସ୍ୱରର ମହାମଞ୍ଚ' ୨ୟ ପର୍ଯ୍ୟାୟ ଶେଷ ହୋଇଛି। ଏପରିକି ସା ରେ ଗା ମା ପାରେ ଆଗକୁ ଆହୁରି ରୋମାଞ୍ଚକର ପ୍ରଦର୍ଶନ ହେବାକୁ ଯାଉଛି। ବିଶେଷକରି ନୂଆ ମୋଡ଼ରେ ସା ରେ ଗା ମା ପା ସ୍ୱରର ମହାମଞ୍ଚ। କାରଣ ଆଗକୁ ହେବାକୁ ଯାଉଛି ଏଲିମିନେଶନ ରାଉଣ୍ଡ। ତା'ପରେ ଆସିବେ ନୂଆ ଚ୍ୟାଲେଞ୍ଜର ଆଉ ଦେବାକୁ ହେବ କଡ଼ା ଟକ୍କର। ସେହିଭଳି ସଙ୍ଗୀତର ଏହି ମହାମଞ୍ଚରେ ହେବ ମହା ମୁକାବିଲା। ସାରେଗାମାପାରେ ଏଥର ଦର୍ଶକ ଦେଖିବେ ପ୍ରତିଭାମାନଙ୍କର ଧମାକାଦାର ପରିବେଷଣ। ଅପରପକ୍ଷରେ ରକ୍‌ଷ୍ଟାର ସାଇ ପ୍ରଜ୍ଞା, ରୋମାଣ୍ଟିକ ସ୍ପେଶିଆଲିଷ୍ଟ ସୌଜନ୍ୟା ଏବଂ ରଶ୍ମିରେଖା ଓ ଅଭିସଙ୍ଗୀତାଙ୍କ ଭଳି ମା-ଝିଅ ଯୋଡ଼ି ସେମି-କ୍ଲାସିକାଲ ଗୀତ ଗାଇ ନିଜର ସ୍ୱପ୍ନକୁ ପୂରଣ କରିବା ନେଇ ଆଗକୁ ବଢ଼ିବେ ପ୍ରତିଯୋଗୀ। ସେହିପରି ଏହି ମଞ୍ଚରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନଙ୍କୁ ମିଳିଛି ଭରପୂର ସୁଯୋଗ। ବର୍ତ୍ତମାନ ଆଗାମୀ ଏପିସୋଡ୍‌ଗୁଡ଼ିକରେ ଏହା ଦେଖିବାକୁ ମିଳିବ ଯେ ପ୍ରତିଯୋଗୀଙ୍କ ପ୍ରକୃତ ପ୍ରତିଭା। ପୂର୍ବରୁ ଏହି ମଞ୍ଚ ମାଧ୍ୟମରେ ଅନେକ କଣ୍ଠଶିଳ୍ପୀ ନିଜକୁ ପ୍ରମାଣିତ କରିସାରିଛନ୍ତି। ଏପରିକି ଦର୍ଶକଙ୍କ ଉତ୍ସାହ ଓ ଉତ୍କଣ୍ଠାକୁ ଆଖିରେ ରଖି ଏବେ ନୂଆ ପ୍ରତିଭା ଖୋଜା ମଧ୍ୟ ଚାଲିଛି। ଉଲ୍ଲେଖଯୋଗ୍ୟ, ସାରେଗାମାପା ସ୍ୱରର ମହାମଞ୍ଚ ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ରେ ଜୀ ସାର୍ଥକରେ ପ୍ରସାରିତ ହେଉଛି।

## କୋକାକୋଲାର ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୨୬।୧୦**

ବହୁରାଷ୍ଟ୍ରୀୟ ମୃଦୁପାନୀୟ କମ୍ପାନୀ 'କୋକାକୋଲା' ପକ୍ଷରୁ ଚଳିତ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ କୋକାକୋଲା'ର ଚେୟାରମ୍ୟାନ ତଥା ସିଇଓ ଜେମ୍ସ କ୍ୱିନ୍ସି କହିଛନ୍ତି, ଆମର ଦୃଢ଼ ସାମର୍ଥ୍ୟ ଏବଂ ଉପଭୋକ୍ତା ଜ୍ଞାନ ଯୋଗୁ ବଜାରରେ ଆମେ ସଫଳତା ହାସଲ କରିବା ସମ୍ଭବ ହୋଇପାରିଛି। ଏପରିକି ଆମର ବ୍ୟବସାୟ ଏକ ଗତିଶୀଳ ଅପରେଟିଂ ଏବଂ ମାକ୍ରୋ-ଅର୍ଥନୈତିକ ପରିବେଶ ମଧ୍ୟରେ ଜାରି ରହିଛି। ବିଶେଷକରି ଆମେ ଆମର ବ୍ରାଣ୍ଡ୍‌ର ସୁଦୃଢ଼ ପୋର୍ଟଫୋଲିଓରେ ବିନିଯୋଗ କରୁଛୁ, ଯାହା ଆମର ଅଂଶୀଦାରଙ୍କ ପାଇଁ ଦୀର୍ଘମିଆଦୀ ମୂଲ୍ୟ ପ୍ରଦାନ କରିବାର ସାମର୍ଥ୍ୟର ଏକ ମୂଳଦୁଆ। ସେହିଭଳି ୩ୟ ତ୍ରୈମାସରେ କମ୍ପାନୀ ରାଜସ୍ୱରେ ନେଟ୍ ଆୟ ୧୦% ବୃଦ୍ଧି ହୋଇ ୧୧.୧ ବିଲିୟନ ଡଲାରରେ ପହଞ୍ଚିଛି ଏବଂ ଅର୍ଗାନିକ ରାଜସ୍ୱ (ଅଣ-ଜିଏଏପି) ୧୬% ବୃଦ୍ଧି ପାଇଛି। ଅଣ-ଜିଏଏପି କାର୍ଯ୍ୟଦକ୍ଷତା ଅପରେଟିଂ ସେଗ୍‌ମେଣ୍ଟଗୁଡ଼ିକରେ ଶକ୍ତିଶାଳୀ ଥିଲା ଏବଂ ମୂଲ୍ୟ-ମିଶ୍ରଣରେ ୧୨% ଅଭିବୃଦ୍ଧି ଏବଂ ଏକାଗ୍ର ବିକ୍ରିରେ ୪% ଅଭିବୃଦ୍ଧି ହୋଇଛି। ସେହିପରି ଅପରେଟିଂ ମାର୍ଜିନ ଯାହା ତୁଳନାତ୍ମକତାକୁ ପ୍ରଭାବିତ କରୁଥିବା ଆଇଟମଗୁଡ଼ିକ ଅନ୍ତର୍ଭୁକ୍ତ କରିଥିଲା। ପୂର୍ବ ବର୍ଷରେ ଏହା ୨୮.୯% ତୁଳନାରେ ଚଳିତ ବର୍ଷ ୨୭.୯% ରହିଛି। ଏପରିକି ତୁଳନାତ୍ମକ ଅପରେଟିଂ ମାର୍ଜିନ (ଅଣ-ଜିଏଏପି) ପୂର୍ବ ବର୍ଷରେ ୩୦.୦% ଥିବା ବେଳେ ଚଳିତ ବର୍ଷ ୨୯.୫% ରହିଛି। ତୁଳନାତ୍ମକ ଅପରେଟିଂ ମାର୍ଜିନ (ଅଣ-ଜିଏଏପି) ସଙ୍କୁଚିତ ହୋଇଥିବାରୁ ଶକ୍ତିଶାଳୀ ଟପ୍‌ଲାଇନ ଅଭିବୃଦ୍ଧି ବଡ଼ିଆରମୋର ଅଧିଗ୍ରହଣର ପ୍ରଭାବ, ଅଧିକ ଅପରେଟିଂ ଖର୍ଚ୍ଚ, ପୂର୍ବ ବର୍ଷ ତୁଳନାରେ ମାର୍କେଟିଂ ନିବେଶର ବୃଦ୍ଧି ଏବଂ ମୁଦ୍ରା ହେଡ୍‌ୱିଣ୍ଡ ଦ୍ୱାରା ଚାପଗ୍ରସ୍ତ ହୋଇଥିଲା।

## ସେନ୍‌ହାଇସର ପକ୍ଷରୁ ଦିୱାଲି ଅଫର

**ନୂଆଦିଲ୍ଲୀ,୨୬।୧୦**

ବହୁରାଷ୍ଟ୍ରୀୟ ଅଡିଓ ଜିଆଣ୍ଟ ସେନ୍‌ହାଇସର ପକ୍ଷରୁ ଦିୱାଲି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବର୍ଷର ସର୍ବବୃହତ୍ ସେଲ୍ ଦ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ ସେଲ୍ ମାଧ୍ୟମରେ ଚଳିତ ବର୍ଷ ଦୀପାବଳି ଅବସରରେ ଏହାର ବେଷ୍ଟ ସେଲିଂ ପ୍ରଡକ୍ଟ ରେଞ୍ଜରେ ଉତ୍ସାହଜନକ ଅଫର ଘୋଷଣା କରିଛି। ଏହି ସେଲ୍‌ରେ ଗ୍ରାହକମାନେ ସେନ୍‌ହାଇସରର ବେଷ୍ଟସେଲିଂ ପ୍ରଡକ୍ଟ ଯେପରିକି ସେନ୍‌ହାଇସର ଏଚ୍‌ଡି ୨୮୦ ପ୍ରୋ, ସେନ୍‌ହାଇସର୍ ଏକ୍ସଏସ୍ ଲାଭ୍‌ୟୁଏସ୍‌ବି-ସି ମୋବାଇଲ, ସେନ୍‌ହାଇସର ଏଚ୍‌ଡି ୪୦୦ ପ୍ରୋ, ସେନ୍‌ହାଇସର ଏମ୍‌କେଇ ୨୦୦, ସେନ୍‌ହାଇସର ଆଇଇ ୧୦୦ ପ୍ରୋ ଆଦିକୁ ଆକର୍ଷଣୀୟ ମୂଲ୍ୟରେ କ୍ରୟ କରିପାରିବେ। ବିଶେଷକରି ଏମ୍‌କେଇ ୨୦୦ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ ସେଲ୍ ୨୦୨୨ ସମୟରେ ୮୨୭୯ ଟଙ୍କାର ଆକର୍ଷଣୀୟ ରିହାତି ମୂଲ୍ୟରେ ଉପଲବ୍ଧ ହେଉଛି। ସେହିପରି ସେନ୍‌ହାଇସରର ଆଇଇ ୧୦୦ ପ୍ରୋ ୱାୟାରଲେସ୍ ଇନ୍-ଇୟର ମନିଟରଗୁଡ଼ିକରେ ଆଇ ପ୍ରୋ ବିଟି କନେକ୍ଟରରେ ଏକ ବିଲ୍ଟ-ଇନ୍ ମାଇକ୍ରୋଫୋନ୍, କଲ୍ ଓ ମ୍ୟୁଜିକ୍ କଣ୍ଟ୍ରୋଲ ପାଇଁ ରିମୋଟ୍ ଓ ୧୦ଘଣ୍ଟା ପର୍ଯ୍ୟନ୍ତ ଏକ ବ୍ୟାଟେରି ଲାଇଫ୍ ରହିଛି।

## ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ୧.୫୩ କୋଟି ମଞ୍ଜୁର

**ଭୁବନେଶ୍ୱର,୨୬।୧୦**

ରାଜ୍ୟରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ଷ୍ଟାର୍ଟଅପ୍ ଓଡ଼ିଶା ଟାସ୍କ ଫୋର୍ସ ପକ୍ଷରୁ ସହାୟତା ରାଶି ମଞ୍ଜୁର କରାଯାଇଛି। ଏପରିକି ରାଜ୍ୟରେ ଷ୍ଟାର୍ଟଅପ୍ ଇକୋସିଷ୍ଟମର ବିକାଶ ଦିଗରେ ୨୩ଟି ଷ୍ଟାର୍ଟଅପ୍‌କୁ ୧.୫୩ କୋଟି ଟଙ୍କା ଏବଂ ୨ଟି ଇନ୍‌କ୍ୟୁବେଟରକୁ ୨୦ ଲକ୍ଷ ଟଙ୍କାର ସହାୟତା ମିଳିଛି। ସେହିଭଳି ଓଡ଼ିଶା ଷ୍ଟାର୍ଟଅପ୍ ନୀତି ୨୦୧୬ ଅଧାରରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବା ନିମନ୍ତେ ବୁଧବାର ଏମ୍‌ଏସ୍‌ଏମ୍‌ଇ ଏସିଏସ୍ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାହୁ କହିଥିଲେ, ଉକ୍ତ ପ୍ରୋତ୍ସାହନ ରାଶି ଷ୍ଟାର୍ଟଅପ୍‌ଗୁଡ଼ିକୁ ସେମାନଙ୍କର ଉତ୍ପାଦର ବିକାଶ କରାଇବ। ବିଶେଷକରି ବଜାରକୁ ନେବାରେ ମଧ୍ୟ ଏହା ବେଶ୍ ସାହାଯ୍ୟ କରିବ। ଏଥି ସହିତ ଷ୍ଟାର୍ଟଅପ୍ ଓଡ଼ିଶାକୁ ଷ୍ଟାର୍ଟଅପ୍ ପର୍ଯ୍ୟନ୍ତ ବିସ୍ତାରିତ ଆର୍ଥିକ ସହାୟତା ସୁବିଧା ସଂଖ୍ୟା ୨୬୯କୁ ବୃଦ୍ଧି ପାଇଛି ବୋଲି ସତ୍ୟବ୍ରତ ମତ ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ସ୍ୱତନ୍ତ୍ର ସଚିବ ବିଭୂତି ଭୂଷଣ ଦାଶଙ୍କ ସମେତ ଶିଳ୍ପ ନିର୍ଦ୍ଦେଶକ ସାଦିକ୍ ଆଲାମ, ଅର୍ଥ ବିଭାଗର ଉପସଚିବ ସ୍ମିତା ରାଉତ, ୟୁସିସିଆଇର ରଜେନ୍ ପାଢ଼ୀ, ଲୁମିନୌସ ଇନ୍‌ଫାୱେସ୍ ଜୟଶ୍ରୀ ମହାନ୍ତି, ତତ୍ୱା ଟେକ୍ନୋଲୋଜିର ଏମ୍‌ଡି ଐଶକାନ୍ତ ମହାନ୍ତି, ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ଏସ୍.ଏମ୍. ମୁସ୍ତାକିମ ଏବଂ ଷ୍ଟାର୍ଟଅପ୍ ଓଡ଼ିଶା ଇଭାନ୍‌ଜେଲିଷ୍ଟ,ଡ. ସଂଯୁକ୍ତା ବଢ଼ାଇ ପ୍ରମୁଖ ଉପସ୍ଥିତ ଥିଲେ।

**ଫୁରସତ୍**

# ବିଦେଶରେ ଭାରତୀୟ ବଂଶୋଦ୍ଭବ ଶାସକ


ହଲିମାହ ୟାକୋବ୍

**ଦିନ ଥିଲା ବ୍ରିଟିଶ୍ ଶାସକ ଭାରତକୁ ଶାସନ କରୁଥିଲେ। ସେ ସମୟରେ ବ୍ରିଟିଶ୍‌ମାନେ ଭାରତୀୟଙ୍କ ପ୍ରତି ଅକଥନୀୟ ଅତ୍ୟାଚାର ମଧ୍ୟ କରୁଥିଲେ। ଲୋକଙ୍କୁ ନିର୍ଯାତନା ଦେବାରେ ସେମାନେ ସବୁ ସୀମା ଲଂଘି ଯାଉଥିଲେ। କିନ୍ତୁ ଆଜି ସମୟ ବଦଳିଯାଇଛି। ଭାରତୀୟ ବଂଶୋଭବ ଋଷି ସୁନକଙ୍କ ହାତକୁ ଆସିଛି ବ୍ରିଟେନ୍‌ର ଶାସନ ଡୋରି। ମଙ୍ଗଳବାର ସେ ବ୍ରିଟେନର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ବିଦେଶରେ ଭାରତୀୟ ବଂଶୋଭବମାନଙ୍କ କାନ୍ଧକୁ ଶାସନ ଦାୟିତ୍ୱ ଯିବା ନୂଆ କଥା ନୁହେଁ। ଅନେକ ଦେଶ ରହିଛି, ଯେଉଁଠାରେ ଭାରତୀୟ ବଂଶଧର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅଛନ୍ତି।**

**ଆଣ୍ଟୋନିଓ କୋଷ୍ଟା:** ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀ ଆଣ୍ଟୋନିଓ କୋଷ୍ଟା ଜଣେ ଭାରତୀୟ ବଂଶୋଭବ। ୨୦୧୫ ନଭେମ୍ବର ୨୬ରୁ ଆଣ୍ଟୋନିଓ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଛନ୍ତି। ସେ ଏକାଧାରରେ ଜଣେ ଆଇନଜୀବୀ ଏବଂ ରାଜନେତା। ଆଣ୍ଟୋନିଓଙ୍କ ବାପା ଓର୍ଲାଣ୍ଡୋ ଡା କୋଷ୍ଟା ଗୋଆର କୋଷ୍ଟା ପରିବାରର ହୋଇଥିବାବେଳେ ମା' ମାରିଆ ଆଣ୍ଟୋନିଓ କାଲ୍ଲା ପର୍ତ୍ତୁଗାଲ୍‌ର ବାସିନ୍ଦା। କୋଷ୍ଟା ପରିବାର ଗୋଆରେ ବାବୁଶ ଭାବେ ଗଣାଯାନ୍ତି। ୧୯୮୦ରେ ଆଣ୍ଟୋନିଓ ୟୁନିଭର୍ସିଟି ଅଫ୍ ଲେସ୍‌ବୋନ୍‌ରେ ଆଇନ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ୧୯୯୭ରୁ ୧୯୯୯ ଆଣ୍ଟୋନିଓ ଗୁଟେରସ୍ ଯେତେବେଳେ ପର୍ତ୍ତୁଗାଲ୍‌ର ପ୍ରଧାନମନ୍ତ୍ରୀ ଥିଲେ ସେ ସମୟରେ କୋଷ୍ଟା ରାଜନୀତିକୁ ପ୍ରବେଶ କରିଥିଲେ।

**ପ୍ରବିନ୍ଦ କୁମାର ଜୁଗନାଥ:** ୨୦୧୭ରୁ ମରିସସ୍‌ର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଭାରତୀୟ ବଂଶଧର ପ୍ରବିନ୍ଦ କୁମାର ଜୁଗନାଥ। ୧୯୯୦ରେ ମିଲିଟାଣ୍ଟ ସୋସିଆଲିଷ୍ଟ ମୁଭ୍‌ମେଣ୍ଟ (ଏମ୍‌ଏସ୍‌ଏମ୍) ପାର୍ଟିରେ ସାମିଲ ହୋଇଥିଲେ। ସେ ୧୯୬୧ ଡିସେମ୍ବର ୨୫ରେ ମରିସସ୍‌ର ଭାକୋସ୍-ଫୋଇନିକ୍ସର ଏକ ହିନ୍ଦୁ- ଆହିର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ବାପା ଅନିରୁଦ୍ଧ ଜୁଗନାଥ ପେସାରେ ଓକିଲ ହୋଇଥିବାବେଳେ ତାଙ୍କ ମା' ସରୋଜିନୀ ବାଲ୍ଲାହ ଜଣେ ସ୍କୁଲ ଶିକ୍ଷୟିତ୍ରୀ ଥିଲେ।

**ପୃଥ୍ୱୀରାଜସିଂ ରୁପୁନ:** ମରିସସ୍‌ର ରାଷ୍ଟ୍ରପତି ପୃଥ୍ୱୀରାଜସିଂ ରୁପୁନ ଭାରତୀୟ ଆର୍ଯ୍ୟ ସମାଜୀ ହିନ୍ଦୁ ପରିବାରରେ ଜନ୍ମ ଗ୍ରହଣ କରିଛନ୍ତି। ମରିସସ୍ ରାଷ୍ଟ୍ରପତି ଥିବା ପୃଥ୍ୱୀରାଜ ଜଣେ ଭାରତୀୟ ବଂଶୋଭବ ଅଟନ୍ତି। ତାଙ୍କ ପରିବାର ମୋରସେଲେମେଣ୍ଟରେ ରୁହନ୍ତି। ୧୯୮୩ରେ ପୃଥ୍ୱୀରାଜ ପ୍ରଥମ ଥର ପାଇଁ ପଲିଟିକାଲ ପାର୍ଟିରେ ଯୋଗ ଦେଇଥିବାବେଳେ ୧୯୯୫ରେ ସେ ପ୍ରଥମ କରି ନିର୍ବାଚନରେ ଅଂଶଗ୍ରହଣ କରିଥିଲେ।

**ହଲିମାହ ୟାକୋବ୍:** ସିଙ୍ଗାପୁରର ଅଷ୍ଟମ ଏବଂ ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ହଲିମାହ ୟାକୋବ୍ ଜଣେ ଭାରତୀୟ ବଂଶୋଭବ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ହଲିମାହ ପାର୍ଲାମେଣ୍ଟ ବାଚସ୍ପତି ଭାବେ କାର୍ଯ୍ୟ କରୁଥିଲେ। ସିଙ୍ଗାପୁରର କୁଇନ୍ ଷ୍ଟ୍ରିଟ୍‌ରେ ତାଙ୍କ ଘର। ତାଙ୍କ ବାପା ଭାରତୀୟ ହୋଇଥିବାବେଳେ ମା' ମଲାୟ ଅଟନ୍ତି। ହଲିମାହଙ୍କ ବାପା ୱାଚ୍‌ମ୍ୟାନ୍ ଚାକିରି କରିଥିବାବେଳେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହୋଇଥିଲା। ବାପାଙ୍କ ମୃତ୍ୟୁ ପରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଥିବାବେଳେ ଏକ ଚାଳିଆ ହୋଟେଲ କରି ସେଥିରୁ ଆୟ ଅର୍ଥରେ ପରିବାର ପ୍ରତିପୋଷଣ କରୁଥିଲେ।

**ଚାନ୍ ସନ୍ତୋଖି:** ସୁରିନାମର ପୂର୍ବତନ ପୋଲିସ ଅଧିକାରୀ ତଥା ବର୍ତ୍ତମାନର ରାଷ୍ଟ୍ରପତି ଚାନ୍ ସନ୍ତୋଖିଙ୍କ ଜନ୍ମ ୧୯୫୯ ଫେବୃୟାରୀ ୧୩ରେ। ୨୦୨୦ରେ ସେ ସୁରିନାମର ନବମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ। ସେ ଜଣେ ଇଣ୍ଡୋ-ସୁରନାମିଜ୍ ହିନ୍ଦୁ। ତାଙ୍କ ବାପା ବନ୍ଦରରେ କାର୍ଯ୍ୟ କରୁଥିବାବେଳେ ମା' ଶପ୍ ଆସିଷ୍ଟାଣ୍ଟ ଚାକିରି କରିଥିଲେ।

**ମହମ୍ମଦ ଇରଫାନ୍ ଅଲ୍ଲୀ:** ଗୁଏନାର ପ୍ରଥମ ମୁସଲମାନ ରାଷ୍ଟ୍ରପତି ହେଉଛନ୍ତି ମହମ୍ମଦ ଇରଫାନ୍ ଅଲ୍ଲୀ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ଏମ୍‌ପି ଓ ହାଉସିଂ ମିନିଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ଇଣ୍ଡୋ-ଗୁଏନିଜ୍ ମୁସଲମାନ ପରିବାରରେ ଇରଫାନ୍‌ଙ୍କ ଜନ୍ମ। ୧୯୮୦ ଏପ୍ରିଲ ୨୫ରେ ଗୁଏନାର ଲେଓନୋରାରେ ତାଙ୍କ ଜନ୍ମ। ଆମେରିକାରେ ଉପରାଷ୍ଟ୍ରପତି ଥିବା କମଳା ହାରିସ ମଧ୍ୟ ଜଣେ ଭାରତୀୟ ବଂଶୋଭବ ଅଟନ୍ତି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଭଳି ପଦକୁ ଛାଡ଼ିଦେଲେ ଭାରତୀୟ ମୂଳ ଅନେକ ଦେଶରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି।


ଚାନ୍ ସନ୍ତୋଖି


ଆଣ୍ଟୋନିଓ କୋଷ୍ଟା


ମହମ୍ମଦ ଇରଫାନ୍ ଅଲ୍ଲୀ


ପ୍ରବିନ୍ଦ କୁମାର ଜୁଗନାଥ

## ୱାର୍କୋହୋଲିକ୍ ରକୁଲ



**ମୁମ୍ବାଇ:** କାମ କରିବାକୁ ମୋତେ ବହୁତ ପସନ୍ଦ। ମୁଁ ଜଣେ ୱାର୍କୋହୋଲିକ୍ (କାମ କରିବାକୁ ପସନ୍ଦ କରୁଥିବା ବ୍ୟକ୍ତି) ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ରକୁଲପ୍ରୀତ ସିଂ। ଚଳିତବର୍ଷ ତାଙ୍କର ୫ଟି ଫିଲ୍ମ ରିଲିଜ୍ ହୋଇସାରିବା ପରେ ଆସନ୍ତା ଦିନରେ ସେ କ'ଣ କରିବେ ତାକୁ ନେଇ ରକୁଲ ଚିନ୍ତା କରୁଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। ଆସନ୍ତାବର୍ଷ ସେ ଫିଲ୍ମ 'ଛତ୍ରିବାଲି', 'ଇଣ୍ଡିଆନ୍-୨' ସାଙ୍ଗକୁ ଭୂମି ପେଦନେକର ଓ ଅର୍ଜୁନ କପୁରଙ୍କ ସହ ଏକ ରୋମାଣ୍ଟିକ୍ କମେଡି ଫିଲ୍ମରେ କାମ କରିବାକୁ ଯାଉଛନ୍ତି, ଯାହାର ଟାଇଟଲ ଏବେଯାକେ ଫାଇନାଲ୍ ହୋଇନାହିଁ। ଅଭିନୟ ଏକ ସୁନ୍ଦର ପେସା ହୋଇଥିବାବେଳେ ବିଭିନ୍ନ ପ୍ରକାର ଫିଲ୍ମରେ ବହୁପ୍ରକାର ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳୁଥିବା ସେ କହିଛନ୍ତି। ଅନ୍ୟପଟେ ଫିଲ୍ମ କ୍ରିଟିକ୍ ଓ ଫ୍ୟାନ୍‌ମାନଙ୍କ ରିଭ୍ୟୁ ପଢ଼ିବାକୁ ତାଙ୍କୁ ପସନ୍ଦ। ନିକଟରେ ରକୁଲ ଓ ସିଦ୍ଧାର୍ଥ ମାଲହୋତ୍ରାଙ୍କ ଦ୍ୱାରା ଅଭିନୀତ ଫିଲ୍ମ ' ଥ୍ୟାଙ୍କ ଗଡ୍' ରିଲିଜ୍ ହୋଇଛି।

## ଆଲୁଅ ଭଳି ଜଳୁଛି ଆଖି

**ୱାଶିଂଟନ୍:** ଆମେରିକାର ୩୩ ବର୍ଷୀୟ ବ୍ରିଆନ୍ ଷ୍ଟନଲି ନିଜ ଆଖିକୁ ଫ୍ଲାସ୍‌ଲାଇଟ୍‌ରେ କନ୍‌ଭର୍ଟ କରିଦେଇଛନ୍ତି। ପେସାରେ ଇଞ୍ଜିନିୟର ବ୍ରିଆନ କ୍ୟାନ୍‌ସର ରୋଗରେ ଆକ୍ରାନ୍ତ। ଚିକିତ୍ସା କାରଣରୁ ତାଙ୍କ ବାମ ପାଖ ଆଖି ନଷ୍ଟ ହୋଇଯିବା ପରେ ସେ ନିଜ ପଇଁ ଏକ ପ୍ରୋସ୍ଥେଟିକ୍ ଆଇବଲ୍‌କୁ ଫ୍ଲାସ୍‌ଲାଇଟ୍‌ର ରୂପ ଦେଇଛନ୍ତି। ଏହାର ଏକ ଭିଡିଓ ବ୍ରିଆନ୍ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଅନ୍ଧାରରେ ପଢ଼ିବା ପାଇଁ ଏହି ବ୍ୟାଟେରି ଚାଳିତ ଫ୍ଲାସ୍‌ଲାଇଟ ଉପଯୋଗୀ ହେବ ବୋଲି ସେ ଭିଡିଓ ଜରିଆରେ କହିଛନ୍ତି। ବ୍ୟାଟେରିର ଅବଧି ୨୦ ଘଣ୍ଟା ଥିବାବେଳେ ବହୁ ସମୟ ଧରି ଜଳିଲେ ମଧ୍ୟ ଏହା ଉତ୍ତପ୍ତ ହେଉ ନ ଥିବା ଜଣାପଡ଼ିଛି।



## କଳାକନା ବୁଲାଇଲେ ଦୁର୍ବୃତ୍ତ

ସମ୍ବଲପୁର (ବ୍ୟୁରୋ): ସବୁଠି ଦୀପାବଳି ପାଳନ ହେଉଥିବା ବେଳେ ଯୁଯୁମୁରା ଥାନା ଡଙ୍ଗାପାଲ ଗ୍ରାମର ସଞ୍ଜିତ ସାହୁଙ୍କ ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ସୂଚନା ଅନୁସାରେ ସଞ୍ଜିତ ଯୁଯୁମୁରା ମେଡିକାଲରେ କାମ କରନ୍ତି। ଦୀପାବଳି ପୂର୍ବଦିନ ସେ ଘରେ ତାଲା ପକାଇ ପରିବାର ସହ ଗାଁକୁ ଯାଇଥିଲେ। ଦୁର୍ବୃତ୍ତମାନେ ଘର କବାଟ ଭାଙ୍ଗି ଆଲମିରାରୁ ସୁନା ଅଳଙ୍କାର ଓ ନଗଦ ୨ଲକ୍ଷ ଟଙ୍କା ନେଇଯାଇଛନ୍ତି। ବୁଧବାର ସଞ୍ଜିତ ଏହା ଜାଣିବା ପରେ ପୋଲିସରେ ଅଭିଯୋଗ କରିଛନ୍ତି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ଚଳନ୍ତା ବସ୍‌ରୁ ଖସିପଡ଼ି ହେଲପର ଗୁରୁତର

ରେଢାଖୋଲ,୨୬।୧୦(ଡି.ଏନ.ଏ.): ଅନୁଗୋଳରୁ ସମ୍ବଲପୁର ଯାଉଥିବା ଉଷା ଟ୍ରାଭେଲ୍ସ ନାମକ ଏକ ଯାତ୍ରୀବାହୀ ବସ୍‌ରୁ ରେଢାଖୋଲ ସହର ପୁରୁଣା ପେଟ୍ରୋଲ ପମ୍ପ ନିକଟରେ ଖସିପଡି ହେଲପର ଗୁରୁତର ହୋଇଛନ୍ତି। ରେଢାଖୋଲ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ବସ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଗୁରୁତର ହେଲପର ରେଢାଖୋଲ ଥାନା ତ୍ରିବଣପୁର ପଞ୍ଚାୟତ ରାହାଣ ଗ୍ରାମର ନିଧି ରାଉତ ବୋଲି ଜଣାପଡିଛି।

### ଘରପୋଡ଼ି, ପରିବାର ବେସାହାରା

ରେଢାଖୋଲ,୨୬।୧୦(ଡି.ଏନ.ଏ.): ରେଢାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତର କୁଟାସିଙ୍ଗା ଗ୍ରାମରେ ସୋମବାର ଘାସିନାଥ ବେହେରାଙ୍କ ୨ ବଖରା ପୋଡି ପାଉଁଶ ହୋଇଯାଇଛି। ରୋଷେଇ ବେଳେ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ପ୍ରୟାସ କରିଥିଲେ ହେଁ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ପରେ ବାମୁର ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ହେଲେ ଏଥିରେ ଘାସିନାଥଙ୍କ ଆସବାବ ପତ୍ର ଧାନ, ଚାଉଳ ପୋଡି ନଷ୍ଟ ହୋଇଯାଇଛି। ଗରିବ ଶ୍ରେଣୀର ଏହି ପରିବାର ଏବେ ବେସାହାରା ହୋଇପଡିଛନ୍ତି। ପାଞ୍ଚପ୍ରାଣୀ କୁଟୁମ୍ବ ସମ୍ପର୍କୀୟ ଘରେ ଆଶ୍ରୟ ନେଇଛନ୍ତି। ଲୁହାପଙ୍କ ସରପଞ୍ଚ ଚିନ୍ମୟୀ ପ୍ରଧାନ ଏ ନେଇ ତହସିଲଦାରଙ୍କୁ ଜଣାଇବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇ ଏକ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଏକ ଘର ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି ଶୀର୍ଷକ କାର୍ଯ୍ୟକ୍ରମ

ସମ୍ବଲପୁର,୨୬।୧୦(ବ୍ୟୁରୋ): ସମ୍ବଲପୁର ପବ୍ଲିକ ଲାଇବ୍ରେରି ଆୟୋଜନରେ ରାଷ୍ଟ୍ରଗଠନ ଦିଗରେ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ପ୍ରେରିତ ଶୁଭେଚ୍ଛା ପତ୍ର ପାଠ କରାଯାଇଥିଲା। ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବଂଶୀଧର ମାଝି, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କୁମାର ଦାଶମହାପାତ୍ର, ସମ୍ବଲପୁର ବିଶ୍ୱବିଦ୍ୟଳୟ ଭାରପ୍ରାପ୍ତ କୁଳପତି ସଞ୍ଜୁକ୍ତା ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ସୁଦର୍ଶନ ପୂଜାରୀ ପ୍ରୋଗ୍ରାମ ଅଫ କ୍ଲାସ କାର୍ଯ୍ୟକାରୀ କରିବାର ବିବରଣୀ ପ୍ରଦାନ କରିଥିଲେ। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରୁ ଶିକ୍ଷାବିତ୍, ଶିକ୍ଷକ, ଅଧାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଦେଶର ଉତ୍ତମ ନାଗରିକ ହେବା ପାଇଁ ଯୁବବର୍ଗଙ୍କୁ ପ୍ରସ୍ତୁତ କରାଯିବ।

# ସ୍କୁଲରେ ତାଲା ପକାଇ ଧାରଣା

ରେଢାଖୋଲ,୨୬।୧୦(ଡି.ଏନ.ଏ.)


ସ୍କୁଲ ଗେଟ୍‌ରେ ତାଲା ପକାଇ ଛାତ୍ରୀଛାତ୍ର, ଅଭିଭାବକ ଧାରଣାରେ ବସିଛନ୍ତି।

ରେଢାଖୋଲ ବ୍ଲକ ଭରତାପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ବୁଧବାର ସ୍କୁଲ ଶିକ୍ଷା କମିଟି, ଛାତ୍ରୀଛାତ୍ର, ଅଭିଭାବକ ସ୍କୁଲରେ ତାଲା ପକାଇ ଧାରଣା ଦେଇଛନ୍ତି। ତେବେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ପାତ୍ର ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ଗୁରୁବାର ଜଣେ ଶିକ୍ଷକ ନିଯୁକ୍ତି ଦିଆଯିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ନେଇ ଶିକ୍ଷାକମିଟି ସଭାପତି ଖଗେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି। ଶିକ୍ଷାକମିଟି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୦୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାତ୍ର ଜଣେ ଶିକ୍ଷକ ଥିବାବେଳେ ପ୍ରଥମରୁ

### ଶିକ୍ଷକ ନିଯୁକ୍ତି ଦାବି

ପଞ୍ଚମ ଶ୍ରେଣୀ ପାଇଁ ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଫଳରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ପାଠପଢାରୁ ବଞ୍ଚିତ ହେଉଛନ୍ତି। ୭ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ପାଇଁ ଶିକ୍ଷାକମିଟି ପକ୍ଷରୁ ଗତ ୧୮ ତାରିଖରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ପଦକ୍ଷେପ ନିଆ ନ ଯିବାରୁ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦିଆଯାଇଥିଲା। ଭରତାପୁର ସରପଞ୍ଚ ଆରତି ସାହୁ, ସମିତିସଭ୍ୟ ଦିବାକର ପ୍ରଧାନ, ଶିକ୍ଷାକମିଟି ସଭାପତି ଖଗେଶ୍ୱର ପ୍ରଧାନ, ଶରତ ପ୍ରଧାନ, ନିଳକଣ୍ଠ ସାହୁଙ୍କ ସମେତ ବହୁ ଅବିଭାବକ ଛାତ୍ରୀଛାତ୍ର ଧାରଣାରେ ବସିଥିଲେ।

# ସମ୍ବଲପୁର ବନଖଣ୍ଡର ସମୀକ୍ଷା ବୈଠକ

ସମ୍ବଲପୁର,୨୬।୧୦(ବ୍ୟୁରୋ)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ପକ୍ଷରୁ ବାର୍ଷିକ ସମୀକ୍ଷା ୨୦୨୧-୨୨ ବୁଧବାର ଆର୍‌ସିସିଏଫ୍ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବନଖଣ୍ଡ ଅଧିକାରୀ ବିଶ୍ୱନାଥ ନିଳାମ୍ବରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲାପାଳ ଅନନ୍ୟା ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ପ୍ରକଳ୍ପ ଅଧିକାରୀ, ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ବିଭାଗ, ମାନେଶ୍ୱର ବ୍ଲକ ସହାୟକ ଉଦ୍ୟାନ ଅଧିକାରୀ, ଡିପିଏମ୍ ଓଡ଼ିଶା ଜୀବିକା ମିଶନ, ଡାଇରେକ୍ଟର ଓର୍‌ମାସ ଡିପିସି, ମିଶନ ଶକ୍ତି, ବୈଜ୍ଞାନିକ କେବିକେ, ଗ୍ରାମ୍ୟ ବିକାଶ ସଂଗଠନର ଅଧକ୍ଷମାନେ ଉପସ୍ଥିତ ଥିଲେ। ମଦନଲାଲ ଶର୍ମା ଆର୍ଥିକ ବର୍ଷ ୨୦୨୧-୨୨ର ଓଏଫ୍‌ଏସ୍‌ଡିପି-୨ ବାର୍ଷିକ ବିବରଣୀ ପଠନ କରିଥିଲେ। ପ୍ରକୃତି ବନ୍ଧୁମାନଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ଏସିଏଫ୍ ତେଜରାଜ ନାୟକ ଧନ୍ୟବାଦ ଦେଇଥିଲେ। ସଦର, ପଡ଼ିଆବାହଲ, ଧମା ଓ ରେଙ୍ଗାଲି ରେଞ୍ଜରୁ ଆସିଥିବା ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ, ଏଫ୍‌ଏମ୍‌ୟୁ କୋର୍ଡିନେଟର, ପିଏନ୍‌ଜିଓ କର୍ମକର୍ତ୍ତା ସହ ବନ ସୁରକ୍ଷା ସମିତି ସଭାପତି, ଆନିମେଟର ଓ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।


ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ ।

# କ୍ଷୀର ମଗଧା ଯାଦବ ସମାବେଶ



କ୍ଷୀର ମଗଧା ଯାଦବ ସମାବେଶରେ ଅତିଥି ଓ କର୍ମକର୍ତ୍ତା ।

ସମ୍ବଲପୁର,୨୬।୧୦(ବ୍ୟୁରୋ)

ଆଞ୍ଚଳିକ କ୍ଷୀର ମଗଧା ଯାଦବ ସମାଜ ସମାବେଶ ୨୦୨୨ ବୁଧବାର ଶାସନ ଥାନା ଅନ୍ତର୍ଗତ କଟାପାଲି ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ କଳସଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ମା' ସମଲେଶ୍ୱରୀ ଓ ଶ୍ରୀକୃଷ୍ଣଙ୍କ ପ୍ରତିକୃତିଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ସ୍ୱତନ୍ତ୍ର ଭାବେ ଗିରି ଗୋବର୍ଦ୍ଧନ ପୂଜା ହୋଇଥିଲା। ହରିଶଙ୍କର ଷଣ୍ଢଙ୍କ ସଭାପତିତ୍ୱରେ ସମାବେଶ ହୋଇଥିଲା। ଅବସରପ୍ରାପ୍ତ ପ୍ରଫେସର ଅମରେନ୍ଦ୍ର ଯାଦବ ମୁଖ୍ୟଅତିଥି, ଶିତଳ ମହାକୁଡ଼ ମୁଖ୍ୟବକ୍ତା ଓ ନିଳାମ୍ବର ମଲ୍ଲିକ, ବୈକୁଣ୍ଠ ପୋଢ଼, ରାଜେନ୍ଦ୍ର ବନଛୋର, ଧନକଉଡ଼ା ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯାଦବଙ୍କ ଏକତା ହେଉଛି ବଳ, ତେଣୁ ସମସ୍ତେ ଏକଜୁଟ ହୋଇ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କାର୍ଯ୍ୟରେ ନିଜକୁ ସହଭାଗି କରିବାକୁ ଆହ୍ୱାନ ଦେଇଥିଲେ। ତ୍ରିବିକ୍ରମ ପୋଢ଼ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ସଭ୍ୟ ଯଦୁମଣି ନାଗଙ୍କୁ ସମ୍ମାନିତ କରାଯାଇଥିଲା। କିଶୋର ଛତର, ସୁବର୍ଣ୍ଣ କଠାର, ଅମିନ ବେହେରା, ଜଗଦିଶ ବାଗ, କାର୍ତ୍ତିକ ଷଣ୍ଢ, ସୁକାନ୍ତ କଠାର, ଗୁଣନିଧି ଭୁଏ, ସନଥ ବର୍ଗତ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଧନକଉଡ଼ା, ରେଙ୍ଗାଲି, ଯୁଯୁମୁରା, ମାନେଶ୍ୱର, କୁମ୍ଭାରବନ୍ଧ ଅଞ୍ଚଳରୁ ଯାଦବମାନେ ଯୋଗଦେଇଥିଲେ।

# ମିନିଟ୍ରକ୍‌ରେ ନିଆଁଲାଗି ସାମଗ୍ରୀ ନଷ୍ଟ

ରେଢାଖୋଲ,୨୬।୧୦(ଡି.ଏନ.ଏ.)

ରେଢାଖୋଲ ଥାନାରୁ ୧୦୦ମିଟର ଦୂର ମସଜିଦ ସମ୍ମୁଖରେ ମଙ୍ଗଳବାର ରାତିରେ ପିତ୍ତଳ, ଆଲୁମିନିୟମ, ଷ୍ଟିଲ ଓ କଂସାବାସନ ବୋଝେଇ ମିନିଟ୍ରକ୍ ଠିଆ ହୋଇଥିବା ହଠାତ୍ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ତେବେ କାରଣ ଜଣାପଡି ନ ଥିବା ବେଳେ ଗାଡି ମାଲିକ ତଥା ବ୍ୟବସାୟୀ ନୃସିଂହ ନାୟକ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଜୟରଶ୍ମି ସେଠୀ କହିଛନ୍ତି। ନୃସିଂହ ଅଭିଯୋଗ କରିଛନ୍ତି ଦୀର୍ଘବର୍ଷ ହେବ ସେ କଂସା ବାସନ ବ୍ୟବସାୟ କରୁଛନ୍ତି। ବିଭିନ୍ନ ସାପ୍ତାହିକ ବଜାରକୁ ଯାଇ ବ୍ୟବସାୟ ପରେ ଗାଡିକୁ ସେହି ସ୍ଥାନରେ ରଖିଥିଲେ। ମଙ୍ଗଳବାର ରାତିରେ ମସଜିଦ ସମ୍ମୁଖରେ ଥିବା ଗାଡିରେ କେହି ନିଆଁ ଲଗାଇଦେଇଥିଲେ। ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ଗାଡି ସୁରକ୍ଷିତ ରହିଥିଲେ ହେଁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡିଯାଇଥିବା ସେ କହିଛନ୍ତି।


କଂସାବାସନ ବୋଝେଇ ମିନିଟ୍ରକ୍‌ରେ ନିଆଁ ଲାଗିଛି।

# ଦୀପାବଳି ବିଶେଷାଙ୍କ 'କୁରେଫୁଲ' ଉନ୍ମୋଚିତ

ଝାରସୁଗୁଡ଼ା ଅଫିସ,୨୬।୧୦

ଝାରସୁଗୁଡ଼ା ପୁରୁଣାବସ୍ତି ନବଯୁବକ ସଂଘ କାର୍ଯ୍ୟାଳୟରେ ସ୍ଥାନୀୟ ସାହିତ୍ୟ ଓ ସଂସ୍କୃତି ପରିଷଦ ତରଫରୁ କୁରେଫୁଲ ପତ୍ରିକାର ଦୀପାବଳି ବିଶେଷାଙ୍କ ଉନ୍ମୋଚିତ ହୋଇଯାଇଛି। ନବଯୁବକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡ଼ିଆ ଭାଷାର ଉନ୍ନତି ପାଇଁ ଏପରି ପତ୍ରିକା ପ୍ରକାଶନର ଆବଶ୍ୟକତା ରହିଛି ବୋଲି କହିଥିଲେ। ପରିଷଦର ସଭାପତି ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସାଂସ୍କୃତିକ ସମ୍ପାଦକ ଭରତ ଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିଲେ।

# ଲଜପତ ରାଏ ଆଇନ କଲେଜର ନୂତନ ଅଧ୍ୟକ୍ଷ



ସମ୍ବଲପୁର,୨୬।୧୦(ବ୍ୟୁରୋ)

ସମ୍ବଲପୁରସ୍ଥିତ ଲଜପତ ରାଏ ଆଇନ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ବୁଧବାର ସହକାରୀ ପ୍ରଫେସର ବିଜୟାନନ୍ଦ ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ଛାତ୍ରୀଛାତ୍ର, ଅଧାପିକା, ଅଧାପକ, କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ, ଅତିଥି ଅଧାପକ ତଥା ଲଜପତ ରାଏ ଆଇନ କଲେଜ ଅଧ୍ୟକ୍ଷ ଡ. ଗିରିଜା ଶଙ୍କର ଶର୍ମା ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ଫଳରେ ଏହି ପଦ ଖାଲି ରହିଥିଲା। ବୁଧବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ପତ୍ର ପାଇବା ପରେ ସହକାରୀ ପ୍ରଫେସର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଭିସୁଟ୍ ଛାତ୍ରଙ୍କ ସଫଳତା

ସମ୍ବଲପୁର,୨୬।୧୦(ବ୍ୟୁରୋ)

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ଛାତ୍ରୀଛାତ୍ର ପୁଣି ସଫଳତା ସାଉଁଟିଛନ୍ତି। ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ (ଡିଆର୍‌ଡିଓ) ଦ୍ୱାରା ସଂଗଠିତ ସମ୍ମାନଜନକ ପାନ-ଇଣ୍ଡିଆ ଇନୋଭେସନ୍ ପ୍ରତିଯୋଗିତାରେ ଭାଗନେଇ ଡେୟାର ଟୁ ଡ୍ରିମ୍ ୩.୦ର ତୃତୀୟ ସଂସ୍କରଣରେ ଦ୍ୱିତୀୟ ରନର୍ସଅପ୍ ହେବାସହ ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇଛନ୍ତି। ଅକ୍ଟୋବର ୨୦ରେ ଗୁଜରାଟର ଗାନ୍ଧୀନଗର ଡିଫେକ୍ସପୋ ୨୦୨୨ରେ ଆୟୋଜନ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଡିଆର୍‌ଡିଓ ଅଧ୍ୟକ୍ଷ ସମୀର ଭି. କମାଟ ଉପସ୍ଥିତ ଥିଲେ। ଭିସୁଟ୍‌ର ଅନ୍ତିମ ବର୍ଷର ଛାତ୍ର ସିଦ୍ଧାର୍ଥ ମହାନ୍ତି, ସୁଧାଂଶୁ ପାଣିଗ୍ରାହୀ, ଆହ୍ୱାନ ପ୍ରଧାନ, ଅଂଶୁମାନ ମହାପାତ୍ର, ରାଜଦୀପକ ମହନ୍ତୋ, ବିନୟ କୁମାର ମୋହାନ୍ତଙ୍କୁ ନେଇ ଏହି ଦଳ ଗଠିତ ହୋଇଥିଲା। ଆସୋସିଏଟ୍ ପ୍ରଫେସର ତଥା ଇଲେକ୍ଟ୍ରିକାଲ ଆଣ୍ଡ ଇଲେକ୍ଟ୍ରୋନିକ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଡ. ଜ୍ଞାନ ରଞ୍ଜନ ବିଶ୍ୱାଳ ଓ ପିଏଚ୍‌ଡି ଛାତ୍ର ସୌମ୍ୟ ଦେବାଶିଷ ଦାସଙ୍କ ପରାମର୍ଶକ୍ରମେ ଏହି ଦଳ କାର୍ଯ୍ୟ କରୁଥିଲେ।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଏସ୍‌ପି

ଝାରସୁଗୁଡ଼ା ଅଫିସ,୨୬।୧୦

ଶହୀଦ ସପ୍ତାହ ପାଳନ ଅବସରରେ ଝାରସୁଗୁଡା ଏସ୍‌ପି ରାହୁଲ ଜୈନ ବୁଧବାର ଲଇକେରା ବ୍ଲକ୍ ରାମଛିପାଡିହି ଗ୍ରାମକୁ ଯାଇ ଶହୀଦ ଉମାକାନ୍ତ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ତାଙ୍କ ମା' ସ୍ନେହଲତା ନାୟକ ଓ ବାପା ପ୍ରଫୁଲ୍ଲ ନାୟକଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଆଇଆଇସି ପ୍ରବୀର କେଶରୀ ତ୍ରିପାଠୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ କୋରାପୁଟ ଜିଲାରେ ଉମାକାନ୍ତ କନଷ୍ଟେବଲ ଭାବେ କାର୍ଯ୍ୟରତ ଥିବାବେଳେ ୨୦୧୦ ଏପ୍ରିଲ ୪ରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଶହୀଦ ହୋଇଥିଲେ।

# ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଝାରସୁଗୁଡ଼ା ଅଫିସ,୨୬।୧୦


ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଜିଲାର ୩ ପୌରପାଳିକାରେ ଚାଲୁରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ବୁଧବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ଝାରସୁଗୁଡ଼ା ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି, ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ର ସ୍ୱାଇଁ, ବେଲପାହାଡ ପୌର ନିର୍ବାହୀ ଅଧିକାରୀ ବିକାଶ ଭୋଇଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପକ୍କା ରାସ୍ତା, ଡ୍ରେନ୍, ଷ୍ଟ୍ରିଟ ଲାଇଟ, ପାଇଖାନା, ପାନୀୟ ଜଳ, ଆବାସ ଗୃହ, ଖାଲି ଥିବା ସ୍ଥାନର ବିକାଶ ଆଦି କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପନ୍ନ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରକଳ୍ପର କାର୍ଯ୍ୟଖସଡ଼ା ପ୍ରସ୍ତୁତ ପାଇଁ ଜିଲାପାଳ ସାମଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜିଲାପାଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଓ ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଥିଲେ।

# ପୋଲିସର ସଡ଼କ ସୁରକ୍ଷା ସଚେତନତା

ଝାରସୁଗୁଡ଼ା ଅଫିସ,୨୬।୧୦

ଝାରସୁଗୁଡ଼ା ସଦର ଥାନା ତରଫରୁ ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ବୁଧବାର ପଞ୍ଚପଡା ହାଇସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ନେଇ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଡ୍‌ଡେଇଛକରୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ପୋଲିସ୍ ଅଧିକାରୀ ଓ କର୍ମଚାରୀ ବ୍ୟାନର ପୋଷ୍ଟର ଧରି ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ସଚେତନ କରାଇଥିଲେ। ସ୍କୁଲ୍ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣମିତା ନାୟକଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା । ଏଥିରେ ଏସ୍‌ଡିପିଓ ନିର୍ମଳ ମହାପାତ୍ର ମୁଖ୍ୟଅତିଥି, ଡିଏସ୍‌ପି ବାଳକୃଷ୍ଣ କଅଁର, ଅତିରିକ୍ତ ଆର୍‌ଟିଓ ସୁହା ହେମ୍ବ୍ରମ, ଆଇଆଇସି ସୁଚିସ୍ମିତା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟ୍ରାଫିକ୍ ସଚେତନତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଏଥିରେ ଆଞ୍ଚଳ ପଟେଲ ପ୍ରଥମ, ତବସୁମ୍ ଖାତୁନ ଦ୍ୱିତୀୟ, ଅଞ୍ଜୁ ଓରାମ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।


ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା।

# ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ ଦାବି

ସମ୍ବଲପୁର,୨୬।୧୦(ବ୍ୟୁରୋ)

ହୀରାକୁଦ ଅନ୍ତର୍ଗତ ହୀରାଖଣ୍ଡ ୟୁପି ସ୍କୁଲ ଥାନାପଡ଼ାର ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ ଦାବି କରାଯାଇଛି। ବୁଧବାର ଦୋକାନୀମାନଙ୍କ ଏକ ପ୍ରତିନିଧି ଦଳ ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ ସାହୁଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୦୧ ମସିହାରୁ ଥାନାପଡା ରାସ୍ତା କଡରେ ଦୋକାନ କରିଥିବା ୧୨ଜଣଙ୍କୁ ୨୦୦୬ରେ ନୋଟିସ ଦିଆଯାଇ ୨୦୦୭ରେ ଦୋକାନ ଉଚ୍ଛେଦ କରାଯାଇଥିଲା। ତେବେ ଉଚ୍ଛେଦ ସମୟରେ ନୂଆ ଦୋକାନ ଗୃହ ନିର୍ମାଣ କରାଗଲେ ବିନା ମୂଲ୍ୟରେ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ପ୍ରଦାନ କରାଯିବ ବୋଲି ହୀରାକୁଦ ଏନ୍‌ଏସି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ହୀରାକୁଦ ଏନ୍‌ଏସି ବର୍ତ୍ତମାନ ସମ୍ବଲପୁର ମହାନଗର ନିଗମରେ ସାମିଲ ହୋଇଛି। ଇତିମଧ୍ୟରେ ୧୫ ବର୍ଷ ବିତିଯାଇଛି। ଦୋକାନ ଗୃହ ମଧ୍ୟ ନିର୍ମାଣ ହୋଇସାରିଛି। ତେବେ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ମହାନଗର ନିଗମ ପକ୍ଷରୁ ଦୋକାନ ମିଳିପାରୁ ନାହିଁ ବୋଲି ଦୋକାନୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସମ୍ବଲପୁର ମହାନଗର ନିଗମ କମିଶନର କହିଛନ୍ତି, ଉଚ୍ଛେଦ ହୋଇଥିବା ଦୋକାନୀଙ୍କ ରେକର୍ଡପତ୍ର ଯାଞ୍ଚ କରାଯାଇ ମହାନଗର ନିଗମ ଆବଶ୍ୟକୀୟ ପଦକ୍ଷେପ ନେବ। ପ୍ରତିନିଧି ଦଳରେ ଅଶ୍ୱିନୀ କୁମାର ବାଗ, ଦୁର୍ଯ୍ୟୋଧନ ମହାଲିଙ୍ଗ, ହରି ରୋହିଦାସ, ଅଜିତ କୁମାର ବେହେରା, ଅର୍ଜୁନ ରୋହିଦାସ, କ୍ଷୀରୋଦ ବେହେରା, ବିପିନ ସୁନା, ମନୋଜ ଟାଜନ ପ୍ରମୁଖ ଉପସ୍ଥିତ ଥିଲେ।


କମିଶନରଙ୍କୁ ଭେଟି ଦୋକାନୀମାନେ ଆଲୋଚନା କରୁଛନ୍ତି ।

# କଲମ୍ବିଆ-ସ୍ପେନ୍ ଫାଇନାଲ ଲଢ଼େଇ

**ମାର୍ଗାଓ, ୨୬।୧୦**
**(ତପନ ସ୍ୱାଇଁ)**



ମାର୍ଗାଓରେ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମ

ମାର୍ଗାଓର ଐତିହାସିକ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ବୁଧବାର ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ୨ଟି ରୋମାଞ୍ଚକ ଏବଂ ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ଅନୁଷ୍ଠିତ ହୋଇ ଯାଇଛି। ନାଇଜେରିଆକୁ ସଡନ୍ ଡେଥ୍ ୬-୫ ଗୋଲରେ ହରାଇ କଲମ୍ବିଆ ଏବଂ ଜର୍ମାନୀକୁ ୧-୦ ଗୋଲରେ ହରାଇ ସ୍ପେନ୍ ଫାଇନାଲରେ ପ୍ରବେଶ କରିଛି। ଗତଥରର ଚାମ୍ପିୟନ ସ୍ପେନ୍ ୯୦ତମ ମିନିଟରେ ଲୁସିଆ କୋରାଲେସଙ୍କ ଗୋଲ ବଳରେ କ୍ରମାଗତ ଦ୍ୱିତୀୟ ଏବଂ ତୃତୀୟ ଥରପାଇଁ ଫାଇନାଲ ଟିକେଟ କାଟିଛି। ପୂର୍ବରୁ ଏହି ଦଳ ୨୦୧୪ ଓ ୨୦୧୮ରେ ଚାମ୍ପିୟନ ହୋଇଥିବାବେଳେ ୨୦୧୬ରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷରେ ୭ମ ଥରପାଇଁ ଟୁର୍ନାମେଣ୍ଟ ଖେଳୁଥିବା ଜର୍ମାନୀ ଦ୍ୱିତୀୟ ଥରପାଇଁ ସେମିଫାଇନାଲରେ ପରାସ୍ତ ହୋଇଛି। ଫଳରେ ଏହି ଦଳ ତୃତୀୟ ସ୍ଥାନ ପାଇଁ ନାଇଜେରିଆକୁ ଭେଟିବ। ୨୦୦୮ରେ ଶ୍ରେଷ୍ଠ ସଫଳତାଭାବେ ଏହି ଦଳ ୩ୟ ସ୍ଥାନ ହାସଲ କରିଥିଲା। ପୂରା ମ୍ୟାଚରେ ଆକର୍ଷଣୀୟ ପ୍ରଦର୍ଶନ ପାଇଁ ସ୍ପେନ୍‌ର ସାଣ୍ଡ୍ରା ଭିଲାଫାନେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କଲମ୍ବିଆ ଓ ସ୍ପେନ୍ ମଧ୍ୟରେ ଫାଇନାଲ ୩୦ ତାରିଖରେ ନଭି ମୁମ୍ବାଇସ୍ଥିତ ଡି.ୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଦିନ ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ମଧ୍ୟ ଅନୁଷ୍ଠିତ ହେବ।

**ଆରମ୍ଭରୁ ଶେଷ କଡ଼ା ଟକ୍କର**

ଦୁଇ ସମକକ୍ଷ ଦଳ ଜର୍ମାନୀ ଓ ସ୍ପେନ ମଧ୍ୟରେ ମ୍ୟାଚ ସ୍ୱାଭାବିକଭାବେ ଆରମ୍ଭରୁ ରୋମାଞ୍ଚରେ ଭରପୂର ଥିଲା। ଜର୍ମାନୀ ଲଙ୍ଗ ପାସ ଏବଂ ସ୍ପେନ ନିଜ ଷ୍ଟାଇଲରେ ଶର୍ଟ ପାସ୍ ଦେଇ ଖେଳିଥିଲେ। ଦୁଇଟି ଯାକ ଦଳର ଷ୍ଟାର୍ଟିଂ ଲାଇନ୍‌ଅପ୍ ୪-୩-୩ ଥିଲା। ଖେଳ ଆଗେଇବା ସହ ମ୍ୟାଚ ବେଶ୍ ରୋମାଞ୍ଚକ ହୋଇ ଉଠିଥିଲା। ୨୦ତମ ମିନିଟରେ ଜର୍ମାନୀର ମାରା ଆଲବର ପ୍ରତିପକ୍ଷ ଗୋଲପୋଷ୍ଟକୁ ବଲ୍ ପଠାଇବାପରେ ଖେଳାଳିଙ୍କ ମଧ୍ୟରେ ଉଲ୍ଲାସ ଖେଳି ଯାଇଥିଲା। ମାତ୍ର ଇଂଲଣ୍ଡ ରେଫରି ୱେଲ୍ସ ରିବେକା ଭିଡିଓ ଆସିଷ୍ଟାଣ୍ଟ ରେଫରି (ଭିଏଆର)ର ସହାୟତା ନେଇ ଗୋଲ ଚେକ୍ କରିଥିଲେ। ରିପ୍ଲେରେ ଏହା ଅଫ୍‌ସାଇଡ ହୋଇଥିବା ଜଣା ପଡ଼ିଥିଲା। ବିପଜ୍ଜନକ ଖେଳ ପାଇଁ ସ୍ପେନ୍‌ର କ୍ଲୁଡିଡ ପୁଜୋଲ୍ସ ୪୫+୭ ମିନିଟରେ ୟେଲୋ କାର୍ଡ ପାଇଥିଲେ। ନିର୍ଦ୍ଧାରିତ ୪୫ ମିନିଟ ଏବଂ ଇଞ୍ଜୁରି ଟାଇମ୍ ୮ ମିନିଟରେ ଗୋଲ ନ ହେବାରୁ ପ୍ରଥମାର୍ଦ୍ଧ ୦-୦ସ୍ଥିତିରେ ଶେଷ ହୋଇଥିଲା।

ପ୍ରଥମାର୍ଦ୍ଧର ଟକ୍କର ଦ୍ୱିତୀୟାର୍ଦ୍ଧରେ ମଧ୍ୟ ବଳବତ୍ତର ରହିଥିଲା। କେହି ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। ଫଳରେ ଅନେକ ସୁଯୋଗ ସୃଷ୍ଟି ହୋଇଥିଲେ ମଧ୍ୟ ୮୯ତମ ମିନିଟ ପର୍ଯ୍ୟନ୍ତ ଗୋଲ ହୋଇପାରି ନ ଥିଲା। ଜର୍ମାନୀ ଦଳର ଖେଳାଳିଙ୍କୁ ହାତରେ ଟାଣି ପକାଇ ଦେବା ଉଦ୍ୟମ ଯୋଗୁ ସ୍ପେନର ଭିକି ଲୋପେଜଙ୍କୁ ୮୨ତମ ମିନିଟରେ ୟେଲୋ କାର୍ଡ ମିଳିଥିଲା। ମ୍ୟାଚ ଡ୍ର ଆଡ଼କୁ ଯାଉଥିବାବେଳେ ୯୦ତମ ମିନିଟରେ ଗୋଲ ଦେଇ ମ୍ୟାଚରେ ରୋମାଞ୍ଚ ଖେଳାଇ ଦେଇଥିଲେ ସ୍ପେନର ଲୁସିଆ କୋରାଲେସ। ୭୧ତମ ମିନିଟରେ କ୍ରିଷ୍ଟିନା ଲିବରାନଙ୍କ ସ୍ଥାନରେ ବଦଳ ଖେଳାଳିଭାବେ ପଡ଼ିଆରେ ପ୍ରବେଶ କରିଥିବା ଲୁସିଆ ସାଥି ଖେଳାଳି ଇନହୋଆ ଆଲ୍‌ଗୁଆସିଲଙ୍କଠାରୁ ପାଇଥିବା ପାସ୍‌ର ସଦ୍‌ବ୍ୟବହାର କରି ବାମ ପାଦରେ ବିଜୁଳି ବେଗରେ ବଲ୍‌କୁ ଜର୍ମାନୀ ଗୋଲପୋଷ୍ଟକୁ ବଲ୍ ପଠାଇ ଦେଇଥିଲେ। ଜର୍ମାନୀ ଗୋଲକିପର ଲିନା ଆଲଟେନବର୍ଗ ଡାଇଭ୍ ମାରି ଭରପୂର ପ୍ରୟାସ କରିଥିଲେ ହେଁ ବଲ ନିକଟରେ ପହଞ୍ଚି ପାରି ନ ଥିଲେ। ଏହାପରେ ୯ ମିନିଟର ଇଞ୍ଜୁରି ଟାଇମ୍‌ରେ ଜର୍ମାନୀ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲା। ମ୍ୟାଚରେ ଜର୍ମାନୀ ୪୦ ଓ ସ୍ପେନ୍ ୫୯ ପ୍ରତିଶତ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲା। ଫାଉଲ୍‌ରେ କିନ୍ତୁ ସ୍ପେନ୍ ଆଗରେ ରହିଥିଲା। ଜର୍ମାନୀ ଖେଳାଳି ୬ ଏବଂ ସ୍ପେନ୍ ଖେଳାଳି ୯ ଥର ଫାଉଲ୍ ମାରିଥିଲେ।

**ଫତୋର୍ଦା କର୍ଣ୍ଣର**

## ମ୍ୟାଚ ଦେଖିଲେ ୩୫୭୬ ଦର୍ଶକ

**ଭୁବନେଶ୍ୱର, ୨୬।୧୦**
**(କ୍ରୀଡ଼ା ପ୍ରତିନିଧି)**

ମାର୍ଗାଓର ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ପ୍ରଥମ ସେମିଫାଇନାଲରେ ନାଇଜେରିଆ ଅପେକ୍ଷା କଲମ୍ବିଆକୁ ଅଧିକ ଦର୍ଶକ ସମର୍ଥନ କରିଥିଲେ। କଲମ୍ବିଆରୁ ମଧ୍ୟ କେତେକ ସମର୍ଥକ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ''କଲମ୍ବିଆ କଲମ୍ବିଆ' ଧ୍ୱନୀର ଗୁଞ୍ଜରଣ ଷ୍ଟାଡିୟମରେ ଶୁଣିବାକୁ ମିଳୁଥିଲା। ଏହି ମ୍ୟାଚକୁ ୩୫୭୬ ଦର୍ଶକ ଦେଖିଥିବା ଅଫିସିଆଲଭାବେ ଘୋଷଣା କରାଯାଇଥିଲା।

# ଭାରତ-ଅଷ୍ଟ୍ରେଲିଆ ମ୍ୟାଚ ଡ୍ର

**ଜୋହର ବାହରୁ (ମାଲେସିଆ), ୨୬।୧୦(ପି.ଟି.)**

**ସୁଲ୍‌ତାନ ଅଫ୍ ଜୋହର କପ୍ ହକି**

ସୁଲ୍‌ତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ବୁଧବାର ଅନ୍ତିମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚକୁ ଭାରତ ୫-୫ରେ ଡ୍ର ରଖିଛି। ଏଥିସହିତ ଦଳ ରାଉଣ୍ଡ ରବିନ ଲିଗ୍ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଭାରତ ପକ୍ଷରୁ ବବି ସିଂ ଧାମି (୨ୟ ମିନିଟ), ଶାରଦା ନନ୍ଦ ତିୱାରୀ (୮ମ, ୩୫ତମ), ଅରିଜିତ୍ ସିଂ ହୁଣ୍ଡାଲ (୧୮ତମ) ଏବଂ ଅମନଦୀପ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅଷ୍ଟ୍ରେଲିଆ ତରଫରୁ ଲିଆମ୍ ହାର୍ଟ (୩ୟ), ଜ୍ୟାକ୍ ହଲାଣ୍ଡ (୮ମ), ଜୋସୁଆ ବ୍ରୁକ୍ସ (୨୦ତମ, ୪୧ତମ) ଓ ଜେକ୍ ଲାମ୍ବେଥ୍ (୪୯ତମ) ଗୋଲ୍ ସ୍କୋର କରିଥିଲେ। ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ୩-୩ ସ୍ତରରେ ରହିଥିଲା। ଅଷ୍ଟ୍ରେଲିଆ ୪ଟି ଗେମ୍‌ରୁ ୧୦ ପଏଣ୍ଟ ସହ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତ ୨ ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସହ ଦ୍ୱିତୀୟ ସ୍ଥାନରେ ଅଛି। ପୂର୍ବରୁ ଭାରତ ଏହାର ଓପନିଂ ମ୍ୟାଚରେ ମାଲେସିଆକୁ ୫-୨ ଗୋଲରେ ପରାସ୍ତ କରିଥିଲା। ଦଳ ପରେ ଦକ୍ଷିଣ ଆଫ୍ରିକାଠାରୁ ୪-୫ରେ ପରାସ୍ତ ହେବା ପରେ ଜାପାନ ବିପକ୍ଷ ମ୍ୟାଚ ୫-୧ରେ ବିଜୟୀ ହୋଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶୁକ୍ରବାର ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳିବ।

# ବିଜୟଧାରା ବଜାୟ ଲକ୍ଷ୍ୟରେ ଓଏଫ୍‌ସି



ଓଡ଼ିଶା ଏଫ୍‌ସିର ଖବରଦାତା ସମ୍ମିଳନୀ ଅବସରରେ କୋଚ୍ ଯୋଶେପ୍ ଗୋମ୍ବାଉ ଓ ରେନିୟର ଫର୍ନାଣ୍ଡେଜ୍।

**ଭୁବନେଶ୍ୱର,୨୬।୧୦(ସ୍ପୋର୍ଟସ ବ୍ୟୁରୋ)**

**ଇଣ୍ଡିଆନ୍ ସୁପର ଲିଗ୍**

ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ନିଜର ଦ୍ୱିତୀୟ ମୁକାବିଲା ଖେଳିବାକୁ ଯାଉଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ସୁନୀଲ ଛେତ୍ରୀଙ୍କ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଓଡ଼ିଶା ମ୍ୟାଚ ଖେଳିବ। ଏହି ମ୍ୟାଚରେ ଓଏଫ୍‌ସି ନିଜ ବିଜୟ ଧାରା ବଜାୟ ରଖିବାକୁ ଚାହିଁବ। ଏହା ସହିତ ଡୁରାଣ୍ଡ କପ୍ କ୍ୱାର୍ଟର ଫାଇନାଲ ପରାଜୟର ପ୍ରତିଶୋଧ ନେବାକୁ ଦଳ ଉଦ୍ୟମ କରିବ। ରବିବାର ପ୍ରଥମ ହାଫ୍‌ରେ ପଛୁଆ ରହିବା ସତ୍ତ୍ୱେ କେରଳ ବ୍ଲାଷ୍ଟର୍ସକୁ ୨-୧ରେ ହରାଇଥିଲା ଓଡ଼ିଶା। ଅନ୍ୟ ପକ୍ଷରେ ଅନ୍ତିମ ମ୍ୟାଚରେ ହାଇଦ୍ରାବାଦ ନିକଟରୁ ପରାଜିତ ହୋଇଥିବା ବେଙ୍ଗାଲୁରୁ ଏଫ୍‌ସି ମଧ୍ୟ ବିଜୟୀ ହେବାକୁ ପ୍ରୟାସ କରିବ। ଓଏଫ୍‌ସି ପୁନର୍ବାର ଆକ୍ରମଣାତ୍ମକ ବ୍ରାଣ୍ଡର ଫୁଟବଲ ଖେଳିବ ବୋଲି କୋଚ୍ ଯୋଶେପ୍ ଗୋମ୍ବାଉ ପ୍ରକାଶ କରିଛନ୍ତି। ଅଦ୍ୟାବଧି ସମସ୍ତ ମ୍ୟାଚରେ ଓଏଫ୍‌ସି ୪-୩-୩ କମ୍ବିନେଶନରେ ପଡିଆକୁ ଓହ୍ଲାଇଛି। ଏହି କମ୍ବିନେଶନ ସହିତ ଓଏଫ୍‌ସି ଖେଳାଳି ମାନେ ମଧ୍ୟ ତାଳ ଦେଇ ଖେଳିଛନ୍ତି। ତେବେ ତାରକା ଖଚିତ ବେଙ୍ଗାଲୁରୁ ବିପକ୍ଷରେ ଓଡ଼ିଶା ସମାନ ଆକ୍ରମଣାତ୍ମକ ଖେଳ ଖେଳିବ ବୋଲି କୋଚ୍ କହିଛନ୍ତି। ଦଳର ତାରକା ଷ୍ଟ୍ରାଇକର ଡିଏଗୋ ମରିସିଓ ଫର୍ମରେ ନଥିଲେ ହେଁ ପ୍ରଥମ ପସନ୍ଦର ଖେଳାଳି ରହିବେ। ସେହିପରି ବେଙ୍ଗାଲୁରୁ ଅଧିନାୟକ ସୁନୀଲ ଛେତ୍ରି ଓ ରୟ କ୍ରିଷ୍ଣାଙ୍କ ଉପରେ ନିର୍ଭରଶୀଳ। ଏହି ମ୍ୟାଚରେ ରୟ କ୍ରିଷ୍ଣାଙ୍କ ଅନୁପସ୍ଥିତିରେ ଜାଭିୟର ହର୍ନାଣ୍ଡେଜ୍ ଖେଳିବେ। ଡୁରାଣ୍ଡ କପ୍ ଚାମ୍ପିୟନ ଦଳର ଅନ୍ୟତମ ଫରୱାର୍ଡ ଖେଳାଳି ଶିବଶକ୍ତି ମଧ୍ୟ ଚମତ୍କାର ଫର୍ମରେ ରହିଛନ୍ତି।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

# ସଡନ୍ ଡେଥ୍‌ରେ ଜିତିଲା କଲମ୍ବିଆ

**ମାର୍ଗାଓ, ୨୬।୧୦**
**(କ୍ରୀଡ଼ା ପ୍ରତିନିଧି)**



ନାଇଜେରିଆ ବିପକ୍ଷରେ ବିଜୟ ହାସଲ ପରେ ଉତ୍‌ଫୁଲ୍ଲିତ କଲମ୍ବିଆ ଦଳ।

କଲମ୍ବିଆ ପ୍ରଥମ ଥର ପାଇଁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି। ପ୍ରଥମ ୪ ଉଦ୍ୟମରେ ୨୦୦୮, ୨୦୧୨, ୨୦୧୪ ଓ ୨୦୧୮ରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବା ଏହି ଦକ୍ଷିଣ ଆମେରିକୀୟ ଦଳ ୫ମ ପ୍ରୟାସରେ ସଫଳ ହୋଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଥାନୀୟ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଏହି ଦଳ ପେନାଲ୍ଟି ଶୁଟ୍ ଆଉଟ ପରେ ସଡନ୍ ଡେଥ୍ ୬-୫ ଗୋଲରେ ନାଇଜେରିଆକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟର ଖେଳ ଗୋଲଶୂନ୍ୟ ରହିବା ପରେ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍ ଆଉଟ ପଦ୍ଧତିର ସହାୟତା ନିଆଯାଇଥିଲା। ଏଥିରେ ମଧ୍ୟ ସ୍ଥିତି ୪-୪ରେ ବରାବର ରହିବାରୁ ସଡନ୍ ଡେଥ୍ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଏଥିରେ କଲମ୍ବିଆ ବାଜି ମାରିଥିଲା। ତେବେ ନାଇଜେରିଆ ଖେଳାଳିମାନେ ମଧ୍ୟ ଉତ୍ତମ ପ୍ରଦର୍ଶନ କରି ମନ ଜିତିଥିଲେ। ନାଇଜେରିଆ ୨୦୧୦, ୨୦୧୨ ଓ ୨୦୧୪ରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଥିବାବେଳେ ଏଥର ସେମିଫାଇନାଲରେ ହାରିଥିବାରୁ ବ୍ରୋଞ୍ଜ ପଦକ ପାଇଁ ଲଢ଼ିବ। ଏହି ମ୍ୟାଚର ନାୟିକା ଥିଲେ କଲମ୍ବିଆ ଗୋଲକିପର ଲୁଇସା ଅଗୁଡେଲୋ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମଥର ପାଇଁ ସେମିଫାଇନାଲ ଖେଳୁଥିବା ଏହି ଦୁଇ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିଲେ। ପ୍ରଥମ ୧୫ ମିନିଟ କଲମ୍ବିଆ ହାଫ୍‌ରେ ବଲ୍ ରଖିଥିଲା ନାଇଜେରିଆ। ୫ମ ମିନିଟରେ ଅଧିନାୟିକା ବ୍ଲେସିଂ ଇମାନୁଏଲ, ୮ମ ମିନିଟରେ ଟାଇଓ ଆଫୋଲାବିଙ୍କ ଶଟ୍ ସେଭ୍ ହୋଇ ଯାଇଥିଲା। କ୍ରମେ କଲମ୍ବିଆ ମଧ୍ୟ ଆକ୍ରମଣକୁ ଜୋରଦାର କରିଥିଲା। ୧୫ତମ ମିନିଟରେ ନାଇଜେରିଆର ମିରାକ୍ଲ ଉସାନି ଫାଉଲ୍ କରିବାରୁ କଲମ୍ବିଆକୁ ଫ୍ରି କିକ୍ ମିଳିଥିଲା। ମାତ୍ର ୧୬ତମ ମିନିଟରେ କଲମ୍ବିଆର ଓରିଆନା କ୍ୱିଣ୍ଟେରୋଙ୍କ ରାଇଟ ଫୁଟେଡ ଶଟ୍ ସେଭ୍ ହୋଇ ଯାଇଥିଲା। ୨୮ତମ ମିନିଟରେ ବ୍ଲେସିଂଙ୍କ ଫାଉଲ୍ ଯୋଗୁ କଲମ୍ବିଆକୁ ଗୋଲ ଏରିଆ ବାହାରେ ଆଉ ଏକ ଫ୍ରି କିକ୍ ମିଳିଥିଲା। ମାତ୍ର ମାରି ଆଲଭାରେଜଙ୍କ ଶଟ୍ ନାଇଜେରିଆ ଗୋଲପୋଷ୍ଟ ବାର୍‌ରେ ବାଜି ବାହାରକୁ ଚାଲି ଯାଇଥିଲା। ୩୮ତମ ମିନିଟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ କଲମ୍ବିଆ ପକ୍ଷରୁ କ୍ରମାଗତ ୩ ଥର ଗୋଲ ଉଦ୍ୟମ କରାଯାଇଥିଲା। ମାତ୍ର ନାଇଜେରିଆ ଗୋଲକିପର ଫେଥ୍ ଓମିଲାନା ଦକ୍ଷତାର ସହ ସେଭ୍ କରିଥିଲେ। ୪୫ତମ ମିନିଟରେ କଲମ୍ବିଆର ୟେସିକା ମୁନୋଜ ବଲ ନେଇ ଆଗେଇ ଯାଇଥିଲେ ହେଁ ଅଫ୍ ସାଇଡ କରି ବସିଥିଲେ। ଫଳରେ ସେ ଦେଇଥିବା ଗୋଲକୁ ରୋମାନିଆ ରେଫରି ଡିମେଟ୍ରେସ୍କୁ ଲୁଲିଆନା ନାକଚ କରି ଦେଇଥିଲେ। ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଖେଳ ମଧ୍ୟ ରୋମାଞ୍ଚକ ହୋଇଥିଲା। ଗୋଲ ଦେଇ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇବାକୁ ଉଭୟ ଦଳ ଜୋରଦାର ଉଦ୍ୟମ କରିଥିଲେ। ୭୨ତମ ମିନିଟରେ କଲମ୍ବିଆ ନିକଟରେ ଭଲ ସୁଯୋଗ ପହଞ୍ଚିଥିଲା। ମାତ୍ର ଅଧିନାୟିକା ଲିଣ୍ଡା କାଏସେଡୋଙ୍କ ଶଟ୍ ଗୋଲପୋଷ୍ଟର ବାମପଟ ବାର୍‌ରେ ଘସିହୋଇ ବାହାରକୁ ଚାଲି ଯାଇଥିଲା। ଅଗ୍ରଣୀ ନେବା ପାଇଁ ଉଭୟ ଦଳ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ସମ୍ଭବ ହୋଇ ନ ଥିଲା। ନିର୍ଦ୍ଧାରିତ ୯୦ ମିନିଟ ଓ ଇଞ୍ଜୁରି ଟାଇମର ୬ ମିନିଟ ଖେଳ ଗୋଲଶୂନ୍ୟ ରହିଥିଲା।

### ଶୁଟ୍ ଆଉଟ ରୋମାଞ୍ଚ

ଶୁଟ୍ ଆଉଟ ପର୍ଯ୍ୟାୟରେ ପ୍ରଥମ ୫ଟି ଶଟ୍ ମଧ୍ୟରୁ କଲମ୍ବିଆର ଗାବ୍ରିଏଲା ରୋଡ୍ରିଗ୍ୱେଜ, ଷ୍ଟିଫାନିଆ ପେର୍ଲାଜା, ମାରି ଇଷ୍ଟିଟାଲେଟ, ଲିଣ୍ଡା କାଇସେଡୋ ଗୋଲ ଦେଇଥିବାବେଳେ ୟେସିକା ମୁନୋଜ ମିସ୍ କରିଥିଲେ। ନାଇଜେରିଆ ପକ୍ଷରୁ ଇଡେଟ ଓଫିଅଙ୍ଗ, ଇଟିମ ଇଡିଡଙ୍ଗ, ଉସାନି ମିରାକ୍ଲ ଓ ଟାଇୟୋ ଆଫୋଲାବି ଗୋଲ ଦେଇଥିଲେ ଏବଂ ଓମାମୁଜୋ ଇଡାଫେ ବିଫଳ ହୋଇଥିଲେ। ଗୋଲ ୪-୪ରେ ବରାବର ରହିବାରୁ ସଡନ୍ ଡେଥ ପର୍ଯ୍ୟାୟର ସହାୟତା ନିଆ ଯାଇଥିଲା। ପରେ କଲମ୍ବିଆ ପକ୍ଷରୁ ଜୁଆନା ଅର୍ଟେଗନ ଓ ନାତାଲିଆ ହେର୍ନାଣ୍ଡେଜ ଗୋଲ ଦେଇଥିବାବେଳେ ନାଇଜେରିଆର ଶକିରାଟ ଓୟିନଲୋଲା ଗୋଲ ଦେବାରେ ସକ୍ଷମ ହୋଇଥିଲେ। ତେବେ କମ୍ଫର୍ଟ ଫେଲୋରୁନୋଶୋଙ୍କ ଶଟ୍‌କୁ କଲମ୍ବିଆ ଗୋଲକିପର ଲୁଇସା ଅଗୁଡେଲୋ ସେଭ୍ କରି ଦେଇଥିଲେ। ଏଥିସହ ନାଇଜେରିଆ ଖେଳାଳିମାନେ ଦୁଃଖରେ ଭାଙ୍ଗି ପଡ଼ିଥିବାବେଳେ କଲମ୍ବିଆ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା। ନାଇଜେରିଆ ଗୋଲକିପର ଥିଲେ ଚିକାମ୍‌ସୋ ଜିୱାକୁ।

## ଟପ୍ ୧୦ରେ କୋହଲି

**ଦୁବାଇ, ୨୬।୧୦ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟି୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ ତାଲିକାରେ ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲି ଟପ୍ ୧୦ର ୯ମ ସ୍ଥାନ ଅଧିକାର କରିଛନ୍ତି। ଟି୨୦ ବିଶ୍ୱକପ୍ ପାକିସ୍ତାନ ବିପକ୍ଷ ମ୍ୟାଚରେ ଚମତ୍କାର ପ୍ରଦର୍ଶନ ଯୋଗୁ କୋହଲି ଟପ୍ ୧୦ରେ ପ୍ରବେଶ କରିଛନ୍ତି। ବୋଲର ର୍‍ୟାଙ୍କିଙ୍ଗରେ ଭାରତର ଭୁବନେଶ୍ୱର କୁମାର ୧୦ମ ସ୍ଥାନରେ ଅଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଅଲରାଉଣ୍ଡର ତାଲିକାରେ ତୃତୀୟ ସ୍ଥାନ ଦଖଲ କରିଛନ୍ତି। ପାକିସ୍ତାନ ଉଇକେଟକିପର-ବ୍ୟାଟର ମହମ୍ମଦ ରିଜୱାନ (୮୪୯ ରେଟିଂ ପଏଣ୍ଟ) ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ନ୍ୟୁଜିଲାଣ୍ଡ ଓପନର ଡେଭନ କନୱେ ସୂର୍ଯ୍ୟକୁମାର ଯାଦବଙ୍କୁ ହଟାଇ ଦ୍ୱିତୀୟ ସ୍ଥାନ ଦଖଲ କରିଛନ୍ତି। ସୂର୍ଯ୍ୟକୁମାର ୮୨୮ ରେଟିଂ ପଏଣ୍ଟ ସହ ପାକିସ୍ତାନ ଅଧିନାୟକ ବାବର ଆଜାମ (୭୯୯) ଓ ଦକ୍ଷିଣ ଆଫ୍ରିକାର ଏଡେନ ମାରକ୍ରାମଙ୍କ ଆଗରେ ତୃତୀୟ ସ୍ଥାନରେ ଅଛନ୍ତି।

# ଭାରତର ଟପ୍ ଅର୍ଡର ଉପରେ ନଜର

**ସିଡ୍‌ନୀ, ୨୬।୧୦(ପି.ଟି)**

**ଟି୨୦ ବିଶ୍ୱକପ**



ଅଭ୍ୟାସ ଅବସରରେ ରୋହିତ ଶର୍ମା ଓ ବିରାଟ କୋହଲି।

ପାକିସ୍ତାନ ବିପକ୍ଷ ମ୍ୟାଚରେ କଡା ସଂଘର୍ଷପୂର୍ଣ୍ଣ ବିଜୟ ପରେ ଭାରତ ସୁପର-୧୨ର ଦ୍ୱିତୀୟ ଲିଗ୍ ମ୍ୟାଚରେ ନେଦରଲାଣ୍ଡସ୍‌କୁ ଭେଟିବ। ଗୁରୁବାରର ମ୍ୟାଚ ପାଇଁ ଭାରତୀୟ ଟପ୍ ଅର୍ଡର ଉପରେ ସଭିଙ୍କ ନଜର ରହିଛି। ଭାରତୀୟ ଟପ୍ ଅର୍ଡର ବ୍ୟାଟର ଏହି ମ୍ୟାଚରେ ରନ୍ ସଂଗ୍ରହ କରିବେ ବୋଲି ଆଶା କରାଯାଉଛି। ପାକିସ୍ତାନ ବିପକ୍ଷ ପ୍ରଥମ ମ୍ୟାଚରେ ଉଭୟ ଲୋକେଶ ରାହୁଲ, ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ ବିଫଳ ହୋଇଥିଲେ। ସେହିପରି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦେଇ ଦୀପକ ହୁଡା ଓ ରିଷଭ ପନ୍ତଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ଦେଇ ପାରେ ଟିମ୍ ମ୍ୟାନେଜମେଣ୍ଟ। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳ ଏହି ମ୍ୟାଚରେ ରନ୍ ସଂଗ୍ରହ କରି ଆତ୍ମବିଶ୍ୱାସରେ ରହିବାକୁ ଚାହିଁବ। ସେହିପରି ପ୍ରାଇମ ଫର୍ମରେ ରହିଥିବା ବିରାଟ କୋହଲିଙ୍କଠାରୁ ଏକ ଭଲ ଇନିଂସ ଆଶା କରିବ ଭାରତ। ଗ୍ରୁପ୍ ପର୍ଯ୍ୟାୟରେ ନେଦରଲାଣ୍ଡସର ବୋଲିଂ ବେଶ୍ ଭଲ ରହିଥିଲା। ଏପରିକି ସୁପର-୧୨ରେ ବାଂଲାଦେଶ ବିପକ୍ଷ ମ୍ୟାଚରେ ମଧ୍ୟ ଡଚ୍ ବୋଲର ଭଲ ପ୍ରଦର୍ଶନ କରିଥିଲେ। ତେବେ ଉକ୍ତ ପିଚ୍ ଗୁଡିକ ବୋଲିଂ ପିଚ୍ ରହିଥିବା ବେଳେ ସିଡ୍‌ନୀର ପିଚ୍ ବ୍ୟାଟିଂ ଅନୁକୂଳ ରହିବ। ସିଡ୍‌ନୀରେ ନ୍ୟୁଜିଲାଣ୍ଡ ଅଷ୍ଟ୍ରେଲିଆ ବିପକ୍ଷରେ ୨୦୦ରୁ ଅଧିକ ରନ୍ ସଂଗ୍ରହ କରିଥିବା ବେଳେ ଏହା ନେଦରଲାଣ୍ଡସ ପାଇଁ ସମସ୍ୟା ସୃଷ୍ଟି କରିବ। ତେବେ ଭାରତ କେବଳ ଟପ୍ ଅର୍ଡର ବ୍ୟାଟିଂ ନୁହେଁ ବରଂ ସ୍ପିନ୍ ବିଭାଗକୁ ନେଇ ଭାରତ ଚିନ୍ତାରେ ରହିବ। ଅକ୍ଷର ପଟେଲ ପାକିସ୍ତାନ ବିପକ୍ଷରେ ମାତ୍ର ଗୋଟିଏ ଓଭର ବୋଲିଂ କରିଥିବା ବେଳେ ୨୧ ରନ୍ ଦେଇଥିଲେ। ଅନ୍ୟ ପକ୍ଷରେ ଅଶ୍ୱିନ ମଧ୍ୟ ୩ ଓଭର ବୋଲିଂ କରିଥିଲେ। ଏହି ମ୍ୟାଚରେ ଉଭୟ ବୋଲର ଫର୍ମକୁ ଫେରିବାକୁ ଚାହିଁବେ। ପେସ୍ ବୋଲିଂ ବିଭାଗରେ ଭାରତ କୌଣସି ପରିବର୍ତ୍ତନ ଚାହିଁବ ନାହିଁ। ଅନ୍ୟ ପକ୍ଷରେ ନେଦରଲାଣ୍ଡ ମଧ୍ୟ ରିଓଲ୍ଫ ଭାନ୍ ଡର ମରୱେଙ୍କ ଆଘାତ ସମସ୍ୟାକୁ ନେଇ ଚିନ୍ତାରେ ରହିଛି। ପିଠିରେ ଆଘାତ କାରଣରୁ ସେ ଏହି ମ୍ୟାଚରୁ ବାଦ ପଡି ପାରନ୍ତି। ଦଳର ପେସ୍ ଆଟାକ୍ ଠିକ୍ ଥିଲେ ହେଁ ସ୍ପିନ୍ ବିଭାଗରେ ଦଳ ଦୁର୍ବଳ ମନେ ହେଉଛି। ପୂର୍ବତନ ୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଟମ୍ କୁପର ଯିଏକ ବିଗ ବାସ ମଧ୍ୟ ଖେଳନ୍ତି ଭାରତ ପାଇଁ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି।


## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ବିନମ୍ର ଶ୍ରଦ୍ଧାଞ୍ଜଳି**



**ଂକିଶୋର ଚନ୍ଦ୍ର ମିଶ୍ର**
୯୧, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୦୫।୧୯୨୫
ତିରୋଧାନ: ୨୫।୧୦।୨୦୧୯
କାର୍ତ୍ତିକ ମାସ କୃଷ୍ଣପକ୍ଷ ଦ୍ୱାଦଶୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଏବଂ ବିନମ୍ର ଶ୍ରଦ୍ଧାଞ୍ଜଳି ସହ ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ ।
ଧ-୧୮୫୧

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦିବାକର ରଥ**
୨୬୭/୩୩୫୫, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୨୬
ତିରୋଧାନ: ୨୧।୧୦।୨୦୦୯
ପୂଜନୀୟ ନନା, ଆଜି ଆପଣଙ୍କର ତ୍ରୟୋଦଶତମ ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ସର୍ବଦା ଆମ୍ଭମାନଙ୍କ ପ୍ରତି ଅତୁଟ ରହିଥାଉ।
**ଶୋକସନ୍ତପ୍ତ ପରିବାରବର୍ଗ ।**
ଧ-୧୮୪୩


'ଦମନ' ଫିଲ୍ମରେ ବାବୁସାନ୍

## ରିଲିଜ୍ ଅପେକ୍ଷାରେ
# ଦମନ

ଓଲିଉଡ୍‌ର ଲଭରବୟ ବାବୁସାନ୍ ପୁଣି ଥରେ ଏକ ଭିନ୍ନ ଚରିତ୍ରରେ ପରଦା ଉପରକୁ ଆସୁଛନ୍ତି। ଏହି ଫିଲ୍ମଟିର ଟାଇଟଲ ରହିଛି 'ଦମନ'। ଜେ.ପି. ମୋଶନ ପିକ୍ଚର୍ସ ବ୍ୟାନରରେ ଏବଂ ମେଣ୍ଟିସ୍ ଫିଲ୍ମ ସହାୟତାରେ ଏହାର ସମସ୍ତ କାମ ଶେଷ ହୋଇ ରିଲିଜ ଅପେକ୍ଷାରେ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଦୀପେନ୍ଦ୍ର ସାମଲ, ବାବୁସାନ ଏବଂ ଦୀପାନ୍ୱିତ ଦାସମହାପାତ୍ର। ଜେ.ପି. ୱାର୍ଡସ୍ମିଥ ଏବଂ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ ଆଣ୍ଡ ଟିମ୍। ଫିଲ୍ମଟିର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ପ୍ରତାପ ରାଉତ। ଏହାର ଲାଇନ୍ ପ୍ରଡ୍ୟୁସର ଅଛନ୍ତି ବିଜୟ ପାତ୍ର। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ବିଶାଲ ମୌର୍ଯ୍ୟ ଏବଂ ଦେବୀ ପ୍ରସାଦ ଲେଙ୍କା।



# ଭୁଲୁନାହାନ୍ତି ମୃଣାଳ

ମୃଣାଳ ଠାକୁର ଯୁଆଡ଼େ ଗଲେ ଗୋଟିଏ କଥାକୁ ଆଦୌ ଭୁଲୁ ନାହାନ୍ତି। କଥା ପ୍ରସଙ୍ଗରେ ଏ ବିଷୟରେ ଆଲୋଚନା କରୁଛନ୍ତି। ତାହା କ'ଣ ଜାଣନ୍ତି ? ଅସଲ କଥା ହେଲା, ଏବେ ମୃଣାଳ ନିଜ ଫିଟନେସ୍ ରହସ୍ୟ ବିଷୟରେ ସାଙ୍ଗମାନଙ୍କୁ ସୂଚନା ଦେଉଛନ୍ତି। ତା'ସହ ଫିଟନେସ୍ ଟିପ୍ସ ମଧ୍ୟ ବାଣ୍ଟୁଛନ୍ତି। ଏ ନେଇ ସେ କହନ୍ତି, 'ଆଜିକାଲିର ବିଜି ଲାଇଫରେ ନିଜକୁ ଫିଟ୍ ରଖିବା ହେଉଛି ବଡ କଥା। ଯେହେତୁ ଆମେ ଅଭିନୟ ସହ ଜଡିତ ତେଣୁ ନିଜକୁ ସ୍ଲିମ୍ ଟ୍ରିମ୍ ରଖିବା ନିହାତି ଜରୁରୀ। ଏ ନେଇ ମୁଁ ଆଦୌ ଅବହେଳା କରି ନ ଥାଏ। ପ୍ରତିଦିନ ସକାଳେ ଯେମିତି ହେଲେ ଘଣ୍ଟାଏ ଏକ୍ସରସାଇଜ କରିଥାଏ। ତା' ସହ ପ୍ରତିଦିନ ଯୋଗ, ପ୍ରାଣାୟାମ ମଧ୍ୟ କରେ। କାରଣ ଜଣେ ନିୟମିତ ଏକ୍ସରସାଇଜ ସହ କିଛି ସମୟ ଯୋଗ କରିବା ନିହାତି ଦରକାର। ତେଣୁ ଏହାକୁ ମୁଁ ମୋ ଡେଲି ରୁଟିନ୍‌ରେ ସାମିଲ କରିଛି।' ମୃଣାଳଙ୍କ ହାତରେ ଏବେ ତିନୋଟି ନୂଆ ସିନେମା–'ପିପ୍ପା', 'ପୂଜା ମେରି ଜାନ୍' ଏବଂ 'ଗୁମରାହ' ରହିଛି।

# ଓଡ଼ିଆ ସିନେମା ବଞ୍ଚାଅ ଅଭିଯାନ

**"କଥା କମ୍ ବଦଳରେ କାମ ବେଶି ହେଲେ ଓଡ଼ିଆ ସିନେମାର ବିକାଶ ସମ୍ଭବ ହୋଇପାରିବ। କେବଳ ଉତ୍ସବ ଜରିଆରେ କଳାକାର ମେଳାରେ ଓଡ଼ିଆ ସିନେମାର ଦୁଃଖ ବଖାଣି ଭାଷଣ ନ ମାରି ସରକାରଙ୍କ ପାଖରେ ନିଜର ବଳିଷ୍ଠ ଦାବିକୁ ମଧ୍ୟ ଉପସ୍ଥାପନା କରିବା ଚଳଚ୍ଚିତ୍ର ଉନ୍ନୟନ ନିଗମର ପ୍ରମୁଖ କାର୍ଯ୍ୟ ହେବା ଉଚିତ।"**

–ଦିଲୀପ ହାଲି

ଓଡ଼ିଆ ସିନେମାକୁ ନେଇ ଏବେ ଜୋର୍ ଆଲୋଚନା ଚାଲିଛି। ଏପରିକି ଇଣ୍ଡଷ୍ଟ୍ରି ସହ ଜଡିତ କେତେଜଣ ବ୍ୟକ୍ତି ଭୁବନେଶ୍ୱରରେ ପ୍ଲା କାର୍ଡ ଧରି 'ଓଡ଼ିଆ ସିନେମା ବଞ୍ଚାଅ ଅଭିଯାନ' ଆରମ୍ଭ କରିଛନ୍ତି। ଏପରି ଉଦ୍ୟମ ପଛରେ ଓଲିଉଡ୍ ସହ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ହାତ ମିଳାଇଲେ ତାହାର ପରିଣାମ କ'ଣ ହେବ ତାହା ପର କଥା, ହେଲେ ଏହି ଅଭିଯାନ କିଛିଦିନ ବିତି ଯାଇଥିଲେ ମଧ୍ୟ ଏଥିପ୍ରତି ସେପରି ଆଖିଦୃଶିଆ ସମର୍ଥନ ଦେଖିବାକୁ ମିଳୁନାହିଁ। ତେଣୁ ଏପରି ଉଦ୍ୟମର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ଉଠିବା ଆରମ୍ଭ ହେଲାଣି।



ଓଡ଼ିଆ ସିନେମା ଦେଖିବାକୁ ଆମ ରାଜ୍ୟର ଦର୍ଶକଙ୍କ ଆଗ୍ରହ କେତେ କମ୍ ତାହା କହିବା ବାହୁଲ୍ୟ। ହେଲେ ଓଡ଼ିଶାରେ ଯେଉଁ ୭୦ଟି ପ୍ରେକ୍ଷାଳୟ ଅଛି, ତନ୍ମଧ୍ୟରେ ହିନ୍ଦୀ ଚଳଚ୍ଚିତ୍ର କୋଟି କୋଟି ଟଙ୍କା ବ୍ୟବସାୟ କରୁଥିବା ବେଳେ ଓଡ଼ିଆ ସିନେମାରେ ପ୍ରିମିୟର ଶୋ'ରୁ ଦର୍ଶକ ଦେଖି ମୁହଁ ଫେରାଇ ନେଉଛନ୍ତି। ଏହାର ଦୋଷ ପ୍ରେକ୍ଷାଳୟ ଉପରେ ଲଦି ଦେବା କେତେ ସମୀଚୀନ ତାହା ବିଚାରଯୋଗ୍ୟ। କେତେକ ଓଡ଼ିଆ ସିନେମା ଟିଭି ପାଇଁ ପ୍ରସ୍ତୁତ ହେଉଛି। ମାତ୍ର କିଛି ପ୍ରଯୋଜକ ଏହାକୁ ବଡ଼ ପରଦାରେ ଦେଖାଇବା ପାଇଁ ମନସ୍ଥ କରି ରିଲିଜ୍ କରୁଥିବାର ଦେଖିବାକୁ ମିଳିଛି। ବର୍ତ୍ତମାନ ଓଡ଼ିଆ ସିନେମାରେ ପେସାଦାର ପ୍ରଯୋଜକ ସଂସ୍ଥା ନାହିଁ। ଫଳରେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସିନେମା ତିଆରି ହୋଇ ପାରୁନାହିଁ।

ଓଡ଼ିଶାରେ ପ୍ରଯୋଜକ ସଂଘ ରହିଛି। ହେଲେ ଏଭଳି ଉଦ୍ୟମରେ ସେମାନଙ୍କର ସକ୍ରିୟ ଭୂମିକାର ଆବଶ୍ୟକତା ରହିଛି। ଓଡ଼ିଆ ସିନେମାର ଅଧୋଗତି ହୋଇଛି। ସେଥିପାଇଁ ସାମଗ୍ରିକ ଭାବେ ସରକାରଙ୍କ ଶିଳ୍ପ ବିଭାଗକୁ ପ୍ରଯୋଜକମାନେ କ୍ରମାଗତ ପତ୍ରାଳାପ କରନ୍ତୁ। ସୁବିଧା ଅସୁବିଧା ପାଇଁ ମତାମତ ଦିଅନ୍ତୁ। ଚଳଚ୍ଚିତ୍ର ଉନ୍ନୟନ ନିଗମ ସହ ବାରମ୍ବାର ବୈଠକ କରାନ୍ତୁ। କଥା କମ୍ ବଦଳରେ କାମ ବେଶି ହେଲେ ଓଡ଼ିଆ ସିନେମାର ବିକାଶ ସମ୍ଭବ ହୋଇପାରିବ। କେବଳ ଉତ୍ସବ ଜରିଆରେ କଳାକାର ମେଳାରେ ଓଡ଼ିଆ ସିନେମାର ଦୁଃଖ ବଖାଣି ଭାଷଣ ନ ମାରି ସରକାରଙ୍କ ପାଖରେ ନିଜର ବଳିଷ୍ଠ ଦାବିକୁ ମଧ୍ୟ ଉପସ୍ଥାପନା କରିବା ଚଳଚ୍ଚିତ୍ର ଉନ୍ନୟନ ନିଗମର ପ୍ରମୁଖ କାର୍ଯ୍ୟ ହେବା ଉଚିତ। ପ୍ରେକ୍ଷାଳୟ ମାଲିକମାନେ ଅତୀତରେ ପ୍ରଯୋଜନା ସଂସ୍ଥାଗୁଡ଼ିକୁ ଅଗ୍ରିମ ଅର୍ଥ ପ୍ରଦାନ କରି ନିଜେ ପ୍ରେକ୍ଷାଳୟରେ ଓଡ଼ିଆ ସିନେମା ପ୍ରଦର୍ଶନ ପାଇଁ ଚୁକ୍ତି କରୁଥିଲେ। ନୂଆବର୍ଷ, ରଜ ଓ ଦୁର୍ଗାପୂଜା ନିମନ୍ତେ ମୁଖ୍ୟତଃ ପ୍ରଯୋଜକମାନେ ନିଜ ନିଜର ସିନେମା ଜରିଆରେ କିଛି ଅର୍ଥ ଲାଭ କରୁଥିଲେ। କିନ୍ତୁ ଏବେ ଓଡ଼ିଆ ସିନେମାଟିଏ ରିଲିଜ ହେବା ପରେ ଯାହା ଅବସ୍ଥା ହେଉଛି ତାହା ନ କହିବା ଭଲ। ଓଡ଼ିଶାରେ କଳାକାର ସଂଘ, ପ୍ରଯୋଜକ ସଂଘ, ବିତରକ ସଂଘ, ପ୍ରେକ୍ଷାଳୟ ମାଲିକ ସଂଘ ରହିଛି। ଏମାନଙ୍କ ମଧ୍ୟରେ ସମନ୍ୱୟ ରହିବା ନିହାତି ଦରକାର। ଅନେକ ସିନେମା ନାମକରଣ ଇଂଲିଶ ଭାଷାରେ କରାଯାଉଛି। ଉତାରିବା ବେଳେ ପ୍ରଯୋଜକ ସଂସ୍ଥାଗୁଡ଼ିକ ତରବରିଆ ପରୀକ୍ଷା ଦେବା ପରି ଉତାରୁ ସିନେମା କରିବା ଫଳରେ ତା'ର ପ୍ରଭାବ ରହୁନାହିଁ। ଓଡ଼ିଆ ସିନେମାର ଏପରି ଅଡୁଆ ସ୍ଥିତିରେ ଖିଅ ନ ଖୋଜିଲେ ୮୭ ବର୍ଷର ଓଡ଼ିଆ ସିନେମା ନୀରବତା ମଧ୍ୟରେ ମଉଳିଯିବ। ଏଥିପାଇଁ ସାମଗ୍ରିକ ଉଦ୍ୟମ ଆବଶ୍ୟକ।

–ବଡ଼ଗଡ଼,
ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

## ସଙ୍ଗୀତ ମାୟାରେ ଭ୍ରମିତ



ବର୍ତ୍ତମାନ ସଙ୍ଗୀତ କ୍ଷେତ୍ରରେ ସେ ଜଣେ ପରିଚିତ ବ୍ୟକ୍ତି। ବୁର୍ଲାରୁ ବି.ଟେକ୍ ଡିଗ୍ରୀ ହାସଲ ପରେ ସେ ନିଜ ଆଶା ପୂରଣ କରିବାକୁ ଚାଲି ଆସନ୍ତି ଭୁବନେଶ୍ୱର। ମାତ୍ର ବର୍ଷ କେଇଟା ଭିତରେ ସେ ନିଜକୁ ଜଣେ ସଫଳ ୟୁ ଟ୍ୟୁବର, ଗିଟାରିଷ୍ଟ, ଗାୟକ, ସଙ୍ଗୀତକାର, ମଡେଲର, ଅଭିନେତା ଭାବେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ହଁ, ସେ ହେଲେ ବାଲେଶ୍ୱରରେ ଜନ୍ମିତ ଭ୍ରମିତ। ଏ ସମ୍ପର୍କରେ ସଫଳ ଉଦ୍ୟୋଗୀ ଭ୍ରମିତ କହନ୍ତି, 'ପିଲାଟି ଦିନରୁ ସଙ୍ଗୀତ କ୍ଷେତ୍ରରେ ପାଦ ଦେବାକୁ ଇଚ୍ଛା ଥିଲା। ପାଠପଢ଼ା ପରେ ମୁଁ ମୋ ଲକ୍ଷ୍ୟ ପଥରେ ଆଗେଇଥିଲି। ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିଛି ତାହା ସମ୍ଭବ ହୋଇଛି ଦର୍ଶକଙ୍କ ପାଇଁ।'

## ଏଣୁ ପାରିଲେ ଗୋହତ୍ୟା...

ତାରା ସୁଟାରିଆ ଏବେ ମାଇଣ୍ଡ ଫ୍ରେଶ କରିବାକୁ ମାଲେସିଆ ଯାଇଛନ୍ତି। ହେଲେ ଏପଟେ ଟେନ୍‌ସନ ତାଙ୍କର ପିଛା ଛାଡୁନି। ସେ ସାଇନ୍ କରିଥିବା ଏକ ଫିଲ୍ମରେ ବୋଲ୍ଡ ଶଟ୍‌କୁ ନେଇ ଅଡୁଆରେ ପଡିଛନ୍ତି। ଯେତେବେଳେ ସେ ଏହି ଫିଲ୍ମର କାହାଣୀ ବିଷୟରେ ଅବଗତ ହେଲେ ସେତେବେଳେ ନିର୍ଦ୍ଦେଶକ ତାଙ୍କୁ ଏ ନେଇ ସୂଚନା ଦେଇଥିଲେ। ସେତେବେଳଠାରୁ ଏଭଳି ସିନ୍ ପାଇଁ ସେ କିପରି ନିଜକୁ ପ୍ରିପାୟାର କରିବେ ସେଥିଲାଗି ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ ତାରା କହନ୍ତି, 'ଏହି ଫିଲ୍ମରେ ମୋତେ ୩–୪ଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ଏଭଳି ଶଟ୍‌ର ସଂଯୋଗ କାହାଣୀ ସହ ରହିଛି। ଏହା ବ୍ୟତୀତ ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି। ତେଣୁ ଅଫରଟିକୁ ହାତଛଡା କରିପାରୁନାହିଁ। ବାକି ରହିଲା ବୋଲ୍ଡ ଶଟ୍ କଥା। ଏ ବିଷୟରେ ମୁଁ ନିର୍ଦ୍ଦେଶକଙ୍କ ସହ ବିଶଦ ଭାବରେ ଆଲୋଚନା କରିବି। କାରଣ ଏପରି କେତୋଟି ଶଟ୍ ମୋତେ ଏବେ ଅଡୁଆରେ ପକାଇ ଦେଇଛି। ଏହି ଅନଟାଇଟଲ୍‌ଡ ଫିଲ୍ମର ଶୁଟିଂ ଆସନ୍ତା ମାସ ଶେଷ ସପ୍ତାହରେ ଆରମ୍ଭ ହେବ।' ତେବେ ଉକ୍ତ ସିନେମାଟି ତାରାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ବାଣୀ

## ଆକ୍ସନ ଅବତାର

ବାଣୀ କପୁରଙ୍କୁ ଖୁବ୍‌ଶୀଘ୍ର ଏକ ନୂଆ ଅବତାରରେ ଦର୍ଶକ ଦେଖିବାକୁ ପାଇବେ। ହେଲେ କ'ଣ ପାଇଁ ଜାଣନ୍ତି ? ସେ କୁଆଡ଼େ ଆକ୍ସନ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଯେତେବେଳେ ତାଙ୍କୁ ଏଭଳି ଅଫର ମିଳିଲା ସେତେବେଳେ ସେ ଏ ନେଇ ନିଷ୍ପତ୍ତି ନେବାକୁ କିଛିଦିନ ସମୟ ମାଗିଥିଲେ। ଆଉ ସେଥିପାଇଁ ପ୍ରଯୋଜକ ତାଙ୍କୁ ମଧ୍ୟ ଅନୁମତି ଦେଇଥିଲେ। ହେଲେ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ବାଣୀ ନିଜ ପଟରୁ ଫୋନ୍ କରି ତାଙ୍କର ସମ୍ମତି ଜଣାଇ ଦେଇଥିଲେ। ଏଭଳି ଅଫର ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମରେ ମୋତେ କିଛି ଆକ୍ସନ ଶଟ୍ ଦେବାକୁ ପଡ଼ିବ। ତେଣୁ ସେ ନେଇ ନିଜକୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରିବାକୁ ପଡ଼ିବ। ଏବେଠାରୁ ମୁଁ ସେପରି ଶଟ୍ ପାଇଁ ଟ୍ରେନିଂ ନେଉଛି, ଯେମିତି ଠିକ୍ ସମୟରେ ମୋତେ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।' ବାଣୀଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଶୁଦ୍ଧ ଘି ଦେଶୀ ରୋମାନ୍ସ'ରୁ। ତା'ପରେ ତାମିଲ ଫିଲ୍ମ 'ଆହା କଲ୍ୟାନମ୍'ରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ହିନ୍ଦୀ ସିନେମା 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ', 'ଚଣ୍ଡୀଗଡ଼ କରେ ଆସୀକ' ଏବଂ 'ସମସେରା'ରେ ଅଭିନୟ କରିସାରିଛନ୍ତି।

## ଅବସର ମିଳିଲେ...

ଅବସର ମିଳିଲେ ନୁସରତ୍ ଭରୁଚା କ'ଣ କରନ୍ତି ? ସମୟ ମିଳିବା ମାତ୍ରେ ସେ ଗୋଟିଏ କାମରେ ନିଜକୁ ବ୍ୟସ୍ତ ରଖନ୍ତି। ତାହା ହେଲା ଗାର୍ଡେନିଂ। କଥାରେ ପରା ଅଛି ବସିବାଠାରୁ କାଶିବା ଭଲ। ତେଣୁ ଘରେ ବା ବସି ବସି କାହିଁକି ବୋର୍ ହେବେ, ପ୍ରତିଦିନ କିଛି ସମୟ ସେ ଗାର୍ଡେନିଂ ପାଇଁ ଦେଉଛନ୍ତି। ଏ ବିଷୟରେ ନୁସରତ୍ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠ ପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି। ସେଗୁଡିକ ମଧ୍ୟ ବେଶ୍ ଭାଇରାଲ ହୋଇଛି। ନିକଟରେ ରିଲିଜ ହୋଇଥିବା 'ରାମସେତୁ'ରେ ତାଙ୍କୁ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ତାଙ୍କ ହାତରେ ଥିବା ଫିଲ୍ମଗୁଡିକ ହେଉଛି 'ସେଲ୍‌ଫି' ଏବଂ 'ଅକେଲି'।


ନୁସରତ୍

## ଅତୀତରୁ

❖ଅଜିତ୍ ଦାସ ଏବଂ ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା ଚଳଚ୍ଚିତ୍ର 'ବାଟ ଅବାଟ'। ବୃନ୍ଦାବନ ଜେନା ଏହାର ନିର୍ଦ୍ଦେଶନା ଦେଇଥିଲେ।

❖ଓଡ଼ିଆ ସିନେମା 'ଅକ୍ଷୟ ତୃତୀୟା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର। ଚିତ୍ରଟିର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ।

❖ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ନାୟକ ଭୂମିକାରେ ଦେଖାଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି। ଏଥିରେ କାଶୀ ରଥ, ଜୟାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।



ତାରା

# ଇଂଲଣ୍ଡକୁ ହରାଇଲା ଆୟର୍ଲାଣ୍ଡ

**ମେଲବୋର୍ନ,୨୬।୧୦**

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ଦେଖିବାକୁ ମିଳିଛି ଏକ ବଡ ବିପର୍ଯ୍ୟୟ। ପୂର୍ବରୁ ଦୁଇ ଦୁଇ ଥର ଚାମ୍ପିୟନ୍ ୱେଷ୍ଟଇଣ୍ଡିଜ ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନେଇଥିବା ବେଳେ ବୁଧବାର ଇଂଲଣ୍ଡକୁ ପରାସ୍ତ କରିଛି ଆୟର୍ଲାଣ୍ଡ। ବର୍ଷା ବାଧାପ୍ରାପ୍ତ ମ୍ୟାଚକୁ ଡର୍କୱର୍ଥ ଲୁଇସ ମେଥଡରେ ୫ ରନରେ ଜିତି ନେଇଛି ଆୟର୍ଲାଣ୍ଡ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ

## ଟି୨୦ ବିଶ୍ୱକପ୍‌ରେ ବଡ଼ ବିପର୍ଯ୍ୟୟ

ୱେଷ୍ଟଇଣ୍ଡିଜକୁ ହରାଇ ଦଳ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା।

ଅଧିନାୟକ ତଥା ଓପନର ଆଣ୍ଡ୍ର୍ୟୁ ବଲବିର୍ନିଙ୍କ ୬୨ରନ ବଳରେ ଆୟର୍ଲାଣ୍ଡ ୧୫୭ ରନରେ ଅଲଆଉଟ ହୋଇଥିଲା। ବଲବିର୍ନି ୪୭ ବଲ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋର୍କାନ୍ ଟକର ୩୪ ଓ କର୍ଟିସ୍ କ୍ୟାମ୍ଫର ୧୮ ରନ୍ କରିଥିଲେ। ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ତୃତୀୟ ଉଇକେଟରେ ୮୨ ରନର ପାର୍ଟନରଶିପ୍ ହୋଇଥିଲା। ୧୦୩ ରନରେ ଦ୍ୱିତୀୟ ଉଇକେଟ ଭାବେ ଟକର ଆଉଟ ହେବା ପରେ ଆୟର୍ଲାଣ୍ଡ ଇନିଂସ ତାସପତା ପରି ଭୁଶୁଡି ପଡିଥିଲା। ଲିଆମ୍ ଲିଭିଙ୍ଗଷ୍ଟୋନ ଓ ମାର୍କ ଉଡ୍ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡର ଆରମ୍ଭ ଅତ୍ୟନ୍ତ ଦୟନୀୟ ରହିଥିଲା। ୧୪ ରନରେ ଦଳ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ବଟଲର(୦) ଓ ଆଲେକ୍ସ ହେଲ୍ସ(୭)ଙ୍କୁ ଆଉଟ କରିବା ସହିତ ଜୋସୁଆ ଲିଟିଲ ଇଂଲଣ୍ଡର ରନ ହାର ଉପରେ ଅଙ୍କୁଶ ଲଗାଇଥିଲେ। ଇଂଲଣ୍ଡ ଏହି ସଙ୍କଟରୁ ବାହାରି ନ ପାରି ୧୧ ତମ ଓଭର ସୁଦ୍ଧା ୬୭ ରନରେ ୪ର୍ଥ ଉଇକେଟ ହରାଇଥିଲା। ମୋଇନ୍ ଅଲୀ ୧୨ ବଲରୁ ୨୪ ରନ୍ କରି ବ୍ୟାଟିଂ କରୁଥିବା ବେଳେ ବର୍ଷା ହୋଇଥିଲା। ୧୪.୩ ଓଭରରେ ୧୦୫ ରନ୍ କରିଥିବା ଇଂଲଣ୍ଡ ଡର୍କୱର୍ଥ ଲୁଇସ ନିୟମ ଅନୁସାରେ ବିଜୟ ଲକ୍ଷ୍ୟରୁ ୫ ରନ୍ ଦୂରରେ ରହି ଯାଇଥିଲା। ଜୋସୁଆଙ୍କ ବ୍ୟତୀତ ବ୍ୟାରି ମ୍ୟାକାର୍ଥୀ, ଫିଓନ୍ ହାଣ୍ଡ ଓ ଜର୍ଜ ଡକରେଲ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆଣ୍ଡ୍ର୍ୟୁ ବଲବିର୍ନିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।


୮୨ ରନର ପାର୍ଟନରଶିପ୍ ଅବସରରେ ଆଣ୍ଡ୍ର୍ୟୁ ବଲବିର୍ନି ଓ ଲୋର୍କାନ୍ ଟକର।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ୧୯.୨ ଓଭରରେ ୧୫୭/୧୦(ଆଣ୍ଡ୍ର୍ୟୁ ବଲବିର୍ନି-୬୨, ଲୋର୍କାନ୍ ଟକର-୩୪, କର୍ଟିସ୍ କ୍ୟାମ୍ଫର-୧୮, ଲିଆମ୍ ଲିଭିଙ୍ଗଷ୍ଟୋନ-୩/୧୭,ମାର୍କଉଡ୍-୩/୩୪, ସାମ୍ କୁରାନ୍-୨/୩୧)

ଇଂଲଣ୍ଡ ୧୪.୩ ଓଭରରେ ୧୦୫/୫ (ଡାଭିଡ ମଲାନ-୩୫, ମୋଇନ୍ ଅଲୀ-୨୪*, ହ୍ୟାରୀ ବ୍ରୁକ୍ସ-୧୮, ଜୋସୁଆ ଲିଟିଲ-୨/୧୬, ଜର୍ଜ ଡକରେଲ୍-୧/୫, ଫିଓନ୍ ହାର୍ଡ- ୧/୧୭)।

# ନ୍ୟୁଜିଲାଣ୍ଡ-ଆଫଗାନିସ୍ତାନ ମ୍ୟାଚ ବାତିଲ

**ମେଲବୋର୍ନ, ୨୬।୧୦ (ପି.ଟି.):** ଲଗାଣବର୍ଷା ଯୋଗୁ ଏଠାରେ ବୁଧବାର ନ୍ୟୁଜିଲାଣ୍ଡ ଓ ଆଫଗାନିସ୍ତାନ ମଧ୍ୟରେ ଖେଳାଯିବାକୁଥିବା ଟି୨୦ ବିଶ୍ୱକପ୍ ମ୍ୟାଚ ବାତିଲ କରିଦିଆଯାଇଛି। ଗ୍ରୁପ୍-୧ର ଏହି ସୁପର ୧୨ ମ୍ୟାଚ ଅପରାହ୍ନ ୧ଟା ୩୦ରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ବର୍ଷା ଯୋଗୁ ଖେଳାଳିମାନଙ୍କୁ ଇନ୍‌ଡୋରରେ ରହିବାକୁ ହୋଇଥିଲା। ଅମ୍ପାୟର ମ୍ୟାଚ୍‌କୁ ବାତିଲ ଘୋଷଣା କରିବାକୁ ବାଧ ହୋଇଥିଲେ। ଫଳରେ ଉଭୟ ଦଳ ପଏଣ୍ଟ ବାଣ୍ଟି ନେଇଛନ୍ତି। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ପୂର୍ବରୁ ବର୍ଷାରେ ବାଧାପ୍ରାପ୍ତ ଓପନିଂ ଗେମ୍‌ରେ ଆୟର୍ଲାଣ୍ଡ ଡକ୍‌ୱର୍ଥ-ଲିୱିସ ପଦ୍ଧତିରେ ଇଂଲଣ୍ଡ ବିପକ୍ଷରେ ୫ରନରେ ଚମକପ୍ରଦ ବିଜୟ ହାସଲ କରି ବିପର୍ଯ୍ୟୟ ସୃଷ୍ଟି କରିଛି।















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## କାଳୀମନ୍ଦିରରେ ମା'କାଳୀ ପୂଜା

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ସହରର ବୋଡ଼େନ ଛକରେ ଥିବା ମା' ଦକ୍ଷିଣ କାଳୀ ମନ୍ଦିରରେ ମା' କାଳୀଙ୍କ ପୂଜା ଆରମ୍ଭ ହୋଇଛି। ୩ ଦିନ ଧରି ମା' କାଳୀଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ। କର୍ତ୍ତା ଭାବେ ଚିଣ୍ଡାଗୁଡା ଗ୍ରାମର ମହେନ୍ଦ୍ର ବିଶି ଓ ସ୍ନେହଲତା ବିଶି ତୁଲାଇ ଥିବା ବେଳେ ପୂଜକ ପୂଜାର୍ଚ୍ଚନା କରିଥିଲେ। ପୂଜା ପାଇଁ ତୋରଣ ରଙ୍ଗ ବିରଙ୍ଗ ଲାଇଟ ସଜାଇଥିବା ବେଳେ ଭକ୍ତମାନେ ମା'ଙ୍କ ଦର୍ଶନ କରିବା ପାଇଁ ଆସୁଛନ୍ତି। ପୂଜା କମିଟି ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିବା ବେଳେ ଶେଷ ଦିନରେ ବଳି ପୂଜା ପାଇଁ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବା ସ୍ଥିର ହୋଇଛି।



## ସଂକ୍ଷେପରେ

### ଚିତ୍ରଗୁପ୍ତ ପୂଜା ପାଇଁ କଳସ ଯାତ୍ରା

କୋକସରା,୨୬।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ଗ୍ରାମରେ ଚିତ୍ରଗୁପ୍ତ ଦେବଙ୍କ ପୂଜନୋତ୍ସବ ପାଇଁ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ ଉପଖଣ୍ଡ କୋକସରା ବ୍ଲକ କାୟସ୍ଥ କରଣ ସମାଜ ପକ୍ଷରୁ ରେଙ୍ଗାଲପାଲିଠାରେ କାୟସ୍ଥ ସମାଜର ଶତାଧିକ ମହିଳାମାନେ କଳସ ଯାତ୍ରାରେ ସାମିଲ ହୋଇଥିଲେ। ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପୋଖରୀରୁ ଜଳ ଧାରଣ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଚିତ୍ରଗୁପ୍ତ ପୂଜା କର୍ତ୍ତା ଭାବେ ଶ୍ୟାମ ସୁନ୍ଦର ପଟ୍ଟନାୟକ, ଆହ୍ଲାଦିନି ପଟ୍ଟନାୟକ ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇବେ। ଚିତ୍ରଗୁପ୍ତ ପୂଜା କମିଟି ସଭାପତି ବିକାଶ ପଟ୍ଟନାୟକ, ଉପସଭାପତି ସୁବ୍ରତ ପଟ୍ଟନାୟକ, ସମ୍ପାଦକ ଆକାଶ ପଟ୍ଟନାୟକ, ସହସମ୍ପାଦକ ସୁଧୀର ପଟ୍ଟନାୟକ, କୋଷାଧକ୍ଷ ଶୁଭେନ୍ଦୁ ପଟ୍ଟନାୟକ ରହିଥିଲେ। ଉପଦେଷ୍ଟା କମିଟି ରାମକୃଷ୍ଣ ପଟ୍ଟନାୟକ, ଘନଶ୍ୟାମ ପଟ୍ଟନାୟକ, କଳ୍ପବଟ ପଟ୍ଟନାୟକ, ରାଧାକୃଷ୍ଣ ପଟ୍ଟନାୟକଙ୍କ ସମେତ ବ୍ଲକ କରଣ ସମାଜ ସଭାପତି ସହଦେ ପଟ୍ଟନାୟକ, ଉପସଭାପତି ପୀତାମ୍ବର ପଟ୍ଟନାୟକ, ସମ୍ପାଦକ ନାରାୟଣ ପଟ୍ଟନାୟକଙ୍କ ସମେତ କର୍ମକର୍ତ୍ତା ଓ ରେଙ୍ଗାଲପାଲିବାସୀ ପୂଜା ପରିଚାଳନାରେ ସହଯୋଗ କରୁଥିବା ବେଳେ ଗୁରୁବାର ସକାଳଠାରୁ ପୂଜା ଆରମ୍ଭ ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି।

### ସରପଞ୍ଚ ସଂଘ ପକ୍ଷରୁ ଲଡୁଗାଁ ସରପଞ୍ଚଙ୍କୁ ସମ୍ବର୍ଦ୍ଧନା



କୋକସରା,୨୬।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଦିଲ୍ଲୀରେ ଜାତୀୟ ତ୍ରିସ୍ତରୀୟ ପଞ୍ଚାୟତ କର୍ମଶାଳାରେ ଯୋଗଦେଇ ଫେରିଥିବା ଲଡୁଗାଁ ସରପଞ୍ଚ ନକୁଳ ନାଏକଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ମହିମା ପଞ୍ଚାୟତ ମହାଭାରତ ପଡିଆରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସରପଞ୍ଚ ସଂଘ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ମୂଷାପାଲି ସରପଞ୍ଚ ଅକ୍ଷୟ ନାଏକ, ମହିମା ସରପଞ୍ଚ ଇଶରାମ କୋଲଥିଆ, ଗମ୍ଭାରୀଗୁଡା ଇଶରାମ ସୁନାନୀ, କାଉଡୋଳା ସରପଞ୍ଚ ଦେବୀସିଂ ତାଣ୍ଡି, କନ୍ଦାବୁଟ୍ରା ସରପଞ୍ଚ କୁରୁକ୍ଷେତ୍ର ବେହେରା, ଡାଲଗୁମା ସରପଞ୍ଚ ଯୋଗୀନ୍ଦ୍ର ପଟ୍ଟନାୟକ, ଆମପାଣି ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବାଣୁଆ, କାଶିବାହଲ ସରପଞ୍ଚ ପ୍ରତିନିଧି ରୁଦ୍ର ପ୍ରସାଦ ନାଏକ, ମୋଟେର ସରପଞ୍ଚ ପ୍ରତିନିଧି ବିଜୁ ନାଏକ, ବରାଡଙ୍ଗା ସରପଞ୍ଚ ପ୍ରତିନିଧି ଟିକଚନ ସେଠି ପ୍ରମୁଖ କୋକସରା ସରପଞ୍ଚ ସଂଘ ସଭାପତି ନକୁଳ ନାଏକଙ୍କୁ ବ୍ଲକର ୨୨ ପଞ୍ଚାୟତ ସରପଞ୍ଚ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ନୂଆପଡା ଏନ୍‌ଏସିରେ ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



ନୂଆପଡ଼ା ଅଫିସ,୨୬।୧୦: ନୂଆପଡା ସଦର ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିର୍ବାହୀ ଅଧିକାରୀ ଭାବେ ଚନ୍ଦନ କୁମାର ଶତପଥୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟିକ କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ବୁଧବାର ପରିଷଦ ଅଧକ୍ଷ ମହମ୍ମଦ ଆଦାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପାଧ୍ୟକ୍ଷ ସଂଯୁକ୍ତା ପଣ୍ଡା, ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ସମସ୍ତ ୱାର୍ଡର କାଉନସିଲରମାନେ ଉପସ୍ଥିତ ରହି ନୂତନ ଭାବେ ଦାୟିତ୍ୱ ନେଇଥିବା ନିର୍ବାହୀ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ବିଜ୍ଞାପିତ ପରିଷଦ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଜିଲା ସଦର ମହକୁମା ହୋଇଥିବାରୁ ସ୍ମାର୍ଟ ପରିଷଦ ଭାବେ ଗଢି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି ସେ ପ୍ରତିକ୍ରିୟାରେ କହିଥିଲେ।




ବେହେରା ନୋଡାଲ ଉଚ୍ଚ ବିଦ୍ୟାଳୟ ଗେଟ୍ ସମ୍ମୁଖରେ ଆମରଣ ଅନଶନ ଚାଲିଛି।

# ଅଭିଭାବକ, ଶିକ୍ଷା କମିଟିର ଅନଶନ

**ବେହେରା ନୋଡାଲ ଉଚ୍ଚ ବିଦ୍ୟାଳୟ**

■ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଜିଦ୍‌ରେ ଗ୍ରାମବାସୀ

ବେହେରା,୨୬।୧୦(ଡିଏନଏ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଅଭିଭାବକ, ଶିକ୍ଷା କମିଟି ଓ ଗ୍ରାମବାସୀ ପକ୍ଷରୁ ମିଳିତ ଭାବେ ବୁଧବାର ତାଲାବନ୍ଦ ଆନ୍ଦୋଳନ ଓ ଆମରଣ ଅନଶନ କରାଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ସହ ତ୍ରୁଟିପୂର୍ଣ୍ଣ ପରିଚାଳନା, ଶିକ୍ଷା କମିଟି ଓ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର ଭଳି ସଙ୍ଗୀନ ଅଭିଯୋଗ ନେଇ ଜିଲାପାଳଙ୍କୁ ଲିଖିତ ଭାବେ ପୂର୍ବରୁ ଜଣାଇଥିଲେ। ଅଭିଯୋଗର ୧୫ ଦିନ ପରେ ଧର୍ମଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ୨ଜଣ ସହ ବ୍ଲକଶିକ୍ଷା ଅଧିକାରୀ ଓ ଧର୍ମଗଡ଼ ସିଆରସିସି ତଦନ୍ତ କରିଥିଲେ। ତଦନ୍ତରେ ସନ୍ତୁଷ୍ଟ ନ ହୋଇ ଗ୍ରାମବାସୀ ତଦନ୍ତକାରୀ ଅଧିକାରୀଙ୍କୁ ଅଟକ ରଖିଥିଲେ। ଲିଖିତ ପ୍ରତିଶ୍ରୁତି ପରେ ଛାଡ଼ିଦେଇଥିଲେ ଓ ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ତାଲା ବନ୍ଦ ସହ ଆମରଣ ଅନଶନ କରିବାକୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ୭ ଦିନ ପରେ ମଧ କୌଣସି ପଦକ୍ଷେପ ନ ନେବାରୁ ବୁଧବାର ସକାଳ ୯ଟାରୁ ବେହେରା ନୋଡାଲ ସ୍କୁଲ ମୁଖ୍ୟ ଗେଟରେ ତାଲା ପକାଇ ଗ୍ରାମବାସୀ ଅନଶନରେ ବସିଥିଲେ। ଖବର ପାଇ ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ, ଧର୍ମଗଡ଼ ଏସ୍‌ଡିପିଓ ଧୀରଜ କୁମାର ଚୋପଦାର, କୋକସରା ଆଇଆଇସି, ଧର୍ମଗଡ଼ ବ୍ଲକ ଶିକ୍ଷା ଅଧିକାରୀ ନବ କୁମାର ସାହୁ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନରେ ଅନ୍ୟତ୍ର ପଠାଯିବ। ଦୁର୍ନୀତିର ତଦନ୍ତ କରାଯିବା ସହ ଅନ୍ୟ ଜଣଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ମଧ୍ୟ ଗ୍ରାମବାସୀ ରାଜି ହୋଇ ନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନରେ ପଠାଯିବା ଅର୍ଡର ନ ବାହାରିବା ପର୍ଯ୍ୟନ୍ତ ଅନଶନ ଅବ୍ୟାହତ ଚାଲୁ ରହିବ ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଦାଦପୁର ବିଜୟୀ

କର୍ଲାମୁଣ୍ଡା,୨୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ୍ଥାନୀୟ ଚିନାଭାଡି ପଡିଆଠାରେ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କର୍ଲାମୁଣ୍ଡା କପ୍ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଟିଟିଲାଗଡ଼ (ବଲାଙ୍ଗୀର) ଓ ଦାଦପୁର (କଳାହାଣ୍ଡି) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦାଦପୁର ୧-୦ ଗୋଲରେ ଟିଟିଲାଗଡ଼କୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ମ୍ୟାଚକୁ ଲଳିତ ସାହୁ, ପିଙ୍କୁ ଚନ୍ଦନ, ଦିନେଶ କୁମାର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସର୍ଣ୍ଣଲତା ସାହୁ, ନାଏବ ସରପଞ୍ଚ ରାଧେଶ୍ୟାମ ବାଗ, ଆୟୋଜକ ଅନୁଷ୍ଠାନ ସଭାପତି ନନ୍ଦି କିଶୋର ଭୋଇ, ସମ୍ପାଦକ ଡୋଲାମଣୀ ଭୋଇ ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ ମ୍ୟାନେଜର ଦୁର୍ଲ୍ଲଭ ମେହେର, ଉପସଭାପତି ମୁକେଶ ସାହୁ, ନୀଳମାଧବ ଭୋଇ, ବିରେନ୍ଦ୍ର ସାହୁ, ବିରୁ ସାହୁ, ନମିତ ସୁନା, ମଣି ମେହେର, ସୌମ୍ୟବ୍ରତ ବଗର୍ତ୍ତି ସହଯୋଗ କରିଥିବା ବେଳେ ଅଭିମନ୍ୟୁ ନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ତରବୋଡଠାରେ ଗିରିଗୋବର୍ଦ୍ଧନ ପୂଜା

ନୂଆପଡ଼ା ଅଫିସ,୨୬।୧୦

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜାରେ ଆଞ୍ଚଳିକ ଯାଦବ ସମାଜ କେନ୍ଦ୍ର ତରବୋଡ ସମେତ ଜଟଗଡ, ମାନିଗୁଡା ଯାଦବ ସମାଜ କେନ୍ଦ୍ରର ଧରମପୁର, ଗୋହିରାପଦର, କାଶିପଲା, ପଲସିପାଣି, ବାବେଘାଟି, ସିହିନାମୁଣ୍ଡା, ନାଏକପଡାନ ଓ ଗନିଆରି ଗ୍ରାମର ଯାଦବମାନେ ଉପସ୍ଥିତ ରହି ଗିରି ଗୋବର୍ଦ୍ଧନ ପୂଜା ପାଳିତ ହୋଇଥିଲା। ଗ୍ରାମ ପୋଖରୀରୁ କଳସରେ ପାଣି ଆଣି ସ୍ଥାପନ ପରେ ଗିରି ଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଥିଲା। ପୂଜାରେ ଗଉଡମାନେ କେନ୍ଦୁ ଗଛର ବନାବାଡି ଧରି ୩୨ ଛାନ୍ଦ ଗଉଡ ବାଡି ଖେଳ ପ୍ରଦର୍ଶନ କରିଥିଲେ। ବଜନାରୁ ବନଛୋର ଓ ଚନ୍ଦନତୋଳା ବନଛୋର କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିବା ବେଳେ ମାନଭଞ୍ଜନ ତ୍ରିପାଠୀ ପୂଜକ କାର୍ଯ୍ୟ ତୁଲାଇଥିଲେ। ଯାଦବ ସମାଜ ସଭାପତି କାର୍ତିକ କାଣ୍ଡ, ସମ୍ପାଦକ ମକାରୁ ବେମାଲ, ବିରଚନ ବନଛୋର ପ୍ରମୁଖ ପୂଜା ଆୟୋଜନ କରିଥିଲେ। ଭଜନ ନାଗ, ପୁନୁ ବନଛୋର, ଯଦୁ ବନଛୋର, ବସୁଦେବ ବନଛୋର, କୋଦୋ ନିଆଲ, ସିତାରାମ ଗହିର, ପବନ ଚିରାଙ୍ଗୁଲ, ରାୟଧର ଛତ୍ରିଆ, ଯାଦୁ ହଂସ ପ୍ରମୁଖ ସହଯୋଗ କରିଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସାବୁନ ବ୍ୟାଙ୍କ ଉଦ୍‌ଘାଟିତ

ଲାଞ୍ଜିଗଡ଼,୨୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଧଉଁରାଭଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ସାବୁନ ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ଗୋଟିଏ ସୁସ୍ଥ ଜୀବନ ଜାପାନ ପାଇଁ ସ୍ୱଚ୍ଛତାର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ପିଲାଟି ଦିନରୁ ଯଦି ଜଣେ ବ୍ୟକ୍ତିଙ୍କୁ ଏହାର ଶିକ୍ଷା ଦିଆଯାଏ ଓ ସଚେତନତା କରାଯାଏ ତାହେଲେ ତାର ପରବର୍ତ୍ତୀ ଜୀବନରେ ଏକ ସୁସ୍ଥ ଜୀବନ ଜାପନ କରିପାରିବ। ଏହାକୁ ଦୃଷ୍ଟିରେ ରଖି ବୁଧବାର ଧଉଁରାଭଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସାବୁନ ବ୍ୟାଙ୍କର ଶୁଭାରମ୍ଭ କରାଯାଇଛି। ପ୍ରତ୍ୟେକ ଛାତ୍ରୀଛାତ୍ର ଓ ଶିକ୍ଷକ, ଶିକ୍ଷୟିତ୍ରୀ ସମାରୋହରେ ସାମିଲ ହୋଇଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ କ୍ଷିରେଶର ପ୍ରଧାନ ସ୍ୱଚ୍ଛତା ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଇଥିଲେ। ବିଦ୍ୟାଳୟ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ବିଭାଗର ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ଅଜୟ ଠାଲେଇ ଓ ଶିକ୍ଷୟିତ୍ରୀ ସନୋମ ସୁହାସିନି ସାବୁନ ବ୍ୟାଙ୍କର ଉଦ୍‌ଘାଟନ କରିଥିଲେ। ଏଥିରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଇଂଲିଶ ଶିକ୍ଷକ ବିବେକାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।


@ ବିକାଶ


@ ଜଗନ


@ କୃପାସିନ୍ଧୁ


@ ଲଳିତ


ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com
ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ନୂଆପଡ଼ା ଅଫିସ,୨୬।୧୦

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଠିକପାଲି ସାଧନା କେନ୍ଦ୍ରରେ ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ମେଣ୍ଡାଟାଲ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନା କର୍ମୀ ସନ୍ତୋଷ କୁମାର ବାଗ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ନେତୃତ୍ୱରେ ଆୟୋଜିତ ମହୋତ୍ସବରେ ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ ମୁଖ୍ୟଅତିଥି, ଠିକପାଲି ସରପଞ୍ଚ ସନ୍ତୋଷିନୀ ସୁନା, ଲଖନା ସରପଞ୍ଚ ଜିତେନ୍ଦ୍ର ଠାକୁର, ବିଦ୍ୟାଳୟ ସଭାନେତ୍ରୀ ଯଶୋବନ୍ତି ବାଗ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ମହୋତ୍ସବରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିବା ସହ ଉତ୍ସାହ ପ୍ରଦାନ କରିଥିଲେ। ଜଗବନ୍ଧୁ ବଡଗୁଛିଆ ମଞ୍ଚ ପରିଚାଳନା କରିଥିବା ବେଳେ ଜୟଶ୍ୱର ଶବର ଧନ୍ୟବାଦ ଦେଇଥିଲେ।




ଶିଶୁ ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ: କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ଜୁନାଗଡ,୨୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ହିଞ୍ଜିଲିବାହାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ କ୍ଲଷ୍ଟରରେ ବିଭିନ୍ନ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାଚ, ଗୀତ, ତର୍କ, ରଚନା, ସାଧାରଣ ଜ୍ଞାନ, ଲିଖନ ଆଦି ୧୬ଟି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ବ୍ଲକସ୍ତରୀୟ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଆସନ୍ତା ନଭେମ୍ବର ୫ ତାରିଖ ଭବାନୀପାଟଣାଠାରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜଣାପଡିଛି। ସ୍ଥାନୀୟ ସ୍କୁଲ ପ୍ରଧାନଶିକ୍ଷକ ସରୋଜ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ମୁଖ୍ୟବକ୍ତା ଷଷ୍ଠି ଝାଙ୍କର, ସମ୍ମାନିତ ଅତିଥି ଏବିଇଓ କୁଳମଣି ମାଝି, ଦୁର୍ଗେ ମେହେର, କ୍ଷିରୋଧ ଭୋଇ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ମକରଧ୍ୱଜ ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ସ୍ଥାନୀୟ ସିଆରସିସି ଗୋଦାବରୀଶ ପଣ୍ଡା ଧନ୍ୟବାଦ ଦେଇଥିଲେ। ସୁରଭି କାର୍ଯ୍ୟକ୍ରମରେ ୧୬ଟି କ୍ଲଷ୍ଟରର ସିଆରସିସି, ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## କାଳୀମନ୍ଦିରରେ ମା'କାଳୀ ପୂଜା

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ସହରର ବୋଡ଼େନ ଛକରେ ଥିବା ମା' ଦକ୍ଷିଣ କାଳୀ ମନ୍ଦିରରେ ମା' କାଳୀଙ୍କ ପୂଜା ଆରମ୍ଭ ହୋଇଛି। ୩ ଦିନ ଧରି ମା' କାଳୀଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ। କର୍ତ୍ତା ଭାବେ ଚିଣ୍ଡାଗୁଡା ଗ୍ରାମର ମହେନ୍ଦ୍ର ବିଶି ଓ ସ୍ନେହଲତା ବିଶି ତୁଲାଇ ଥିବା ବେଳେ ପୂଜକ ପୂଜାର୍ଚ୍ଚନା କରିଥିଲେ। ପୂଜା ପାଇଁ ତୋରଣ ରଙ୍ଗ ବିରଙ୍ଗ ଲାଇଟ ସଜାଇଥିବା ବେଳେ ଭକ୍ତମାନେ ମା'ଙ୍କ ଦର୍ଶନ କରିବା ପାଇଁ ଆସୁଛନ୍ତି। ପୂଜା କମିଟି ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିବା ବେଳେ ଶେଷ ଦିନରେ ବଳି ପୂଜା ପାଇଁ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବା ସ୍ଥିର ହୋଇଛି।

### ସଂକ୍ଷେପରେ

## ବରପାଲିରେ ଶ୍ୟାମାକାଳୀ ପୂଜା

ବରପାଲି,୨୬।୧୦(ଡି.ଏନ.ଏ.): ବରଗଡ ଜିଲା ବରପାଲି ଶ୍ୟାମା ଛକଠାରେ ୫୪ତମ ଶ୍ୟାମା କାଳୀ ପୂଜା ଅନୁଷ୍ଠିତ ହେଉଛି। ସୋମବାର କଳସ ଶୋଭାଯାତ୍ରା ପରେ ଆନୁଷ୍ଠାନିକ ଭାବରେ ପୂଜା ଆରମ୍ଭ ହୋଇଥିଲା। ବୁଧବାର ଚଣ୍ଡୀ ହୋମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ପୁଣି ଚଣ୍ଡୀ ହୋମ ପରେ ପୂର୍ଣ୍ଣାହୂତି ପଡ଼ିବ। ଗୁରୁବାର ମା'ଙ୍କଠାରେ ଛପନ ଭୋଗ ଲାଗି ହେବ ବୋଲି କମିଟି ସଭାପତି ଧିରେନ ତ୍ରିପାଠୀ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ନୀଲୋତ୍ପଳା ପଣ୍ଡା ଅଶୋକ କୁମାର ପଣ୍ଡା ସସ୍ତ୍ରିକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବୌଦ୍ଧ,୨୬।୧୦(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ଉଚ୍ଚ ବିଦ୍ୟାଳୟ ଠାରେ ବୁଧବାର ଦିନ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗତ ମଲିକ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ହରଭଙ୍ଗା ବିଡିଓ ରବୀନ୍ଦ୍ର କୁମାର କହଁର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସୁରଭି କାର୍ଯ୍ୟକ୍ରମରେ ବକ୍ତୃତା, ତର୍କ , ପ୍ରବନ୍ଧ, ଲିଖନ, ଚିତ୍ରାଙ୍କନ, ସଙ୍ଗୀତ ଓ ଦଳଗତ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୭ ଗୋଟି କ୍ଲଷ୍ଟରରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଉଦୟନାଥ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ସମ୍ମାନିତ ଅତିଥି ଭାବେ ହରଭଙ୍ଗା ବ୍ଲକ ଉପାଧକ୍ଷ ସରୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସିଆରସିସି ନରେନ୍ଦ୍ର କୁମାର ରଣା, ସନ୍ତୋଷ କୁମାର ସେଠୀ, ସୁବାସ ବିଶି, ପ୍ରସନ୍ନ ଭୋକ୍ତା ଓ ଶିକ୍ଷକମାନେ ଯୋଗ ଦେଇଥିଲେ ।

## ଧୁମଧାମରେ ଚାଲିଛି କାଳୀପୂଜା

ବୌଦ୍ଧ,୨୬।୧୦(ସ୍ୱ.ପ୍ର.): ବୌଦ୍ଧ ସହରର ବିଭିନ୍ନ ସ୍ଥାନରେ ମା' କାଳୀଙ୍କ ପୂଜା ଧୂମଧାମରେ ଚାଲିଛି । ପୂଜାମଣ୍ଡପଗୁଡିକ ରଙ୍ଗବେରଙ୍ଗର ଆଲୋକମାଳାରେ ସଜା ଯାଇଥିବା ବେଳେ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଭୈରବୀ ଛକଠାରେ ମା' କାଳୀଙ୍କ ପୂଜା ମହାଆଡମ୍ବର ସହକାରେ ଚାଲିଛି । ଚଳିତବର୍ଷ କର୍ତ୍ତା ଭାବରେ ଅନୁଷ୍ଠାନର ସଂପାଦକ କୈଳାଶ ବେହେରା ଓ ପୂଜକ ଭାବେ ସଞ୍ଜୀବ ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି। କମିଟିର ସଭାପତି ସୁବାସ ଚନ୍ଦ୍ର ସାହୁଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରୁଛନ୍ତି । ସେହିପରି ସହରର ଶିବାନୀ ମାର୍କେଟ ଠାରେ କାଳୀ ପୂଜା ଚାଲିଛି । ପୂଜକ ଭାବେ ମାନସ ମିଶ୍ର, କର୍ତ୍ତା ଭାବରେ ପ୍ରଭାତ ମହାପାତ୍ର ଦାୟିତ୍ୱ ତୁଲାଉ ଥିବା ବେଳେ ଅନୁଷ୍ଠାନର ସଭାପତି ମନୋରଞ୍ଜନ ଦାସ, ସଂପାଦକ ସୌଳେନ୍ଦ୍ର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି । ସେହିପରି ବୁଟୁପାଲିଠାରେ ମଧ ମା' କାଳୀଙ୍କ ପୂଜା ଧୂମଧାମରେ ଅନୁଷ୍ଠିତ ହେଉଛି ।

# କଂସ ଅଭିନେତା ପାଇଁ ଲବି ଆରମ୍ଭ

**ବରଗଡ଼ ଅଫିସ୍,୨୬।୧୦**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉମାତ୍ର ମାସେ ବାକି। ଆସନ୍ତା ଡିସେମ୍ବର ୨୭ରୁ ଏହି ମହୋତ୍ସବ ଆରମ୍ଭ ହେବ। ଦୀର୍ଘ ୧୧ଦିନ ବ୍ୟାପୀ ୨୦୨୩ ମସିହା ଜାନୁୟାରୀ ୬ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏଥର ଧନୁଯାତ୍ରା ୭୫ବର୍ଷରେ ପଦାର୍ପଣ କରୁଛି। ଫଳରେ ମହୋତ୍ସବକୁ ଅଧିକ ଆକର୍ଷଣ କରିବା ପାଇଁ ଧନୁଯାତ୍ରା କମିଟି ସବୁଦିଗ ପ୍ରତି ଦୃଷ୍ଟି ଦେଉଛି। ଏଥର କଂସ ସମେତ ଅନ୍ୟ ମୁଖ୍ୟ ଚରିତ୍ର ପାଇଁ କଳାକାର ଚୟନ ପ୍ରକ୍ରିୟା ଚାଲିଛି। ଆଶାୟୀ କଳାକାରମାନେ ଜିଲାପାଳ ଅଫିସକୁ ଆସି ନିର୍ଦ୍ଧାରିତ ଫର୍ମରେ ଆବେଦନ କରୁଛନ୍ତି। ଆସନ୍ତା ୩୧ତାରିଖ ଆବେଦନର ଅନ୍ତିମ ଦିବସ ଥିବାବେଳେ ନଭେମ୍ବର ୧୦ ସୁଦ୍ଧା ଚୟନ ପ୍ରକ୍ରିୟା ଚୂଡ଼ାନ୍ତ କରିବାକୁ ସମୟ ନିର୍ଦ୍ଧାରିତ ହୋଇଛି। ତେବେ ଚୟନ ପ୍ରକ୍ରିୟା ଚାଲିଥିବାବେଳେ କଂସ ଚରିତ୍ର ପାଇଁ କେତେକ ଆଶାୟୀ କଳାକାର ଲବି କରିବାକୁ ଆରମ୍ଭ କରିଛନ୍ତି।

ବୁଧବାର ସୁଦ୍ଧା କଂସ ମହାରାଜ ଚରିତ୍ର ପାଇଁ ୧୩ଜଣ ଆଶାୟୀ କଳାକାର ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରେ ବରଗଡ଼ ଧନୁଯାତ୍ରାରେ ୨୩ଥର କଂସ



ପୂର୍ବତନ କଂସ ଅଭିନେତା ଏଲି ଓରଫ ଗୋପାଳ ସାହୁ ଆବେଦନ କରୁଛନ୍ତି।

ଅଭିନୟ କରିଥିବା ଗୋପାଳ ସାହୁ ଓରଫ୍ ଏଲି, ୯ଥର ଅଭିନୟ କରିଥିବା ହୃଷିକେଶ ଭୋଇ ଅଛନ୍ତି। ସେହିପରି ଧନୁଯାତ୍ରାରେ କଂସ ଅଭିନୟ କରି ଆସୁଥିବା ଭୁବନେଶ୍ୱର ପ୍ରଧାନ ମଧ୍ୟ ଏଥର ଆବେଦନ କରିବେ ବୋଲି କହିଛନ୍ତି। ଏମାନଙ୍କ ବ୍ୟତୀତ ରବିନ୍ଦ୍ର ସାହୁ, ବୃନ୍ଦାବନ ପ୍ରଧାନ, ଦୟାନନ୍ଦ ମାଝି, ଜଗଦାନନ୍ଦ ମିଶ୍ର ପ୍ରମୁଖ ଆବେଦନ କରିଛନ୍ତି। ସବୁ କଳାକାର କଂସ ଚରିତ୍ର ପାଇଁ ମନୋନୀତ ହେବେ ବୋଲି ମନରେ ଆଶା ବାନ୍ଧିଛନ୍ତି। ଅଭିନୟ କ୍ଷେତ୍ରରେ ପାରଦର୍ଶିତା, ଦକ୍ଷତା ଯୋଗୁ ବରଗଡ଼ ଧନୁଯାତ୍ରାରେ କଂସ ଅଭିନୟ ପାଇଁ ସୁଯୋଗ ମିଳିବ ବୋଲି ସେମାନେ ଶତ ପ୍ରତିଶତ ଆଶାବାଦୀ ଥିବା କହିଛନ୍ତି। ସେହିପରି ମହାମନ୍ତ୍ରୀ ପାଇଁ ୩, ସାର୍ଓଡ଼କୀ ପାଇଁ ୪, ଚାଣୁର ପାଇଁ ୫, ମୁଷ୍ଟିକ ପାଇଁ ୨, ଅକ୍ରୁର ପାଇଁ ୪, ଉଗ୍ରସେନ ପାଇଁ ୨, ବସୁଦେବ ପାଇଁ ୩, ନାରଦ ପାଇଁ ୪ ଏବଂ ସେନାପତି ଚରିତ୍ର ପାଇଁ ୧୦ଜଣ କଳାକାର ଆବେଦନ କରିଛନ୍ତି। ଆବେଦନ ଅବଧି ଆଉ ୫ଦିନ ବାକିଥିବା ଯୋଗୁ କଂସ ଚରିତ୍ର ପାଇଁ ଆହୁରି କଳାକାର ଆବେଦନ କରିବେ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷେ ଆବେଦନ ନ ସରୁଣୁ କଂସ ଅଭିନେତା ପଦ ପାଇଁ ଲବି ଆରମ୍ଭ ହୋଇ ଯାଇଥିବା ସାଧାରଣରେ ଆଲୋଚିତ ହେଉଛି।

### ଆସୁଛି ବରଗଡ ଧନୁଯାତ୍ରା

- ମଇଦାନରେ ନୂଆ, ପୁରୁଣା
- ବାଦ୍ ପଡ଼ିନି ଅନ୍ୟ ଚରିତ୍ର

କେତେକ କଳାକାର ସ୍ଥାନୀୟ ବର୍ଷିୟାନ ନାଗରିକଙ୍କୁ ଭେଟୁଥିବାବେଳେ, ଆଉ କେତେକ ଗଣମାଧ୍ୟମ ପ୍ରତିନିଧିଙ୍କ ଶରଣ ପଶୁଥିବା ପରିଲକ୍ଷିତ ହୋଇଛି। ସେହିପରି ଧନୁଯାତ୍ରା କମିଟି ସଦସ୍ୟଙ୍କୁ ମଧ୍ୟ ନେହୁରା ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି। କିନ୍ତୁ ଚୟନ ପ୍ରକ୍ରିୟାରେ ଜିଲା ସମେତ ଜିଲା ବାହାର ବିଚାରକଙ୍କୁ ରଖାଯାଇଛି। ଫଳରେ କଳାକାର କଂସଲବିରେ ସଫଳ ହେବେ ନା ସେମାନଙ୍କ ପାରଦର୍ଶିତାରୁ ହିଁ ସେମାନେ ଚୟନ ହେବେ ତାହା ସମୟ କହିବ। ଏ ସମ୍ପର୍କରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ କହିଛନ୍ତି, ଚୟନ ତାରିଖ ଚୂଡ଼ାନ୍ତ ହୋଇନାହିଁ। କିନ୍ତୁ ନଭେମ୍ବର ୧୦ ସୁଦ୍ଧା ଚୟନ ପ୍ରକ୍ରିୟା ସରିବ। ଚୟନ ପ୍ରକ୍ରିୟାରେ ଜିଲା ମଧ୍ୟରୁ ୩ ଏବଂ ଜିଲା ବାହାର ୪ବିଚାରକଙ୍କୁ ରଖାଯିବ ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ବିକାଶ



@ ଜଗନ



@ କୃପାସିନ୍ଧୁ



@ ଲଳିତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମନ୍ତ୍ରୀ ରୀତା ସାହୁଙ୍କ ଗାଡ଼ିକୁ ଅଣ୍ଡାମାଡ଼

**ବରଗଡ଼ ଅଫିସ୍,୨୬।୧୦**

### ୬ ଭାଜପା କାର୍ଯ୍ୟକର୍ତ୍ତା ଅଟକ

ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ବୁଧବାର ବରଗଡ଼ ଜିଲା ପାଇକମାଲ ଗସ୍ତରେ ଯାଇଥିବାବେଳେ ତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ ହୋଇଛି। ପୋଲିସ ଏହି ଘଟଣାରେ ୬ ଜଣଙ୍କୁ ଅଟକ ରଖିଛି। ତେବେ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ କହିଛନ୍ତି, ମନ୍ତ୍ରୀ ସାହୁଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିବାକୁ ଚେଷ୍ଟା କରୁଥିବାବେଳେ ୬ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ପୋଲିସ କାବୁ କରି ନେଇଥିଲା। ସେମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ସେ କହିଛନ୍ତି ।

ପୂର୍ବାହ୍ନରେ ମନ୍ତ୍ରୀ ସାହୁ ପାଇକମାଲ ବ୍ଲକ ଅନ୍ତର୍ଗତ ଯମୁନା କନ୍ଧୁଣୀ ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହି କାର୍ଯ୍ୟକ୍ରମ ସାରି ସାହୁ ପାଇକମାଲ ତହସିଲ ଅଫିସ ନିକଟ ସରକାରୀ ହାଇସ୍କୁଲରେ ହେବାକୁ ଥିବା ରୂପାନ୍ତରୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଆସୁଥିଲେ। ଏହି ସମୟରେ ତହସିଲ ଅଫିସ ଛକ ନିକଟରେ ଥିବା କେତେକ ବ୍ୟକ୍ତି ରାସ୍ତା ଉପରକୁ ଆସି କଳାପତାକା ଦେଖାଇବା ସହିତ ମନ୍ତ୍ରୀ ସାହୁଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିଥିଲେ। ପୋଲିସ ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଧରିଥିବାବେଳେ ଅନ୍ୟମାନେ ସେଠାରୁ ଖସିଯାଇଥିଲେ। ଏ ସମ୍ପର୍କରେ ଭାଜପା ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି, ପଦ୍ମପୁର ଉପଖଣ୍ଡବାସୀ ଚିର ଅବହେଳିତ ହୋଇ ରହିଛନ୍ତି। ରାଜ୍ୟ ସରକାର ସାମଗ୍ରିକ ବିକାଶର ନାରା ଦେଉଛନ୍ତି। କିନ୍ତୁ ଏ ଅଞ୍ଚଳବାସୀ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ଅଛନ୍ତି । ଏହାସତ୍ତ୍ୱେ ମନ୍ତ୍ରୀ ତ ଦୂରର କଥା, ବିଧାୟକ ବି ଲୋକଙ୍କ ପାଖକୁ ଆସୁ ନ ଥିଲେ। ଅଣ୍ଡାମାଡ଼ ଜନ ପ୍ରତିକ୍ରିୟାର ଏକ ପ୍ରତିଫଳନ ବୋଲି ପୂର୍ବତନ ବିଧାୟକ ପୁରୋହିତ କହିଛନ୍ତି।

## ୫ ଉଚ୍ଚ ବିଦ୍ୟାଳୟ ପାଇଁ ଶିଳାନ୍ୟାସ

**ଝାରବନ୍ଧ, ୨୬।୧୦(ଡି.ଏନ.ଏ.)**

ବରଗଡ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ୫ଟି ରୂପାନ୍ତରିତ ଯୋଜନାରେ ହେବାକୁ ଥିବା ପାଞ୍ଚ ଉଚ୍ଚ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ବୁଧବାର ଶିଳାନ୍ୟାସ ହୋଇଛି। ଶିକ୍ଷକ ଓ ଅଭିଭାବକ ସମାବେଶ ମାଧ୍ୟମରେ ବିଜାଡୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ଓ କନ୍ଦାସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ବିଜାଡୋଲଠାରେ ଅନୁଷ୍ଠିତ ଶିକ୍ଷକ ଅଭିଭାବକ ସମାବେଶରେ ସରପଞ୍ଚ ସୁନୀଲ ରାୟ ସଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ଲିପସା ପ୍ରଧାନ, ଜିଲା ପରିଷଦ ସଭ୍ୟ ସନ୍ତୋଷ ବେହେରା ଓ ସୁଶୀଲ ମରାଇ, ବିଡ଼ିଓ ସୁନୀଲ ମେହେର, ସ୍କୁଲ ଚେୟାରମ୍ୟାନ ଦିଲ୍ଲୀପ କେଉଁଠ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ନୀଳାମ୍ବର ସାହୁ ବିବରଣୀ ପଠନ କରିଥିଲେ। ସେହିପରି କନ୍ଦା ଉଚ୍ଚ ବିଦ୍ୟାଳୟରେ ସ୍କୁଲ ଚେୟାରମ୍ୟାନ ହୃଷିକେଶ ବରିହା କନ୍ଦା ପଞ୍ଚାୟତରେ ଦୁଇଟି ଉଚ୍ଚ ବିଦ୍ୟାଳୟକୁ ୫ଟିରେ ଅନ୍ତର୍ଭୁକ୍ତ କରିଥିବାରୁ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରକାଶ ବାଗ ସଭା ପରିଚାଳନା, ପ୍ରଧାନଶିକ୍ଷକ ବାବୁଲାଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ତୁର୍ଲା ଜୟ ଦୁର୍ଗା ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅମଠି ଓ ବିଳାସପୁର ଉଚ୍ଚବିଦ୍ୟାଳୟରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ରୂପାନ୍ତରିତ ପାଇଁ ଶିଳାନ୍ୟାସ କରିଥିଲେ। ତୁର୍ଲାରେ ସରପଞ୍ଚ ଚନାବୁଟୁ ବଞ୍ଜାରା, ବିଳାସପୁରରେ ସରପଞ୍ଚ ଲକ୍ଷ୍ମୀ ନାଏକ ଓ ଅମଠିରେ ସରପଞ୍ଚ ଲକ୍ଷେ ସିଂ ଥପା ଉପସ୍ଥିତ ଥିଲେ।

# ମୁକ୍ତିଲାଭ ଅପେକ୍ଷାରେ ସଂସ୍କୃତ ଚଳଚ୍ଚିତ୍ର

**ବରଗଡ଼ ଅଫିସ୍,୨୬।୧୦**

ପଶ୍ଚିମ ଓଡ଼ିଶା ପ୍ରବୀଣ ସଂସ୍କୃତ ଶିକ୍ଷକ ଡ. ମାନସ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶିତ ସଂସ୍କୃତ ଚଳଚ୍ଚିତ୍ର ମା' କଣ୍ଟିତ ଦୁଃଖଭାଗ ଭବେତର ସୁଟିଂ ଇତିମଧ୍ୟରେ ସରିଛି। ଏହି ଏକ ଘଣ୍ଟିକିଆ ସଂସ୍କୃତ ଚଳଚ୍ଚିତ୍ର ଅତିଶୀଘ୍ର ମୁକ୍ତିଲାଭ କରିବ ବୋଲି ଡଃ ସାହୁ ସୂଚନା ଦେଇଛନ୍ତି। ଜଣେ କୁମ୍ଭାରର ଜୀବନକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇ ଥିବାବେଳେ ମୁଖ୍ୟ ଭୂମିକାରେ ସାରଦା ସାଗର ମହାନ୍ତି, ଅଜିତ ରଣା, ତପନ କୁମାର ପ୍ରଧାନ ଅଭିନୟ କରିଛନ୍ତି। ସୁବର୍ଣ୍ଣପୁର ଜିଲା କୁହିଁବାହାଲ, ଦିଗସିରା ଗ୍ରାମରେ ଏହି ଚଳଚ୍ଚିତ୍ରର ନିର୍ମାଣ ଓ ସୁଟିଂ କରାଯାଇଛି। କୁହିଁବାହାଲ ଗ୍ରାମର କୁମ୍ଭାରପଡ଼ାର



ସଂସ୍କୃତ ଚଳଚ୍ଚିତ୍ରର ଏକ ଦୃଶ୍ୟାଭିନୟ।

ପଡ଼ାବାସୀ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଡଃ ସାହୁ ଅସ୍ପୃଶ୍ୟମ, ବିଦ୍ୟା, ପରିବର୍ତ୍ତନମ ଭଳି ୩ଟି ସଂସ୍କୃତ ଚଳଚ୍ଚିତ୍ର ନିର୍ମାଣ କରିଥିବାବେଳେ ଲୋକାର୍ପଣ ହୋଇ ସାରିଛି। ବରଗଡ଼ ଜିଲା ନିବାସୀ ଡଃ ସାହୁ ବଲାଙ୍ଗୀର ଜିଲାରେ ସଂସ୍କୃତ ଶିକ୍ଷକଭାବେ କାର୍ଯ୍ୟ କରୁଥିବାବେଳେ ସଂସ୍କୃତ ଭାରତୀ ରାଜ୍ୟ ପ୍ରଶିକ୍ଷଣ ଦାୟିତ୍ୱ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ସଂସ୍କୃତ ଭାଷାର ପ୍ରଚାର, ପ୍ରସାର ପାଇଁ ଉଦ୍ୟମ ଜାରି ରଖିଥିବା ଡଃ ସାହୁଙ୍କୁ ସଂସ୍କୃତ ଭାଷା ସୁରକ୍ଷା ମଞ୍ଚର ଆବାହକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଶୁଭେଚ୍ଛା ଜଣାଇଛନ୍ତି।

# ରେଙ୍ଗାଲି କ୍ୟାମ୍ପ କାଳୀପୂଜା ଉଦ୍‌ଯାପିତ



ମା' କାଳୀଙ୍କ ନୂତନ ବିଗ୍ରହକୁ ମନ୍ଦିରକୁ ଶୋଭାଯାତ୍ରାରେ ନିଆଯାଉଛି।

**ସରଣ୍ଡା, ୨୬।୧୦(ଡି.ଏନ.ଏ. )**

### ମନ୍ଦିରରେ ନୂତନ ବିଗ୍ରହ ସ୍ଥାପନ

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପ ସାର୍ବଜନୀନ ୬୩ତମ କାଳୀପୂଜା ବୁଧବାର ସମାପନ ହୋଇଯାଇଛି। ଏହି ଅବସରରେ ମା' କାଳୀଙ୍କ ନୂତନ ବିଗ୍ରହ ମନ୍ଦିରରେ ସ୍ଥାପନ କରାଯାଇଛି। ୩ଫୁଟ ଉଚ୍ଚ ଓ ୩୬ କେଜି ଓଜନର ମା'ଙ୍କ ନୂତନ ବିଗ୍ରହ ପିତ୍ତଳରେ କରାଯାଇଛି। ଆବଶ୍ୟକ ପୂଜାର୍ଚ୍ଚନା ସହ କାଳୀମନ୍ଦିରରେ ଦେବୀଙ୍କ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା କରାଯାଇଛି। ଗତ ୨୩ ତାରିଖରୁ କଳସ ଯାତ୍ରା ସହିତ ଏହି ପୂଜୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୨୪ ତାରିଖ ସପ୍ତଶତୀ ଚଣ୍ଡୀ ପାଠ, ଦେବୀ ପୂଜା, ହୋମ ଆରତୀ, ପୁଷ୍ପାଞ୍ଜଳି, ରାତ୍ରରେ ବଳି ଭୋଗ ଲାଗିଥିଲା। ତାଜଟିକ୍ରା, ଦେବାହାଲ, ରେଙ୍ଗାଲି ପାଲି, କୁଡ଼ାପଡ଼ା, ଦାଶ ପଡ଼ା ଆଦି ଗ୍ରାମରୁ କାଳୀଙ୍କ ମେଢ଼ ସହ ସୁଉଚ୍ଚ ଜୁଗାରମାନ ପହଞ୍ଚିଥିଲା। ବୁଧବାର ପୂର୍ଣ୍ଣାହୂତି ସହ କାଳୀପୂଜା ସମାପନ ହୋଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ଦେବାହାଲ, ରେଙ୍ଗାଲି ପାଲି, ରେଙ୍ଗାଲି କ୍ୟାମ୍ପ, ତଜଟିକ୍ରାର ଗ୍ରାମବାସୀ ଓ ରେଙ୍ଗାଲି କ୍ୟାମ୍ପ କେନାଲ କଲୋନୀ ଅଧିକାରୀ ଓ କର୍ମଚାରୀମାନେ ମିଳିତଭାବେ ଯାତ୍ରା ଆୟୋଜନ କରିଥିଲେ। ଯାତ୍ରା ସମୟରେ କମିଟି ତରଫରୁ ମନୋରଞ୍ଜନ କାର୍ଯ୍ୟକ୍ରମ ରଖାଯାଇଥିଲା। କର୍ତ୍ତାଭାବେ ଦିବ୍ୟକିଶୋର କଅଁର ଓ ଦୀପାଞ୍ଜଳି କଅଁର କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ମା କାଳୀଙ୍କ ମୂର୍ତ୍ତିକୁ ଏକ ଶୋଭାଯାତ୍ରାରେ ନିଆଯାଇ ନିକଟସ୍ଥ କେନାଲରେ ବିସର୍ଜନ କରାଯାଇଥିଲା।

## ରାଷ୍ଟ୍ରୀୟ ଏକତା ଦିବସ ପାଳନ ପାଇଁ ପ୍ରସ୍ତୁତି

**ବରପାଲି, ୨୬।୧୦(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡଙ୍କ ଅଧକ୍ଷତାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଳାଭୂମି, ସରସ୍ୱତୀ ସଂଘ, ହେଲପିଙ୍ଗ ହାର୍ଟସ, ସାମ୍ବାଦିକ ସଂଘ, ବଜରଙ୍ଗ ଦଳ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ପତଞ୍ଜଳି ଯୋଗ ସମିତି, ସରସ୍ୱତୀ ଭୌତିକ ଚିକିତ୍ସା କେନ୍ଦ୍ର, ଗ୍ରୀନ ବରପାଲି କ୍ଲିନ ବରପାଲି ଆଦି ସଂସ୍ଥାଗୁଡ଼ିକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅଲିମ୍ପିକ ଭାରତ ଓଡିଶାର ରାଜ୍ୟ ସଂଯୋଜିକା ଅର୍ପିତା ମହାପାତ୍ର ଓ ସ୍ୱତନ୍ତ୍ର ଅଲିମ୍ପିକସ ପ୍ରଶିକ୍ଷିକା ସସ୍ମିତା ମହାପାତ୍ର ଯୋଗଦେବାକୁ ସ୍ୱୀକୃତି ପ୍ରଦାନ କରିଥିବା ସୂଚନା ବିଦ୍ୟାଳୟ ଅଧକ୍ଷା ମଧୁସ୍ମିତା ମୁଣ୍ଡ ଉପସ୍ଥାପନ କରିଥିଲେ। ବିଦ୍ୟାଳୟରେ ପ୍ରାର୍ଥନା ସଭାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନର ମହତ୍ତ୍ୱ ଆଲୋଚିତ ହେବାପରେ ବିଦ୍ୟାଳୟ ଓ ବିଭିନ୍ନ ସଂସ୍ଥାଙ୍କ ମିଳିତ ଶୋଭାଯାତ୍ରା ବରପାଲି ସହର ପରିକ୍ରମା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ଘର ହିଁ ବିଦ୍ୟାଳୟ ପଞ୍ଚମ ସୋପାନ

**ବରଗଡ଼ ଅଫିସ୍,୨୬।୧୦**

ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ) ମୁଖ୍ୟ ଏବଂ ବ୍ରହ୍ମବିହାରସ୍ଥିତ ଶିଶୁ ମନ୍ଦିରରେ ବୁଧବାର ଘର ହିଁ ବିଦ୍ୟାଳୟର ପଞ୍ଚମ ସୋପାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ପ୍ରାରମ୍ଭ, ଶିଶୁବୋଧ ଶ୍ରେଣୀରେ ପଢୁଥିବା ଭଉଣୀ, ଭାଇ, ଅଭିଭାବିକାମାନେ ଯୋଗଦାନ କରିଥିଲେ। ଶିଶୁବୋଧ ଶ୍ରେଣୀରେ ପଢୁଥିବା ରୁଚିସ୍ମିତା ସାହୁଙ୍କର ମା ଜୟନ୍ତୀ ସାହୁ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଶିବ ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଯଥା ଶାରୀରିକ, ପୁଷ୍ଟିକ, ଆତ୍ମିକ, ବୌଦ୍ଧିକ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ଶିଶୁମାନଙ୍କର ଦକ୍ଷତାର ବିକାଶ ଉପରେ ଏହି ସୋପାନରେ ଆଲୋଚନା କରାଯାଇଥିଲା। ଶିଶୁ ପ୍ରାରମ୍ଭ ବିଭାଗରେ ଶାରୀରିକ ମାଧ୍ୟମର ବିଭିନ୍ନ ଖେଳକୁଦର ଅଭ୍ୟାସ, ମାନସିକ ଦକ୍ଷତା, ମିଶ୍ରିତ ଡାଲିରୁ ଅଲଗା କରିବା ଏବଂ ଶିଶୁବୋଧ ବର୍ଗରେ



ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଶିଶୁ, ଅଭିଭାବକବୃନ୍ଦ।

ବିଭିନ୍ନ ଚିତ୍ର ଉପରେ ତେନ୍ତୁଳି ମଞ୍ଜି ସଜାଇବା ପ୍ରକଳ୍ପ ରହିଥିଲା। ଶିଶୁ ପ୍ରାରମ୍ଭ ଶ୍ରେଣୀର କାଳାଂଶ ଗୁରୁମା ମଞ୍ଜୁଳା ସାହୁ ଏବଂ ଶିଶୁବୋଧ ଶ୍ରେଣୀର କାଳାଂଶ ଦିପ୍ତୀମୟୀ ସେଠ ନେଇଥିଲେ। ଏହି କ୍ରିୟାକଳାପରେ ସମସ୍ତ ଶିଶୁ ଭଉଣୀ, ଭାଇ ଏବଂ ଅଭିଭାବକମାନେ ଭାଗ ନେଇଥିଲେ। ବିଦ୍ୟାଳୟର ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ୫୨ଜଣ ଭଉଣୀ, ଭାଇ ଏବଂ ଅଭିଭାବକମାନେ ଯୋଗଦାନ କରିଥିଲେ।

## ଗାଡ଼ି ସହ ୯୧ ଖଣ୍ଡ ଶାଳ କାଠ ଜବତ

**ବଲାଙ୍ଗୀର ଅଫିସ:** ମହୀମଣ୍ଡା-ବଲାଙ୍ଗୀର ରାସ୍ତାରେ ବୁଧବାର ସକାଳେ ବନବିଭାଗ ପାଟ୍ରୋଲିଂ ଟିମ୍ ଏକ ପିକ୍ଅପ(ଓଆର୧୫ଆର୬୭୦୮)ରୁ ୯୧ ଖଣ୍ଡ ଶାଳ ଚଉକାଠ ଜବତ କରିଛି। ବନବିଭାଗ ଟିମ୍‌କୁ ଦେଖି ଡ୍ରାଇଭର ଓ ଅନ୍ୟମାନେ ଗାଡି ଛାଡି ଫେରାର ହୋଇଯାଇଛନ୍ତି। ଚଢ଼ାଉରେ ରେଞ୍ଜ ଅଫିସର କେଶବ କିଶୋର ନାୟକ, ଫରେଷ୍ଟର ବ୍ୟାସଦେବ ସାହୁ ବନ ବିଭାଗ ଟିମ୍ ସାମିଲ ଥିଲେ। ଏହାସହିତ ଖୁଣ୍ଟପାଲିର ଲମ୍ବୋଦର ପ୍ରଧାନଙ୍କ ଘରେ ଚଢ଼ାଉ କରାଯାଇ ଶାଳ ଓ ଶିଶୁ କାଠ ଜବତ କରାଯାଇଛି। ପ୍ରଧାନ କାଠ ସଂକ୍ରାନ୍ତୀୟ କାଗଜପତ୍ର ଦେଖାଇ ପରି ନ ଥିଲେ।

# ସ୍କୁଲ ବସ୍ ଡ୍ରାଇଭରଙ୍କୁ ଆକ୍ରମଣ

ବଲାଙ୍ଗୀର ଅଫିସ, ୨୬।୧୦

ବଲାଙ୍ଗୀର ସହରରେ ଥିବା ଏକ ଘରୋଇ ସ୍କୁଲ ଗାଡି ଡ୍ରାଇଭର ରବୀନ୍ଦ୍ର ସାହୁ (୫୨)ଙ୍କୁ ଜଣେ କାର ଡ୍ରାଇଭର ଆକ୍ରମଣ କରି ରକ୍ତାକ୍ତ କରିଥିବା ଆଦର୍ଶ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ବୁଧବାର ସ୍କୁଲ ଗାଡି ଡ୍ରାଇଭର ରବୀନ୍ଦ୍ର ସ୍କୁଲ ଛୁଟି ପରେ ଛାତ୍ରୀଛାତ୍ରଙ୍କୁ ଛାଡିବା ପରେ ସ୍କୁଲକୁ ଫେରୁଥିଲେ। ଏହି ସମୟରେ ଏକ କାର (ୟୁପି୧୬ସିଏଲ୩୧୫୭) ବସ୍‌କୁ ଓଭରଟେକ କରି ସାମ୍ନାକୁ ଚାଲିଆସିଥିଲା। ଏହାପରେ କାରରୁ ଜଣେ ଯୁବକ ବାହାରି ବସ୍ ଡ୍ରାଇଭର ରବୀନ୍ଦ୍ରଙ୍କ ଶାର୍ଟ କଲର ଟାଣି ମାଡ ମାରିଥିଲେ। ଆକ୍ରମଣରେ ତାଙ୍କ ମୁହଁ ଫାଟି ଯାଇଥିଲା। ଏହି ଘଟଣାକୁ ନେଇ ରବୀନ୍ଦ୍ର ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। କୌଣସି ଦୋଷ ତ୍ରୁଟି ନଥିଲେ ମଧ୍ୟ ଯୁବକ ଜଣକ ତାଙ୍କୁ ମାଡ ମାରିଥିବା ଅଭିଯୋଗ କରିଛନ୍ତି।

# ଶିଶୁ ପ୍ରତିଭା ପ୍ରସ୍ଫୁଟିତ କରିବା ମାଧ୍ୟମ ସୁରଭି

ଦେଓଗାଁ,୨୬।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ସୁନାଙ୍କ ସଭାପତିତ୍ୱ ଏବଂ ସିଆରସିସି ସଞ୍ଜୀବ କୁମାର ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ମହୋତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ଭୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ମିଶ୍ର, ଲୋଚନ ଛତ୍ରିଆ, ଶିକ୍ଷକ ତଥା ଚଳଚ୍ଚିତ୍ର ଅଭିନେତା ରତନ କୁମାର ମେହେର, ଜରାସିଂହା ହାଇସ୍କୁଲ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଘଡେଇ ଯୋଗଦେଇ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବାର ମାଧ୍ୟମ ସୁରଭି ବୋଲି ମତ ରଖିଥିଲେ । ଏହିଦିନ ବ୍ଲକର ୧୫ଟି କ୍ଲଷ୍ଟରରୁ ୩୬୦ ଛାତ୍ରୀଛାତ୍ର ଯୋଗଦେଇ ଗୀତ, ବକ୍ତୃତା, ପ୍ରବନ୍ଧ, ଶୃଜନାତ୍ମକ ଲିଖନ, ଚିତ୍ରାଙ୍କନ, ହସ୍ତଶିଳ୍ପ, ଶ୍ରୁତଲିଖନ, ଦଳଗତ ନୃତ୍ୟ, ଏକକ ନୃତ୍ୟ ଆଦି ପ୍ରତିଯୋଗିତାର ବରିଷ୍ଠ ଓ କନିଷ୍ଠ ବିଭାଗରେ ଭାଗ ନେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫିଦେଇ ପୁରସ୍କୃତ କରାଯାଇଥିଲା। ବିଚାରକଭାବେ ହୃଷିକେଶ ପୁରୋହିତ, ନବ କିଶୋର ସା ଓ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀମାନେ ଜିଲାସ୍ତରୀୟ ସୁରଭିରେ ଭାଗନେବେ।



ଜଣେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

# ସରପଞ୍ଚଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ ଶିବିର

ଭବାନୀପାଟଣା,୨୬।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଜିଲା ପ୍ରଶିକ୍ଷଣ କେନ୍ଦ୍ରଠାରେ ଜିଲାର ସରପଞ୍ଚମାନଙ୍କ ସପ୍ତମ ତଥା ଶେଷ ପର୍ଯ୍ୟାୟ ପ୍ରାରମ୍ଭିକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ନିଷ୍ଠାର ସହ ସେବା ମନବୃତ୍ତି ରଖି ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମ ଶତପ୍ରତିଶତ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ଉପସ୍ଥିତ ସରପଞ୍ଚମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷଣ କେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ ଡ଼ ସଞ୍ଜିତ ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଏପିଡି ବିମ୍ବାଧରବ ସାହୁ ପ୍ରଶିକ୍ଷଣ ଶିବିର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଏହି ଶିବିର ସାତଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶିବିର ଚାଲିବ ବୋଲି ଜଣାପଡିଛି। ସରପଞ୍ଚମାନଙ୍କ ତାଲିମ ପରେ ଜିଲାର ସମସ୍ତ ସମିତି ସଭ୍ୟମାନଙ୍କୁ ମଧ୍ୟ ତାଲିମ ପ୍ରଦାନ ବ୍ୟବସ୍ଥା ରହିଛି ବୋଲି ସମ୍ପ୍ରସାରଣ ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି। ଏଥିରେ ତାଲିମ ଦାତା ଭାବେ ଦେବାଶିଷ ମହାପାତ୍ର ଓ ଗୀତାଞ୍ଜଳି ପଟ୍ଟନାୟକ ଦାୟିତ୍ୱ ତୁଲାଉଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




କୋକସରା,୨୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକରେ ବୁଧବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ମାଝିଗୁଡା ଗ୍ରାମରୁ ଧର୍ମଗଡ ବିଧାୟକ ମୋଷଧି ବାଗ ପଦଯାତ୍ରା ଉଦ୍‌ଘାଟନ କରିଥିଲେ। ବିଜେଡିର ଶତାଧିକ କର୍ମକର୍ତ୍ତା ମାଝିଗୁଡାରୁ ଶୋଭାଯାତ୍ରାରେ ବାହାରି ନବୀନ ସରକାରଙ୍କ ଜନହିତକର ଯୋଜନା ଉପରେ ଲୋକଙ୍କୁ ଅବଗତ କରିଥିଲେ। ବ୍ଲକ ସଦର ମହକୁମାରେ ଥିବା ଧାନ ମଣ୍ଡିରେ ଅନୁଷ୍ଠିତ ବୈଠକରେ ବ୍ଲକ ବିଜେଡି ସଭାପତି ସୁଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ବିଜେଡି ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, କୋକସରା ଜୋନ ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ମୋଟେର ଜୋନ ଜିଲା ପରିଷଦ ସଭ୍ୟା ବୈଜୟନ୍ତି ପୂଝାରୀ, ବ୍ଲକ ନାରିନେତ୍ରୀ ଅଶୋକା ନାଏକ, ବିଧାୟକ ପ୍ରତିନିଧି ଯୁବନେତା ମାନସ ରଞ୍ଜନ ବାଗ, ବିଜେଡି ବ୍ଲକ ସମ୍ପାଦକ ପଙ୍କଜ ପୋଡ଼, ଅନୁସୂଚିତ ଜାତି ସେଲ ସଭାପତି ରମେଶ ଦୁର୍ଗା, ଆମ୍ବ ଅଧ୍ୟକ୍ଷ ରତୁରାଜ ମାଝି, ଛାତ୍ର ଜନତା ଦଳ ସଭାପତି ମାନସ ବେହେରାଙ୍କ ସମେତ ଶତାଧିକ ପୁରୁଷ ମହିଳା, ଯୁବ ଛାତ୍ର ଜନତା ଦଳର ଶତାଧିକ ଯୁବକ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ବିଶିଷ୍ଟ ସାମାଜିକ କର୍ମୀଙ୍କ ପରଲୋକ

ଜୁନାଗଡ,୨୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରର ବିଶିଷ୍ଟ ସାମାଜିକ କର୍ମୀ ଓମ୍ ପ୍ରକାଶ ଖେମକାଙ୍କ ବୁଧବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ଗତ କିଛିଦିନ ହେବ ସେ ରୋଗାଗ୍ରସ୍ତ ହୋଇ ଶର୍ଯ୍ୟାଶାୟୀ ଥିଲେ। ତାଙ୍କ ପରଲୋକ ଖବର ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ସମୟରେ ତିନି ପୁଅ ବିନୋଦ, ପ୍ରମୋଦ ଓ ଦିଲୀପ ଉପସ୍ଥିତ ଥିଲେ। ଗୁରୁବାର ତାଙ୍କର ଅନ୍ତିମ ସଂସ୍କାର ହାତୀନଦୀ କୂଳରେ ଥିବା ମୁକ୍ତି ଧାମରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ତାଙ୍କ ପରଲୋକ ଖବର ଶୁଣି ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ ଶୋକ ପ୍ରକାଶ କରିଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2022-T-148

**କାର୍ଯ୍ୟର ନାମ :** (କ) ସମ୍ବଲପୁର ମଣ୍ଡଳର ସମ୍ବଲପୁର ଏବଂ ଟିଟିଲାଗଡ଼ ଷ୍ଟେସନଠାରେ ପ୍ରତ୍ୟେକରେ 02 ଲିଫ୍ଟର ବ୍ୟବସ୍ଥା। (ଖ) କୋଚିଙ୍ଗ୍ ଡିପୋ, ସମ୍ବଲପୁରଠାରେ IOHର ସଂପ୍ରସାରଣ ଏବଂ ବାୟୋ ଟ୍ୟାଙ୍କର ରକ୍ଷଣାବେକ୍ଷଣ ତଥା ପରୀକ୍ଷଣ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 7,11,215.00, EMD : ₹ 14,200/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 6 ମାସ।

**ଟେଣ୍ଡର ଖୋଲା ହେବା ତାରିଖ ଓ ସମୟ:** ତା.14.11.2022ରିଖ 1630 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-641/N/22-23

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2022-T-146

**କାର୍ଯ୍ୟର ନାମ :** ଟିଟଲାଗଡ଼-ଲାଞ୍ଜିଗଡ଼ ସେକ୍ସନରେ ଆରଙ୍ଗ ମହାନଦୀ ଷ୍ଟେସନଠାରେ ଅତିରିକ୍ତ ଲୁପ୍ ଲାଇନର ବ୍ୟବସ୍ଥା ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 31,88,802.58, EMD : ₹ 63,800/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ଖୋଲା ହେବା ତାରିଖ ଓ ସମୟ:** ତା.10.11.2022ରିଖ 1600 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-633/N/22-23

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2022-T-147

**କାର୍ଯ୍ୟର ନାମ :** କଣ୍ଟାବାଞ୍ଜି ଠାରେ 140T BD କ୍ରେନ୍ (Crane)ର ରକ୍ଷଣାବେକ୍ଷଣ ନିମନ୍ତେ କ୍ରେନ୍ ସେଡ୍ (Crane shed)ର ବ୍ୟବସ୍ଥା ପାଇଁ ବୈଦ୍ୟୁତିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 13,89,533.20, EMD : ₹ 27,800/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ଖୋଲା ହେବା ତାରିଖ ଓ ସମୟ:** ତା.18.11.2022ରିଖ 1630 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-636/N/22-23


# ଘରେ ପଶି ଶ୍ୱଶୁର, ଝିଅ, ଜ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ

ବଲାଙ୍ଗୀର ଅଫିସ, ୨୬।୧୦

ବଲାଙ୍ଗୀର ସହରରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଦିନଦ୍ୱିପହରେ ରିଜର୍ଭ ପୋଲିସ ବାରାକ୍ ପଛପଟେ ଅପରାଧ ଘଟାଇ ଅପରାଧିମାନେ ଫେରାର ହୋଇଯାଉଛନ୍ତି। ବୁଧବାର ଅପରାହ୍ଣରେ ୫/୬ ଜଣ ଯୁବକ ମାରଣାସ୍ତ୍ର ଧରି ରାଜୀବନଗରର ସର୍ବେଶ୍ୱର ସାହୁଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ସର୍ବେଶ୍ୱର, ତାଙ୍କ ଜ୍ୱାଇଁ ସୁମନ ପାଣିଗ୍ରାହୀ, ଝିଅ ପିଙ୍କି ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଶ୍ୱଶୁର, ଜ୍ୱାଇଁ ଓ ଝିଅ ।

ମିଳିଥିବା ସୂଚନା ମୁତାବକ ଆରଟିଓ ଅଫିସରେ ଗାଡି କାଗଜପତ୍ର କାମ ସଂକ୍ରାନ୍ତରେ ସିନ୍ଦୁରବାହାଲ ନିବାସୀ ସୁମନ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ପିଙ୍କୁ ଦୁଇ ଛୋଟପୁଅକୁ ଧରି ବଲାଙ୍ଗୀର ଆସିଥିଲେ। ଆରଟିଓ ଅଫିସ ଯିବା ପୂର୍ବରୁ ସେମାନେ ଦୁଇ ପିଲାଙ୍କୁ ରାଜୀବନଗରସ୍ଥିତ ତାଙ୍କ ଶ୍ୱଶୁର ଘରେ ଛାଡି ଦେବା ପାଇଁ ରାଜୀବନଗର ଯାଇଥିଲେ। ଝିଅଜ୍ୱାଇଁ ଘରେ ପହଞ୍ଚି କଥା ହେଉଥିବାବେଳେ ହଠାତ୍ ୫/୬ ଜଣ ଯୁବକ ଘର ଭିତରକୁ ଅତର୍କିତ ଭାବେ ପଶି ଟାଙ୍ଗିଆ ଓ ଖଣ୍ଡାରେ ଆକ୍ରମଣ ଆରମ୍ଭ କରିଥିଲେ। ମାରଣାସ୍ତ୍ର ଚୋଟରେ ଶ୍ୱଶୁର ସର୍ବେଶ୍ୱର, ଜ୍ୱାଇଁ ସୁମନ ଓ ଝିଅ ପିଙ୍କି ଗୁରୁତର ଆହତ ହୋଇଥିଲେ। ଆକ୍ରମଣ ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଟାଉନ୍ ଥାନା ପୋଲିସ ଖବର ପାଇ ତଦନ୍ତ ଆରମ୍ଭ କରିଛି। ସୁମନ କହିଛନ୍ତି ଯେ, ଆକ୍ରମଣକାରୀମାନେ ପୂର୍ବ ଶତ୍ରୁତାକୁ ନେଇ କେତେକ ଯୁବକ ତାଙ୍କୁ ଆକ୍ରମଣ କରିଛନ୍ତି। ତାଙ୍କ କାରର କାଚ ଭାଙ୍ଗି ୧ ଲକ୍ଷ ୪୧ହଜାର ଟଙ୍କା, ତାଙ୍କ ସ୍ତ୍ରୀ ପିଙ୍କିଙ୍କ ମଙ୍ଗଳସୂତ୍ର ଲୁଟି ନେଇ ଫେରାର ହୋଇଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି ବୋଲି ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

# ୨ ବାଇକ୍ ମୁହାଁମୁହିଁ ଧକ୍କା: ବାପା ମୃତ, ପୁଅ ଗୁରୁତର

**ଭବାନୀପାଟଣା,୨୬।୧୦(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ମୋଟେର ଜୟପାଟଣା ମୁଖ୍ୟ ରାସ୍ତା ଦୁଲକିବନ୍ଧ ଦୁର୍ଗା ମନ୍ଦିର ନିକଟରେ ବୁଧବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଗୋଟିଏ ବାଇକ୍‌ର ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ୪ବର୍ଷର ପୁଅ ଗୁରୁତର ହୋଇଛନ୍ତି। ସେହିପରି ଅନ୍ୟ ବାଇକ୍‌ର ଆରୋହୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଦୁଲକିବନ୍ଧର ତିଲ ରାଉତ। ତାଙ୍କ ପୁଅ ସିଦ୍ଧୁ ଓ ଅନ୍ୟ ବାଇକ୍‌ର ମୋହନ ଶବରଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଦୁଲକିବନ୍ଧର ତିଲ ୪ ବର୍ଷର ପୁଅ ସିଦ୍ଧୁଙ୍କ ଚିକିତ୍ସା କରି ଜୟପାଟଣାରୁ ଘରକୁ ଫେରୁଥିଲେ। ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା କ୍ଷେତ୍ର ମୋହନଙ୍କ ସହ ଦୁଲକିବନ୍ଧ ଦୁର୍ଗା ମନ୍ଦିର ନିକଟରେ ତାଙ୍କର ମୁହାଁମୁହିଁ ଧକ୍କା ହେଉଥିଲା। ଫଳରେ ୨ ବାଇକ୍‌ରେ ଥିବା ୩ଜଣ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତିଲଙ୍କ ମୃତ୍ୟୁ ଘଟିଥିବା ବେଳେ ସିଦ୍ଧୁ ଓ ପିଙ୍କୁ ଗୁରୁତର ହୋଇଥିଲେ।

# ଥଇଥାନ ଦାବିରେ ପୌର କାର୍ଯ୍ୟାଳୟରେ ଦେଲେ ଦାବିପତ୍ର

ବଲାଙ୍ଗୀର ଅଫିସ, ୨୬।୧୦

## ଜବରଦଖଲ ଉଚ୍ଛେଦକୁ ନେଇ ପ୍ରଶ୍ନ ଉଠାଇଲେ

ବଲାଙ୍ଗୀର ସହର ୧୯ ନମ୍ବର ୱାର୍ଡ ଅନ୍ତର୍ଗତ ଫଲସାଭଦ୍ରୀ ଅଞ୍ଚଳରେ ଗତବର୍ଷ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏଥିରେ ୨୦ଟି ପରିବାର ବାସସ୍ଥାନ ହରାଇଥିଲେ। ସେମାନଙ୍କୁ ଥଇଥାନ କରିବା ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପ୍ରାୟ ୧ ବର୍ଷ ହେବ କୌଣସି ବିହିତ ବ୍ୟବସ୍ଥା ଗ୍ରହଣ କଲେନାହିଁ। ବୁଧବାର ପ୍ରଭାବିତ ପରିବାର ପୌର କାର୍ଯ୍ୟାଳୟ ଆସି ପୌରାଧକ୍ଷା ଓ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଗତବର୍ଷ ନଭେମ୍ବର ମାସରେ ଫଲସାଭଦ୍ରୀ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ୮୫ ପରିବାରକୁ ଚିହ୍ନଟ କରାଯାଇଥିଲା। ତେବେ ସମସ୍ତ ପରିବାରକୁ ଉଚ୍ଛେଦ ନକରି ସେଥିରୁ ମାତ୍ର ୨୦ ଗରିବ ପରିବାରକୁ ଉଚ୍ଛେଦ କରାଯାଇଥିଲା। ସେମାନଙ୍କ ଘରଦ୍ୱାର ଭାଙ୍ଗି ଦିଆଯାଇଥିଲା। ସେତିକି ବେଳେ ଏହି ପରିବାର ସଦସ୍ୟଙ୍କୁ ପ୍ରଶାସନ ପକ୍ଷରୁ ଉଚିତ୍ ଥଇଥାନ କରାଯିବ ବୋଲି କୁହାଯାଇଥିଲା। ହେଲେ କିଛି କରା ନ ଯିବାରୁ ଗତ ୧ ବର୍ଷ ଭିତରେ ଏହି ପରିବାର ସଦସ୍ୟମାନେ ଭଡାଘର ନେଇ ଅତିକଷ୍ଟରେ ରହୁଛନ୍ତି। ତୁରନ୍ତ ସେମାନଙ୍କୁ ପ୍ରତିଶ୍ରୁତି ମୁତାବକ ଥଇଥାନ ନକଲେ ଆଗାମୀ ଦିନରେ ସେମାନେ ବାଧହୋଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ପୌର କାର୍ଯ୍ୟାଳୟ ଆସି ଦାବିପତ୍ର ଦେଇଥିବା ଜବରଦଖଲ ଉଚ୍ଛେଦ ପ୍ରଭାବିତ ପରିବାର ସଦସ୍ୟ।


## ROURKELA DEVELOPMENT AUTHORITY

UDITNAGAR, ROURKELA - 769012

No. 1707/RDA Dated: 26.10.2022

**PROCLAMATION**

It is hereby informed to the General Public that **Smt. Sabita Dash, W/o. Late Rabindra Kumar Dash**, has applied for mutation of **House No. C2L2-16 under CHP-II, Chhend, Rourkela - 15** in her favour consequent upon death of his/her Mother in law **Late Rukmani Dash**. If anybody has got objection to the proposed mutation, He/ She may file objection petition before the undersigned within 30 (Thrity) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./- Secretary
Rourkela Development Authority

## IN THE DEBTS RECOVERY TRIBUNAL: CUTTACK

C-71, Sector-7, CDA, CUTTACK-753014

O.A. No. 440/22

Odisha Gramya Bank .... Applicant

Vs.

M/s. Maa Mangala KB Bricks & Ors. ... Defendants

DEF. 8. **Tilotama Nayak,** aged about 55 yrs., W/o- Bijay Kumar Nayak, Qr. No. 19/2, Baya Baba Matha Road, Bhoi Nagar, Bhubaneswar-751022. ...Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 440/22** in the Debts Recovery Tribunal, Cuttack for recovery of **Rs.27,46,996.94** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **28.11.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **20th day of Month October of 2022.**

By orders of this Tribunal
Sd/- Registrar
Debts Recovery Tribunal

## BHUBANESWAR DEVELOPMENT AUTHORITY

Akash Shova Building, Pandit Jawaharlal Nehru Marg, Bhubaneswar - 751001, Odisha

Notice No. 36330/BDA OE-III-118/2022 Date: 26.10.2022

**REQUEST FOR PROPOSAL FOR SELECTION OF AN EVENT MANAGEMENT AGENCY (EMA) FOR CONCEPTUALISING, CURATING & EXECUTING THE BHUBANESWAR CITY FESTIVAL**

No. CAD-2275: Bhubaneswar Development Authority (BDA) invites Proposal for selection of an Event Management Agency (EMA) for Conceptualizing, Curating & Executing the Bhubaneswar City Festival. The RFP Documents will be available from **26.10.2022 to 17.11.2022** in BDA website i.e. **bda.gov.in**. Any further intimation (i.e. Corrigendum/ Addendum/Responses to the queries/clarifications) shall be uploaded in BDA website only.

The Pre-bid meeting is scheduled on **04.11.2022 at 04.00 P.M.** in the Conference Hall of BDA Office. The last date for receipt of proposals is **17.11.2022 by 03.00 P.M.** and the same would be opened on **17.11.2022 at 04.00 P.M.** Please refer the RFP documents for further details.

BDA reserves the right to accept or reject bid process without assigning any reason thereof.

Sd./- Secretary
BDA, Bhubaneswar

OIPR-13033/11/0304/2223

## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
Regd. Office: Janpath, Bhubaneswar-751022
OPTCL Lifeline of Odisha
No. CAD-2286 CIN:U40102OR2004SGC007553

**TENDER ALERT**

**1)Tender Call Notice No.-EHTC-BLS/01/2022-23:** Engagement of one no 07 seater AC Bolero for EHT (Const) Division Balasore & two nos 07/09 seater AC Bolero for EHT (Const) Sub-division, Balasore & Bhadrak on monthly basis under EHT Construction Division, Balasore.

**2)Tender Call Notice No.31/2022-23:** Construction of open store yard inside the switch yard premises at 220/33 kV Grid Sub-station Barakote under EHT(O&M) Division Rourkera under EHT (O&M) Circle Burla.

**3)Tender Call Notice No.08/KHU/2022-23:** Supply and erection of 06 nos. of Steel framed ACP sign boards each of size 6Ft. X 4ft. at six different Grid Sub-stations under EHT (O&M) Division Khurda.

**4) Tender Call Notice No.02/2022-23:** Procurement and supply of 120 watt LED outdoor based flood light for Grid S/S Kalunga , Grid S/S Sundargarh and Grid S/S Rajgangpur under EHT (O&M) Division, Rajgangpur.

**5) E-Tender Call Notice No.33/2022-23:** Procurement of different type of Clamps& Connecters for different Grid Sub-Stations under EHT (O&M) Circle, Burla.

**6)E-Tender Call Notice No.05/BBSR-DIV/2022-23:** Procurement of 132 kV & 33kV CT/PT and 132 kV CVT console boxes for 132/33 kV Grid Sub-Station Ransinghpur under EHT (O&M) Circle Bhubneswar.

**7)Tender Call Notice No.RKL.14/2022-23:** Construction of RCC Slab for 220kV and 33kV Cable Trench and earth Pit in S/Y of 220/33kV GSS, Bonai & 132/33kV GSS, Chhend under EHT O&M Division, Rourkela.

**8)Tender Call Notice no.RKL.15/2022-23:** Painting of 02 nos of Power Transformer and its accessories at 220/33kV GSS, Barkote and GSS, Bonai under EHT O&M Division, Rourkela.

**9) Tender Call Notice No.12/BBS/2022-23:** Supply of 06 nos of AC Bay Marshalling Kiosk with single source for 132/33 kV Grid S/s, Ranasinghpur Under EHT O&M Circle, Bhubaneswar.

**10)Tender Call Notice No.13/BBS/2022-23:** Provision of new line earthing of 117 nos of EHT towers of different EHT lines under EHT O&M S/S Mendhasal under EHT O&M Circle, Bhubaneswar.

For more details please visit OPTCL's website: **www.optcl.co.in.**

OIPR-04011/11/0120/2223 FIPR-48/2022-23

## OFFICE OF DISTRICT MANAGER ODISHA STATE CIVIL SUPPLIES CORPORATION LTD., BALANGIR

No. CAD-2271: email ID: csobalangir@gmail.com

| Sl. No. | Name of Works | Tender No. 6192 to 6205 dated 21.10.2022 for appointment of transport contractor for transportation of Paddy from Mandi (PPC) to Mill for KMS 2022-23 for Block AS UNIT i.e. Agalpur, Bolangir, Loisingha, Deogaon, Gudvella, Punitala, Khaprakhol, Patnagarh, Belpada, Bangomunda, Tureikela, Muribahal, Saintala & Titilagarh Block respectively for Bolangir District. |
|---|---|---|
| 1 | Availability of bid document in the portal | From Dt.23.10.2022 from 11.00 A.M., Website: www.oscsc.in & www.tendersodisha.gov.in. |
| 2 | Last date/time for submission of complete tender documents with enclosures | Dt.08.11.2022 upto 05.00 P.M. |
| 3 | Date/time of opening of Technical Bid | Dt.09.11.2022 at 04.00 P.M. |
| 4 | Date/time of Opening of Price Bid | To be announced after evaluation of Technical Bid |
| 5 | Name and addess of the Officer Inviting Tender | District Manager, O.S.C.S.C. Ltd., Balangir |

Tender documents & other details can be seen from **www.oscsc.in & www.tendersodisha.gov.in.** Amendments/corrigendum/cancellation/ re-tender etc. if any shall be published only in above websites.

Sd./- District Manager
O.S.C.S.C. Ltd., Balangir

OIPR-07031/11/0004/2223

**ଗିରିଗୋବର୍ଦ୍ଧନ ପୂଜା**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକର ବିଭିନ୍ନ ସ୍ଥାନରେ ଗିରିଗୋବର୍ଦ୍ଧନ ପୂଜା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଲୋଇସିଂହା ବ୍ଲକର ତଲିଉଡାର ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରପାଲି, ସରଗାଡ ପଞ୍ଚାୟତ ଅଧୀନ ଠାକୁରପାଲି,ଝାରମୁଣ୍ଡା ପଞ୍ଚାୟତ ସଦର ଗାଁ ଡାଲଖାଇ ପାହାଡରେ ପାଳିତ ହେଉଛି । ସେହିପରି ବାଦିବାହାଲ ପଞ୍ଚାୟତ ଓ ଯୋଗୀସର୍ଡ ପଞ୍ଚାୟତ ସୀମାନ୍ତ ଖେକେଲି ଡୁଙ୍ଗରିରେ ଗିରିଗୋବର୍ଦ୍ଧନ ପୂଜା ପାଳିତ ହେଉଛି । ବିଭିନ୍ନ ପୂଜାସ୍ଥଳକୁ ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା ଗସ୍ତ କରି ପୂଜାର୍ଚ୍ଚନା କରିଥିଲେ ।

## ସଂକ୍ଷେପରେ

### ବାର୍‌ହା ଶିକାର ଅଭିଯୋଗରେ ୨ ଗିରଫ

**ବାଇକ୍ ସହ ବାର୍‌ହା ମାଂସ ଜବତ**



**ଖପ୍ରାଖୋଲ,୨୬।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ବନ ବିଭାଗ ବାର୍‌ହା ଶିକାର ଅଭିଯୋଗରେ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରେଙ୍ଗାଲି ପଞ୍ଚାୟତ ଖୁରୀପାଣୀ ଗାଁର ଅଶୋକ ମାଝି(୨୧)ଓ ଭୁବ ମାଝି (୨୮)। ସୂଚନା ଅନୁସାରେ ବନବିଭାଗ ତରଫରୁ ପାଟ୍ରୋଲିଂ ଚାଲିଥିବା ବେଳେ ଗନ୍ଧମାର୍ଦନ ପାହାଡ଼ ତଳି ସାପମୁଣ୍ଡ ମହୁଲପାଲି ଗାଁ ମଝିରେ ଦୁଇଜଣ ଯୁବକ ଏକ ବାଇକରେ କିଛି ସାମଗ୍ରୀ ନେଉଥିବା ଦେଖି ଅଟକାଇ ଥିଲେ। ତନଖି ପରେ ଗାଡିରେ ଘୋଡା ହୋଇ ରହିଥିବା ୨୦ କେଜି ବାର୍‌ହା ମାଂସ, ଦୁଇଟି ବାର୍‌ହା ଚମଡା ଜବତ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ହରିଶଙ୍କର ରେଞ୍ଜରେ ଏକ ମାମଲା (୨୦୩/୨୨)ରୁଜୁ ହୋଇଥିବା ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗ କହିଛନ୍ତି।

### ବାର୍‌ହା ଉପଦ୍ରବ, ଫସଲ ନଷ୍ଟ



**ଖପ୍ରାଖୋଲ,୨୬।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ବାର୍‌ହା ଉପଦ୍ରବ ଦେଖାଦେଇଛି। ରାତିରେ ବାର୍‌ହା ପଲ ଚାଷ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ବ୍ଲକର ଘୁନସର, ଖପ୍ରାଖୋଲ, ବାଞ୍ଜିପାଲି, ଝାଲବାହାଲ, ପୁଟୁକେଲଚୁଆ, ଡେଲେନପାଲି, ଖୁରୀପାଣି, ତୁର୍ଲା ପ୍ରଭୃତି ଜଙ୍ଗଲତଳି ଗାଁ ସମୀପ ଧାନ, କପା ଜମି ବାର୍‌ହା ଉପଦ୍ରବ ଯୋଗୁ କ୍ଷତି ଘଟିଛି। ଚାଷୀମାନେ ଧାରକରଜ କରି ଉଠିଆ କରିଥିବା ଫସଲ ଅମଳ ପୂର୍ବରୁ ନଷ୍ଟ ହେବାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଗୋଟିଏ ପଟେ ହାତୀ, ଅନ୍ୟପଟେ ବାର୍‌ହା ଉପଦ୍ରବ ଏବେ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏ ନେଇ ହରିଶଙ୍କର ରେଞ୍ଜର ଗିରଧାରୀ ନାଗଙ୍କୁ ପଚାରିବାରୁ ଯେଉଁ ଚାଷୀଙ୍କର ଫସଲ ବାର୍‌ହା ଉପଦ୍ରବ ଯୋଗୁଁ ନଷ୍ଟ ହୋଇଛି ସେମାନେ ଚାଷ ଜମିର ଆରଓଆର, ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ ସହ ନିର୍ଦ୍ଧାରିତ ଅନୁକମ୍ପା ଆପ୍ସରେ ଆବେଦନ କରିପାରିବେ। ନଚେତ୍ ବନବିଭାଗ କାର୍ଯ୍ୟାଳୟକୁ ଆସି ଅନଲାଇନ ପଞ୍ଜୀକରଣ କରିପାରିବେ ବୋଲି ସେ କହିଛନ୍ତି ।

# ନୂଆ ସମଲେଶ୍ୱରୀ ମନ୍ଦିର ପାଇଁ ୫୦୦ କୋଟି ଦିଅ

■କ୍ରୀଡ଼ା ଭିତ୍ତିଭୂମି ପାଇଁ ମୁଖ୍ୟମନ୍ତ୍ରୀ, କ୍ରୀଡାମନ୍ତ୍ରୀଙ୍କୁ ଚିଠି ଲେଖିଲେ ନରସିଂହ

■ଖାଲିଥିବା ଜାଗାରେ ଖେଳାଳିଙ୍କ ପାଇଁ ଡର୍ମିଟରି, ସୁଇମିଂ ପୁଲ ନିର୍ମାଣ ଦାବି

**ବଲାଙ୍ଗୀର ଅଫିସ,୨୬।୧୦**

ପ୍ରାୟ ବର୍ଷେ ପୂର୍ବରୁ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ଛାତ ଭୁଶୁଡି ପଡିଥିଲା। ପରେ ଏହାକୁ ମରାମତି କରାଗଲା। ରାଜ୍ୟର ଅନ୍ୟ ଅଞ୍ଚଳର ମଠ, ମନ୍ଦିର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ସରକାର ଦେଉଥିବା ପର୍ଯ୍ୟାପ୍ତ ପରିମାଣ ଅନୁଦାନ ଭଳି ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରକୁ ମଧ୍ୟ ସରକାର ଅନୁଦାନ ଦିଅନ୍ତୁ। ଏଠାରେ ଏକ ନୂତନ ସମଲେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ସରକାର ୫୦୦ କୋଟି ଟଙ୍କା ଅନୁଦାନ ଯୋଗାଇ ଦେବାକୁ ବିଧାୟକ ନରସିଂହ ମିଶ୍ର ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଛନ୍ତି। ପୁରୀ, କୋଣାର୍କ, ଲିଙ୍ଗରାଜ, କଣ୍ଟିଲୋ ନୀଳମାଧବ, ସମ୍ବଲପୁରର ସମଲେଶ୍ୱରୀ ମନ୍ଦିରକୁ ଯେପରି ଢଙ୍ଗରେ ସରକାର ଅନୁଦାନ ଦେଇ ଏହାର ସୌନ୍ଦର୍ଯ୍ୟକରଣ କରୁଛନ୍ତି ସେଭଳି ଢଙ୍ଗରେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରକୁ ମଧ୍ୟ ଅନୁଦାନ ଦିଅନ୍ତୁ ବୋଲି ସେ କହିଛନ୍ତି।

ଏହା ସହିତ ସେ କ୍ରୀଡାର ବିକାଶ ପାଇଁ ମଧ୍ୟ କ୍ରୀଡାମନ୍ତ୍ରୀ ତୁଷାକାନ୍ତି ବେହେରାଙ୍କୁ ମଧ୍ୟ ଚିଠି ମାଧ୍ୟମରେ ଜଣାଇଛନ୍ତି । ରାଜ୍ୟ ସରକାର ରାଜ୍ୟର ସବୁ ଅଞ୍ଚଳରେ ଗୋଟିଏ ଗୋଟିଏ ଇନ୍‌ଡୋର ଷ୍ଟାଡିୟମର ନିର୍ମାଣ କରିଛନ୍ତି କିନ୍ତୁ ବଲାଙ୍ଗୀର ଏଥିରୁ ବାଦ୍ ପଡିଛି । ଆଗରୁ ମଧ୍ୟ ସରକାରଙ୍କ ପାଣ୍ଠିରୁ ଏହାର ନିର୍ମାଣ ପାଇଁ ଦାବି କରାଯାଇଥିଲା । କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ଓ ଗ୍ୟାସ ବିଭାଗରୁ ବଲାଙ୍ଗୀରରେ ଏକ ଇନ୍‌ଡୋର ବ୍ୟାଡମିଣ୍ଟନ ଷ୍ଟାଡିୟମ ନିର୍ମାଣ ହୋଇଛି। ଯଦିଓ ଏହା ହସ୍ତାନ୍ତର ହୋଇସାରିଛି ଏହା କିନ୍ତୁ ସମ୍ପୂର୍ଣ୍ଣ ହୋଇନାହିଁ । ପୁଣି ନୂତନ ଭାବେ ନିର୍ମିତ ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମର ଅନେକ କାମ ବାକି ଅଛି । ତେଣୁ ଏହା ପାଇଁ ୩ କୋଟି ଟଙ୍କା ଅନୁଦାନ କ୍ରୀଡା ବିଭାଗରୁ ପ୍ରଦାନ କରାଯିବାକୁ ସେ ଦାବି କରିଛନ୍ତି। ଲୋକଙ୍କ ଦାବି ମୁତାବକ ଏହି ଖେଳ ପଡିଆରେ ଥିବା ଜମିରେ ଏକ ଚିଲଡ୍ରେନ ପାର୍କ, ପ୍ରତିଯୋଗିତା ପାଇଁ ଉପଲବ୍ଧ ସୁଇମିଂ ପୁଲ୍ ନିର୍ମାଣ କରାଯାଉ। ଏହି ଷ୍ଟାଡିୟମରେ ଏବେ ଖେଳାଳୀ, କୋଚ, ରେଫରୀମାନଙ୍କ ପାଇଁ ଡର୍ମିଟେରି ଏବଂ ଲିଭିଂ ରୁମର ଆବଶ୍ୟକତା ରହିଛି। ତେଣୁ ଆବଶ୍ୟକ ଅନୁଦାନ କ୍ରୀଡା ବିଭାଗରୁ ପ୍ରଦାନ କରାଯାଉ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଟାଉନ ହାଇସ୍କୁଲ ଖେଳ ପଡିଆକୁ ହକି ଷ୍ଟାଡିୟମରେ ରୂପାନ୍ତରିତ କରିବା, ଦେଓଗାଁରେ ମିନି ଷ୍ଟାଡିୟମ ନିର୍ମାଣ ଓ ଜରାସିଂହା ମିନି ଷ୍ଟାଡିୟମର ବିକାଶ ତଥା ଲୋଇସିଂହା ଷ୍ଟାଡିୟମର ପାରିପାର୍ଶ୍ୱିକ ବିକାଶ ପାଇଁ ଅର୍ଥ ପ୍ରଦାନ କରାଯାଉ ବୋଲି ବିଧାୟକ ମିଶ୍ର କ୍ରୀଡାମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ବଲାଙ୍ଗୀର ଜିଲାରେ ଦେବୋତ୍ତର ବିଭାଗର ଅନେକ ମନ୍ଦିର, ମଠ ଓ ସମ୍ପତ୍ତି ରହିଛି।

# ୯୬ କଳାକାର ଅଡିସନ ଦେଲେ



କଳାକାର ଭତ୍ତା ପାଇଁ ଅଡିସନ ପୂର୍ବରୁ ହୋଇଥିବା ସଭାରେ ମଞ୍ଚାସୀନ ଅତିଥି।

**ମୁରିବାହାଲ, ୨୬।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ କଳାକାର ଦକ୍ଷତା ପରୀକ୍ଷା(ଆଡ଼ିସନ) କାର୍ଯ୍ୟକ୍ରମ ବୁଧବାର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୬ଜଣ କଳାକାର ଉପସ୍ଥିତ ରହି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଏଥିପୂର୍ବରୁ ମୁରିବାହାଲ ଆକାଉଣ୍ଟ ଅଫିସର ଘିନୁରାମ ତାଣ୍ଡିଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀତ ଅତିଥିଭାବେ ଏମ୍‌ଙ୍କ ବ୍ଲକ ପ୍ରତିନିଧି ଶ୍ରୀବତ୍ସ ବେହେରା ଉପସ୍ଥିତ ରହି କଳାକାରଙ୍କ ବିକାଶ ଉପରେ ମତ ରଖିଥିଲେ। ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭତ୍ତା ପାଇଁ ପୂର୍ବରୁ ଆବେଦନ କରିଥିବା ୧୦୧ କଳାକାରଙ୍କ ମଧ୍ୟରୁ ୯୬ଜଣ ଅଡ଼ିସନରେ ଭାଗ ନେଇଥିଲେ। ବିଚାରକଭାବେ ବିଶିଷ୍ଟ କଳାକାର ମଧୁସୂଦନ ମହାନନ୍ଦ, ଫକୀର ମୋହନ ପଧାନ, କୈଳାସ ଦଣ୍ଡସେନା କାର୍ଯ୍ୟ ତୁଲାଇ ଥିଲେ। ଆଗମୀ ଦିନରେ ଜିଲାସ୍ତରୀୟ ଅଡିସନରେ ପୁନର୍ବାର ଚୟନ ହେଲେ ସରକାରୀ ଯୋଜନାର ଲାଭ ଉଠାଇ ପାରିବେ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରିଙ୍କୁ ମେହେର କହିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ରାଜକିଶୋର ସିଂ ବାବୁ, ବିଭୂତି ସେଟ, ବ୍ଲକ କଳାକାର ସଂଘ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ, ୨୬।୧୦**

ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ବୁବେଲ ନିଧିସାଗର ଉଚ୍ଚ ବିଦ୍ୟାପୀଠରେ ବୁଧବାର ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପଧାନ ଉଦ୍‌ଘାଟନ କରିଥିଲେ । ଅତିଥିଭାବେ ବୁବେଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଗିରିଜା ବାଙ୍କି, ଜିଲା ପରିଷଦ ସଭ୍ଯ କୁଳମଣି ସେଠ, ସରପଞ୍ଚ ସବିତା ମିଶ୍ର, ସମିତି ସଭ୍ଯ ଜୟ ଭାରତ ଭୁଏ ମଞ୍ଚାସୀନ ଥିଲେ। ଶିଶୁମାନଙ୍କ ବୌଦ୍ଧିକ ଓ ମାନସିକ ଶକ୍ତିର ବିକାଶ ନିମନ୍ତେ ସୁରଭି ପ୍ରକୃଷ୍ଟ ମାଧ୍ୟମ ବୋଲି ମୁଖ୍ୟଅତିଥି ପଧାନ କହିଥିଲେ। ଏହି ଉତ୍ସବ ଅବସରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପ୍ରତିଯୋଗିତାର ବରିଷ୍ଠ ବିଭାଗ କୁଇଜରେ ମୁକେଶ ନାଏକ, ଚିତ୍ରାଙ୍କନରେ ଆକାଶ ରଣା, ବକ୍ତୃତାରେ ସୁନୀତା ସା, ସୃଜନଶୀଳ ଲିଖନରେ ସାଇରାଜ ମହାପାତ୍ର, ବିତର୍କରେ ମନୀଷା ସାହୁ, ପ୍ରବନ୍ଧରେ ମୋନାଲିସା ବର୍ଗତି, ସଙ୍ଗୀତରେ ଝରଣା ବାଗ ଏବଂ ଦଳଗତ ନୃତ୍ୟରେ ରାକ୍ସିମୁଣ୍ଡା ହାଇସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବିଭାଗ କୁଇଜରେ ଶାମୁକା ଅମାତ, ଚିତ୍ରାଙ୍କନରେ ସୋହନ ଶିକା, ବକ୍ତୃତାରେ ସ୍ନେହା ନାଏକ, ସୃଜନଶୀଳ ଲିଖନରେ ଅଞ୍ଜଳି ବାଗ, ଶ୍ରୁତଲିଖନ ଓ ହସ୍ତାକ୍ଷରରେ କିରନ ମିଶ୍ର, ସଙ୍ଗୀତରେ ପିୟୁଷ ରଞ୍ଜନ ଦାନୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦିବ୍ୟାଙ୍ଗ କୃତୀ ଶିଶୁମାନଙ୍କ ମଧ୍ୟରେ ଅନୁଷ୍ଠିତ ସଙ୍ଗୀତ ପ୍ରତିଯୋଗିତାରେ ମନୀଷା ନନ୍ଦ ଓ ଚିତ୍ରାଙ୍କନରେ ରାଜୀବ ନାଗ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉଦଯାପନୀ ଉତ୍ସବରେ ଏବିଇଓ ଗୋପାଳ ବୁଡେକ, ଦୁର୍ବାଦଳ ମିଶ୍ର, ପ୍ରଧାନ ଶିକ୍ଷକ ନୀଳମଣି ପଟେଲ, ବିନୋଦ ପାଣିଗ୍ରାହୀ, ଆଦିତ୍ୟ ବଡପଣ୍ଡା, ସୁଧାଂଶୁ ମିଶ୍ର, ହିସାବ ରକ୍ଷକ ସୁଧାଂଶୁ ପାତ୍ର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶୈଳେନ୍ଦ୍ରୀ ପରିଡା, ଅଳକା ଦାଶ ଓ ନାରାୟଣ ମିଶ୍ର। ଆନନ୍ଦ ବଡପଣ୍ଡା ଧନ୍ୟବାଦ ଦେଇଥିଲେ।

### ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ବିଦ୍ୟୁତ ସଂଯୋଗୀକରଣ ହେବ

**ଲୋଇସିଂହା,୨୬।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଆଗଲପୁର ବ୍ଲକ ଘୁଚେପାଲି ବୁଧବାର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ହୋଇନାହିଁ। ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ଶିଶୁମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କର୍ମୀ ଓ ଅଭିଭାବକ କହିଥିଲେ । ଅଙ୍ଗନୱାଡି କେନ୍ଦ୍ର ଶିଶୁଙ୍କ ଶିକ୍ଷାର ମେରୁଦଣ୍ଡ ବୋଲି ଅଧ୍ୟକ୍ଷା ସାହୁ କହିଛନ୍ତି। ଏଣୁ କେନ୍ଦ୍ର ଗୁଡିକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ପଦକ୍ଷେପ ଗ୍ରହଣ କରାଯିବ। ପ୍ରାଥମିକଭାବେ ଜିଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ନ ଥିବା ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ସଂଯୋଗ ଦିଆଯିବ ବୋଲି ଅଧ୍ୟକ୍ଷା ସାହୁ କହିଥିଲେ।

### ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର

**ଲୋଇସିଂହା,୨୬।୧୦(ଡି.ଏନ.ଏ)**

ଲୋଇସିଂହା ଥାନା ଝାରମୁଣ୍ଡା ଆଦର୍ଶ ବଦ୍ୟାଳୟ ନିକଟରେ ବୁଧବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବାଇକ ଆରୋହୀ ମାହାରପାଲିର ରାଜୁ ମଟାରୀ ଆହତ ହୋଇଥିଲେ। ଲୋକେ ଅଗ୍ନିଶମ ବିଭାଗ ଓ ୧୦୮ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେହେଁ ଦୀର୍ଘ ସମୟ ଯାଏ ନ ପହଞ୍ଚିବାରୁ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । କିଛି ସମୟ ପରେ ଏକାସଙ୍ଗରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ଆମ୍ବୁଲାନ୍ସରେ ଆହତଙ୍କୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି । ସୂଚନା ଆନୁଯାୟୀ, ରାଜୁ ବାଇକ(ଓଡି୦୩ ଏନ ୯୧୦୨)ରେ କରକଟିଆ ଛକରୁ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ।

# ବୃଦ୍ଧାଙ୍କ ଭରସାରେ ନାତୁଣୀନାତି

**ଭଉଣୀଭାଇଙ୍କ ଥାଇଥାନ ଦାବି କଲେ ଗ୍ରାମବାସୀ**

**ଲାଠୋର,୨୬।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅଧୀନ ଝଲିଆଲିଟି ଗ୍ରାମର ବୃଦ୍ଧା କିଆ ଚିରାଙ୍ଗୁଲ। ପୋଷଣାହାରୀ ପୁଅ ଆରପାରିକୁ ଚାଲିଗଲେ। କିଛିଦିନ ପରେ ବୋହୂ ଦୁଇ ପିଲାଙ୍କୁ ଛାଡି କୁଆଡେ ଚାଲିଗଲେ। ଏବେ ପରିଣତ ବୟସରେ ନାତୁଣୀନାତିଙ୍କ ଚିନ୍ତାରେ ଘାରି ହେଉଛନ୍ତି। ବିଧବା ବୃଦ୍ଧା ଦୁଇ ପିଲାଙ୍କୁ ଭରଣ ପୋଷଣ ଠିକ୍‌ଭାବେ କରିପାରୁ ନ ଥିବା ଯୋଗୁଁ ସେମାନେ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ସରକାରଙ୍କ ସାମାଜିକ ମଙ୍ଗଳ ଯୋଜନାରେ ଉଭୟଙ୍କୁ ଥିଥାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଯଶୋଧର ଚିରାଙ୍ଗୁଲ ପେଶାରେ ଡ୍ରାଇଭର ଥିଲେ। ବିଧବା ମା କିଆ, ସ୍ତ୍ରୀ ଭାନୁମତି ଓ ଦୁଇ ପିଲା ପାୟଲ ଏବଂ ଧର୍ମେନ୍ଦ୍ରଙ୍କୁ ନେଇ ଥିଲା ତାଙ୍କ ପରବିାର। ୪ ବର୍ଷ ତଳେ ଯଶୋଧରଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ବିଧବା ମା’ କିଆ, ବୋହୂ ଭାନୁମତୀ ଏବଂ ନାତୁଣୀ ନାତି ପାଏଲ ଏବଂ ଧର୍ମେନ୍ଦ୍ର ସାହାରା ହରାଇଥିଲେ। ହେଲେ କିଛି ଦିନ ପରେ ବୋହୂ ଦୁଇ ପିଲାଙ୍କୁ ଛାଡ଼ି କୁଆଡେ ଚାଲିଗଲେ। ସେହି ଦିନଠାରୁ ଦୁଇ ପିଲାଙ୍କ ଦାୟିତ୍ୱ ସମ୍ପୂର୍ଣ୍ଣଭାବେ କିଆଙ୍କ ହାତରେ ନ୍ୟସ୍ତ ରହିଛି। ଦୁଃଖେ କଷ୍ଟେ ଗତ ୪ ବର୍ଷ ହେବ ଦୁଇ ପିଲାଙ୍କ ସେ ଲାଳନପାଳନ କରୁଛନ୍ତି। ବର୍ତମାନ ଧର୍ମେନ୍ଦ୍ର ଗାଁ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ପାୟଲ ଅଙ୍ଗନୱାଡ଼ି ଯାଉଛନ୍ତି। ବୟସାଧିକ୍ୟ ଯୋଗୁ କିଆ ରୋଜଗାର କରି ପାରୁ ନାହାନ୍ତି। ଦୁଇପିଲାଙ୍କୁ ସେ ଦୁଇଓଳି ଭଲ ଖାଇବାକୁ ପାରୁନାହାନ୍ତି। ସରକାରୀ ସହାୟତା କହିଲେ ମାସକୁ ୧୫ କିଲୋ ଚାଉଳ ଏବଂ ବିଧବା ଭତ୍ତା ବାଦ ୫ ଶହ ଟଙ୍କା। ଏତିକିରେ ତିନି ପ୍ରାଣୀ କୁଟମ୍ବ ଚଳାଇବା କାଠିକର ପାଠ। ପିଲାଙ୍କ ପାଠପଢା କେମିତି ହେବ ବୋଲି କହିଛନ୍ତି କିଆ। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୁଇ ପିଲାଙ୍କୁ ଥାଇଥାନ କରିବାକୁ ସାଧାରଣରେ ଦାବି ହେଉଛି।



ବୃଦ୍ଧା କିଆ ଚିରାଙ୍ଗୁଲଙ୍କ ସହ ଦୁଇ ନାତୁଣୀ ନାତି।

# ଜଳ ପରିଚାଳନା ତାଲିମ ଶିବିର

**ଦେଓଗାଁ,୨୬।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୃଷି ପରାମର୍ଶ କେନ୍ଦ୍ରରେ ଏଫଇଏସ ଭୁବନେଶ୍ୱର ଓ କୃଷି ବିଭାଗର ମିଳିତ ଉଦ୍ୟମରେ ବୁଧବାର ଜଳ ପରିଚାଳନା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଆତ୍ମାର ଏଟିଏମ ପ୍ରଶାନ୍ତ କୁମାର ବହିଦାରଙ୍କ ପରିଚଳନାରେ ଅନୁଷ୍ଠିତ ଶିବିରକୁ ବ୍ଲକ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକ ଉଦ୍‌ଘାଟନ କରିଥିଲେ। ତାଲିମଦାତା ଭାବେ ଟୁରେକେଲା ବ୍ଲକର ମାଷ୍ଟରଟ୍ରେନର ଥବିର ସିଂ ଧରୁଆ ଓ ଦେଓଗାଁ ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ବର୍ଷାଜଳ ସଂରକ୍ଷଣ, ଜଳ ଉତ୍ସ, ଭୂପୃଷ୍ଠ ଜଳ, ଭୂତଳ ଜଳ ପରିଚାଳନା, ଜଳ ସଞ୍ଚାଳନ, ଜଳ ପରିଚାଳନା ଉପରେ ତାଲିମ ପ୍ରଦାନ କରିଥିଲେ। ପରେ କୃଷକ ସାଥୀଙ୍କୁ ନେଇ କେମିତି ଚାଷ ସମୟରେ ଜଳ ସଞ୍ଚୟ ହୋଇ ସମସ୍ତ ଚାଷୀଙ୍କ ଚାଷ ପାଇଁ ଜଳର ଆବଶ୍ୟକତା ସହ ଜନସାଧାରଣଙ୍କ ନିତ୍ୟବ୍ୟବହାର୍ଯ୍ୟରେ ମଧ୍ୟ ଜଳ ସଞ୍ଚୟ ହୋଇପାରିବ ସେ ଉପରେ ସଚେତନତା ଭିତ୍ତିକ ପାଣି ଖେଳ ଓ ଚାଷ ପାଇଁ ପାଣି ବଜେଟ ଉପରେ ଆଲୋଚନା ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମ ପ୍ରତ୍ୟେ ଗାଁରେ ଅନୁଷ୍ଠିତ ହେବ ବୋଲି ଶିବିରରେ ସୂଚନା ଦିଆଯାଇଥିଲା । କୃଷକ ସାଥୀ ଜୟଦେବ ସିଂ ନିନା ଜଳର ସଦ୍‌ଉପଯୋଗ ଏବଂ ଜୈବିକ ପଦ୍ଧତିରେ ଚାଷ ଉପରେ ମତ ରଖିଥିଲେ। କୃଷକ ସାଥୀ ଧରଣୀଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରରେ ୨୬ ପଞ୍ଚାୟତରୁ ୩୦ କୃଷକ ସାଥୀ ଓ କୃଷି କର୍ମଚାରୀ ଉପସ୍ଥିତ ଥିଲେ ।

# ଜାମଚୁଆରେ ଗିରି ଗୋବର୍ଦ୍ଧନ ପୂଜା

**ଲାଠୋର,୨୬।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଜାମଚୁଆ ବାଗଦୁଏର ଡୁଙ୍ଗୁରିରେ ବୁଧବାର ଲରିଆ ଝରିଆ ଯାଦବ ସମାଜ ପୂଜା କମିଟି ସଭାପତି ଜୟଦେବ ନାଗଙ୍କ ନେତୃତ୍ୱରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜାରେ ପଶ୍ଚିମ ଓଡ଼ିଶା ଯାଦବ ବିକାଶ ପରିଷଦ ଅଧ୍ୟକ୍ଷ ବଳରାମ ସିଂ ଯାଦବ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ବ୍ଲକ ଉପାଧ୍ୟକ୍ଷ ସୁଖିରାମ ଷାଣ୍ଡ, ବିଧାୟକ ପ୍ରତିନିଧି ରମେଶ ପଧାନ, ଯାଦବ ସମାଜ ଜିଲା ସଭାପତି ଶେଷଦେବ ଭଇଁଷାଲ, ସମ୍ପାଦକ ରସିକ ବାଗ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମର ଭୂମିସୁତା ଷାଣ୍ଡ ଏବଂ ଶଶି ଷାଣ୍ଡ କର୍ତ୍ତୀକର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜାରେ ବଲାଙ୍ଗୀର, ନୂଆପଡ଼ା, ବରଗଡ଼ ଜିଲା ଏବଂ ସୀମାନ୍ତ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲା ଯାଦବ ସମାଜର ଶତାଧିକ ଲୋକ ଯୋଗଦେଇଥିଲେ। ଏହି ଅବସରରେ ପୂଜା କମିଟି ଉପସଭାପତି ଲମ୍ବୋଧର ଭଇଁଷାଲ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଭଇଁଷାଲଙ୍କ ସହ କବି ବାଗ, ଟିକେଶ୍ୱର ଭଇଁଷାଲ, ଯୁଧିଷ୍ଠିର ଭଇଁଷାଲ, ଉମାକାନ୍ତ ନାଗ, ରବି ନାଗ ଓ ମଣ୍ଟୁ ଚିତକୁଡ଼ିଆ ଉପସ୍ଥିତ ଥିଲେ।



ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

# ସମାଜ ଗଠନରେ ନାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

■କୋକଡୁଙ୍ଗରିରେ ଗିରିଗୋବର୍ଦ୍ଧନ ସଭା

■୫ପ୍ରତିଭା ସମ୍ବର୍ଦ୍ଧିତ

**ମୁରିବାହାଲ,୨୬।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଡଙ୍ଗରପଡା ପଞ୍ଚାୟତ କୋକଡୁଙ୍ଗରିଠାରେ ସାର୍ବଜନୀନ ଗିରିଗୋବର୍ଦ୍ଧନ ପୂଜା ପଞ୍ଚସଖା ସତସଙ୍ଗ କମିଟି ପକ୍ଷରୁ ସ୍ମୃତି ସମ୍ବର୍ଦ୍ଧନା ସଭା ଓ ପ୍ରତିଭା ସମ୍ମାନ ପୁରସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚସଖା ସତ୍‌ସଙ୍ଗ କମିଟି ପ୍ରତିଷ୍ଠାତା ଦିବଂଗତ ସତ୍ୟନାରାୟଣ ଭୋଇ ଓ ଚମ୍ପେଶ୍ୱର ନାଗଙ୍କ ସ୍ମୃତି ଚାରଣ ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚସଖା ସତସଙ୍ଗ କମିଟି ସଭାପତି ବଳିୟାର ସିଂ ମାଝି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ମୁରିବାହାଲ ବ୍ଲକ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ସମ୍ମାନୀୟ ଅତିଥି ଜିଲା କନ୍ଧ ସମାଜ ଯୁବ ସଂଗଠନ ଜିଲା ସଭାପତି ସୁରେଶ ଭୋଇ, ଡଙ୍ଗରପଡା ପଞ୍ଚାୟତ ସମିତି ସଭ୍ୟ ବିରଞ୍ଚି ନାରାୟଣ ବହିଦାର, କିରଣ ଭୋଇ, ଦେବକୀ ହଂସ, ଅବସରପ୍ରାପ୍ତ ସୈନିକ ଧନେଶ୍ୱର ମାଝି, କଣ୍ଠଶିଳ୍ପୀ ରେଣୁ ରଞ୍ଜନ ବାଗ ଅତିଥିଭାବେ ଯୋଗଦେଇଥିଲେ। ମାନବ ଜାତିର କଲ୍ୟାଣ ନିମିତ୍ତ ଜଳ, ଜଙ୍ଗଲ, ଜମିର ସୁରକ୍ଷା, ଶିକ୍ଷାର ବିକାଶ ଏକମାତ୍ର ବାଟ। ଏଥିସହିତ ସୁସ୍ଥ ସମାଜ ଗଠନରେ ନାରୀର ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୋକଡୁଙ୍ଗରି ପୀଠକୁ ପର୍ଯ୍ୟଟନସ୍ଥଳୀ କରିବା ପାଇଁ ସଭାରେ ଦାବି ଉଠିଥିଲା। ଏହି ଅବସରରେ ଅଞ୍ଚଳର ବିଶିଷ୍ଟ ପ୍ରତିଭା ସମ୍ମାନରେ ଗଣମାଧ୍ୟମ ପ୍ରତିନିଧି ହୁଲେଶ୍ୱର ହଂସ, ଆଶାକର୍ମୀ ଜାନକୀ ପରଭୋଇ, ଅଙ୍ଗନୱାଡି କର୍ମୀ ରେଣୁକା ପଧାନ, ମାଟ୍ରିକ ପରୀକ୍ଷାରେ ଅଧିକ ମାର୍କ ରଖିଥିବା ଅହଲ୍ୟା ଭୋଇ ଓ ପ୍ରତିମା ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ମାଳିକ ମହାକୁର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ତେଜୁରାମ ବାଗ ସଭା ସଂଯୋଜନା କରିଥିଲେ। ଉପ ସଭାପତି ମହାଦେବ ଟାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଗିରିଗୋବର୍ଦ୍ଧନ ପୂଜା ଅବସରରେ ଅନୁଷ୍ଠିତ ପ୍ରତିଭା ସମ୍ମାନ ସଭାରେ ମଞ୍ଚାସୀନ ଅତିଥି।

**ମାଗଣା ଚକ୍ଷୁ ପରୀକ୍ଷା ଶିବିର**

ଡୁଙ୍ଗୁରିପାଲି,(ଡି.ଏନ.ଏ.): ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୦ ଜଣ ବ୍ୟକ୍ତି ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ । ସେମାନଙ୍କ ମଧ୍ୟରୁ ୨୪ ଜଣଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ବୀରମହାରାଜପୁରସ୍ଥିତ ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟ କୁ ନିଆଯାଇଥିବା ଡା. ପ୍ରସନ୍ନ କୁମାର ଦାସ ସୂଚନା ଦେଇଥିବା ଜଣାପଡିଛି । ଏହି ଶିବିରରେ ନିମାଇଁ ଚରଣ ଧଳ ବେହେରା,ଅନ୍ତର୍ଯ୍ୟାମୀ ନାଏକ, ବିଜୟ ଜଗଦଳା ପ୍ରମୁଖ ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ।

## ସଂକ୍ଷେପରେ

### କେନାଲରେ ପାଣି ଦେବାକୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

ବିନିକା,୨୬।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଉଁଶୁଣୀ ପଞ୍ଚାୟତ ୪୪ ଆର.ଡି କେନାଲ ଶେଷ ଭାଗର ଚାଷୀମାନଙ୍କ ଚାଷ ଜମିକୁ ନଭେମ୍ବର ୨୦ତାରିଖ ପର୍ଯ୍ୟନ୍ତ କେନାଲରେ ପାଣି ଯୋଗାଇ ଦେବାକୁ ଦାବି ହୋଇଛି । ଏନେଇ ଗ୍ରାମବାସୀ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସ ଶେଷ ସୁଦ୍ଧା ହୀରାକୁଦ ଜଳଭଣ୍ଡାରରୁ କେନାଲରେ ପାଣି ବନ୍ଦ ହେବ ବୋଲି କେନାଲ କର୍ତ୍ତୃପକ୍ଷ କହୁଛନ୍ତି । ତେବେ ଏଥର କେନାଲ ହିଡ ଭାଙ୍ଗିଯିବାରୁ ଚାଷ କାର୍ଯ୍ୟ ବିଳମ୍ବିତ ହୋଇଥିଲା । ବର୍ତ୍ତମାନ ଧାନ ଚାଷ ପାଇଁ ଚାହିଦା ମୁତାବକ ପାଣି ଦରକାର ପଡୁଛି । କିନ୍ତୁ ରୋଟେସନ ଭାବରେ ପାଣି ଦିଆଯାଉଥିବାରୁ ଅନେକ ଚାଷ ଜମିକୁ ଠିକ ଭାବରେ ପାଣି ମିଳୁନାହିଁ । ବିଶେଷ କରି ୪୪ଆର.ଡି କେନାଲର ଶେଷ ଭାଗରେ ଥିବା ଚାଷୀଙ୍କ ପାଇଁ ବୋରୱେଲ, ନଦୀ, ନାଳ କି ଉଠାଜଳସେଚନ ପଏଣ୍ଟ ନ ଥିବାରୁ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେଣୁ କେନାଲରେ ପାଣି ଯୋଗାଇ ଦେବାକୁ ଚାଷୀମାନେ ନିବେଦନ କରିଛନ୍ତି ।

# ବୌଦ୍ଧ କିଆକଟା ମହାନଦୀ ସେତୁ ମରଣଯନ୍ତା

ବୌଦ୍ଧ,୨୬।୧୦(ସ୍ୱ.ପ୍ର.)


ମହାନଦୀ ସେତୁ ଖାଲ ଖମାରେ ଭର୍ତ୍ତି ।

### ସେତୁର ଖାଲ ଯାତ୍ରୀଙ୍କ ଜୀବନ ପ୍ରତି ସୃଷ୍ଟି କରୁଛି ବିପଦ

ଗୋଟିଏ ପଟେ ଜିଲା ପ୍ରଶାସନ ପକ୍ଷରୁ ଐତିହାସିକ ବୌଦ୍ଧ ସହରର ସୌନ୍ଦର୍ଯ୍ୟକରଣକୁ ପ୍ରାଧାନ୍ୟ ଦିଆଯାଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଅପରପକ୍ଷରେ ଜିଲାର ପ୍ରମୁଖ ପ୍ରବେଶ ଦ୍ୱାର କୁହାଯାଉଥିବା ବୌଦ୍ଧ କିଆକଟା ମହାନଦୀ ସେତୁର ଦୁରାବସ୍ଥା ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି। ବହୁ ପ୍ରତୀକ୍ଷିତ ଏହି ସେତୁ ନିର୍ମାଣ ପରେ ପଶ୍ଚିମଓଡିଶା, ଦକ୍ଷିଣ ଓଡିଶା ଓ ପୂର୍ବଓଡିଶା ମଧ୍ୟରେ ସିଧାସଳଖ ସଂପର୍କ ସୃଷ୍ଟି ହୋଇଥିଲା। ପ୍ରାୟ ଦୁଇ କିଲୋମିଟର ଲମ୍ବ ବିଶିଷ୍ଟ ଏହି ବ୍ରିଜ ସେତେବେଳେ ମହାନଦୀ ଉପରେ ଦ୍ୱିତୀୟ ଦୀର୍ଘତମ ସେତୁ ଭାବରେ ମାନ୍ୟତା ପାଇଥିଲା। ଏହି ସେତୁ ଦେଇ ଦୈନିକ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଯାନବାହାନ ଯିବା ଆସିବା କରୁଥିବା ବେଳେ ବର୍ତ୍ତମାନ କଟକ- ସମ୍ବଲପୁର ରାସ୍ତା ନିର୍ମାଣ କାମ ଚାଲିଥିବା ଯୋଗୁ ବହୁ ସଂଖ୍ୟାରେ ଭାରୀଯାନ ମଧ୍ୟ ଏହି ସେତୁ ଉପର ଦେଇ ଯିବା ଆସିବା କରୁଛି। ଫଳରେ ସେତୁ ଉପରେ ଢଳାଯାଇଥିବା କଂକ୍ରିଟ ଆସ୍ତରଣ ବାରମ୍ବାର ଫାଟି ଲୁହାଛଡ ସବୁ ବିପଦଜନକ ଭାବରେ ବାହାରକୁ ବାହାରି ରହିଛି। ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏହାର ମରାମତି କରାଯାଉଥିଲେ ହେଁ ଅଳ୍ପଦିନ ପରେ ପୁଣି ଥରେ କଂକ୍ରିଟ ଫାଟି ଖାଲ ସୃଷ୍ଟି ହୋଇଯାଉଥିବା ଦେଖାଯାଉଛି। ଏହି ସେତୁ ଉପରେ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଧନ ଜୀବନ କ୍ଷତି ହୋଇସାରିଲାଣି । ହେଲେ ସେତୁ ଉପରେ ସୃଷ୍ଟି ହୋଇଥିବା ଖାଲ ଓ ବାହାରିଥିବା ଲୁହାଛଡର ସ୍ଥାୟୀ ମରାମତି କରାଯାଉ ନ ଥିବାରୁ ସବୁବେଳେ ଦୁର୍ଘଟଣାର ଆଶଙ୍କା ଲାଗି ରହୁଛି। ଦୁଇବର୍ଷ ପୂର୍ବରୁ ଏହି ସେତୁର ଆଲୋକୀକରଣ କରି ଜିଲାପାଳ ସାଧାରଣରେ ଅନେକ ପ୍ରଶଂସା ସାଉଣ୍ଟିବା ସହିତ ଅନ୍ୟ ଜିଲାରେ ଏହାକୁ ଉଦାହରଣ ଭାବରେ ଗ୍ରହଣ କରାଯାଇ ସେଠାକାର ସେତୁକୁ ଆଲୋକୀକରଣ କରାଯାଇଥିଲା। ବର୍ତ୍ତମାନ ବୌଦ୍ଧ ମହାନଦୀ ସେତୁର ଅବସ୍ଥା ଦେଖିଲେ ଏତେ ଟଙ୍କା ଖର୍ଚ୍ଚ କରି ଆଲୋକୀକରଣ କରାଗଲା ସିନା ସୌନ୍ଦର୍ଯ୍ୟକରଣ ତ ଦୂରର କଥା ସେତୁ ଉପରେ ଅଧାରୁ ଅଧିକ ଲାଇଟ ଜଳୁ ନ ଥିବା ଦେଖାଯାଉଛି। ଏବେ ଜିଲାରେ ମହାନଦୀ ଉପରେ ଧଳପୁର ଆଠମଲ୍ଲିକ ଓ ବୌଦ୍ଧ ମର୍ଜାକୁଦ ମଧ୍ୟରେ ଦୁଇଗୋଟି ସେତୁ ନିର୍ମାଣ କରାଯାଇ ଉଦ୍‌ଘାଟନ ଅପେକ୍ଷାରେ ଥିବା ବେଳେ ୨୦ ବର୍ଷ ତଳେ ନିର୍ମିତ ବୌଦ୍ଧ କିଆକଟା ସେତୁର ସୁରକ୍ଷା ପ୍ରତି ଜାତୀୟ ରାଜପଥ ବିଭାଗ ପକ୍ଷରୁ ଦୃଷ୍ଟି ଦିଆ ନ ଯିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର ସେତୁ ମରାମତି ଦିଗରେ ବିହିତ ପଦକ୍ଷେପ ନିଆଯିବାକୁ ଦାବି ହେଉଛି ।

# ବନ୍ୟା ନିୟନ୍ତ୍ରଣ ନେଇ ତାଲିମ



ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

ଡୁଙ୍ଗୁରିପାଲି,୨୬।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀଠାରେ ବନ୍ୟା ନିୟନ୍ତ୍ରଣକୁ ନେଇ ଏକ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି ସୁବର୍ଣ୍ଣପୁର ଜିଲା ଡେପୁଟି କଲେକ୍ଟର ଆନନ୍ଦ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ଶିବିର ଉଦ୍‌ଘାଟନ କରିଥିଲେ। ଦିଗଶିରା ଗ୍ରାମ ପଞ୍ଚାୟତ ସରପଞ୍ଚ ତଥା ବନ୍ୟା ଆଶ୍ରୟସ୍ଥଳୀର ସଭାପତି କୌଶଲ୍ୟା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ବିଡ଼ିଓ ତ୍ରୀପୁର ମହାନନ୍ଦ,ଦିଗଶିରା ସମିତି ସଭ୍ୟା ମମତା ମହାନନ୍ଦ ଯୋଗ ଦେଇଥିଲେ। ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶିବିରରେ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସଭା ପରିଚାଳନା ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁର୍ଲ୍ଲଭ ପଧାନ କରିଥିଲେ । ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟ ସମୟରେ ନିଜେ ବଞ୍ଚି ପରିବାରଙ୍କୁ ବଞ୍ଚାଇବା ସହ କିପରି ବନ୍ୟା ପରିସ୍ଥିତିର ମୁକାବିଲା କରି ଉଦ୍ଧାର କରାଯାଇଥାଏ ସେନେଇ ତାଲିମଦାତା ଧନୁର୍ଦ୍ଧର ନାଏକ ଓ ପ୍ରମୋଦ ପଧାନ ୨୫ ଜଣଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଚେରୁପାଲି ରାଜସ୍ୱ ନିରୀକ୍ଷକ ଅମିୟ ପାଇକ, ପୂର୍ବତନ ଦିଗଶିରା ସରପଞ୍ଚ ଲବ ମେହେର, ପ୍ରଦୀପ ମହାନନ୍ଦ,ଦିଗଶିରା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଶଶୀଭୂଷଣ ସା,ଡୁଙ୍ଗୁରିପାଲି ସାମ୍ବାଦିକ ସଂଘର ଉପସଭାପତି ଦୀନବନ୍ଧୁ ସୁନା, ଜିଆରଏସ ଉତ୍ତମ ରଣା, ଆନନ୍ଦ ମେହେର, ପ୍ରଭାକର ମାଝୀ, ସୁବାଷ ଖମାରୀ,ଜିଆରଏସ ପ୍ରେମରାଜ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ଏହି ତାଲିମ ଶିବିର ଆସନ୍ତା ୨୯ ତାରିଖ ଶନିବାର ଦିନ ଶେଷ ହେବ ବୋଲି ନିର୍ବାହୀ ଅଧିକାରୀ ପଧାନ ସୂଚନା ଦେଇଛନ୍ତି ।

### ପଶ୍ଚିମ ଓଡିଶା ରେଳ ଉପଭୋକ୍ତା ସଂଘ ଗଠନ ପାଇଁ ପ୍ରସ୍ତୁତି ବୈଠକ

ସୋନପୁର,୨୬।୧୦(ନି.ପ୍ର.): ପଶ୍ଚିମ ଓଡିଶା ରେଳ ଉପଭୋକ୍ତା ସଂଘ ଗଠନ ସକାଶେ ଏକ ପ୍ରସ୍ତୁତି ବୈଠକ ସୁବର୍ଣ୍ଣପୁର ଜିଲା ରେଳ ଉପଭୋକ୍ତା ସଂଘ ଆନୁକୂଲ୍ୟରେ ବୁଧବାର ପୂର୍ବାହ୍ନରେ ସୋନପୁର ଛନଛାନ ଡୁଙ୍ଗୁରି ଯୋଗବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡ. ତରୁଣ କୁମାର ମିଶ୍ର ବୈଠକରେ ଅଧକ୍ଷତା କରିଥିଲେ। ଗୋରେଖନାଥ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ନାରାୟଣ ପାଢୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବରଗଡ, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ପ୍ରତିନିଧି କିଶୋର କୁମାର ରଥ, ପ୍ରଭାକର ମିଶ୍ର, ନାରାୟଣ ପ୍ରସାଦ ରାୟଗୁରୁ, ଡ. ଜ୍ୟୋତିରଞ୍ଜନ ବହିଦାର, ଶମ୍ଭୁଭୂଷଣ ପଣ୍ଡା, ସତ୍ୟେନ୍ଦ୍ର କୁମାର ପାଢୀ, ଦିଲୀପ କୁମାର ରଥ, ନିତ୍ୟାନନ୍ଦ ମାଝୀ, ଦିବାକର ହୋତା, ହିତେଶ କୁମାର ସାହୁ, ଗୌରଚନ୍ଦ୍ର ପରିଚ୍ଛା, ଯୁଗଳ କିଶୋର ମିଶ୍ର, ଅଶୋକ କୁମାର ସାହୁ ଓ ମୀନା ମହାରଣା ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବଲାଙ୍ଗୀର-ଖୋର୍ଦ୍ଧା ରେଳ ଲାଇନ ଶୀଘ୍ର ନିର୍ମାଣ ହେବା, ପ୍ରସ୍ତାବିତ ସମ୍ବଲପୁର-ବ୍ରହ୍ମପୁର ରେଳ ଲାଇନ ସୋନପୁର ଓ ବୌଦ୍ଧ ଦେଇଯିବା, ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନ୍ ବଲାଙ୍ଗୀର ଓ ଟିଟିଲାଗଡ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବା, ହୀରାକୁଦ ଏକ୍ସପ୍ରେସ ଟିଟିଲାଗଡ ଓ ବଲାଙ୍ଗୀର ଦେଇଯିବା ଓ ପ୍ରସ୍ତାବିତ ନର୍ଲା ୱାଗନ କାରଖାନା କାମ ଶୀଘ୍ର ଆରମ୍ଭ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ରେଳମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଏକ ପ୍ରତିନିଧି ଦଳ ଖୁବଶୀଘ୍ର ଦିଲ୍ଲୀ ଯାତ୍ରା କରିବେ ବୋଲି ନିଷ୍ପତ୍ତି ହୋଇଛି।

# ସ୍ଥାୟୀ ନିଯୁକ୍ତି ନ ମିଳିଲେ ଆନ୍ଦୋଳନ



ବୈଠକରେ ଉପସ୍ଥିତ ନେତୃବୃନ୍ଦ ଓ ଜନସ୍ୱାସ୍ଥ୍ୟ ବିଭାଗର ଅସ୍ଥାୟୀ କର୍ମଚାରୀ ।

ସୋନପୁର,୨୬।୧୦(ନି.ପ୍ର.)

### ଜନସ୍ୱାସ୍ଥ୍ୟ ବିଭାଗର ଅସ୍ଥାୟୀ କର୍ମଚାରୀଙ୍କ ବୈଠକ

ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଦାବି ହୋଇଛି। ବୁଧବାର ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ବୈଠକରେ ଏହି ଦାବି କରାଯାଇଛି। ସଂଘ ପକ୍ଷରୁ ଏ ସମ୍ପର୍କରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଅନୁପସ୍ଥିତିରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ସ୍ମାରକପତ୍ର ଗ୍ରହଣ କରିଥିଲେ। ସରକାର ଆସନ୍ତା ୧୫ ଦିନ ଭିତରେ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ନ କଲେ ପ୍ରତିବାଦରେ ସଂଘ ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛି।

ପ୍ରକାଶ ଯେ, ସୁବର୍ଣ୍ଣପୁର ଜିଲା ଜନସ୍ୱାସ୍ଥ୍ୟ ବିଭାଗରେ ଦୀର୍ଘ ୨୦ରୁ ୨୫ ବର୍ଷ ହେବ ଅସ୍ଥାୟୀ କର୍ମଚାରୀମାନେ ଦୈନିକ ମଜୁରି ପାଇ କାମ କରି ଆସୁଛନ୍ତି। ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କାର୍ଯ୍ୟରେ ଏହି କର୍ମଚାରୀମାନେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ରାଜ୍ୟ ସରକାର ନିକଟରେ ୫୭ ହଜାର ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ ଘୋଷଣା କରିଛନ୍ତି। କିନ୍ତୁ ସହରବାସୀଙ୍କୁ ପାନୀୟ ଜଳ ଯୋଗାଣ ଭଳି ଏକ ଅତ୍ୟାବଶ୍ୟକୀୟ ସେବା ସଂସ୍ଥାରେ ନିୟୋଜିତ ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କ ବିଷୟକୁ ବିଚାରକୁ ନେଇ ନାହାନ୍ତି। ତେଣୁ ଆଗାମୀ ଦିନରେ କର୍ମଚାରୀମାନେ ଆନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ରାଜ୍ୟ ଯାନ୍ତ୍ରିକ କର୍ମଚାରୀ ସମ୍ବଲପୁର ଜୋନର ଜୋନାଲ ସେକ୍ରେଟାରୀ ତଥା ରାଜ୍ୟ କର୍ମଚାରୀ ସଂଗ୍ରାମ ସମିତିର ସାଧାରଣ ସମ୍ପାଦକ ସଦାଶିବ ବିଶୋଇ, ରାଜ୍ୟ ଉପସଭାପତି ନାରାୟଣ ନାଗ, ବଲାଙ୍ଗୀର ଜିଲା ସମ୍ପାଦକ ମନବୋଧ ସାହୁ, ସହସମ୍ପାଦକ ବନମାଳୀ ମିଶ୍ର, ବ୍ରଜଲାଲ ଦେବତା, ସୁବର୍ଣ୍ଣପୁର ଜିଲା ଶାଖା ସମ୍ପାଦକ ସତ୍ୟନାରାୟଣ ବଗର୍ତ୍ତି, ସହସମ୍ପାଦକ ପ୍ରଦୀପ କୁମାର ଷଡଙ୍ଗୀ, କୋଷାଧ୍ୟକ୍ଷ ୟାକୁବ ଖାଁ, ଗୋପାଳଜୀ ହୋତା, ଦେବେନ୍ଦ୍ର ନାଏକ, ରବୀନ୍ଦ୍ର ମହାକୁର, ରଞ୍ଜିତ ବିଶି, ସହଦେବ ଛନ୍ଦା ଓ ଗୋବିନ୍ଦ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

### ବୀରମହାରାଜପୁରର ବିଭିନ୍ନ ସ୍ଥାନରେ ଗିରି ଗୋବର୍ଦ୍ଧନ ପୂଜା

ଅମରପାଲି,୨୬।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ବଡଖମାରସ୍ଥିତ ବରାହପଦର ମଠ, ବାଗବରର ଚନ୍ଦ୍ରମଣି ମଠ, ଖଣ୍ଡହତା ପଞ୍ଚାୟତର ସୁନାରିବେନି ମଠ, ଟିଠିପାଲିର ରାଧେଶ୍ୟାମ ଆଶ୍ରମ, ଚନ୍ଦଳି ମଠ, ରିଙ୍ଗୁମୁଣ୍ଡା ମଠ, ସୁବଳୟାସ୍ଥିତ ରାଧାକୃଷ୍ଣ ମଠ, ଅମରପାଲିର ତ୍ରିକୁଟ ମଠ, ଭାଲଡୁଙ୍ଗୁରର ଶୃଙ୍ଗ ଦରହ ମଠ, କୁନ୍ଦପାଳ ନିକଟସ୍ଥ ଦେଉଳଝରି, ସାହଜଲଥାର ମୟୂରକଟା ମଠ, ପଧାନପାଲି ନିକଟ ନରସିଂହଖମନ ମଠ ସମେତ ବିଭିନ୍ନ ସ୍ଥାନରେ ବୁଧବାର ଗୋବର୍ଦ୍ଧନ ପୂଜା ହୋଇଯାଇଛି। ଶ୍ରଦ୍ଧାଳୁମାନେ ନିଷ୍ଠାର ସହ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ସ୍ଥାନରେ ଅଷ୍ଟ ପ୍ରହରୀ ନାମଯଜ୍ଞ ମଧ୍ୟ ହୋଇଥିଲା। ସ୍ଥାନୀୟ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ ବଡ଼ଖମାରସ୍ଥିତ ଶ୍ୟାମସୁନ୍ଦର କୁଞ୍ଜକୁଟୀର ବରାହପଦର ମଠରେ ମହନ୍ତ ନିତ୍ୟଗୋପାଳ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଯାତ୍ରାରେ ବିଭିନ୍ନ କିସମର ଦୋକାନ ପଡିଥିବା ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ବରାହପଦର ମଠରେ ଥିବା ସ୍ୱର୍ଗତ ମହନ୍ତମାନଙ୍କ ସମାଧି ସ୍ଥଳ ଦର୍ଶନ କରିଥିଲେ। ଗିରି ଗୋବର୍ଦ୍ଧନ ପୂଜା ଅବସରରେ ବିଭିନ୍ନ ସ୍ଥାନରେ ରାତିତମାମ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଦୀର୍ଘ ଦୁଇ ବର୍ଷ ପରେ କଟକଣା ମୁକ୍ତ ପୂଜା ହେଉଥିବାରୁ ପ୍ରତ୍ୟେକ ସ୍ଥାନରେ ଶ୍ରଦ୍ଧାଳଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

# ସମ୍ମାନିତ ହେଲେ ବାଉଁଶୁଣୀ ଅଞ୍ଚଳର ୩ ଖବରଦାତା


ଖବରଦାତାଙ୍କୁ ସମ୍ମାନିତ କରାଯାଉଛି।

ବାଉଁଶୁଣୀ,୨୬।୧୦(ଡି.ଏନ.ଏ.)

### ଶ୍ୟାମାକାଳୀ ପୂଜା କାର୍ଯ୍ୟକ୍ରମ

ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ କାଳୀପୂଜା ଧୂମଧାମରେ ପାଳିତ ହେଉଛି। ଦୀର୍ଘ ଦୁଇ ବର୍ଷ ପରେ ବିଭିନ୍ନ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବୌଦ୍ଧ ବ୍ଲକ ବାଉଁଶୁଣୀ ସୋନପୁରିଆପଡ଼ାରେ ଆୟୋଜିତ ୨୦ତମ ଶ୍ୟାମାକାଳୀ ପୂଜାରେ କର୍ତ୍ତା ଭାବରେ ନେହେରୁ ମେହେର ଏବଂ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ମେହେର ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବରେ ଗୋବର୍ଦ୍ଧନ ଦାସ ପୂଜା କାର୍ଯ୍ୟ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଦିନରେ ସୁର୍ ଝଙ୍କାର ଭଜନ ଗ୍ରୁପର ଗାୟକଗାୟିକାମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ଶାଶ୍ୱତ ମେଲୋଡି ଓ ତୃତୀୟ ଦିନରେ ସୁଶ୍ରୀ ପ୍ରିୟମ୍ବଦା ମିଶ୍ରଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିନ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ,ଖଲିଆପାଲି ସରପଞ୍ଚଙ୍କ ପ୍ରତିନିଧି ଦିଲୀପ ମେହେର, ଶ୍ୟାମାକାଳୀ ପୂଜା କମିଟିର ସଭାପତି ସୁବୋଧ ମେହେର ଉପସ୍ଥିତ ଥିଲେ। ଏହି ଅବସରରେ ବାଉଁଶୁଣୀ ଅଞ୍ଚଳର କାର୍ଯ୍ୟରତ ତିନି ଖବରଦାତା ଦେବାଶିଷ ନେପାକ, ସୁମନ୍ତ ମେହେର, ଓ ଶିତାକାନ୍ତ ସିଂଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଉପଢୌକନ ସହ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା । ବାଉଁଶୁଣୀ ମା' ଶ୍ୟାମାକାଳୀ କମିଟିର ନବୀନ ମେହେର, ସୁବୋଧ ମେହେର, ସମୀର ମେହେର,ଅରବିନ୍ଦ ତ୍ରିପାଠୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସେବା ପ୍ରଦାନ ଉପରେ ଗୁରୁତ୍ୱ

ସୋନପୁର,୨୬।୧୦(ନି.ପ୍ର.)

### ବୁଣାକାର ସମ୍ପ୍ରଦାୟଙ୍କ ଦକ୍ଷତା ବିକାଶ ପାଇଁ ତାଲିମ

ସୁବର୍ଣ୍ଣପୁର ଜିଲା ବୁଣାକାର ଗାଁର ବୁଣାକାରମାନଙ୍କ ପାଇଁ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୁବର୍ଣ୍ଣପୁର ଉପନିର୍ଦ୍ଦେଶକ ବୟନଶିଳ୍ପ ଶାନ୍ତନୁ କୁମାର ମେହେରଙ୍କ ଦ୍ୱାରା ଡିଆରଡିଏ ସମ୍ମିଳନୀ କକ୍ଷରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ ଟୁରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ରାଜ୍ୟ ହସ୍ତତନ୍ତ କୁଞ୍ଜ ବିକାଶ ଅନୁଷ୍ଠାନ ଦ୍ୱାରା ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଦିଲିପ ବାଗ ଓ ସହକାରୀ ପ୍ରଫେସର ଡ. ବି ସ୍ୱଜନ ଯୋଗଦେଇ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହାଛଡା ବୁଣାକାରଙ୍କ ଆର୍ଥିକ ଉନ୍ନତି ଓ ଦକ୍ଷତା ବିକାଶ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଭାବତୋଷ ଦେହୁରୀ, ଦେବ ଘଡାଇ, ଧ୍ରୁବରାଜ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ୫୦ ଜଣ ବୁଣାକାର ଯୋଗଦାନ କରିଥିଲେ। ହସ୍ତତନ୍ତ କୁଞ୍ଜର ପର୍ଯ୍ୟଟନ ବିକାଶ, ବୁଣାକାର ସମ୍ପ୍ରଦାୟର ଦକ୍ଷତା ବିକାଶ ନିମନ୍ତେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରାଜ୍ୟ ବୟନ, ହସ୍ତତନ୍ତ,ହସ୍ତଶିଳ୍ପ ବିଭାଗ ଏବଂ ପର୍ଯ୍ୟଟନ ବିଭାଗ ପର୍ଯ୍ୟଟନ କ୍ଷେତ୍ରର ବିକାଶ ତଥା ପ୍ରୋତ୍ସାହନ ପାଇଁ ଗଠନମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହାଛଡା ପୁରୁଣା ହସ୍ତତନ୍ତ ପରମ୍ପରାକୁ ବଜାୟ ରଖିବା ଲାଗି ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ବୁଣାକାର ବହୁଳ ଗାଁର ବୁଣାକାରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହା ଘରୋଇ ତଥା ବିଦେଶୀ ପରିଦର୍ଶକଙ୍କୁ ଆକର୍ଷିତ କରିବା ସହ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ହସ୍ତତନ୍ତ ବିଭାଗର ଅଧିକାରୀ ଓ ବୁଣାକାର ବୃନ୍ଦ।

# ଆକର୍ଷଣୀୟ ମେଢ଼, ସାଜସଜ୍ଜାରେ ଝଲସୁଛି ପୂଜା ମଣ୍ଡପ

ଅମରପାଲି,୨୬।୧୦(ଡି.ଏନ.ଏ.)



ଉଫୁଲାଠାରେ ଅନୁଷ୍ଠିତ କାଳୀପୂଜାରେ ହୋଇଥିବା ମେଢ଼ ଓ ତୋରଣ ।

### ୩୯ ବର୍ଷରେ ଉଫୁଲା ସାର୍ବଜନୀନ କାଳୀ ପୂଜା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଉଫୁଲାଠାରେ ସ୍ଥାନୀୟ ଯୁବଶକ୍ତି କ୍ଲବ ଆନୁକୂଲ୍ୟରେ ୩୯ତମ କାଳୀପୂଜା ଉତ୍ସବ ଆରମ୍ଭ ହୋଇଛି। ଏଥିପାଇଁ ସୋମବାର ସ୍ଥାନୀୟ ମଗରା କଟା ବନ୍ଧରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତିରେ ମା'ଙ୍କ ପୂଜାତ୍ସୋବ ଆରମ୍ଭ ହୋଇଥିଲା। ବୁଧବାରଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଦୀର୍ଘ ଦୁଇ ବର୍ଷ ପରେ କଟକଣାମୁକ୍ତ ପୂଜା ହେଉଥିବାରୁ ଚଳିତବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରାଯାଇଛି। ପୂଜା ପାଇଁ ଏବେ ଉଫୁଲା ସମେତ ବୀରମହାରାଜପୁର ଉତ୍ସବ ମୁଖର ହୋଇ ପଡିଛି। ପୂଜା ପରିଚାଳନା ପାଇଁ କ୍ଲବର ଅଚ୍ୟୁତାନନ୍ଦ ସାହୁ, ଦିଲୀପ ଡ଼ାଙ୍ଗ ଓ ଗୁପ୍ତେଶ୍ୱର ପଧାନ ପ୍ରମୁଖ ଉପଦେଷ୍ଟା ଭାବେ ରହିଥିବା ବେଳେ ପ୍ରଫୁଲ୍ଲ ଡ଼ାଙ୍ଗଙ୍କୁ ସଭାପତି, ଗୋପୀନାଥ କର୍ଣ୍ଣଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ପୂଜା କାର୍ଯ୍ୟ ହେଉଛି। କ୍ଲବର ପ୍ରାୟ ୧୨୦ଜଣ ସଦସ୍ୟ ନିଷ୍ଠା ଓ କାଷ୍ଠାର ସହିତ ବ୍ରତ ଧାରଣ କରିଛନ୍ତି। ସୁନ୍ଦର ସାଜସଜ୍ଜା ସହିତ ଆକର୍ଷଣୀୟ ମେଢ ଓ ସୁନ୍ଦର ତୋରଣ ମନ ମୋହୁଛି। ରଙ୍ଗୀନ ଆଲୋକମାଳାରେ ପୂଜାମଣ୍ଡପ ଝଲସି ଉଠୁଛି। ଅର୍ଜ୍ଜୁନ ପଣ୍ଡା ପୂଜକ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଅଚ୍ୟୁତା ନନ୍ଦ ସାହୁ ସପତ୍ନିକ କର୍ତ୍ତା ଭାବେ କାର୍ଯ୍ୟ ତୁଲାଉଛନ୍ତି। ବିଶେଷ କରି ସନ୍ଧ୍ୟା ଆଳତି ଓ ମା'ଙ୍କ ସନ୍ଧ୍ୟା ଦର୍ଶନ ବେଳେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଆଧାତ୍ମିକ ଉପରେ ପର୍ଯ୍ୟବେକ୍ଷିତ ହୋଇଥିବା ବେଳେ ମହିଳା ସଂକୀର୍ତ୍ତନ୍ୟ ବୈଠକର ଆୟୋଜନ କରାଯାଇଛି। ଗୁରୁବାର ପଶ୍ଚିମ ଓଡିଶାର ସଂକୀର୍ତ୍ତନ୍ୟ ଗାୟିକା ବର୍ଷାରାଣୀ ଚିରଗୁନ ଓ ସବ୍ୟାରାଣୀ ତ୍ରିପାଠୀଙ୍କ ମଧ୍ୟରେ ସଂକୀର୍ତ୍ତନ୍ୟ ବୈଠକର ଆୟୋଜନ କରାଯାଇଛି। ଶୁକ୍ରବାର ଭସାଣି ଯାତ୍ରା କରାଯିବ। ଏଥିରେ ପାରମ୍ପାରିକ ଓ ଆଧୁନିକ ସାଂସ୍କୃତିକ କାର୍ଯ୍ୟକ୍ରମ ସାମିଲ ହେବାର ଅଛି। ବୀରମହାରାଜପୁରରେ କେବଳ ଉଫୁଲାରେ କାଳୀପୂଜା ହେଉ ଥିବାରୁ ଏଠାରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କ୍ଲବର ସଦସ୍ୟମାନେ ତତ୍ପର ହୋଇ ଲାଗି ପଡିଛନ୍ତି। ଉଫୁଲା ଗ୍ରାମବାସୀଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।